ବର୍ଷ-୫୨ : ସଂଖ୍ୟା-୧ ଜାନୁଆରୀ, ୨୦୨୧ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜାନୁଆରୀ, ୨୦୨୧


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୨୦୨୧ ନବବର୍ଷ ଉପଲକ୍ଷେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୬ |
| ବିଶ୍ୱାସ | ... | ଶ୍ରୀମା | ... | ୮ |
| ଆମ ଯୋଗର ମାର୍ଗ | ... | ଶ୍ରୀଅରବିନ୍ଦ | ... | ୯ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ<br>ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ (ତୃତୀୟ ଅଧ୍ୟାୟ)<br>ପରମ ଈଶ୍ୱର | ... | ଶେଖ ଅବଦୁଲ କାଶମ | ... | ୧୧ |
| ୨୦୨୧ ବର୍ଷସୂଚୀ(Calendar)ରେ ପରିବେଷିତ ବାଣୀ | ... | ... | ... | ୧୫ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୯୨) | ... | ... | ... | ୧୬ |
| ବନ୍ଦନା (କବିତା) | ... | ଝରଣା ଘୋଷାଲ | ... | ୨୦ |
| ବନ୍ଦୀ ବିହଙ୍ଗ ଏବଂ ନିର୍ବାକ୍ ବାର୍ତ୍ତା | ... | ମନୋଜ ଦାସ | ... | ୨୧ |
| ସମର୍ପଣ : ସହଜ ପ୍ରକ୍ରିୟା | ... | ରାମକୃଷ୍ଣ ଦାସ | ... | ୨୪ |
| ସମୟର ଡାକ (୨) | ... | ପ୍ରପତ୍ତି | ... | ୨୬ |
| ଚେତନାର ଉନ୍ମେଷ (କବିତା) | ... | କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ | ... | ୨୯ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୪୭) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୩୦ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୭୫) | ... | ସାହାନା ଦେବୀ | ... | ୩୩ |
| ଚରଣରେଣୁ ତୁମ (କବିତା) | ... | ସ୍ୱପ୍ନେନ୍ଦୁ କୁମାର | ... | ୩୪ |
| କବି ନିଶିକାନ୍ତ (୬) | ... | ... | ... | ୩୫ |
| ସୁସ୍ଥତାର ପରମ ଗୋପନୀୟତା (୭) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୩୮ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୮) | ... | ଗୟାଧର ଦାଶ | ... | ୪୧ |
| ଆନ୍ତରିକତା ସମ୍ପର୍କରେ (୧) | ... | କୁମାର ଚନ୍ଦ୍ର ମିଶ୍ର | ... | ୪୪ |
| ଦିବାସ୍ୱପ୍ନ (୧) | ... | ଗିଜୁଭାଇ ବଧେକା | ... | ୪୮ |
| ଆମେ କ'ଣ ଅମର ହୋଇ ପାରିବା ? | ... | ଆର୍ତ୍ତତ୍ରାଣ ମିଶ୍ର | ... | ୫୩ |
| ମହାକାଳର ପ୍ରବାହରେ ମୁହୂର୍ତ୍ତଟିଏ | ... | ... | ... | ୫୫ |
| ଆଶାର କଳିକା (କବିତା) | ... | ଦୀପ୍ତି ମିଶ୍ର | ... | ୫୭ |
| ତୃତୀୟ ଆଳୟ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ<br>ଏବଂ<br>ପ୍ରତିଯୋଗିତା-ପାଗଳ ସମାଜ ଏବଂ ଅସହାୟ ଶିଶୁ | ... | ମନୋଜ ଦାସ | ... | ୫୮ |


❖

# ପ୍ରାର୍ଥନା

ପ୍ରତ୍ୟହ ପ୍ରଭାତରେ ଆମ ଭାବନା ଯେପରି ଐକାନ୍ତିକଭାବେ ତୁମ ଦିଗରେ ଊର୍ଦ୍ଧ୍ୱାୟିତ ହେଉ – ଆମେ କିପରି ତୁମକୁ ସର୍ବୋତ୍ତମଭାବେ ପ୍ରକଟ କରିପାରିବୁ ଏବଂ ତୁମ ସେବା କରିପାରିବୁ, ଏହି ଜିଜ୍ଞାସା ସହକାରେ । ଆମେ ପ୍ରତି ମୁହୂର୍ତ୍ତରେ ଯେଉଁ ବହୁବିଧ ନିର୍ଣ୍ଣୟ ନେଇଥାଉ – ଯାହା ଆପାତଦୃଷ୍ଟିରେ ତାତ୍ପର୍ଯ୍ୟହୀନ ମନେହେବା ସତ୍ତ୍ୱେ ସର୍ବଦା ଖୁବ୍ ଗୁରୁତ୍ୱପୂର୍ଣ୍ଣ – ଯେହେତୁ ଆମ ସିଦ୍ଧାନ୍ତ ଅନୁଯାୟୀ ଆମେ କୌଣସି ନା କୌଣସି ପୂର୍ବନିର୍ଦ୍ଧାରିତ ଭାଗ୍ୟଫଳର ବଶବର୍ତ୍ତୀ ହୋଇପଡୁ – ପ୍ରତି ମୁହୂର୍ତ୍ତରେ ଆମ ମନୋଭାବ ଏପରି ହେଉ ଯେ ତୁମ ଦିବ୍ୟସଂକଳ୍ପ ହିଁ ଆମ ନିର୍ଣ୍ଣୟକୁ କରୁ ନିୟନ୍ତ୍ରଣ ଏବଂ ଫଳରେ ତୁମେ ହିଁ ଯେପରି ହୋଇଉଠ ଆମ ସମଗ୍ର ଜୀବନର ଦିଗ୍‌ଦର୍ଶକ । ସିଦ୍ଧାନ୍ତଟିଏ ନେଲାବେଳେ ଆମେ ଯେଉଁ ଚେତନାରେ ଥାଉ, ଆମେ ସେହି ଚେତନା ସ୍ତରର ବାସ୍ତବତା-ପ୍ରସୂତ ପୂର୍ବନିର୍ଦ୍ଧାରିତ ଭାଗ୍ୟର ଅଧୀନ ହୋଇପଡୁ; ସେହିଥିରୁ ଉଦ୍ଭୂତ ପରିଣତି, ପ୍ରାୟତଃ ଅଦୃଷ୍ଟ ଏବଂ ଜଞ୍ଜାଳମୟ, ଯାହା ଜଣକର ସାଧାରଣ ଜୀବନଧାରାର ବିପରୀତ ଏବଂ ଯାହା ଏମନ୍ତ ବାଧାବିଘ୍ନ ଉପସ୍ଥାପନ କରେ, ସେସବୁକୁ ପରେ ଉଲ୍ଲଙ୍ଘନ କରିବା ହୁଏ ଭୟାବହ ଦୁଷ୍କର । ତେଣୁ ହେ ଭଗବାନ୍, ହେ ପ୍ରେମର ଦିବ୍ୟପ୍ରଭୁ, ଆମେ ତୁମରି ସମ୍ପର୍କରେ ଏବଂ କେବଳମାତ୍ର ତୁମରି ସମ୍ପର୍କରେ ସଚେତନ ହେବାକୁ ଚାହୁଁ, ପ୍ରତିଥର ସିଦ୍ଧାନ୍ତଟିଏ ନେବାବେଳେ, ପ୍ରତିଥର ବାଛିବା ବେଳେ, ତୁମରି ପରମ ବିଧାନରେ ଏକାତ୍ମ୍ ହେବାକୁ ଚାହୁଁ – ଯାହାଫଳରେ ତୁମରି ସଂକଳ୍ପ ହିଁ ଆମକୁ କରିବ ପରିଚାଳିତ ଏବଂ ଆମ ଜୀବନ ହେବ ଫଳପ୍ରସୂଭାବେ ଏବଂ ପୂର୍ଣ୍ଣାଙ୍ଗଭାବେ ତୁମ ପ୍ରତି ଉତ୍ସର୍ଗୀକୃତ ।

ତୁମରି ଆଲୋକରେ ଆମେ ଦେଖିବୁ, ତୁମରି ଜ୍ଞାନରେ ଆମେ ଜାଣିବୁ, ତୁମରି ସଂକଳ୍ପରେ ଆମେ କରିବୁ ଉପଲବ୍ଧି ।

ଜାନୁଆରୀ ୩୧, ୧୯୧୪ — ଶ୍ରୀମା



# ୨୦୨୧ ନବବର୍ଷ ଉପଲକ୍ଷେ ଆଶ୍ରମରେ ବିତରିତ ବାଣୀ

To find the Divine is indeed the first reason for seeking the spiritual Truth and the spiritual life; it is the one thing indispensable and all the rest is nothing without it.

– Sri Aurobindo

ପରମ ଦିବ୍ୟସତ୍ତାଙ୍କୁ ପ୍ରାପ୍ତ ହେବା ପ୍ରକୃତରେ ଆଧ୍ୟାତ୍ମିକ ସତ୍ୟ ଓ ଆଧ୍ୟାତ୍ମିକ ଜୀବନ ଅନ୍ୱେଷଣର ପ୍ରଥମ କାରଣ; ଏହାହିଁ ଏକମାତ୍ର ଅପରିହାର୍ଯ୍ୟ ବିଷୟ ଏବଂ ଏହା ବ୍ୟତୀତ ଆଉ ସବୁକିଛି ମହତ୍ତ୍ୱହୀନ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ନବମ ସର୍ଗ, ପ୍ରାଣ-ଦେବତାମାନଙ୍କର ସ୍ୱର୍ଗ

**(The Paradise of the Life-Gods)**

**(୧୦୧)**

**ଶ୍ରୀଅରବିନ୍ଦ**

It drew from sight and sound spiritual power,
Made sense a road to reach the intangible :
It thrilled with the supernal influences
That build the substance of life's deeper soul.

ଏହା ଦୃଷ୍ଟି ଏବଂ ଧ୍ୱନିରୁ ଅଧ୍ୟାତ୍ମ୍ ଶକ୍ତି ଆହରଣ କଲା, ଇନ୍ଦ୍ରିୟକୁ ଅତୀନ୍ଦ୍ରିୟରେ ପହଞ୍ଚିବାର ପଥରେ ପରିଣତ କଲା : ଏହା ପୁଲକିତ ହୋଇଉଠିଲା ଲୋକାତୀତ ସେଇସବୁ ପ୍ରଭାବରେ ଯାହା ଗଢ଼ିତୋଳେ ଜୀବନର ଗଭୀରତର ସର୍ବମୂଳ ସତ୍ତାକୁ ।

Earth-nature stood reborn, comrade of heaven.

ପାର୍ଥିବ-ପ୍ରକୃତି ନବଜନ୍ମ ଲାଭ କରି ସ୍ୱର୍ଗର ସହଚର ରୂପେ ଉଭା ହେଲା ।

A fit companion of the timeless Kings,
Equalled with the godheads of the living Suns,
He mixed in the radiant
pastimes of the Unborn,
Heard whispers of the Player never seen
And listened to his voice that steals the heart
And draws it to the breast of God's desire,
And felt its honey of felicity
Flow through his veins like the rivers
of Paradise,
Made body a nectar-cup of the Absolute.

କାଳାତୀତ ରାଜନ୍ୟବୃନ୍ଦଙ୍କର ଏକ ଯୋଗ୍ୟ ସଙ୍ଗୀ ସାଜି ଜୀବନ୍ତ ସୂର୍ଯ୍ୟମଣ୍ଡଳସ୍ଥ ଦେବତାମାନଙ୍କର ସେ (ଅଶ୍ୱପତି) ସମାସ୍କନ୍ଧ ହୋଇ ଉଠିଲେ, ଅଜାତ ସତ୍ତାମାନଙ୍କର ଜ୍ୟୋତିର୍ମୟ ଲୀଳାରେ ସାମିଲ ହେଲେ, ଚିର ଅଦୃଶ୍ୟ ଲୀଳାମୟଙ୍କର ଅସ୍ଫୁଟ ବାଣୀଚୟ ତାଙ୍କର ଶ୍ରୁତିଗୋଚର ହେଲା ଏବଂ ସେ ଶୁଣିଲେ ତାଙ୍କରି କଣ୍ଠସ୍ୱର ଯାହା ହୃଦୟକୁ ହରଣ କରିନିଏ ଓ ଟାଣିନିଏ ଭଗବତ୍ ବାସନାର ବକ୍ଷସ୍ଥଳକୁ, ତାହାର ମହାନନ୍ଦର ମଧୁ ସ୍ୱର୍ଗର ସ୍ରୋତସ୍ୱିନୀଗୁଡ଼ିକ ସଦୃଶ ତାଙ୍କ ଧମନୀ ସକଳରେ ପ୍ରବାହିତ ହେବାର ସେ ଅନୁଭବ କଲେ, ଦେହକୁ ସେ କରିଦେଲେ ପରାତ୍ପରଙ୍କର ଅମୃତ-ଭୃଙ୍ଗାର ।

In sudden moments of revealing flame,
In passionate responses half-unveiled
He reached the rim of ecstasies unknown;
A touch supreme surprised his hurrying heart,
The clasp was remembered of
the Wonderful,
And hints leaped down of white beatitudes.

ଉଦ୍ଭାସନକାରୀ ବହ୍ନିଶିଖାର ଆକସ୍ମିକ ମୁହୂର୍ତ୍ତମାନଙ୍କରେ, ଅର୍ଦ୍ଧ-ଅନାବୃତ ଆବେଗମୟ ପ୍ରତ୍ୟୁତ୍ତରରାଜି ମଧ୍ୟରେ ସେ ଅଜ୍ଞାତ ସମୁଲ୍ଲାସଚୟର ସୀମାରେ ଆସି ଉପନୀତ ହେଲେ; ଏକ ପରମ ସ୍ପର୍ଶ ତାଙ୍କର ଚଞ୍ଚଳ ହୃଦୟକୁ ଚମତ୍କୃତ କରିଦେଲା, ସ୍ମୃତିତଳେ ଜାଗି ଉଠିଲା ପରମ ସୁନ୍ଦରଙ୍କର ଆଲିଙ୍ଗନ, ଏବଂ ଶୁଭ୍ର ରଭସ ସକଳରୁ ଲମ୍ଫଦେଇ ଓହ୍ଲାଇ ଆସିଲା ସଙ୍କେତାବଳୀ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ବିଶ୍ୱାସ

## ଶ୍ରୀମା

### ବିଶ୍ୱାସ ରଖ

ଯାହା ସବୁଠାରୁ ଭଲ ତାହା ହିଁ ଘଟିଥାଏ – ଏଥିରେ ବିଶ୍ୱାସ ରଖିବା ଉଚିତ । ହୁଏତ ବର୍ତ୍ତମାନ ଯାହା ଆମ ପାଇଁ ଘଟିଛି ବା ଘଟୁଛି ସେସବୁ ଆମକୁ ସର୍ବୋତ୍ତମ ବୋଲି ମନେ ନ ହୋଇପାରେ; କାରଣ ଆମେମାନେ ଅଜ୍ଞାନ, ଅନ୍ଧ ମଧ୍ୟ, କାରଣ ଆମେ କୌଣସି କଥାର ଫଳାଫଳ ବିଚାର କରି ପାରୁନା ଏବଂ ଅତଃପର କ'ଣ ଘଟିବ ସେକଥା ମଧ୍ୟ ଆମକୁ ଜଣା ନାହିଁ । କିନ୍ତୁ ଆମର ଏଇ ବିଶ୍ୱାସ ରହିବା ଉଚିତ ଯେ ଆମ ପାଇଁ ଘଟନାଟି ଯେପରି ଘଟୁ ନା କାହିଁକି, ଆମେ ଯଦି ଈଶ୍ୱରଙ୍କ ଉପରେ ଭରସା ରଖିଥିବା, ଯଦି ଆମେ ତାଙ୍କ ଉପରେ ଆମର ସବୁ ଦାୟିତ୍ୱ ଛାଡ଼ିଦେବା, ଯଦି ଆମେ ଈଶ୍ୱରଙ୍କୁ ଆମର ସବୁକିଛିର ନିଷ୍ପତ୍ତି ନେବାକୁ ଛାଡ଼ିଦେବା, ତେବେ ଆମର ଜାଣିରଖିବା ଉଚିତ ଯେ, ଆମ ପାଇଁ ଯାହା ସର୍ବୋତ୍ତମ ତାହା ହିଁ ଘଟୁଛି । ଏହା ଏକ ନିର୍ବିବାଦ ସତ୍ୟ । ତୁମେ ଯେତେ ପରିମାଣରେ ତାଙ୍କ ପାଖରେ ନିଜକୁ ସମର୍ପଣ କରିଛ, ସେଇ ପରିମାଣରେ ତୁମେ ତା'ର ସର୍ବୋତ୍ତମ ଫଳ ପାଇବ । ଅବଶ୍ୟ ତୁମେ କ'ଣ ଚାହଁ ବା ଭଲପାଅ ତା' ସହିତ ଏଇ ଈଶ୍ୱର ପ୍ରଦତ୍ତ ଫଳ ସମାନ ନ ହୋଇପାରେ । ତୁମର ଅଭିରୁଚି ବା କାମନା ଅନୁସାରେ ଈଶ୍ୱର ତୁମକୁ ଫଳ ନ ଦେଇପାରନ୍ତି । କାରଣ ତୁମର କାମନା ବା ଅଭିରୁଚିଗୁଡ଼ିକ ଅନ୍ଧ : ଆଧ୍ୟାତ୍ମିକ ଦୃଷ୍ଟିରୁ ଯାହା ସର୍ବୋତ୍ତମ, ତୁମର ଅଗ୍ରଗତି ହେବା ପାଇଁ, ତୁମର ବିକାଶ ପାଇଁ, ତୁମର ଆଧ୍ୟାତ୍ମିକ ଉନ୍ନତି ପାଇଁ ଏବଂ ତୁମର **ସତ୍** ଜୀବନ ପାଇଁ ଯାହା ସର୍ବୋତ୍ତମ ତାହା ହିଁ ସେ ତୁମକୁ ଦେଇଥା'ନ୍ତି । ଏହା ସର୍ବଦା ସେହିପରି ହୋଇଥାଏ । ତେଣୁ ତୁମକୁ ଏହି ବିଶ୍ୱାସ ରଖିବାକୁ ହେବ । କାରଣ, ବିଶ୍ୱାସ ହିଁ ଈଶ୍ୱରଙ୍କ ପ୍ରତି ତୁମର ଭରସାର ପରିପ୍ରକାଶ ଏବଂ ଏହି ବିଶ୍ୱାସ ହିଁ ତୁମକୁ ଈଶ୍ୱରଙ୍କ ପାଖରେ ପୂର୍ଣ୍ଣ ଆତ୍ମ-ସମର୍ପଣ କରିବାକୁ ସାହାଯ୍ୟ କରେ । ଏବଂ ତୁମେ ଯେତେବେଳେ ଏହା କରିଥାଅ, ତାହା ତୁମ ପାଇଁ ଅତି ଚମତ୍କାର ହୁଏ ।

### ଶିଶୁ ଭଳି ଭରସା ରଖ

''ମୋର ଯାହା ଆବଶ୍ୟକ ତାହା ମୋତେ ଦିଆଯିବ; ମୁଁ ଯଦି ପ୍ରାର୍ଥନା କରେ ମୋତେ ଉତ୍ତର ମିଳିବ; ଯଦି ମୁଁ କିଛି ଆପଦ ବିପଦରେ ପଡ଼ି ସାହାଯ୍ୟ ପ୍ରାର୍ଥନା କରେ, ତେବେ ମୋ ପାଇଁ ସେହି ସାହାଯ୍ୟ ଆସିବ – ଏହା କେବଳ ଆସିବ ନାହିଁ ତାହା ମଧ୍ୟ ମୋର ସବୁକିଛିକୁ ପରିଚାଳିତ କରିବ ।'' ଈଶ୍ୱରଙ୍କ ଉପରେ ଯଦି ତୁମର ଏହିଭଳି ଭରସା ରହେ, ଏହା ଯଦି ସ୍ୱତଃସ୍ଫୂର୍ତ୍ତ, ନିଷ୍କପଟ, ଦ୍ୱନ୍ଦ୍ୱରହିତ ହୋଇଥାଏ, ତାହାହେଲେ ସବୁକିଛି ଅପେକ୍ଷା ଏହି ଈଶ୍ୱର-ଭରସା ହିଁ ବେଶୀ କାର୍ଯ୍ୟ କରିଥାଏ, ଏବଂ ତା'ର ଫଳ ମଧ୍ୟ ଚମତ୍କାର ହୋଇଥାଏ । କେବଳ ପରସ୍ପର ବିରୋଧୀ ଭାବନା ଓ ମନର ସନ୍ଦେହ ହିଁ ସବୁକିଛିକୁ ନଷ୍ଟ କରିଦିଏ । ଯଦି କେହି ସଂକଟ ଭିତରେ ଥାଇ ଏହିପରି ଧାରଣା କରୁଥାଏ : ''ଓଃ, ଏହା ଅସମ୍ଭବ ! ମୁଁ କୌଣସି ପ୍ରକାରେ ଏଥିରୁ ନିଷ୍କୃତି ପାଇପାରିବି ନାହିଁ – ଏବଂ ଯଦି ମୋର ଏହି ଦୁରବସ୍ଥା ବଢ଼ି ବଢ଼ି ଯାଏ, ମୁଁ ଚାହୁଁ ନ ଥିବା ଏହି ଦୁରବସ୍ଥା ଯଦି ଦିନକୁ ଦିନ ଆହୁରି ଖରାପରୁ ଖରାପ ଆଡ଼କୁ ଗତି କରେ, ଯଦି ଦୁର୍ଭାଗ୍ୟ ମୋତେ ଏମିତି ତଳକୁ ତଳକୁ ଖସାଇ ନିଏ, ଯଦି, ଯଦି, ଯଦି, ଯଦି ...'' ଏହିପରି ଦ୍ୱନ୍ଦ୍ୱାକୁଳ ଭାବନା ଦ୍ୱାରା ଜଣେ ଗ୍ରହଣ କରିବାକୁ ଚାହୁଁଥିବା ଈଶ୍ୱରଙ୍କ ଶକ୍ତି ଓ ତା' ନିଜ ଭିତରେ ଗୋଟାଏ ପ୍ରାଚୀର ତିଆରି କରିଦିଏ । କିନ୍ତୁ ଚୈତ୍ୟସତ୍ତା ଏଇ ବିଶ୍ୱାସ ଓ ଆସ୍ଥା ରଖିଥାଏ, ଅତି ଆଶ୍ଚର୍ଯ୍ୟଜନକ ଭାବେ ରଖିଥାଏ, ତା' ଭିତରେ କୌଣସି ସନ୍ଦେହର ଛାୟା ନ ଥାଏ, କୌଣସି ତର୍କ ବିଚାର ନ ଥାଏ, କୌଣସି ଦ୍ୱନ୍ଦ୍ୱ ମଧ୍ୟ ନ ଥାଏ । ଆଉ ତୁମର ଆସ୍ଥା ଓ ଭରସା ଯେତେବେଳେ ଏହିଭଳି ହୋଇଥାଏ ସେତେବେଳେ ଏପରି କୌଣସି ପ୍ରାର୍ଥନା ନ ଥାଏ ଯାହାର ଉତ୍ତର ଈଶ୍ୱରଙ୍କ ଆଡୁ ନ ଆସେ । ଏପରି କୌଣସି ଅଭୀପ୍ସା ମଧ୍ୟ ନ ଥାଏ ଯାହା ବାସ୍ତବତାରେ ରୂପାୟିତ ହୁଏ ନାହିଁ ।

(The Great Adventure

*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଆମ ଯୋଗର ମାର୍ଗ

## ଶ୍ରୀଅରବିନ୍ଦ

ଅତିମାନସ ଯୋଗ ହେଉଛି ସେହି ଏକ ସଙ୍ଗରେ ଭଗବାନଙ୍କ ଅଭିମୁଖରେ ଏକ ଉତ୍ତରଣ ଏବଂ ଶରୀର ଗ୍ରହଣ କରିଥିବା ପ୍ରକୃତି ଭିତରକୁ ଭଗବତ୍ ସତ୍ତାଙ୍କର ଅବତରଣ ।

ଏହି ଉତ୍ତରଣଟି କେବଳ ସଂପନ୍ନ ହୋଇ ପାରିବ ଆତ୍ମା, ମନ, ପ୍ରାଣ ଓ ଦେହର ସମଗ୍ର ଶକ୍ତି ସଂଗ୍ରହ କରି ଏକ ଏକାଗ୍ର, ଊର୍ଦ୍ଧ୍ୱମୁଖୀ ଅଭୀପ୍ସା ଦ୍ୱାରା ଏବଂ ଏହି ଅବତରଣଟି ସମ୍ଭବ ହୋଇ ପାରିବ ଅନନ୍ତ ଓ ଚିରନ୍ତନ ପରମଙ୍କ ଅଭିମୁଖରେ ସମଗ୍ର ସତ୍ତାର ଏକ ଆବାହନ ଦ୍ୱାରା । ଯଦି ଏହି ଆବାହନ ଓ ଏହି ଅଭୀପ୍ସା ରହିଥାଏ ଓ ସେଗୁଡ଼ିକ ଉତ୍ତରୋତ୍ତର ବୃଦ୍ଧି ପାଇ ଆମ ସମଗ୍ର ପ୍ରକୃତିକୁ ଅଧିକାର କରେ, ତା'ହେଲେ କେବଳ ତାହାର ଅତିମାନସ ରୂପାନ୍ତର ସମ୍ଭବ ହେବ ।

ସେହି ମହତ୍ତର ଭଗବତ୍ ଚେତନା ଯାହା ଆମର ଏହି ମରଣଶୀଳ, ଅର୍ଦ୍ଧଚେତନ ଅସ୍ତିତ୍ୱକୁ ଆବେଷ୍ଟନ କରି ତାହାର ଊର୍ଦ୍ଧ୍ୱରେ ଓ ତାହାର ପଶ୍ଚାତରେ ବିରାଜମାନ ହୋଇ ରହି ଆସିଛି, ତାହାକୁ ଗ୍ରହଣ କରିବା ପାଇଁ ଓ ତାହା ଭିତରେ ପ୍ରବେଶ କରିବା ପାଇଁ ଆମ ସମଗ୍ର ପ୍ରକୃତିର ଏକ ଉନ୍ମୀଳନ ଓ ସମର୍ପଣ ଏକାନ୍ତ ଆବଶ୍ୟକ । ଆଉ ମଧ୍ୟ ଯେପର୍ଯ୍ୟନ୍ତ ଆମେ ଅନନ୍ତ ଦିବ୍ୟଜନନୀଙ୍କ ହାତରେ ଶିଶୁଟିଏ ହୋଇ ନ ଯାଇଛୁ ସେପର୍ଯ୍ୟନ୍ତ କ୍ରମାଗତ ଭାବେ ଅଧିକ ଶକ୍ତିଶାଳୀ ହୋଇ ଅଧିକରୁ ଅଧିକ ଜୋର୍ ଦେଉଥିବା ଭଗବତ୍ ଦିବ୍ୟଶକ୍ତିର ନିରବଚ୍ଛିନ୍ନ କ୍ରିୟାକୁ ସହ୍ୟ କରିବା ପାଇଁ ଆମ ଭିତରେ ଏକ ନିରନ୍ତର କ୍ରମବର୍ଦ୍ଧିଷ୍ଣୁ ସାମର୍ଥ୍ୟ ରହିବା ଆବଶ୍ୟକ । ଅନ୍ୟାନ୍ୟ ଯୋଗମାର୍ଗରେ ଅନୁସୃତ ହେଉଥିବା ବିଭିନ୍ନ ଉପାୟସବୁକୁ ଆମ ଯୋଗରେ ମଧ୍ୟ ସହାୟକ ପଦ୍ଧତି ରୂପେ ମଝିରେ ମଝିରେ କିଛି ସମୟ ପାଇଁ ଗ୍ରହଣ କରା ଯାଇପାରେ ଓ ଗ୍ରହଣ କରାଯାଇଥାଏ ମଧ୍ୟ; କିନ୍ତୁ ଆମ ପଦ୍ଧତିର ମହତ୍ତର ଲକ୍ଷ୍ୟ ଓ ସର୍ତ୍ତଗୁଡ଼ିକ ବ୍ୟତୀତ ସେଗୁଡ଼ିକ ଆମ ପାଇଁ ବିଶେଷ ଫଳପ୍ରଦ ହୋଇ ପାରିବେ ନାହିଁ ଓ ଥରେ ସେହି ମହତ୍ତର ଲକ୍ଷ୍ୟ ଓ ସର୍ତ୍ତଗୁଡ଼ିକୁ ଗ୍ରହଣ କରିନେଲା ପରେ ସେଗୁଡ଼ିକ ଆଉ ଅପରିହାର୍ଯ୍ୟ ହୋଇ ରହିବେ ନାହିଁ ।

ଶେଷରେ ଦେଖାଯିବ ଯେ ମନ, ପ୍ରାଣ ଓ ଦେହର କୌଣସି ପ୍ରଚେଷ୍ଟା ଦ୍ୱାରା, କୌଣସି ମାନବୀୟ ମନସ୍ତାତ୍ତ୍ୱିକ ବା ଶାରୀରିକ ପଦ୍ଧତି ଦ୍ୱାରା ଏହି ଯୋଗର ଶେଷ ଲକ୍ଷ୍ୟ ଲାଭ ଦିଗରେ ବେଶୀ ଦୂର ଆଗେଇ ହେବ ନାହିଁ । କେବଳ ପରମା ଶକ୍ତିଙ୍କ କ୍ରିୟା ଦ୍ୱାରା ହିଁ ତାହା ସମ୍ଭବ ହେବ । କିନ୍ତୁ ତାଙ୍କର କ୍ରିୟାପଦ୍ଧତି ସେହି ଏକ ସଙ୍ଗରେ ଏପରି ରହସ୍ୟମୟ ଭାବେ ସିଧା ସଳଖ ଅଥଚ ବାହ୍ୟଭାବେ ଏପରି ଜଟିଳ ହୋଇଥାଏ, ଏପରି ମହାନ୍, ଏପରି ସଂପୂର୍ଣ୍ଣ ଓ ସୂକ୍ଷ୍ମ ହୋଇଥାଏ ଯେ ତାହାକୁ ପୂରା ଅନୁସରଣ କରିବା ଅତ୍ୟନ୍ତ ଦୁରୂହ ଏବଂ ଆହୁରି ଦୁରୂହ ହେଉଛି ଆମ ମାନୁଷୀ ବୁଦ୍ଧି ଦ୍ୱାରା ତାହାକୁ କୌଣସି ଢାଞ୍ଚାରେ କଟାକଟି କରି ତାହାର ସଂଜ୍ଞା ନିର୍ଣ୍ଣୟ କରି ତାହାକୁ ଏକ ସୂତ୍ରର ରୂପ ଦେବା ।

ମଣିଷ ତା'ର ନିଜ ଚେଷ୍ଟା ବଳରେ ନିଜକୁ ମଣିଷଠାରୁ ଆଉ ଅଧିକ କିଛି କରିପାରିବ ନାହିଁ । କିନ୍ତୁ ତା' ନିଜ ଭିତରେ କ୍ରିୟା କରିବା ପାଇଁ ସେ ଭଗବତ୍ ସତ୍ୟ ଓ ସେହି ସତ୍ୟର ଶକ୍ତିକୁ ଆବାହନ କରିପାରେ । ଏକ ମାତ୍ର ଭଗବତ୍ ଦିବ୍ୟ ପ୍ରକୃତିର ଅବତରଣ ହିଁ ମନୁଷ୍ୟର ଆଧାରକୁ ଦିବ୍ୟାୟିତ କରିପାରେ । ଏକ ପରମ ରୂପାନ୍ତରକାରିଣୀ ଦିବ୍ୟଶକ୍ତି ପାଖରେ ଆତ୍ମ-ସମର୍ପଣ ହିଁ ହେଉଛି ଏହି ଯୋଗର ଚାବିକାଠି ।

ପ୍ରକୃତିର ଏହି ଯେଉଁ ଦିବ୍ୟାୟନ କଥା ଆମେ କହୁଛୁ ତାହା କୌଣସି ଅତିମାନବତ୍ୱ ଦିଗରେ କେବଳ ଏକ ଅଭିବୃଦ୍ଧି ମାତ୍ର ନୁହେଁ; ଏହା ହେଉଛି ଏକ ରୂପାନ୍ତର, ଆମର ଅଜ୍ଞାନମୟ ପ୍ରକୃତିର ମିଥ୍ୟାଚାର ଭିତରୁ ଭଗବତ୍ ପ୍ରକୃତିର ଦିବ୍ୟ ସତ୍ୟ ଭିତରକୁ ଏକ ପରିବର୍ତ୍ତନ । ମନ ଓ ପ୍ରାଣ ଜଗତର ଉପ-ଦେବତାମାନେ, ଅସୁର, ରାକ୍ଷସ ଓ ପିଶାଚମାନେ ସେମାନଙ୍କ ପ୍ରଚଣ୍ଡତା, ଶକ୍ତି ଓ ଗତିବିଧିରେ ଏବଂ ସେମାନଙ୍କ ଚାରିତ୍ରିକ ବୈଶିଷ୍ଟ୍ୟର ଗଠନରେ ସେମାନେ ଅତିମାନବ – କିନ୍ତୁ ଏମାନଙ୍କ ଭିତରେ ଦିବ୍ୟତା କିଛି ନାହିଁ ବା ଏମାନେ ପରମ ଦିବ୍ୟ ନୁହଁନ୍ତି । କାରଣ ଏମାନେ କେବଳ ଏକ ବିଶାଳତର ମନର କ୍ଷମତା ଓ ପ୍ରାଣର କ୍ଷମତାରେ ହିଁ ବାସ କରନ୍ତି, ପରମ ଦିବ୍ୟ ସତ୍ୟରେ ନୁହେଁ । ଏବଂ କେବଳ ପରମ ସତ୍ୟ ହିଁ ହେଉଛି ଦିବ୍ୟ । ଯେଉଁମାନେ କେବଳ ଏକ ପରମ ଦିବ୍ୟ ସତ୍ୟ ଚେତନାରେ ବାସ କରିବେ ଓ ତାହାକୁ ମୂର୍ତ୍ତ କରିବେ ସେହିମାନେ ହିଁ ଆନ୍ତର

ଭାବରେ ଭଗବାନଙ୍କ ଭାବମୂର୍ତ୍ତିରେ ଗଠିତ ଓ ପୁନର୍ଗଠିତ ହୋଇ ଚାଲିବେ ।

ଅତିମାନସ ଯୋଗର ଲକ୍ଷ୍ୟ ହେଉଛି ଏହି ପରମ ଦିବ୍ୟ ସତ୍ୟ ଚେତନା ଭିତରକୁ ରୂପାନ୍ତରିତ ହେବା । କିନ୍ତୁ ଏହି ସତ୍ୟ ମନର ଅତୀତ ଏବଂ ସର୍ବୋଚ୍ଚ ମନ-ଚେତନାର ବହୁ ଊର୍ଦ୍ଧ୍ୱରେ ଏହା ରହିଛି । କାରଣ ମନର ସତ୍ୟ ସର୍ବଦା ଆପେକ୍ଷିକ, ଅନିଶ୍ଚିତ, ଆଂଶିକ, କିନ୍ତୁ ଏହି ବୃହତ୍ତର ସତ୍ୟ ତର୍କାତୀତ ଓ ସମଗ୍ର । ମନର ସତ୍ୟ କୌଣସି କିଛିର କେବଳ ପ୍ରତିନିଧିତ୍ୱ ହିଁ କରିଥାଏ, ସର୍ବଦା ସୀମିତ ଓ ଅଯଥେଷ୍ଟ, ଅଧିକାଂଶ ସମୟରେ ଏହା ଏକ ଭୁଲ୍ ପ୍ରତିନିଧି ଏବଂ ଯେତେବେଳେ ଏହା ନିର୍ଭୁଲ୍ ହୁଏ ସେତେବେଳେ ବି ଏହା ଏକ ପ୍ରତିଫଳନ ମାତ୍ର । ଏହା ସତ୍ୟର ଛାୟା କିନ୍ତୁ ତା'ର ଶରୀର ନୁହେଁ । ମନ ଦିବ୍ୟ ସତ୍ୟରେ ବାସ କରେ ନାହିଁ ବା ତାହାକୁ ଅଧିକାର କରିପାରେ ନାହିଁ, କେବଳ ତାହା ପଛରେ ଅନ୍ୱେଷଣ କରି ଚାଲିଥାଏ ଏବଂ ଅତି ବେଶୀରେ ତାହାର ପରିଚ୍ଛଦର କେଇଟି ସୂତାଖିଅକୁ ମାତ୍ର ଧରିପାରେ । ଅତିମାନସ ବାସ କରେ ଦିବ୍ୟସତ୍ୟରେ ଏବଂ ତାହା ହିଁ ତାହାର ମୂଳ ଉପାଦାନ, ରୂପ ଓ ପ୍ରକାଶ । ସତ୍ୟ ପଛରେ ତାହାକୁ ସଂଧାନ ବା ଅନ୍ୱେଷଣ କରିବାକୁ ପଡ଼େ ନାହିଁ ଏବଂ ସର୍ବଦା ସ୍ୱୟଂଚାଳିତ ଭାବରେ ଏହା ସତ୍ୟକୁ ଅଧିକାର କରିଥାଏ ଏବଂ ଯାହାକୁ ଅଧିକାର କରିଥାଏ ସେ ତାହା ହିଁ ହୋଇଉଠେ, ତାହା ହିଁ ହୋଇଥାଏ ତା'ର ସ୍ୱରୂପ । ଏହା ହିଁ ହେଉଛି ମନ ଓ ଅତିମାନସ ଭିତରେ ପାର୍ଥକ୍ୟର ସାରମର୍ମ ।

ମନରୁ ଅତିମାନସକୁ ଏହି ଯାତ୍ରା ବା ସଂକ୍ରମଣ ଫଳରେ ଯେଉଁ ପରିବର୍ତ୍ତନ ଆସେ ତାହା କେବଳ ଜ୍ଞାନର କ୍ଷେତ୍ରରେ ବା ଜ୍ଞାନ ପାଇଁ ଆମ ସାମର୍ଥ୍ୟର କ୍ଷେତ୍ରରେ ଖାଲି ଏକ ବିପ୍ଳବ ନୁହେଁ । ଯଦି ଏହାକୁ ପରିପୂର୍ଣ୍ଣ ଓ ସାର୍ଥକ ହେବାକୁ ହୁଏ, ତେବେ ଆମ ସଂକଳ୍ପରେ ଆମ ଭାବାବେଗରେ, ଆମ ଇନ୍ଦ୍ରିୟାନୁଭୂତିରେ ଏବଂ ଆମ ସମଗ୍ର ଜୀବନ ଓ ତାହାର ଶକ୍ତିର କ୍ଷେତ୍ରରେ ଏବଂ ପରିଶେଷରେ ଏପରିକି ଆମ ଶରୀରର ସମସ୍ତ ଉପାଦାନ ଓ କ୍ରିୟାକଳାପର କ୍ଷେତ୍ରରେ ମଧ୍ୟ ଏହାକୁ ଏକ ଦିବ୍ୟ ରୂପାନ୍ତର ଓ ମୌଳିକ ପରିବର୍ତ୍ତନର ରୂପ ଗ୍ରହଣ କରିବାକୁ ପଡ଼ିବ । କେବଳ ସେତେବେଳେ ହିଁ କୁହାଯାଇ ପାରିବ ଯେ ପୃଥିବୀପୃଷ୍ଠରେ ଅତିମାନସ ଦୃଢ଼-ପ୍ରତିଷ୍ଠ ହୋଇଛି, ନିଜର ପାର୍ଥିବ ଉପାଦାନରେ ଚେର ବିସ୍ତାର କରି ଦୃଢ଼ ମୂଳ ହୋଇଛି ଓ ଦିବ୍ୟଭାବସଂପନ୍ନ ଜୀବମାନଙ୍କର ଏକ ନୂତନ ଜାତିରେ ଏହା ଶରୀର ଗ୍ରହଣ ପୂର୍ବକ ମୂର୍ତ୍ତଭାବରେ ପ୍ରକଟିତ ହୋଇଛି ।

ଅତିମାନସ ନିଜର ସର୍ବୋଚ୍ଚ ପହଞ୍ଚ ଓ ଉନ୍ନତ ସ୍ଥିତିରେ ହେଉଛି ବିଜ୍ଞାନଘନ ଦିବ୍ୟତା, ଭଗବାନଙ୍କର ପ୍ରଜ୍ଞା, ସାମର୍ଥ୍ୟ, ଆଲୋକ, ଆନନ୍ଦର ଏକ ଦିବ୍ୟତା ଯାହା ଦ୍ୱାରା ସେ ଏହି ସମଗ୍ର ବିଶ୍ୱ ସୃଷ୍ଟି ସମ୍ପର୍କରେ ପରିଜ୍ଞାତ ହୁଅନ୍ତି, ତାହାକୁ ଅବଧାରଣ କରନ୍ତି, ତାହାର ପରିଚାଳନା କରନ୍ତି ଓ ତାହାକୁ ଉପଭୋଗ କରନ୍ତି ।

❑❑❑

ଭଗବାନଙ୍କ ସହାୟତା ବିନା କାହାରି ପକ୍ଷେ ସାଧନା ସମ୍ଭବ ନୁହେଁ । ଦିବ୍ୟକୃପା ତୁମ ପାଇଁ ସାହାଯ୍ୟ କରିବାକୁ ସତତ ପ୍ରସ୍ତୁତ କିନ୍ତୁ ତୁମେ ତାଙ୍କୁ ତୁମ ମଧ୍ୟରେ କାର୍ଯ୍ୟ କରିବାକୁ ଦିଅ ଏବଂ ତା'ର କ୍ରିୟାରେ ବାଧା ଦିଅ ନାହିଁ । ସେଥିପାଇଁ ଆବଶ୍ୟକ ସର୍ତ୍ତଟି ହେଉଛି ବିଶ୍ୱାସ । ତୁମେ ଯେତେବେଳେ ଆକ୍ରାନ୍ତ ହେବା ଅନୁଭବ କରୁଛ, ମୋତେ ବା ଶ୍ରୀଅରବିନ୍ଦଙ୍କୁ ସାହାଯ୍ୟ ପାଇଁ ଡାକ; ତୁମର ଡାକ ଯଦି ଆନ୍ତରିକ ହୋଇଥାଏ, ତେବେ ତୁମେ ଉତ୍ତର ପାଇବ, ଏବଂ ଦିବ୍ୟକୃପା ତୁମକୁ ସମସ୍ତ ପ୍ରକାରରେ ରକ୍ଷା କରିବ ।

— ଶ୍ରୀମା

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ

## (ତୃତୀୟ ଅଧ୍ୟାୟ)

## ପରମ ଈଶ୍ୱର

**ଶେଖ ଅବଦୁଲ କାଶମ**

ଆମର ଆଧ୍ୟାତ୍ମିକ ଯାତ୍ରା ଏକ ଅପୂର୍ଣ୍ଣ ଓ ସୀମିତ ଚେତନାରୁ ଆରମ୍ଭ ହୋଇ ପରମଚେତନା ଓ ଦିବ୍ୟପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୁଏ । ଆମକୁ ପ୍ରଥମେ ମନେ ରଖିବାକୁ ହେବ ଯେ ମନୁଷ୍ୟ ଭିତରେ ଏକ ବ୍ୟଷ୍ଟି ଆତ୍ମା ରହିଛି ଯାହା ପରମାତ୍ମାଙ୍କର ହିଁ ଏକ ଅଂଶ (ମମୈବାଂଶଃ), ତାଙ୍କର ଏକ ରଶ୍ମିରେଖା । ସୁତରାଂ ପରମାତ୍ମାଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବା ଆତ୍ମା ପକ୍ଷରେ ସମ୍ପୂର୍ଣ୍ଣ ସ୍ୱାଭାବିକ ଓ ସମ୍ଭବ । ଦ୍ୱିତୀୟ ସ୍ମରଣୀୟ ବିଷୟ ହେଉଛି, ଅଭିବ୍ୟକ୍ତ ଜଗତରେ ଆତ୍ମାର ଦୁଇଟି ପ୍ରକୃତି ରହିଛି । ଗୋଟିଏ ହେଉଛି ତା'ର ମୂଳ ପ୍ରକୃତି ବା ଆଧ୍ୟାତ୍ମିକ ପ୍ରକୃତି ଯେଉଁଥିରେ ତାହା ନିଜର ଯଥାର୍ଥ ଅଧ୍ୟାତ୍ମ ସତ୍ତା ସହିତ ଏକ ଓ ଅଭିନ୍ନ ହୋଇ ରହିଛି । ଅନ୍ୟଟି ହେଉଛି ଏହାର ଅଜ୍ଞାନମୟ ନିମ୍ନପ୍ରକୃତି ଯାହା ଅହଂ ଓ ବାସନା ମଧ୍ୟରେ ଜଡ଼ିତ ହୋଇ ରହିଛି । ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ହେଉଛି ଏହି ନିମ୍ନ ପ୍ରକୃତିକୁ ପରିତ୍ୟାଗ କରି ନିଜ ମଧ୍ୟରେ ଆଧ୍ୟାତ୍ମିକ ପ୍ରକୃତିକୁ ପ୍ରତିଷ୍ଠିତ କରିବା ଏବଂ ତଦ୍ଦ୍ୱାରା ଦିବ୍ୟ ପରିପୂର୍ଣ୍ଣତା ପ୍ରାପ୍ତ ହେବା । ନିମ୍ନ ପ୍ରକୃତିର ପୃଷ୍ଠଭାଗରେ ଉଚ୍ଚତର ପ୍ରକୃତି ବିଦ୍ୟମାନ ଥିବାରୁ ଏକ ସଘନ ସାଧନା ଦ୍ୱାରା ନିମ୍ନ ସୀମିତ ଚେତନାରୁ ପରମ ଚେତନା ମଧ୍ୟକୁ ଉଠିଯିବା ସମ୍ଭବ ହୋଇଥାଏ ।

ଆମକୁ ପ୍ରଥମେ ନୈର୍ବ୍ୟକ୍ତିକ ଅକ୍ଷର ଆତ୍ମାର ପ୍ରଶାନ୍ତି ଲାଭ କରିବାକୁ ହେବ । ଏହା ଦ୍ୱାରା ଆମର ଅହଂମୂଳକ ବ୍ୟକ୍ତିତ୍ୱ ଲୋପ ପାଇଯିବ । କାମନା-ବାସନାକୁ ତ୍ୟାଗ କରିବା ଫଳରେ ଆମ ଭିତରେ ସମତା ଓ ଏକତ୍ୱ ପ୍ରତିଷ୍ଠିତ ହେବ । ଏହାପରେ ଆମର ଚେତନାକୁ ଆହୁରି ପ୍ରସାରିତ ଓ ଊର୍ଦ୍ଧ୍ୱାୟିତ କରି ଆମେ ଦିବ୍ୟ ଅପରିମେୟ ପୁରୁଷଙ୍କୁ ଉପଲବ୍ଧି କରିବା ଯାହାଙ୍କଠାରୁ ଆମେ ଉତ୍ପନ୍ନ ହୋଇଛୁ । ଆମେ ଜାଣି ପାରିବା ଯେ ଆତ୍ମା ଓ ପ୍ରକୃତି, ଜଗତ୍ ଓ ବ୍ରହ୍ମ ସବୁକିଛି ସେହି ଦିବ୍ୟ ପରମପୁରୁଷଙ୍କର ହିଁ ଅଭିବ୍ୟକ୍ତି । ଏହି ଉପଲବ୍ଧି ଲାଭ କରିବାକୁ ହେଲେ ଆମକୁ ତିନୋଟି ସାଧନାମାର୍ଗ ଏକ ସଙ୍ଗରେ ଅବଲମ୍ବନ କରିବାକୁ ହେବ । ଯଥା : କର୍ମ, ଜ୍ଞାନ ଓ ଭକ୍ତି ।

ଆମେ ସକଳ କର୍ମକୁ ଯଦି ଆମର ଆଧ୍ୟାତ୍ମିକ ପ୍ରକୃତି ଉପରେ ଆଧାର କରି ସମ୍ପାଦନ କରିବା ତାହା ହେଲେ କ୍ରମଶଃ ଅନୁଭବ କରିବା ଯେ ଆମେ ନିଜେ ପ୍ରକୃତରେ କର୍ତ୍ତା ନୋହୁଁ, ବିଶ୍ୱପ୍ରକୃତି ହିଁ ଆମ ମଧ୍ୟଦେଇ କର୍ମ କରିଚାଲିଛି । ସକଳ କର୍ମର ବ୍ରହ୍ମାର୍ପଣ ଦ୍ୱାରା ଆମେ କର୍ମବନ୍ଧନରୁ ମୁକ୍ତ ହୋଇଯିବା ଏବଂ ପୂର୍ଣ୍ଣଭାବରେ ଆତ୍ମ-ସ୍ୱରୂପକୁ ଆବିଷ୍କାର କରିପାରିବା । ଦ୍ୱିତୀୟତଃ ସକଳ ଜଗତର ଆଦିଉତ୍ସ ସର୍ବବ୍ୟାପୀ ପରମେଶ୍ୱରଙ୍କ ଜ୍ଞାନ ଲାଭ କରି ଆମେ ଅହଂରୁ ମୁକ୍ତ ହେବା ଏବଂ ପୂର୍ଣ୍ଣ ରୂପେ ଆତ୍ମ-ସ୍ୱରୂପରେ ଗଢ଼ିଉଠିବା । ତୃତୀୟତଃ ଆମର ହୃଦୟନିବାସୀ ତଥା ସର୍ବଘଟବାସୀ ସେଇ ପରମ ଭଗବାନଙ୍କ ପ୍ରତି ଆକର୍ଷିତ ହୋଇ ପ୍ରେମ ଓ ଭକ୍ତି ଦ୍ୱାରା ଆମେ ଆମର ସମଗ୍ର ସତ୍ତାକୁ ତାଙ୍କ ପାଖରେ ସମର୍ପଣ କରିଦେବା । ଏହି ତିନିପ୍ରକାର ସାଧନା ଏକ ସଙ୍ଗରେ ଚାଲିବା ଦ୍ୱାରା ଆମେ ପରମାତ୍ମାଙ୍କର ପରମ ରହସ୍ୟ (ଉତ୍ତମଂ ରହସ୍ୟମ୍)କୁ ଉପଲବ୍ଧି କରିବା ଏବଂ ତାଙ୍କ ସହିତ ସର୍ବଭାବରେ ଏକତ୍ୱ ପ୍ରାପ୍ତ ହେବା ।

ଭଗବାନଙ୍କ ବିଷୟରେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ନ ହେଲେ ଆତ୍ମସମର୍ପଣ କ୍ରିୟାଟି ପୂର୍ଣ୍ଣତଃ କାର୍ଯ୍ୟକାରୀ ହୋଇପାରେ ନାହିଁ । ତେଣୁ ଆମକୁ ପରମ ଦିବ୍ୟସତ୍ତାଙ୍କର ସମସ୍ତ ଶକ୍ତି ଓ ତତ୍ତ୍ୱକୁ ଜାଣିବାକୁ ହେବ । ଭଗବାନ ଏକ ସଙ୍ଗେ ବିଶ୍ୱର ଊର୍ଦ୍ଧ୍ୱରେ ଅଛନ୍ତି ତଥା ବିଶ୍ୱଗତ ପ୍ରକୃତି ଭିତରେ ମଧ୍ୟ ଅଛନ୍ତି । ତେଣୁ ଅଧ୍ୟାତ୍ମ ସାଧନା ରୂପୀ ପ୍ରୟାସଟିରେ ଆମେ ବିଶ୍ୱଗତ ପ୍ରକୃତିକୁ ବାଦ୍ ଦେଇପାରିବା ନାହିଁ । ପ୍ରାଚୀନ ଯୋଗମାର୍ଗଗୁଡ଼ିକ ''ଚିତ୍ତବୃତ୍ତି ନିରୋଧ''ର ଉପାୟ ଅନୁସରଣ କରି ନିଜ ଭିତରେ ବିଶ୍ୱପ୍ରକୃତିର କ୍ରିୟାକୁ ଦମନ କରୁଥିଲେ କିଂବା ବାସନ୍ଦ କରି ରଖୁଥିଲେ । କିନ୍ତୁ ଗୀତା ନିମ୍ନ ପ୍ରକୃତିକୁ ଦିବ୍ୟ ପ୍ରକୃତିରେ ରୂପାନ୍ତରିତ କରି

ଆତ୍ମପରିପୂର୍ଣ୍ଣତା ଲାଭ କରିବାକୁ ଆହ୍ୱାନ ଦେଇଛି । ଯେଉଁମାନେ ପୁରୁଷୋତ୍ତମଙ୍କର ଶରଣାପନ୍ନ ହୁଅନ୍ତି ସେମାନେ ବ୍ରହ୍ମଙ୍କର ସମଗ୍ର ସ୍ୱରୂପ ବିଷୟରେ ପୂର୍ଣ୍ଣଜ୍ଞାନ ଲାଭ କରନ୍ତି । ସେମାନେ ସମଗ୍ର ଭାବରେ ଅଧ୍ୟାତ୍ମ ପ୍ରକୃତି ଓ ଅଖିଳ କର୍ମକୁ ଜାଣିପାରନ୍ତି । ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞଙ୍କୁ ମଧ୍ୟ ସେମାନେ ଜାଣିପାରନ୍ତି । ଫଳରେ ଇହଜଗତରୁ ପ୍ରୟାଣ କାଳରେ ସେମାନେ ପୁରୁଷୋତ୍ତମଙ୍କ ସହିତ ଯୁକ୍ତ ହୋଇ ରହିଥା'ନ୍ତି ।

ଗୀତାର ସପ୍ତମ ଓ ଅଷ୍ଟମ ଅଧ୍ୟାୟରେ ପରମେଶ୍ୱରଙ୍କ ସୃଷ୍ଟି ସୂତ୍ର ଓ କାର୍ଯ୍ୟ ପ୍ରଣାଳୀ ବିଷୟରେ ସୂଚନା ଦିଆଯାଇଛି । ପ୍ରଥମେ ରହିଛି ବ୍ରହ୍ମ ବା ''ତଦ୍ ବ୍ରହ୍ମ'' । ସେ ହେଉଛନ୍ତି ସମଗ୍ର ସୃଷ୍ଟିର ଭିତ୍ତି । ପରିବର୍ତ୍ତନଶୀଳ ତଥା ବିକାଶଶୀଳ ସମଗ୍ର ଜଗତ୍ ସେହି ଅପରିବର୍ତ୍ତନୀୟ ସନାତନୀ ସତ୍ତା ଉପରେ ପ୍ରତିଷ୍ଠିତ । ଯେତେବେଳେ ସେ ଅଭିବ୍ୟକ୍ତ ହୁଅନ୍ତି ତାଙ୍କୁ ଅକ୍ଷର ସ୍ୱତଃସ୍ଥିତ (self-existent) ସତ୍ତା (ଅକ୍ଷରଂ ବ୍ରହ୍ମ ପରମମ୍) ରୂପେ ଉପଲବ୍ଧି କରାଯାଇ ପାରେ । ଦ୍ୱିତୀୟରେ ରହିଛି ପ୍ରକୃତି ମଧ୍ୟରେ ସ୍ଥିତ ଜୀବାତ୍ମାର ତତ୍ତ୍ୱ ଯାହାକୁ 'ଅଧ୍ୟାତ୍ମ' ବୋଲି କୁହାଯାଇଛି । ଅଧ୍ୟାତ୍ମର ଅର୍ଥ ହେଉଛି 'ସ୍ୱଭାବ' (ସ୍ୱଭାବୋଽଧ୍ୟାତ୍ମମୁଚ୍ୟତେ) । ପରମ ପ୍ରକୃତିରେ ଜୀବାତ୍ମା ଯେଉଁ ଆଧ୍ୟାତ୍ମିକ ଭାବ ଓ ବିଧାନକୁ ନେଇ ରହିଥାଏ ତାହାହିଁ 'ସ୍ୱଭାବ' ଅଟେ । ପରମ ପ୍ରକୃତି ହେଉଛି ପରମସତ୍ତାଙ୍କର ଏକ ଶକ୍ତି । ଜୀବ ପରମସତ୍ୟର ଯେଉଁ ବିଭାବକୁ ପ୍ରକାଶିତ କରିବ ତାହା ପରମ ପ୍ରକୃତି ସ୍ଥିର କରିଥାଏ । ଅର୍ଥାତ୍ ଜୀବ ଭିତରେ ପରମ ପ୍ରକୃତିର ଯେଉଁ ସଂକଳ୍ପ କାର୍ଯ୍ୟକାରୀ ହେଉଥାଏ ତାହାହିଁ ସେହି ଜୀବ ବା ବ୍ୟକ୍ତିର ପ୍ରକୃତ ସ୍ୱଭାବ । 'ସ୍ୱଭାବ' ବଶରୁ ପ୍ରତ୍ୟେକ ଜୀବ କାର୍ଯ୍ୟ କରେ, ସୃଷ୍ଟି କରେ ଏବଂ ପ୍ରକୃତି ମଧ୍ୟରେ ବିଶ୍ୱଲୀଳାକୁ ପ୍ରକଟ କରେ ।

ତୃତୀୟ ତତ୍ତ୍ୱ ହେଉଛି ଅଧିଭୂତ । ଏହା ହେଉଛି ପରିବର୍ତ୍ତନଶୀଳ କ୍ଷର ସତ୍ତା (ଅଧିଭୂତଂ କ୍ଷରୋଭାବଃ) । ଏହା ସୃଷ୍ଟିର ବିଭାବ (objective aspect) । ଏହା ବାହ୍ୟଜଗତକୁ ବୁଝାଉଛି । ସମସ୍ତ ନଶ୍ୱର ପଦାର୍ଥ ଏହାର ଅନ୍ତର୍ଭୁକ୍ତ । ଚତୁର୍ଥରେ ରହିଛି ଅଧିଦୈବ । ପ୍ରକୃତି ମଧ୍ୟରେ ଯେଉଁ ପୁରୁଷ ବିରାଜମାନ କରୁଛନ୍ତି – ପ୍ରକୃତିସ୍ଥ ଆତ୍ମା, ତାହା ହିଁ ଅଧିଦୈବ (ପୁରୁଷଶ୍ଚାଧିଦୈବତମ୍) । ଏହା ହେଉଛି ସୃଷ୍ଟିର ଆଶ୍ରୟଗତ ବିଭାବ (subjective aspect) । ଦେବତାମାନେ ଏହି ବିଭାବର ଅନ୍ତର୍ଭୁକ୍ତ । ସେମାନେ ହେଉଛନ୍ତି ପ୍ରକୃତି ମଧ୍ୟରେ ଏକ ଏକ ଆତ୍ମା-ଶକ୍ତି (soul-powers) । ପଞ୍ଚମରେ ରହିଛି ଅଧିଯଜ୍ଞ । ଅଧିଯଜ୍ଞ ହେଉଛନ୍ତି ସମସ୍ତ କର୍ମ ଓ ଯଜ୍ଞର ଅଧୀଶ୍ୱର । ସେ ସର୍ବତ୍ର ବିଦ୍ୟମାନ । ଶ୍ରୀକୃଷ୍ଣ କହୁଛନ୍ତି – ''ଅଧିଯଜ୍ଞୋଽହମେବାତ୍ର ଦେହେ ଦେହଭୃତାଂ ବର'' । (ଗୀତା, ୮/୪) ଅର୍ଥାତ୍, ''ହେ ଦେହଧାରୀ ଶ୍ରେଷ୍ଠ ଅର୍ଜୁନ, ମୁଁ ଭଗବାନ୍ ପରମେଶ୍ୱର ଓ ପୁରୁଷୋତ୍ତମ, ଏଠାରେ ଏହି ସମସ୍ତ ଦେହଧାରୀମାନଙ୍କ ମଧ୍ୟରେ ମୁଁ ଅଧିଯଜ୍ଞ ରୂପେ ଗୁପ୍ତଭାବରେ ବିରାଜମାନ କରୁଛି ।''

ଆମେ ଜାଣୁ ବା ନ ଜାଣୁ, ପୁରୁଷୋତ୍ତମ ଆମ ସମସ୍ତଙ୍କ ଭିତରେ ଅଛନ୍ତି । ପ୍ରକୃତି ଆମରି ମାଧ୍ୟମରେ ଯାହାକିଛି ତାଙ୍କୁ ସମର୍ପଣ କରୁଛି ତାକୁ ସେ ଗ୍ରହଣ କରୁଛନ୍ତି । ଆମେ ସଚେତନ ନ ଥିଲେ ସୁଦ୍ଧା ପ୍ରକୃତି ଆମ୍ଭମାନଙ୍କ ମଧ୍ୟଦେଇ କାର୍ଯ୍ୟ କରି ଚାଲିଛି ଏବଂ ପରମପୁରୁଷ ସେହି ପ୍ରକୃତିର ସକଳ କାର୍ଯ୍ୟକୁ ଯଜ୍ଞ ରୂପେ ଗ୍ରହଣ କରୁଛନ୍ତି । ପ୍ରତ୍ୟେକ ବ୍ୟକ୍ତି ଭିତରେ ଉପରୋକ୍ତ ପାଞ୍ଚୋଟି ତତ୍ତ୍ୱ ଏକ ସଙ୍ଗେ ଉପସ୍ଥିତ ଓ କ୍ରିୟାଶୀଳ ।

ନୈର୍ବ୍ୟକ୍ତିକ ଅକ୍ଷର ବ୍ରହ୍ମଙ୍କୁ ସାଧନାର ଲକ୍ଷ୍ୟ ରୂପେ ଗ୍ରହଣ କରିଥିବା ପର୍ଯ୍ୟନ୍ତ ଆବେଗ ଓ ଭକ୍ତିର ଆବଶ୍ୟକତା ରହି ନଥାଏ । ମାତ୍ର ପୁରୁଷୋତ୍ତମଙ୍କ ବିଷୟରେ ଚିନ୍ତା କଲାବେଳେ ତଥା ପୁରୁଷୋତ୍ତମଙ୍କୁ ଧ୍ୟେୟ ଓ ଲକ୍ଷ୍ୟ ରୂପେ ଗ୍ରହଣ କଲେ ଆମେ ତାଙ୍କ ସହିତ ବ୍ୟକ୍ତିଗତ ସମ୍ବନ୍ଧ ସ୍ଥାପନର ଆବଶ୍ୟକତା ଅନୁଭବ କରୁ । ଫଳରେ ଆମର ସାଧନାଟି ଭକ୍ତିରୁ ଆରମ୍ଭ ହୁଏ । ପରେ ଏହା ପୁରୁଷୋତ୍ତମଙ୍କ ପ୍ରତି ବିଶୁଦ୍ଧ ପ୍ରେମରେ ପରିଣତ ହୁଏ ।

ବିଶ୍ୱଲୀଳାର ଧାରା ସମ୍ପର୍କରେ ଗୀତା କହେ ଯେ ଦେଶ(space), କାଳ(time) ଓ ନିମିତ୍ତ(casuality) ମଧ୍ୟରେ ବିଶ୍ୱପ୍ରକୃତିର ଯେଉଁ କ୍ରିୟାସକଳ ଘଟି ଚାଲିଛି ତାହାର ପଶ୍ଚାତ୍‌ରେ ରହିଛି ସର୍ବଭୂତ ବ୍ରହ୍ମ । ଏହି ଉଚ୍ଚତମ ଅକ୍ଷର ସ୍ୱପ୍ରତିଷ୍ଠ ସତ୍ତା ନିଜେ କିଛି ସଂକଳ୍ପ ବା କାର୍ଯ୍ୟ କରି ନଥାଏ, କିନ୍ତୁ ସବୁକିଛିକୁ ସେ ଧାରଣ କରି ରହିଥାଏ । ତାହାହେଲେ କିଏ ସବୁକିଛିକୁ ଉତ୍ପନ୍ନ କରୁଛି ଓ ସଂକଳ୍ପ କରୁଛି ? କାଳ ମଧ୍ୟରେ କିଏ ବିଶ୍ୱଲୀଳାକୁ ପ୍ରକଟ କରିବାରେ ଲାଗିଛି ? ତାହାହିଁ ହେଉଛି 'ସ୍ୱଭାବ' ରୂପେ ପରାପ୍ରକୃତି । ଜୀବର ଆଧ୍ୟାତ୍ମିକ ପ୍ରକୃତିକୁ 'ସ୍ୱଭାବ' ବୋଲାଯାଏ । ପରାତ୍ପର ପୁରୁଷୋତ୍ତମ ସବୁକିଛିର ଉତ୍ସ, ସେ ପରାପ୍ରକୃତିର କ୍ରିୟାକୁ ଧାରଣ କରି ରହିଛନ୍ତି । ସେହି ପୁରୁଷୋତ୍ତମଙ୍କ ଭାଗବତ ଚେତନା ଓ ଶକ୍ତି

ପରାପ୍ରକୃତି ରୂପେ ପ୍ରକଟିତ ହୁଏ । ପରାପ୍ରକୃତି ପ୍ରତ୍ୟେକ ଜୀବ ମଧ୍ୟରେ ତା'ର ସ୍ୱଭାବକୁ ନିର୍ଦ୍ଧାରିତ କରି ରଖିଛି । ଅକ୍ଷର ବ୍ରହ୍ମର ସ୍ଥିତିକୁ ଆଧାର କରି ପୁରୁଷୋତ୍ତମ ପ୍ରତ୍ୟେକ ଜୀବ ମଧ୍ୟରେ ପରାପ୍ରକୃତିର କ୍ରିୟାକୁ ସମର୍ଥନ ଦେଇଥା'ନ୍ତି ବା ଧାରଣ କରିଥା'ନ୍ତି । ପୃଷ୍ଠଭାଗରେ ରହି ପରାପ୍ରକୃତି ଯାବତୀୟ ପରିବର୍ତ୍ତନ, ଭ୍ରାନ୍ତି, ବିକୃତି ଓ ବିପର୍ଯ୍ୟୟ ମଧ୍ୟଦେଇ ନିମ୍ନ ପ୍ରକୃତିକୁ ଧାରଣ କରିଥାଏ ଓ ପରିଚାଳିତ କରିଥାଏ । ସକଳ ପରିବର୍ତ୍ତନ ଭିତରେ ବି ଯାହା ଦିବ୍ୟ ଓ ଅକ୍ଷୁଣ୍ଣ ହୋଇ ରହେ ତାହାହିଁ ସ୍ୱଭାବ । ଏହି ନିତ୍ୟ ସ୍ୱଭାବ ବା ଆତ୍ମତତ୍ତ୍ୱ ମଧ୍ୟରୁ ଯାହାସବୁ ଉତ୍ପନ୍ନ ହୁଏ ତାକୁ ନେଇ ବିଶ୍ୱପ୍ରକୃତି ନାନା ବୈଚିତ୍ର୍ୟ ସୃଷ୍ଟି କରିଥାଏ, ନାନା ସମ୍ଭୂତିକୁ ପ୍ରକାଶ କରିବାରେ ଲାଗିଥାଏ ।

ପରାପ୍ରକୃତି ବିନା ଆମ ମାନୁଷୀ ପ୍ରକୃତିର ଅସ୍ତିତ୍ୱ ସମ୍ଭବ ନୁହେଁ । ପ୍ରତ୍ୟେକ ଜୀବ ମଧ୍ୟରେ ଆତ୍ମାର ଯେଉଁ ଅନ୍ତର୍ନିହିତ ସତ୍ୟ ଓ ତତ୍ତ୍ୱ କାର୍ଯ୍ୟ କରୁଥାଏ ତାହାକୁ ହିଁ 'ସ୍ୱଭାବ' ବୋଲି କୁହାଯିବ । ଅଭିବ୍ୟକ୍ତିର ଯେଉଁ ବିଧାନ ଜୀବ ଭିତରେ କ୍ରିୟା କରୁଥାଏ ତାହାହିଁ ତା'ର ସ୍ୱଭାବ । ସ୍ୱଭାବ ଭିତରେ ଯାହା ଅନ୍ତର୍ନିହିତ ହୋଇ ରହିଥାଏ ତାହାହିଁ ପ୍ରକୃତି ମଧ୍ୟକୁ ବିଚ୍ଛୁରିତ ହୋଇଥାଏ ଏବଂ ସେସବୁକୁ ବିଶ୍ୱପ୍ରକୃତି ପୁରୁଷୋତ୍ତମଙ୍କ ଅନ୍ତର୍ଦୃଷ୍ଟିର ତତ୍ତ୍ୱାବଧାନରେ ରୂପାୟିତ କରିଥାଏ । ନାମ ଓ ରୂପ ମଧ୍ୟରେ, ଦେଶ ଓ କାଳ ମଧ୍ୟରେ ଯେଉଁସବୁ ପରିବର୍ତ୍ତନ ସଂଘଟିତ ହେଉଛି, ଗୋଟିଏ ଅବସ୍ଥାରୁ ଆଉ ଏକ ଅବସ୍ଥାର ଯେଉଁ ଉଦ୍ଭବ ଘଟୁଛି (ଯାହାକୁ ନିମିତ୍ତ ବା casuality ବୋଲି କୁହାଯାଏ) ସେସବୁ ବିଶ୍ୱପ୍ରକୃତି ଦ୍ୱାରା ହିଁ ସମ୍ପାଦିତ ହେଉଛି । ବାସ୍ତବରେ ଏସବୁ କ୍ରିୟା ସେଇ ସ୍ୱଭାବରୁ ହିଁ ଉତ୍ସାରିତ ହେଉଛି ।

ପରାପ୍ରକୃତି ବିଶ୍ୱପ୍ରକୃତି ରୂପେ ପ୍ରକାଶିତ ହୋଇଛି । ପ୍ରକୃତିର ଶକ୍ତି ଓ ପ୍ରକୃତିର କ୍ରିୟାକୁ 'କର୍ମ' କୁହାଯାଏ । 'କର୍ମ' ହେଉଛି ଏକ କ୍ରିୟାତ୍ମିକା କୌଶଳ ଯାହା ସାହାଯ୍ୟରେ ପ୍ରକୃତି କାର୍ଯ୍ୟ କରେ । 'ସ୍ୱଭାବ' ହିଁ ସୃଷ୍ଟିକ୍ରିୟାରେ ନିଜକୁ ବିସ୍ତାରିତ କରେ । ଗୀତାରେ ଏହାକୁ 'ବିସର୍ଗ' ବୋଲି କୁହାଯାଇଛି । ସୃଷ୍ଟିରେ ଯେଉଁ ସମସ୍ତ ବସ୍ତୁ ଆବିର୍ଭୂତ ହୋଇଛନ୍ତି ସେସମସ୍ତଙ୍କୁ 'ଭୂତ' ବୋଲି କୁହାଯାଇଛି (ଭୂତକରାଃ) । ଏହି ସମସ୍ତ ବସ୍ତୁ ଅନ୍ତରରେ ଓ ବାହାରେ ଯାହା ହୋଇ ଉଠୁଛନ୍ତି ତାହାହିଁ 'ଭାବ' (ଭାବକରାଃ) । କାଳ ମଧ୍ୟରେ ବସ୍ତୁସକଳ ଏକତ୍ରିତ ଭାବରେ ନିୟତ ଉତ୍ପତ୍ତି ଲାଭ କରିବାର ପ୍ରକ୍ରିୟାଟି 'ଉଦ୍ଭବ' ନାମରେ ପରିଚିତ । 'କର୍ମ'ର ସୃଷ୍ଟିଶକ୍ତି (creative energy) ହେଉଛି 'ଉଦ୍ଭବ'ର ମୂଳତତ୍ତ୍ୱ ।

ପ୍ରକୃତିସ୍ଥ ଜୀବାତ୍ମା ହେଉଛି କ୍ଷର ପୁରୁଷ । ଏହାହିଁ ପରିବର୍ତ୍ତନଶୀଳ ଆତ୍ମା । ଭଗବାନଙ୍କ ଶାଶ୍ୱତ କର୍ମଲୀଳା ଏହା ଦ୍ୱାରା ସମ୍ପାଦିତ ହୁଏ । ଏହି ଆତ୍ମା ଯେତେବେଳେ ପ୍ରକୃତି ମଧ୍ୟରୁ ବ୍ରହ୍ମ ମଧ୍ୟକୁ ଫେରି ଆସେ ସେତେବେଳେ ତାହାକୁ ଅକ୍ଷର ପୁରୁଷ ବୋଲି କୁହାଯାଏ । ଅକ୍ଷର ପୁରୁଷ ହେଉଛି ଅପରିବର୍ତ୍ତନୀୟ ଆତ୍ମା । ଏହା ହେଉଛି ଭଗବାନଙ୍କ ଶାଶ୍ୱତ ନିଷ୍କ୍ରିୟ ସ୍ଥିତି । କ୍ଷର ପୁରୁଷ ଓ ଅକ୍ଷର ପୁରୁଷର ଉର୍ଦ୍ଧ୍ୱରେ ରହିଛନ୍ତି ପୁରୁଷୋତ୍ତମ ଯିଏ କି ଏକ ସଙ୍ଗେ ଅପରିବର୍ତ୍ତନୀୟ ସ୍ଥିତିର ପ୍ରଶାନ୍ତିକୁ ଧାରଣ କରି ରହିଥା'ନ୍ତି ଏବଂ ପ୍ରକୃତିର ପରିବର୍ତ୍ତନଶୀଳ କ୍ରିୟାକୁ ମଧ୍ୟ ଉପଭୋଗ କରନ୍ତି । ଅର୍ଥାତ୍ ପୁରୁଷୋତ୍ତମଙ୍କ ଚେତନାରେ ଉଭୟ ନୈର୍ବ୍ୟକ୍ତିକ ବ୍ରହ୍ମ ଓ ମନୁଷ୍ୟ ଭିତରେ କ୍ରିୟାଶୀଳ ପ୍ରକୃତି ଯୁଗପତ୍ ଭାବରେ ରହିଛି । ପୁରୁଷୋତ୍ତମ ବିଶ୍ୱାତୀତ ସ୍ଥିତିରେ ଥାଇ ମଧ୍ୟ ମଣିଷର ହୃଦୟରେ ଓ ପ୍ରକୃତି ମଧ୍ୟରେ ବିଦ୍ୟମାନ ରହିଛନ୍ତି । ମନୁଷ୍ୟ-ଆତ୍ମା ଯେତେବେଳେ ସଚେତନ ଭାବେ ତାଙ୍କରି ପାଖରେ ଆତ୍ମୋତ୍ସର୍ଗ କରେ ତାହାକୁ ସେ ଗ୍ରହଣ କରନ୍ତି । ତାଙ୍କରି ଅଧକ୍ଷତାରେ ହିଁ ପ୍ରକୃତି ଓ କର୍ମର ସମସ୍ତ ବିଧାନ ପରିଚାଳିତ ହୁଏ । ସେ ମଣିଷ ସ୍ୱଭାବର ଅଧୀଶ୍ୱର, ତାହାର ସମସ୍ତ କର୍ମର ପ୍ରଭୁ ।

ମନୁଷ୍ୟର ବର୍ତ୍ତମାନ ଜନ୍ମ ଓ ଜୀବନ ତା'ର ପୂର୍ବଜନ୍ମର ବ୍ୟକ୍ତିତ୍ୱ ଓ କର୍ମସକଳ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ସେହିପରି ଏହି ଜନ୍ମରେ ତା'ର ବ୍ୟକ୍ତିତ୍ୱ ଯେପରି ଗଠିତ ହୋଇଥାଏ, ସେ ଯାହା ଭାବିଥାଏ ବା କରିଥାଏ ସେହି ସମସ୍ତ ଦ୍ୱାରା ତା'ର ପରଲୋକ ଓ ଭବିଷ୍ୟତ୍ ଜନ୍ମ ନିର୍ଦ୍ଧାରିତ ହୋଇଥାଏ । ମନୁଷ୍ୟର ଜନ୍ମ ଓ ମୃତ୍ୟୁ ହେଉଛି ଏକ ଏକ ପରିଣତି (becoming), ଏହା ଆଦୌ ଏକ ସମାପ୍ତି ନୁହେଁ ।

ଇହ ଜୀବନରୁ ପ୍ରୟାଣ କାଳରେ ମନୁଷ୍ୟର ଚିତ୍ତ ଯେଉଁ ଅବସ୍ଥାରେ ଥାଏ ସେହି ଅନୁସାରେ ତା'ର ପାରଲୌକିକ ଜୀବନ ଓ ଭବିଷ୍ୟତ୍ ନିର୍ଦ୍ଧାରିତ ହୋଇଥାଏ । ପୁରୁଷୋତ୍ତମଙ୍କ ପରମ ପଦରେ ଉପନୀତ ହେବାକୁ ହେଲେ ଦୁଇଟି ଜିନିଷର ପ୍ରୟୋଜନ ରହିଛି । ପ୍ରଥମତଃ ପାର୍ଥିବ ଜୀବନ କାଳରେ ମନୁଷ୍ୟ ତା'ର ସମଗ୍ର ଆନ୍ତର ଜୀବନକୁ ସେହି ଆଧ୍ୟାତ୍ମିକ ଲକ୍ଷ୍ୟ ଓ ଆଦର୍ଶ ଦ୍ୱାରା ଗଢ଼ି ତୋଳିବା ଆବଶ୍ୟକ । ଦ୍ୱିତୀୟତଃ ଜୀବନଯାକ ସେ ଯେଉଁ ଅଭୀପ୍ସା ଓ ଦିବ୍ୟସଂକଳ୍ପ ପୋଷଣ

କରି ଆସିଛି ତାହାକୁ ପ୍ରୟାଣ କାଳରେ ମଧ୍ ଐକାନ୍ତିକ ଭାବ ସହ ଧରି ରଖିବାକୁ ହେବ । ଏହି ଦୁଇଟି ସର୍ତ୍ତ ପାଳନ କରି ପାରିଲେ ମନୁଷ୍ୟ ଭଗବାନଙ୍କ ମୂଳସତ୍ତା ସହିତ ମିଳିତ ହୋଇପାରେ । ଗୀତା ମତରେ ତାହାହିଁ ଆତ୍ମାର ଶେଷ ପରିଣତି ଅଟେ ।

ଗୀତାରେ ଶ୍ରୀକୃଷ୍ଣ କହୁଛନ୍ତି –

''ଅନ୍ତକାଳେ ଚ ମାମେବ ସ୍ମରନ୍ ମୁକ୍ତ୍ୱା କଳେବରମ୍ ।
ଯଃ ପ୍ରୟାତି ସ ମଦ୍ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ ॥''
(୮/୫)

ଅର୍ଥାତ୍, ''ଯେଉଁ ବ୍ୟକ୍ତି ଅନ୍ତିମ କାଳରେ ମୋତେ କେବଳ ସ୍ମରଣ କରି ନିଜର ଦେହତ୍ୟାଗ ପୂର୍ବକ ପ୍ରୟାଣ କରିଥାଏ, ସେ ମୋର ଭାବ ଅର୍ଥାତ୍ ପୁରୁଷୋତ୍ତମ ଭାବକୁ ପ୍ରାପ୍ତ ହୁଏ ।''

ସୁତରାଂ ମୃତ୍ୟୁକାଳୀନ ମନର ଅବସ୍ଥା, ଚିନ୍ତା ଓ ଚେତନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ମନୁଷ୍ୟ ଯଦି ଶ୍ରଦ୍ଧା, ବିଶ୍ୱାସ ଓ ଆଧ୍ୟାତ୍ମିକ ଅଭୀପ୍ସାକୁ ନେଇ ଜୀବନଟି ବଞ୍ଚିଛି ତାହାହେଲେ ସେ ପ୍ରୟାଣ କାଳରେ ପୁରୁଷୋତ୍ତମ ଭଗବାନଙ୍କଠାରେ ତା'ର ମନ ଓ ଚେତନାକୁ ଅଭିନିବିଷ୍ଟ କରିପାରିବ ଏବଂ ତଦ୍ଦ୍ୱାରା ପରମ ଗତି ଲାଭ କରିବ । ଏହା ଏକ ଭ୍ରାନ୍ତ ଧାରଣା ଯେ ଜଣକର ଜୀବନଧାରା ପାପ ଓ ଅଜ୍ଞାନ ମଧ୍ୟରେ ଅତିବାହିତ ହୋଇଥିଲେ ମଧ୍ୟ ଯଦି ସେ ମୃତ୍ୟୁଶଯ୍ୟାରେ ଭଗବାନଙ୍କ ନାମ ଉଚ୍ଚାରଣ କରିଦିଏ, ତାହାହେଲେ ସେ ପରମପଦ ପ୍ରାପ୍ତ କରିବ । ମିଥ୍ୟା, ଅଜ୍ଞାନ ଓ ଅଚେତନା ମଧ୍ୟରେ ଜୀବନ ବଞ୍ଚିଥିବା ମନୁଷ୍ୟ ମୃତ୍ୟୁକାଳରେ ଭଗବାନଙ୍କୁ ସ୍ମରଣ କରିବାକୁ ସମର୍ଥ ହୁଏ ନାହିଁ । ମୋହ, ଆସକ୍ତି ଓ ଅଜ୍ଞାନ ଯୋଗୁଁ ତା'ର ମୃତ୍ୟୁକାଳୀନ ଅବସ୍ଥା ଅତ୍ୟନ୍ତ ଦୟନୀୟ ଓ ଯନ୍ତ୍ରଣାଦାୟକ ହୋଇଥାଏ ଏବଂ ସେ ଭଗବାନଙ୍କଠାରେ ନିଜର ମନକୁ ଆଦୌ ନିବିଷ୍ଟ କରିପାରେ ନାହିଁ । ସୁତରାଂ ପୁରୁଷୋତ୍ତମଙ୍କ ଭାବକୁ ଲାଭ କରିବା ତା' ପକ୍ଷରେ ଆଦୌ ସମ୍ଭବ ହୁଏ ନାହିଁ । ସାରା ଜୀବନ ପାପରେ କଟାଇବା ପରେ କାଶୀଧାମରେ ବା ପବିତ୍ର ଗଙ୍ଗାତୀରରେ ମୃତ୍ୟୁବରଣ କଲେ ଯେ ଜଣେ ଆପେ ଆପେ ମୁକ୍ତି ଲାଭ କରିବ ଏପରି ଚିନ୍ତାଧାରା ଏକ ଅନ୍ଧ ବିଶ୍ୱାସ ଛଡ଼ା ଆଉ କିଛି ନୁହେଁ । ପାପଲିପ୍ତ ଜୀବନ ସତ୍ତ୍ୱେ ଅନ୍ତିମ ସମୟରେ କୌଣସି ଧର୍ମଯାଜକ ବା ମୌଲାନା ଆସି ଯେ ଆମ ପାଇଁ ମୁକ୍ତିର ପଥ ଉନ୍ମୋଚିତ କରିଦେବେ ଏପରି ଆଶା କରିବା ବୃଥା ।

ଦୈହିକ ମୃତ୍ୟୁ ସମୟରେ ଦିବ୍ୟଭାବ ଉପରେ ମନକୁ ସମ୍ପୂର୍ଣ୍ଣ ଏକାଗ୍ର କରି ରଖିବା ଉଚିତ ।

ଶ୍ରୀକୃଷ୍ଣ କହୁଛନ୍ତି –

''ଯଂ ଯଂ ବାଽପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍ ।
ତଂ ତମେବୈତି କୌନ୍ତେୟ ସଦା ତଦ୍ଭାବଭାବିତଃ ॥''
(୮/୬)

ଅର୍ଥାତ୍, ''ହେ କୁନ୍ତୀପୁତ୍ର ଅର୍ଜୁନ ! ମନୁଷ୍ୟ ଅନ୍ତକାଳରେ ଯେଉଁ ଯେଉଁ ଭାବ (form of becoming)କୁ ସ୍ମରଣ କରି ଶରୀର ଛାଡ଼େ ଏବଂ ମୃତ୍ୟୁ ପୂର୍ବରୁ ଯେଉଁ ଚିନ୍ତା ଓ ଭାବନାରେ ସେ ପୂର୍ଣ୍ଣ ହୋଇ ରହିଥାଏ, ସେ ସେହି ସେହି ଭାବ ଓ ସମ୍ଭୂତି (ସମ୍ଭାବନା)କୁ ପ୍ରାପ୍ତ ହୁଏ ।''

ସୁତରାଂ ଯଦି ଜଣେ ପାର୍ଥିବ ଜୀବନରେ ଦିବ୍ୟଭାବ ବା ପୁରୁଷୋତ୍ତମଭାବକୁ ସର୍ବଦା ନିଜ ଅନ୍ତର ମଧ୍ୟରେ ଧାରଣ କରି ରହିଥିବ ତେବେ ସେ ସେହି ଭାବ ମଧ୍ୟକୁ ବିକଶିତ ହୋଇଉଠିବ । ସେଥିପାଇଁ ଭଗବାନ୍ ଅର୍ଜୁନଙ୍କୁ କହୁଛନ୍ତି –

''ତସ୍ମାତ୍‌ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ ।
ମୟ୍ୟର୍ପିତମନୋବୁଦ୍ଧିର୍ମାମେବୈଷ୍ୟସ୍ୟସଂଶୟମ୍ ॥''
(୮/୭)

ଅର୍ଥାତ୍, ''ଅତଏବ ସର୍ବଦା ମୋତେ ହିଁ ସ୍ମରଣ କର ଏବଂ ଯୁଦ୍ଧ କର; କାରଣ ଯଦି ତୁମର ମନ ଓ ବୁଦ୍ଧି ମୋ ଉପରେ ନିବଦ୍ଧ କରିପାର ଏବଂ ମୋତେ ଅର୍ପଣ କରିପାର ତେବେ ତୁମେ ନିଶ୍ଚୟ ମୋତେ ଲାଭ କରିବ ।''

ପରମପୁରୁଷ ହେଉଛନ୍ତି କାଳାତୀତ ସନାତନ ସତ୍ତା । ସେ ବିଶ୍ୱପ୍ରକାଶର ବହୁ ଊର୍ଦ୍ଧ୍ୱରେ ରହିଛନ୍ତି । ତଥାପି ସେ କାଳ ମଧ୍ୟରେ ନାନା ଛଦ୍ମରୂପ ଧାରଣ କରି ରହିଛନ୍ତି । ବିଶ୍ୱର ପ୍ରତ୍ୟେକ ବସ୍ତୁ ତାଙ୍କର ଏକ ଏକ ପ୍ରତୀକ । ସେ ସୂକ୍ଷ୍ମାତିସୂକ୍ଷ୍ମ ଅଣୁଠାରୁ ମଧ୍ୟ ସୂକ୍ଷ୍ମତର । ସେ ଦ୍ରଷ୍ଟା (କବି) ଓ ସର୍ବଜ୍ଞ । ସେ ହେଉଛନ୍ତି ପୁରାତନ (ପୁରାଣମ୍) ଓ ଅନାଦି, ସମଗ୍ର ସୃଷ୍ଟିର ପ୍ରଭୁ ଓ ଶାସକ । ସେ ହେଉଛନ୍ତି ଅଚିନ୍ତ୍ୟ ରୂପ, ଆମ ଚିନ୍ତାର ଅତୀତ । ତଥାପି ତାଙ୍କ ବିଷୟରେ ନିରନ୍ତର ଚିନ୍ତା କରି, ଭକ୍ତି ଭାବ ସହ ତାଙ୍କୁ ନିତ୍ୟନିୟତ ସ୍ମରଣ କରି ମନୁଷ୍ୟ ତାଙ୍କୁ ପ୍ରାପ୍ତ କରିପାରେ (ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍) । ଏକ ଅବିରାମ ''ଅଭ୍ୟାସ ଯୋଗ'' ଦ୍ୱାରା ଚେତନାକୁ ତାଙ୍କ ସହିତ ଯୁକ୍ତ କରି ରଖିଲେ ସେ ସାଧକ ଭକ୍ତ ପାଇଁ ଉପଲବ୍ଧ ହୁଅନ୍ତି । ସେ ହେଉଛନ୍ତି ପରମ ଗତି ଓ ପରମ ପଦ । ତପସ୍ୱୀ

ଓ ସାଧକମାନେ ଆପଣା ପ୍ରବୃତ୍ତିର ସଂଯମ ତଥା ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ତାଙ୍କୁ ଲାଭ କରିବା ପାଇଁ ଏକନିଷ୍ଠ ପ୍ରୟାସ କରିଥା'ନ୍ତି । ପୁରୁଷୋତ୍ତମ ଅଜ୍ଞାନର ଊର୍ଦ୍ଧ୍ୱରେ ଅଧିଷ୍ଠିତ (ତମସଃ ପରସ୍ତାତ୍) । ସେ ସୂର୍ଯ୍ୟଙ୍କ ଭଳି ପ୍ରକାଶ ସ୍ୱରୂପ ବା ଜ୍ଞାନ ସ୍ୱରୂପ (ଆଦିତ୍ୟବର୍ଣ୍ଣଃ) । ବେଦବିଦ୍‌ମାନେ ତାଙ୍କୁ ଅକ୍ଷର ସ୍ୱୟଂଭୂ ବ୍ରହ୍ମ ରୂପେ ବର୍ଣ୍ଣନା କରନ୍ତି । କାଳ ମଧ୍ୟରେ ବିକାଶ ଲାଭ କରୁଥିବା ଜୀବ ପାଇଁ ସେ ହେଉଛନ୍ତି ପରମ ଲକ୍ଷ୍ୟ, ଆଦି ସତ୍ତା ଓ ପରମ ଅବସ୍ଥା (ପରମଂ ସ୍ଥାନମ୍ ଆଦ୍ୟମ୍) । ସର୍ବକର୍ମର ଅଧୀଶ୍ୱର ପୁରୁଷୋତ୍ତମଙ୍କୁ ପରମ ସୁହୃଦ୍ ଓ ଶାଶ୍ୱତ ସ୍ୱାମୀ ରୂପେ ବରଣ କରି ତୀବ୍ର ବ୍ୟାପକ ଅଭୀପ୍ସା ଦ୍ୱାରା ନିଷ୍ଠାପୂର୍ବକ ଜ୍ଞାନ, କର୍ମ ଓ ପ୍ରେମର ସାଧନା କଲେ ତାଙ୍କୁ ଅବଶ୍ୟ ପ୍ରାପ୍ତ କରିହେବ ।

କେଉଁ ନିର୍ଦ୍ଦିଷ୍ଟ ସମୟରେ ଦେହତ୍ୟାଗ କଲେ ତାହା ପରଜନ୍ମ ପାଇଁ ଅନୁକୂଳ ଓ କଲ୍ୟାଣକର ହେବ ବା ପୁନର୍ଜନ୍ମର ଆଉ ଆବଶ୍ୟକତା ରହିବ ନାହିଁ ସେ ବିଷୟରେ ରହିଥିବା ପ୍ରାଚୀନ ଧାରଣାକୁ ଗୀତା ଗ୍ରହଣ କରିଛି । ବିଶ୍ୱରେ ତଥା ବ୍ୟକ୍ତି ଭିତରେ ଆଲୋକର ଶକ୍ତି ଓ ଅନ୍ଧକାର ଶକ୍ତି ମଧ୍ୟରେ ନିତ୍ୟ ସଂଘର୍ଷ ଲାଗି ରହିଛି । ଏହା ବିଶ୍ୱାସ କରାଯାଏ ଯେ ରାତ୍ରି ସମୟରେ ଅଦିବ୍ୟ ଶକ୍ତିମାନେ ଅଧିକ ସକ୍ରିୟ ହୋଇଥା'ନ୍ତି । କିନ୍ତୁ ଦିବା ସମୟରେ ଦିବ୍ୟ ଶକ୍ତିମାନେ ଅଧିକ ସକ୍ରିୟ ଓ ସହାୟକ ହୋଇଥା'ନ୍ତି । ସେହି ଅନୁସାରେ ଜ୍ୟୋତିର୍ମୟ ପଥ ଓ ତମୋମୟ ପଥ ବା ଶୁକ୍ଳ ଓ କୃଷ୍ଣମାର୍ଗ ବିଷୟରେ କୁହାଯାଇଥାଏ ।

ପ୍ରାଚୀନ ଯୁଗର ଯୋଗୀମାନେ ଜାଣିଥିଲେ ଯେ ଭୌତିକ ବା ଜଡ଼ଗତ ଅବସ୍ଥା ଏବଂ ମନୋଜଗତର ଅବସ୍ଥା ମଧ୍ୟରେ ଏକ ଘନିଷ୍ଠ ସମ୍ବନ୍ଧ ରହିଅଛି । ଅଗ୍ନି ବା ଜ୍ୟୋତି, ଧୂମ ବା କୁହେଳିକା, ଦିବସ ଓ ରାତ୍ରି, ଶୁକ୍ଳପକ୍ଷ ଓ କୃଷ୍ଣପକ୍ଷ, ଉତ୍ତରାୟଣ ଓ ଦକ୍ଷିଣାୟନ ଏପରି ଭୌତିକ ଅବସ୍ଥାଗୁଡ଼ିକ ମନୁଷ୍ୟର ଦେହତ୍ୟାଗ ପାଇଁ ଅନୁକୂଳ ବା ପ୍ରତିକୂଳ ହୋଇଥାଏ । ଶୁକ୍ଳପକ୍ଷରେ ଦେହତ୍ୟାଗ କଲେ ମନୁଷ୍ୟକୁ ଆଉ ଜନ୍ମମୃତ୍ୟୁର ଚକ୍ର ମଧ୍ୟକୁ ଫେରି ଆସିବାକୁ ହୁଏ ନାହିଁ ବୋଲି କୁହାଯାଇଛି । ତେବେ ଏ ସମ୍ପର୍କରେ ଗୀତାର ଶେଷ ସିଦ୍ଧାନ୍ତ ହେଲା – ଭଗବାନଙ୍କ ସହ ଏକତ୍ୱ ପ୍ରାପ୍ତ କରିବାକୁ ହେଲେ ନିରବଚ୍ଛିନ୍ନ ଭାବରେ ଯୋଗଯୁକ୍ତ ହେବାକୁ ପଡ଼ିବ । (''ତସ୍ମାତ୍ ସର୍ବେଷୁ କାଳେଷୁ ଯୋଗଯୁକ୍ତୋ ଭବାର୍ଜୁନ''– ୮/୨୭)

ଭଗବାନ୍ ପ୍ରତ୍ୟେକ ରୂପ ଓ ଆକୃତି ମଧ୍ୟରେ ପ୍ରଚ୍ଛନ୍ନ ବା ପ୍ରକଟ ହୋଇ ରହିଛନ୍ତି । ବିଶ୍ୱାତୀତ ପରମପୁରୁଷ ହିଁ ବିଶ୍ୱଗତ ହୋଇ ବିରାଜମାନ କରୁଛନ୍ତି । ଏହାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବାକୁ ହେଲେ ଯୋଗ ଦୃଷ୍ଟି ଆବଶ୍ୟକ । ଆମେ ଆମ ଚେତନାରେ ପରମ ଈଶ୍ୱରଙ୍କ ସହିତ ଏକାତ୍ମ ହୋଇ ପାରିଲେ ଜାଣିପାରିବା ଯେ ଆମ ମନ, ପ୍ରାଣ ଓ ଶରୀରର ପ୍ରତ୍ୟେକ ଇଚ୍ଛା ବା କ୍ରିୟା ଭଗବତ୍ ଇଚ୍ଛା ଭିତରୁ ହିଁ ଉତ୍ସାରିତ ହେଉଛି । ଭଗବାନଙ୍କୁ ନିତ୍ୟ-ନିରନ୍ତର ସ୍ମରଣ କରିବା ଦ୍ୱାରା ଆମେ ସମଗ୍ର ଜୀବନକୁ ଯୋଗରେ ପରିଣତ କରିପାରିବା । ଫଳରେ ତାଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବା ଆମ ପକ୍ଷରେ ଏକ ସ୍ୱାଭାବିକ ଅବସ୍ଥା ହୋଇଯିବ ।

(କ୍ରମଶଃ)

❑❑❑



## ୨୦୨୧ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ

The smile of love that sanctions the long game

ଦୀର୍ଘ କ୍ରୀଡ଼ାକୁ ମଞ୍ଜୁର କରୁଥିବା ପ୍ରେମର ସ୍ମିତହସ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୯୨)

**ଶ୍ରୀମାଶ୍ରୀଅରବିନ୍ଦଙ୍କ ଶିଶୁସୁଲଭ ସରଳତା :**

ଶ୍ରୀମା'ଙ୍କ ସହ ଚମ୍ପକଲାଲଙ୍କର ଏକ ଅନ୍ତରଙ୍ଗ ଆଳାପ ସମୟରେ ଶ୍ରୀମା ତାଙ୍କୁ ନିମ୍ନୋକ୍ତ କଥାସବୁ କହିଥିଲେ । ସେସମୟରେ ଚମ୍ପକଲାଲ ଶ୍ରୀମା'ଙ୍କୁ ଅନୁରୋଧ କରିଥିଲେ ତାହାକୁ ଲେଖିଦେବା ପାଇଁ । ସ୍ମିତହାସ୍ୟ ସହ ଶ୍ରୀମା ଉକ୍ତ ବକ୍ତବ୍ୟଟି ସ୍ୱହସ୍ତରେ ଲେଖି ଦେଇଥିଲେ ।

"Be simple,
Be happy,
Remain quiet,
Do your work as well as you can,
Keep yourself always open towards me –
This is all that is asked from you."

– The Mother

ଯାହାର ମର୍ମାର୍ଥ ଏହିପରି :

''ସରଳ ହୁଅ,
ଆତ୍ମ ସନ୍ତୁଷ୍ଟ ରୁହ,
ଅଚଞ୍ଚଳ ରୁହ,
ନିଜର ସେବାକର୍ମକୁ ସାଧ୍ୟମତେ ସୁଚାରୁ ରୂପେ କରିଚାଲ,
ସର୍ବଦା ମୋ ପ୍ରତି ନିଜକୁ ଉନ୍ମୁକ୍ତ ରଖ ।
ତୁମଠାରୁ ମୋଟ ଉପରେ ଏତିକି ଆଶା କରାଯାଏ ।''

– ଶ୍ରୀମା

ଏବେ 'ଚମ୍ପକଲାଲ କହନ୍ତି' ପୁସ୍ତକରେ ସନ୍ନିବେଶିତ କେତେକ କାହାଣୀରୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ଶିଶୁସୁଲଭ ସରଳତାର ଦୃଷ୍ଟାନ୍ତ ଆମେ ଲକ୍ଷ୍ୟ କରିପାରିବା । ଚମ୍ପକଲାଲଙ୍କ ଉକ୍ତିରେ :

ଦିନେ ଶ୍ରୀମା ମୋତେ ପଚାରିଲେ : ''ମୁଁ ବହୁତ କଠୋର, ନୁହଁ ? ତୁ ସେମିତି ଅନୁଭବ କରୁ କି ?''

ଚମ୍ପକ : ନା, ନା, ମୁଁ ଏଠାରେ (ତୁମ ସହିତ) ମୋ ନିଜ ଘର ଭଳି ଅନୁଭବ କରେ ।

ଶ୍ରୀମା : ଓଃ, ତା'ହେଲେ ଠିକ୍ ଅଛି !

*

ଶ୍ରୀମା : ମୋତେ ତୁ ଜଣେ ମଣିଷ ଭଳି ବିଚାର କରୁ ଏବଂ ମୋ ସହିତ ଏଭଳି ଭାବରେ ବ୍ୟବହାର କରୁ ଯେପରି ମୁଁ ଜଣେ ମଣିଷ ।* (୫.୯.୧୯୨୬)

*

ଚମ୍ପକଲାଲ ଦିନେ ଶ୍ରୀମାଙ୍କୁ କହିଲେ, ''ମା, ମୁଁ ତୁମର ଶକ୍ତି ଦେଖିବାକୁ ଚାହେଁ'' ।

ଉତ୍ତରରେ ଶ୍ରୀମା କହିଲେ, ''ଓ, ତୁ ମୋର ଶକ୍ତି ଦେଖିବାକୁ ଚାହୁଁ ? ମୁଁ ଯଦି ମୋର ଶକ୍ତି ତୋତେ ଦେଖାଇବି, ତେବେ ତୁ ଚେତା ହରାଇ ବସିବୁ । ତୁ କ'ଣ ଏହା ଅନୁଭବ କରିବାକୁ ଚାହୁଁ ?... ...'' (୦୪.୧୦.୧୯୨୬)

*

ଶ୍ରୀଅରବିନ୍ଦ କେବେ କିଛି ମାଗିବାର ମୁଁ ଜାଣି ନାହିଁ । ସେ ସବୁବେଳେ ଆବଶ୍ୟକ ବ୍ୟବହାର୍ଯ୍ୟ ଜିନିଷସବୁ ସ୍ୱାଭାବିକ ଭାବେ ଆସିବା ଲାଗି ଅପେକ୍ଷା କରନ୍ତି; କିନ୍ତୁ କେବେ ବି ମାଗନ୍ତି ନାହିଁ । କେବଳ ଥରେ ମାତ୍ର ଏହାର ବ୍ୟତିକ୍ରମ ଘଟିଥିଲା ।

ଖରାଦିନେ ତାଙ୍କ ଶରୀରର ଝାଳ ପୋଛିବା ଲାଗି ତାଙ୍କୁ

* ନଳିନୀକାନ୍ତଙ୍କ ଉକ୍ତିରେ : ''ଶ୍ରୀଅରବିନ୍ଦ ଥରେ (ସେହି ପ୍ରାରମ୍ଭ କାଳରେ) ଟିକିଏ ଅନୁଯୋଗ ବା ଆକ୍ଷେପ କରି ଆମ୍ଭମାନଙ୍କୁ (ପାଞ୍ଚ, ଛଅ ଜଣଙ୍କୁ) କହିଥିଲେ – 'ମୁଁ ନିଜକୁ ଯେତେ ଛୋଟ କରି ଧରିପାରେ, ତା' ଧରିଛି, ତଥାପି ତୁମେମାନେ ମୋର ସନ୍ନିକଟ ହୋଇପାର ନାହିଁ ।' '' (ରଚନାବଳି, ୫ମ ଖଣ୍ଡ, ପୃ. ୩୯୬)

ଆମେ ଗୋଟିଏ ରୁମାଲ ଦେଇଥାଉ । ଦିନେ ସେ ଖୁବ୍ କୋମଳ ଭାବରେ ଡାକିଲେ : ଚମ୍ପକଲାଲ !

ମୁଁ ତାଙ୍କ କକ୍ଷର ବାହାରେ କାମ କରୁଥିଲି ଏବଂ ଡାକ ଶୁଣିବା ମାତ୍ରେ ଭିତରକୁ ଶୀଘ୍ର ଚାଲି ଆସିଲି ।

ଖୁବ୍ ଧୀରେ, କୁଣ୍ଠିତ ଭାବରେ ସେ ତାଙ୍କ ରୁମାଲଟି ଦେଖାଇ ସଙ୍କୋଚ ଭାବ ସହ କହିଲେ : 'ଅତି ଛୋଟ !'

ଏହା ଶୁଣି ମୁଁ ଗଭୀର ଭାବରେ ଅଭିଭୂତ ହୋଇଉଠିଲି ଏବଂ ସଙ୍ଗେ ସଙ୍ଗେ ତାଙ୍କୁ ବଡ଼ ରୁମାଲଟିଏ ଆଣି ଦେଲି ।

*

ମୋର ମନେଅଛି ଥରେ ଶ୍ରୀମା'ଙ୍କର ଶରୀର ଅସୁସ୍ଥ ଥିଲା । ସେ ଦିନେ ରାତିରେ ତାଙ୍କ କକ୍ଷର ବାହାରକୁ ଆସି ଶ୍ରୀଅରବିନ୍ଦଙ୍କ କକ୍ଷର ଦରଜା ନିକଟରେ ଛିଡ଼ା ହେଲେ ଓ ମୋତେ ପଚାରିଲେ : ମୁଁ ଶ୍ରୀଅରବିନ୍ଦଙ୍କୁ ଦେଖା କରି ପାରିବି କି ?

ତାଙ୍କ ଶ୍ରୀତୁଣ୍ଡରୁ ଏପରି କଥା ଶୁଣିବା ମାତ୍ରେ ମୋ ଭିତରଟା କ'ଣ ହୋଇଗଲା । ଶ୍ରୀଅରବିନ୍ଦଙ୍କ ପାଖକୁ ଯିବା ଲାଗି ତାଙ୍କର ମୋତେ ପଚାରିବାର ଆଦୌ ଆବଶ୍ୟକତା ନ ଥିଲା । ତଥାପି ସେ ଆସି ମୋତେ ପଚାରିଲେ !

ମୁଁ କହିଲି, ନିଶ୍ଚୟ, ମା ! ଏକଥା ପଚାରିବାକୁ ଅଛି ! ସଙ୍ଗେ ସଙ୍ଗେ ଯାଇ ଶ୍ରୀଅରବିନ୍ଦଙ୍କୁ ଖବର ଦେଲି । ସେ କହିଲେ : 'ହଉ' । ତା'ପରେ ଶ୍ରୀଅରବିନ୍ଦଙ୍କ କକ୍ଷକୁ ଶ୍ରୀମା ପ୍ରବେଶ କଲେ ।

*

ଏହା ଥିଲା ୯ ଜୁନ୍ ୧୯୪୪ର ଘଟଣା । ଶ୍ରୀଅରବିନ୍ଦ ଛୋଟ ଛୋଟ ଚିଟ୍ ପ୍ୟାଡ୍‌ରେ ଲେଖୁଥିଲେ ଓ ଅଳ୍ପ ଚିଟ୍ ଏକାଠି କରି ମୂଳ ପାଣ୍ଡୁଲିପି ପୃଷ୍ଠାର ନିର୍ଦ୍ଦିଷ୍ଟ ସ୍ଥାନରେ ପିନ୍ କଣ୍ଟା ଦ୍ୱାରା ସଂଯୁକ୍ତ କରି ଦେଉଥିଲେ । ଅନେକ ସମୟରେ ସେ ଏହା କରୁଥିବା ବେଳେ ଦରଜା ପାଖରେ ବସି ମୁଁ ଦେଖୁଥାଏ । ଦିନେ ଦେଖିଲି ପିନ୍‌ଟି ଚିଟ୍ ସହ ପାଣ୍ଡୁଲିପିରେ ଗୁଞ୍ଜିବାଟା ତାଙ୍କ ପାଇଁ ଆୟାସସାଧ୍ୟ । କାରଣ କାଗଜଟିର ଫର୍ଦ୍ଦଗୁଡ଼ିକ ବେଶୀ ଥିଲା, ତେଣୁ ଏକତ୍ର ତା' ମଧ୍ୟରେ ପିନ୍‌ଟିକୁ ଫୁଟାଇବା ସହଜ ନ ଥିଲା ।

'ପୁସ୍ (Push)' ଶବ୍ଦଟି ତାଙ୍କ ମୁହଁରୁ ବାହାରି ଆସିବାର ଶୁଣିଲି ଓ ଦେଖିଲି ପିନ୍‌ଟି ଖସି ଯାଇଛି । 'ପୁସ୍' – ପୁଣିଥରେ ଶୁଣିଲି, ଆଉ ଥରେ ବି ସେଇ 'ପୁସ୍' ଶବ୍ଦ । ତା'ପରେ ମୁଁ ତାଙ୍କ ପାଖକୁ କ୍ଷିପ୍ର ପଦକ୍ଷେପରେ ଯାଇ ଛିଡ଼ା ହେବା ମାତ୍ରେ ସେ କ'ଣ କରିବାକୁ ଚାହୁଁଥିଲେ ତାହା ମୋତେ ଦେଖାଇ ଦେଲେ । ସେ ଯେଉଁଭଳି ଭାବରେ ଚାହୁଁଥିଲେ ସେଭଳି କରିବା ବାସ୍ତବରେ କଷ୍ଟସାଧ୍ୟ ଥିଲା । ଯାହାହେଉ ମୁଁ ତାହା କରିବାରେ ସଫଳ ହେଲି ଏବଂ ତାଙ୍କଠାରୁ ପାଇଲି ଏକ ଉଦାର ହସ; ଆଉ ଓଃ, ସେ କି ଚାହାଣି !!

ସେହିଦିନଠାରୁ ଯେବେ କିଛି ଦରକାର ପଡ଼େ ସେ ଡାକନ୍ତି : 'ଚମ୍ପକଲାଲ' । ତାଙ୍କ ମୁହଁରୁ ମୋ ନାମ ଶୁଣିବା ସତେ କି ମଧୁର ଓ ସ୍ନେହପୂର୍ଣ୍ଣ ! ସେ ମୋ ନାମ ଧରି ଡାକୁଥିବା ବେଳେ ମୁଁ ସେଇଟିକୁ ହୃଦୟଭରି ଉପଭୋଗ କରୁଥିଲି ।...

ଶ୍ରୀମା ମଧ୍ୟ ମୋତେ ନାମ ଧରି ଡାକିବା ବେଳେ ସେହିପରି ଉପଭୋଗ କରୁଥିଲି ।... ଥରେ ଅମୃତ ମୋତେ କହିଥିଲେ : ଚମ୍ପକ, ତୁ କେଡ଼େ ଭାଗ୍ୟବାନ୍ ! ଯେତେବେଳେ ଶ୍ରୀମା ତୋର ନାମ ଧରି ଡାକନ୍ତି ସେଇଟି ଶୁଣିବା କି ମଧୁର !...

*

ସେଇ ପୁରୁଣା ଦିନର କଥା । ସେ ସମୟରେ ପାଣିକୁ ବରଫ କରିବା ପାଇଁ ଶୀତଳ ଯନ୍ତ୍ର ଆମର ନ ଥିଲା । ରାଜଙ୍ଗମ (ତଦାନୀନ୍ତନ ଆଶ୍ରମ ଡାକ୍ତର) ସାଇକେଲରେ ଯାଇ ଦୂର କାରଖାନାରୁ ବରଫ ଆଣୁଥିଲେ ଏବଂ ମୁଁ ସେଇ ବରଫ ସାହାଯ୍ୟରେ ଶ୍ରୀମା'ଙ୍କ ଲାଗି (ମା ଅସୁସ୍ଥ ଥିଲେ) ପାଣି ଥଣ୍ଡା କରୁଥିଲି । (ବେଳେ ବେଳେ ଶ୍ରୀମା'ଙ୍କର ଜ୍ୱର କମାଇବା ପାଇଁ ତାଙ୍କ ମଥାରେ ବରଫ ବ୍ୟାଗ୍ ମଧ୍ୟ ବ୍ୟବହାର କରା ଯାଉଥିଲା ।)

ପାଣି ଥଣ୍ଡା ହୋଇଗଲେ ଥର୍ମୋସ୍ ଫ୍ଲାସ୍କରେ ସେଇ ପାଣିକୁ ଢାଳି ଶ୍ରୀମା'ଙ୍କ ବ୍ୟବହାର ପାଇଁ ପ୍ରସ୍ତୁତ କରି ରଖୁଥିଲି । ସେଇଟିକୁ ଶ୍ରୀଅରବିନ୍ଦ ନେଇ ଶ୍ରୀମା'ଙ୍କ କକ୍ଷକୁ ଯାଉଥିଲେ । ଦିନେ ଗୋଟିଏ ନୂଆ ଧରଣର ଫ୍ଲାସ୍କ୍ ଆସିଥିଲା । ତା' ଉପରେ ଏକ ଭିନ୍ନ ଧରଣର ଚିନାମାଟିର କପ୍ ଥିଲା । ଶ୍ରୀଅରବିନ୍ଦ ସବୁଦିନ ଭଳି ଶ୍ରୀମା'ଙ୍କ କକ୍ଷ ଭିତରକୁ ନେଲେ, କିନ୍ତୁ ପରମୁହୂର୍ତ୍ତରେ ଫ୍ଲାସ୍କ୍ ସହ କକ୍ଷରୁ ବାହାରି ଆସି ମୋତେ ପଚାରିଲେ : 'ଏହାକୁ କିପରି ଖୋଲିବାକୁ ହେବ' ?

ମୁଁ ତାଙ୍କୁ ଦେଖାଇ ଦେଲି କିପରି ଖୋଲିବାକୁ ହେବ ।

କପ୍‌ଟି ଅତି ସହଜରେ ବାହାରି ଆସିଲା । ସେ ତାଙ୍କ ସ୍ୱଭାବସିଦ୍ଧ ମନୋମୁଗ୍ଧକର ଭଙ୍ଗୀରେ ବିରାଟ ବିସ୍ମୟ ପ୍ରକାଶ କରି ଫ୍ଲାସ୍କ୍ ସହ ଖୁସୀରେ ଫେରିଗଲେ ।...

*

ଏଇ ଧରଣର ଆଉ ଗୋଟିଏ ଘଟଣା । ଶ୍ରୀଅରବିନ୍ଦ ଯେଉଁ ସମୟରେ ରାତି ବାରଟାରେ ତାଙ୍କର ରାତ୍ରିଭୋଜନ ଗ୍ରହଣ କରୁଥିଲେ ସେତେବେଳେ ତାଙ୍କର ଭୋଜନ ବଢ଼ାଯାଇ ଟେବୁଲର ଗୋଟିଏ କୋଣରେ ରଖିଦିଆ ଯାଉଥିଲା । ଶ୍ରୀମା ଆଗରୁ ଶୋଇ ପଡୁଥିଲେ । ମୁଁ ଶ୍ରୀଅରବିନ୍ଦଙ୍କ କକ୍ଷର ଦ୍ୱାର ପାଖରେ ବସିଥାଏ । ଦିନେ ସେ ଅଧାଖିଆ ଅବସ୍ଥାରେ ଆସି ମୋତେ କହିଲେ : 'ଚମ୍ପକଲାଲ, ଆସ' ।

ମୁଁ ତାଙ୍କ ସହ ଭିତରକୁ ଗଲି । ମୁଁ ଆଶ୍ଚର୍ଯ୍ୟ ହେଉଥାଏ, କାହିଁକି ସେ ମୋତେ ଡାକୁଛନ୍ତି । ଭିତରକୁ ଯାଇ ସେ ମୋତେ କହିଲେ : ତୁ ଜାଣୁ ଏ ପଙ୍ଖାଟି ସ୍ଥିର ଥିଲା; ବର୍ତ୍ତମାନ ଏହା ଏପଟ-ସେପଟ ଗତି କରୁଛି । (ତାଙ୍କ କହିବାର ଅର୍ଥ ଥିଲା ପଙ୍ଖାଟି ପୂର୍ବବତ୍ ସ୍ଥିର ରହୁ ।)

ମୁଁ ଇତିପୂର୍ବରୁ ଏ ଧରଣର ପଙ୍ଖା କିପରି ଚଳାଇବାକୁ ହେବ ଜାଣି ନ ଥିଲି । ଏହାକୁ ପୂର୍ବରୁ ବି ମୁଁ କେବେ ସ୍ପର୍ଶ କରି ନଥିଲି । ଯାହାହେଉ, ମୁଁ ତାକୁ ଟିକିଏ ସାବଧାନତାର ସହ ଦେଖି ନେଇ ଉପରକୁ ଉଠିଆସିଥିବା ବୋତାମଟିକୁ ଟିକିଏ ଚାପି ଦେଲି । ପଙ୍ଖାଟି ସ୍ଥିର ହୋଇ ଚାଲିଲା । ଶ୍ରୀଅରବିନ୍ଦ ବହୁତ ଆଶ୍ଚର୍ଯ୍ୟ ହୋଇ କହିଲେ : 'ଓ, ଏତେ ସହଜ !'

ଏ ଘଟଣାଟି ମୋତେ ଖୁବ୍ ଗଭୀର ଭାବେ ସ୍ପର୍ଶ କରିଥିଲା ।

*

ଏହା ୧୮ ଫେବ୍ରୁଆରୀ ୧୯୪୯ର ଘଟଣା । ମୁଁ ଶ୍ରୀଅରବିନ୍ଦଙ୍କ କକ୍ଷର ଦରଜା ପାଖରେ ବସି ଲକ୍ଷ୍ୟ କଲି ସେ ତାଙ୍କ ବିଛଣା ଉପରେ କିଛି ଖୋଜୁଛନ୍ତି । ମୁଁ ତତ୍‌କ୍ଷଣାତ୍ ଯାଇ ତାଙ୍କ ସାମନାରେ ଛିଡ଼ା ହେଲି । ସେ ମୋତେ ଚାହିଁ ଟିକିଏ ହସି କହିଲେ : 'ମୋ ନ୍ୟାପକିନ୍‌ଟି ଖୋଜୁଛି ।' (ସେ ଦୁଇ ଖଣ୍ଡ ରୁମାଲ ପାଖରେ ରଖୁଥିଲେ, ଗୋଟିଏ ଆଖି ପୋଛିବା ପାଇଁ ଓ ଅନ୍ୟଟି ଟିକିଏ ବଡ଼, ଯାହା ଝାଳ ପୋଛିବା ପାଇଁ । ଏଥିରୁ ଗୋଟିଏ ତାଙ୍କ ବାମ ପାଖ ହାତରଖା ଗଦି ଉପରେ ରଖାଯାଉଥିଲା । ଏବଂ ଅନ୍ୟଟି ଡାହାଣ ପାଖ ଗଦି ଉପରେ ।)

ସେଇଠୁ ମୁଁ କହିଲି : ସମୟ ସମୟରେ ତ ଆପଣ ସେଇଟିକୁ ଆପଣଙ୍କ ଧୋତି ତଳେ ରଖିଥାଆନ୍ତି । — ଏହା କହି ମୁଁ ତାଙ୍କ ଧୋତିକୁ ଅଳ୍ପ ଉଠାଇ ସେଇଟିକୁ ପାଇଲି । ମୁଁ ତାଙ୍କ ହାତକୁ ନ୍ୟାପ୍‌କିନ୍‌ଟିକୁ ବଢ଼ାଇ ଦେବା ବେଳେ ସେ ବିସ୍ମୟର ସହ ଖୁସୀ ହୋଇ କହିଲେ : 'ଓ, ଓ' ! ଏବଂ ହସିଲେ ।... ବେଳେ ବେଳେ ତାଙ୍କର ଚାଲିଚଳନ ଠିକ୍ ଜଣେ ଶିଶୁ ଭଳି ହୋଇଥାଏ ।

*

ଏହା ଥିଲା ୩୦ ନଭେମ୍ବର ୧୯୪୯ର ଏକ ଚିତ୍ତାକର୍ଷକ ଘଟଣା । ଶ୍ରୀଅରବିନ୍ଦ ତାଙ୍କର ଭୋଜନ ଶେଷ କରି ଗୋଟିଏ ପାଷ୍ଟିଲ୍ (ଏକ ପ୍ରକାର ଛୋଟ ଲଜେନ୍ସ) ଖାଉଥିଲେ । ଏସବୁ ଫ୍ରାନ୍ସରୁ ଆସୁଥିଲା । କିନ୍ତୁ ଯୁଦ୍ଧ ସମୟରେ ସେସବୁ ଫ୍ରାନ୍ସରୁ ଆସିପାରୁ ନଥିବାରୁ ପବିତ୍ରଙ୍କ ପରାମର୍ଶ ଅନୁଯାୟୀ ସୁଜାତା ଏଇଠି ତିଆରି କରୁଥିଲେ ।

ଶ୍ରୀଅରବିନ୍ଦ ମଧ୍ୟ ବିଭିନ୍ନ ସମୟରେ ପାଷ୍ଟିଲ୍ ଖାଉଥିଲେ । ସେସବୁ ଗୋଟିଏ ଛୋଟ ବର୍ଗାକାର ରୁପା ବାକ୍ସ ଭିତରେ ରହୁଥିଲା । ମୁଁ ବାକ୍ସଟିକୁ ଖୋଲୁଥିଲି, ଘୋଡ଼ଣୀଟିକୁ ହାତରେ ଧରି ବାକ୍ସଟିକୁ ଶ୍ରୀମା'ଙ୍କ ହାତକୁ ଦେଉଥିଲି । ଶ୍ରୀମା ସେଥିରୁ ଗୋଟିଏ ପାଷ୍ଟିଲ୍ ନେଇ ଶ୍ରୀଅରବିନ୍ଦଙ୍କ ଆଡ଼କୁ ବଢ଼ାଇ ଦେଉଥିଲେ । ଆଜି ଶ୍ରୀମା ବାକ୍ସରୁ ଗୋଟିଏ ପାଷ୍ଟିଲ୍ ବାହାର କରିନେଇ ଶ୍ରୀଅରବିନ୍ଦଙ୍କ ଆଡ଼କୁ ବଢ଼ାଇ ଦେବା ପରିବର୍ତ୍ତେ ନିଜ ପାଟିରେ ପୂରାଇ ଦେଲେ ।

ଶ୍ରୀଅରବିନ୍ଦ ମୋ ଆଡ଼େ ଓ ଶ୍ରୀମା'ଙ୍କ ଆଡ଼େ ଅନାଇ ହସିଲେ । ହଠାତ୍ ଶ୍ରୀମା ଜାଣିପାରି କହି ଉଠିଲେ 'sorry' । ତାଙ୍କର କଥାଠାରୁ ପ୍ରକାଶଭଙ୍ଗୀ ଥିଲା ଅନେକ ଅଧିକ — ଦେଖିବା ଭଳି ଏକ ଦୃଶ୍ୟ !...

ଶ୍ରୀମାଶ୍ରୀଅରବିନ୍ଦଙ୍କ ଭାବଭଙ୍ଗୀ ସମ୍ବନ୍ଧେ ମୁଁ ଏତିକି କହିବି ଯେ ସେସବୁକୁ ନିରୀକ୍ଷଣ କରିବାରେ ମୁଁ ଅପାର ଆନନ୍ଦ ଅନୁଭବ କରୁଥିଲି । ଏହାର ମୂଲ୍ୟ ମୋ ପକ୍ଷରେ ବହୁତ କିଛି ଥିଲା; ମୋ ଜୀବନ ସଦୃଶ ।

ପଛକୁ ଫେରି ଚାହିଁ ମୁଁ ଦେଖି ପାରୁଛି କିପରି ଏହିସବୁ କ୍ରିୟାକଳାପ ମାଧ୍ୟମରେ ସେ ଦୁହେଁ ମୋତେ ଅଧିକରୁ ଅଧିକ ସଚେତନ ହେବା ନିମନ୍ତେ ତାଲିମ ଦେଉଥିଲେ । କିନ୍ତୁ ସେହି ମୁହୂର୍ତ୍ତରେ ମୁଁ ଜାଣିପାରୁ ନଥିଲି ଯେ ମୋତେ ତାଲିମ ଦିଆଯାଉଛି ବୋଲି । ସବୁବେଳେ ମୋତେ ସେହିସବୁ ଘଟଣାବଳି

ଆନନ୍ଦରୁ ଅଧିକ ଆନନ୍ଦ ମଧ୍ୟକୁ ନେଇଯିବା ଭଳି ପ୍ରତୀୟମାନ ହେଉଥିଲା ।

*

୨୩ ମେ ୧୯୪୯ର ଏକ ଘଟଣା । ଶ୍ରୀମା ଆଜି ଶ୍ରୀଅରବିନ୍ଦଙ୍କ କକ୍ଷକୁ ଆସିବା ସମୟରେ ସାଥୀରେ ଆଣିଥିଲେ ଗୋଟିଏ ସ୍ୱତନ୍ତ୍ର ବ୍ୟାଗ୍ । ସେ ତାଙ୍କର ଫାଇଲସବୁ ତା'ରି ମଧ୍ୟରେ ରଖିଥିଲେ । ସେ ସେଥିରୁ କେତୋଟି ଫର୍ଦ କାଗଜ ବାହାର କରି ଆଣି ଶ୍ରୀଅରବିନ୍ଦଙ୍କୁ ଦେଖାଇ କହିଲେ : ଏଇ(ଲେଖା)ଟି ବିଶେଷ ଦୀର୍ଘ ନୁହେଁ, ନୁହେଁ କି ?

ଶ୍ରୀଅରବିନ୍ଦ : ନା, ଏହା ଦୀର୍ଘ ନୁହେଁ ।

ଶ୍ରୀମା : ତା'ହେଲେ ଏଇଟିକୁ ମୁଁ ଆପଣଙ୍କୁ କେତେ ବେଳେ ପଢ଼ି ଶୁଣାଇବି ?

ଶ୍ରୀଅରବିନ୍ଦ : ଯେକୌଣସି ସମୟରେ ।

ଶ୍ରୀମା : ଏହା ଅଧ ଘଣ୍ଟାଏ ନେବ ।

ଠିକ୍ ପରଦିନ । ରାତିରେ ଶ୍ରୀଅରବିନ୍ଦଙ୍କ କକ୍ଷକୁ ଶ୍ରୀମା ପ୍ରବେଶ କରିବା ବେଳେ ସାଥିରେ ଗତକାଲିର ସେଇ ଫାଇଲଟି ଧରି ଆସିଥିଲେ । ଶ୍ରୀଅରବିନ୍ଦ ଭୋଜନ ଗ୍ରହଣ କରୁଥିବା ସମୟରେ ଶ୍ରୀମା ସେଇଟିକୁ ତାଙ୍କୁ ପଢ଼ି ଶୁଣାଇବାକୁ ଲାଗିଲେ ।...

ଶ୍ରୀମା ତାଙ୍କ ପଢ଼ା ଶେଷ କରିବା ପରେ ଶ୍ରୀଅରବିନ୍ଦ ମଥା ହଲାଇ କହିଲେ : 'ଆ...ଆ... !'

ଶ୍ରୀମା ପଚାରିଲେ : କିପରି ଲାଗିଲା ?

ଶ୍ରୀଅରବିନ୍ଦ : ବହୁତ ଭଲ !

ଶ୍ରୀମା : ଏହାକୁ କ'ଣ ନାଟକ ରୂପେ ରଙ୍ଗମଞ୍ଚରେ ଅଭିନୟ କରାଯାଇ ପାରିବ ?

ଶ୍ରୀଅରବିନ୍ଦ : ହଁ ! ମୁଁ ଭାବୁଛି ଏହାକୁ ଅଭିନୟ କରାଯାଇ ପାରିବ । (ଏବଂ ପୁଣି ଥରେ ସେ ତାଙ୍କର ମଥା ହଲାଇ ସମ୍ମତି ଦେଲେ ।)

[ମା'ଙ୍କର ଏହି ଲେଖାଟି ଥିଲା 'Vers l'Avenir' ('Towards the Future') ନାଟକ । ମା'ଙ୍କର ରଚିତ ତିନୋଟି ନାଟକ ମଧ୍ୟରୁ ଏଇଟି ପ୍ରଥମ ଏବଂ କେବଳ ଏଇଟିକୁ ହିଁ ସେ ଶ୍ରୀଅରବିନ୍ଦଙ୍କୁ ପଢ଼ି ଶୁଣାଇବାର ସୌଭାଗ୍ୟ ଅର୍ଜନ କରିଥିଲେ । ଏହା ମା'ଙ୍କର ନିର୍ଦ୍ଦେଶନାରେ ତଦାନୀନ୍ତନ ରଙ୍ଗମଞ୍ଚ ଆଶ୍ରମର ପ୍ଲେ-ଗ୍ରାଉଣ୍ଡରେ ପହିଲା ଡିସେମ୍ବର ୧୯୪୯ରେ ତାଙ୍କରି ଉପସ୍ଥିତିରେ ଅଭିନୀତ ହୋଇଥିଲା ।]

*

୨୬ ସେପ୍ଟେମ୍ବର ୧୯୪୯ । ଶ୍ରୀଅରବିନ୍ଦ ତାଙ୍କ ଭୋଜନ ଗ୍ରହଣ କରୁଥିଲେ । ଟେବୁଲ ଉପରେ ଗୋଟିଏ ଛୋଟ ପାତ୍ର ଦେଖି ମୋତେ ପଚାରିଲେ, 'ଏଥିରେ କ'ଣ ଅଛି ?' ମୁଁ କହିଲି : 'ଲେମ୍ବୁ ଆଚାର ।'– 'ଏହାକୁ କିପରି ଖିଆଯାଏ ? କେତେବେଳେ ଖିଆଯାଏ ?'– ସେଇଠୁ ମୁଁ ତାଙ୍କୁ ବୁଝାଇ ଦେଲି । ତା'ପରେ ସେ ସେଇଟିକୁ ଖାଇବାକୁ ଆରମ୍ଭ କଲେ ।

*

୧୫ ଅଗଷ୍ଟ ୧୯୪୯ । ଦର୍ଶନ ଆରମ୍ଭ ହେବାର ପୂର୍ବ ମୁହୂର୍ତ୍ତ । ଶ୍ରୀଅରବିନ୍ଦ ତାଙ୍କ ସ୍ଥାନରେ ଉପବେଶନ କରିଥା'ନ୍ତି । ମୁଁ ତାଙ୍କ ପଛରେ ଠିଆ ହୋଇଥାଏ । ଚଦରଟିକୁ ତାଙ୍କ କାନ୍ଧରେ ପକାଇବା ଲାଗି ମୁଁ ତାଙ୍କ ବେକର ପଛ ପାଖରୁ କେଶଗୁଚ୍ଛକୁ ଅଳ୍ପ ଟିକିଏ ଟେକି ଧରିଲି ଏବଂ ଚଦରଟିକୁ ପାଖରେ ଛିଡ଼ା ହୋଇଥିବା ନୀରଦଙ୍କ ହାତକୁ ବଢ଼ାଇ ଦେଲି ଶ୍ରୀଅରବିନ୍ଦଙ୍କ କାନ୍ଧରେ ପକାଇଦେବା ଲାଗି ।

ଶ୍ରୀମା ମୋ ଆଡ଼କୁ ଅନାଇ ଟିକିଏ ହସିଲେ ଓ ଚଦର ଧଡ଼ି ଆଡ଼କୁ ମୋ ଦୃଷ୍ଟି ଆକର୍ଷଣ କଲେ । ମୁଁ ଚାହିଁ ଦେଖିଲି ଚଦରଟିକୁ ଓଲଟା କରି ପକାଯାଇଛି ! ମୁଁ ବହୁତ ଲଜ୍ଜା ବୋଧ କଲି, କାରଣ ମୁଁ ନିଜେ ଚଦରଟିକୁ ପ୍ରସ୍ତୁତ କରି ଶ୍ରୀଅରବିନ୍ଦଙ୍କ କାନ୍ଧରେ ପକାଇବା ଲାଗି ନୀରଦଙ୍କୁ ଦେଇଥିଲି ।..

ଶ୍ରୀମା ଆମମାନଙ୍କୁ ସେବା କରିବାର ଅନୁମତି ଦେଇଥିଲେ ସତ; କିନ୍ତୁ ସବୁବେଳେ ସେ ଦୃଷ୍ଟି ରଖିଥିଲେ ଆମେ ଆମର ସେବା-କର୍ମ କିପରି ସମ୍ପାଦନ କରୁଛୁ ।

*

ଶ୍ରୀମା ଆମକୁ କଥାବାର୍ତ୍ତା, ଇଙ୍ଗିତ ଛଳରେ ତାଲିମ ଦେଇଛନ୍ତି; ଶ୍ରୀଅରବିନ୍ଦ ତାଙ୍କ ଚାହାଣି ଓ ସ୍ମିତହାସ୍ୟ ମାଧ୍ୟମରେ ତା' କରିଛନ୍ତି । ମୁଁ ମା'ଙ୍କର ସେବା କରିଛି କିନ୍ତୁ ତାଙ୍କୁ (ତାଙ୍କର ସମଗ୍ର ସ୍ୱରୂପରେ) ଜାଣି ନାହିଁ । କେବଳ ଏବେ ବହୁ ବର୍ଷ ପରେ (୧୯୭୪ରେ କଥିତ) ତାଙ୍କର କୃପା ବଳରେ ମୁଁ ତାଙ୍କୁ ଜାଣିବାକୁ ଆରମ୍ଭ କରିଛି ।

*

ପ୍ରଣବଙ୍କ ଉକ୍ତିରେ : ''ମା ଯେ... ଆମ ସମସ୍ତଙ୍କ ସକାଶେ, ଆମମାନଙ୍କର ଭଲମନ୍ଦ ସକାଶେ ସର୍ବଦା କେତେ ଉଦ୍‌ବିଗ୍ନ ରହୁଥିଲେ, ଚିନ୍ତିତ ରହୁଥିଲେ ତା' ଭାଷାରେ ବର୍ଣ୍ଣନା

କରାଯାଇ ପାରିବ ନାହିଁ । ମା କେବଳ 'ଦିବ୍ୟଜନନୀ' ନଥିଲେ, ସେ ଯେ ପୁଣି ଅନେକ ଭାବରେ ଥିଲେ 'ମାନୁଷୀ ମା' । ଦିବ୍ୟଜନନୀ ହୋଇ ମଧ୍ୟ ମାନୁଷୀ ମା ସଦୃଶ ସେ ଆମମାନଙ୍କ ସକାଶେ କେତେ ଉଦ୍ଭାସିତ ହେଉଥିଲେ, ତା' ଭାଷାରେ ବୁଝାଇ ହେବନି । ମା 'ଦିବ୍ୟ ଜନନୀ' ବୋଲି ହିଁ ଏତେଟା 'ମାନୁଷୀ ମା' ହେବା ସମ୍ଭବ ଥିଲା ।''

('ହଠାତ୍ ମନେପଡ଼େ', ପ୍ରଥମ ପର୍ଯ୍ୟାୟ, ଗଳ୍ପ ୩୯, ପୃ. ୪୩)

ନୀରଦଙ୍କ ଉକ୍ତିରେ : ''...ଆମ ଭିତରୁ ଜଣେ ମନ୍ତବ୍ୟ ପ୍ରକାଶ କରିଥିଲେ ଯେ କେବଳ ଦୁଇ ଜଣ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ସମର୍ପଣ ଯୋଗର ଉପଲବ୍ଧି କରିଛନ୍ତି ଓ କାର୍ଯ୍ୟରେ ପରିଣତ କରିଛନ୍ତି : 'ଶ୍ରୀମା'ଙ୍କର ଶ୍ରୀଅରବିନ୍ଦଙ୍କ ପ୍ରତି ସମର୍ପଣ ଓ ଶ୍ରୀଅରବିନ୍ଦଙ୍କର ଶ୍ରୀମା'ଙ୍କ ପ୍ରତି ।''

(ଶ୍ରୀଅରବିନ୍ଦଙ୍କ ସହ ବାରବର୍ଷ : ପୃ. ୪୯-୫୦)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

# ବନ୍ଦନା

## ଝରଣା ଘୋଷାଲ



ହେ ନୂତନ ବର୍ଷ
ଆସ ତୁମେ ତୁମର ଭାବମୟ ସ୍ପର୍ଶ ନେଇ
ବିପୁଳ ସମ୍ଭାବନାର ଭାସ୍ୱର ପ୍ରତ୍ୟୟରେ
ପୋଛିଦିଅ କରୋନାର ପରସ୍ତ ପରସ୍ତ ସ୍ୱାକ୍ଷର ।

ଆକାଶର ସାନ୍ଦ୍ର ନୀଳିମାରେ
ରତ୍ନଗର୍ଭା ବସୁନ୍ଧରାର ସବୁଜ ପଣତେ
ଆଚ୍ଛାଦିତ ସଂକଳ୍ପର ନିଭୃତ ଜ୍ୱଳନ –
ନିର୍ବାସିତ ହେଉ ନେତିବାଦ ଘନ ଅନ୍ଧକାରେ ।
ହୃଦୟେ ଝଙ୍କୃତ ହେଉ
ମାତୃ ନାମ ବୀଜମନ୍ତ୍ର, ପବିତ୍ର ବ୍ରହ୍ମାସ୍ତ୍ର ।

ଚିର ବିକଶିତ ହୃଦୟ ଗୁହାରେ
ସୀମାହୀନ ଦିଗନ୍ତ ପ୍ରସାରି
ବାଙ୍ମୟ ହୁଏ ଚେତନା ଅମିୟ ଛନ୍ଦେ
ସବୁରି କଣ୍ଠେ ତୁମ ବନ୍ଦନା ଗୀତି
ପରଶି ଯାଉ ସେ ତନୁ ମନ ପ୍ରାଣ
ଉଲ୍ଲାସେ ଉଠୁ ମାତି । ❑

କାହାଣୀ :

# ବନ୍ଦୀ ବିହଙ୍ଗ ଏବଂ ନିର୍ବାକ୍ ବାର୍ତ୍ତା

## ମନୋଜ ଦାସ

ବହୁ ଦୂର ରାଜ୍ୟରୁ ସ୍ୱଗୃହ ଉଦ୍ଦେଶ୍ୟରେ ପ୍ରତ୍ୟାବର୍ତ୍ତନ କରୁଥିଲେ ସୌଦାଗର । ଏଥର ସେ ଜଣାଶୁଣା ପଥ ନ ଧରି ଗୋଟିଏ ବଣମୁଲକ ଦେଇ ଆସୁଥା'ନ୍ତି । ପ୍ରଥମ କାରଣ ହେଲା ତାହା ଦ୍ୱାରା ବାଟ କମ୍ ପଡ଼ିବ; ଦ୍ୱିତୀୟ କାରଣ ହେଲା ତାଙ୍କର ଜଣେ ପରିବ୍ରାଜକ ମିତ୍ରଙ୍କଠାରୁ ସେ ଶୁଣିଥା'ନ୍ତି, ସେ ବଣର ଗହନ ପ୍ରଦେଶରେ ଗୋଟିଏ ହ୍ରଦ ଚତୁର୍ଦ୍ଦିଗରେ ଏଭଳି ଏକ ଜାତିର ପକ୍ଷୀ ରହିଥା'ନ୍ତି ଯେଉଁମାନଙ୍କ ସ୍ୱନ ଅପୂର୍ବ, ଅବର୍ଣ୍ଣନୀୟ । ସେ ଜାତିର ପକ୍ଷୀ ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳନ୍ତି ନାହିଁ ।

ବଣ ଭିତର ଦେଇ ତିନିଦିନ ଆସିବା ଉତ୍ତାରୁ ସେ ସେହି ସରୋବର ତୀରରେ ପହଞ୍ଚିଲେ । ବାସ୍ତବିକ ତା'ର ପରିବେଶ ଅତ୍ୟନ୍ତ ମନୋରମ । ସରୋବରର ନୀର ସ୍ୱଚ୍ଛ ଏବଂ ସର୍ବଦା ଶୀତଳ । ଆଖପାଖର କେତୋଟି ଝରଣାର କୁଳୁକୁଳୁ ନାଦ ସାଥିକୁ ନାନାଦି ଅଜଣା ପୁଷ୍ପର ମହକ ସେ ସ୍ଥାନକୁ ଏଭଳି ଲୋଭନୀୟ କରିଥାଏ ଯାହା ସୌଦାଗରଙ୍କୁ ଆନନ୍ଦରେ ଅଭିଭୂତ କଲା ।

ତାଙ୍କ ଦଳରେ ତାଙ୍କ କର୍ମଚାରୀ, ସହକାରୀ ଏବଂ ପରିଚାରକ ଇତ୍ୟାଦିଙ୍କୁ ମିଶାଇ ପ୍ରାୟ ପଚାଶ ଜଣ ଲୋକ ଥିଲେ । ସେମାନଙ୍କୁ ସୌଦାଗର ହ୍ରଦ ତୀରରେ ତମ୍ବୁ ପକାଇବାକୁ ନିର୍ଦ୍ଦେଶ ଦେଲେ ।

କିନ୍ତୁ ସୂର୍ଯ୍ୟାସ୍ତ ବେଳକୁ ତାଙ୍କ ଆନନ୍ଦ ଏବଂ ବିସ୍ମୟ ଆହୁରି ବହୁତ ବଢ଼ିଗଲା । ସେ ଯେଉଁ ବିଶେଷ ଧରଣର ପକ୍ଷୀଙ୍କ କଥା ଶୁଣିଥିଲେ ସେମାନେ ଭିନ୍ନ ଭିନ୍ନ ଦିଗରୁ ଆସି ହ୍ରଦ କୂଳବର୍ତ୍ତୀ ବୃକ୍ଷମାନଙ୍କରେ ବସିଯାଇ କଳରବ ଆରମ୍ଭ କଲେ । ସୌଦାଗର ତଥା ତାଙ୍କ ଦଳର ଲୋକେ ପରସ୍ପର ଏକମତ ହେଲେ ଯେ ସେଭଳି ମଧୁର ଧ୍ୱନି ସେମାନେ କଦାଚ ଶୁଣି ନ ଥିଲେ ।

ସୌଦାଗର ନିଜ ସାଥିରେ ଆଣିଥିଲେ ଏକ ସୁବର୍ଣ୍ଣ ପଞ୍ଜୁରି । ଅତି ସୁନ୍ଦର । ସେ ସିଦ୍ଧାନ୍ତ କରିଥିଲେ କି ଯେମିତି ହେଉନା କାହିଁକି ସେ ସେହି ଅପୂର୍ବ ପକ୍ଷୀଙ୍କ ଭିତରୁ ଗୋଟିଏ ସାଥିରେ ଧରି ନେଇଯିବେ । ସେ ଜାଣିଥିଲେ କୌଣସି ପକ୍ଷୀ ସ୍ୱେଚ୍ଛାକ୍ରମେ ତାଙ୍କୁ ଧରାଦେବେ ନାହିଁ; କୌଶଳ କରି ଧରିବାକୁ ହେବ । ତାଙ୍କ ଦଳରେ ସେମିତି କୌଶଳରେ ଧୁରନ୍ଧର ଲୋକଟିଏ ଥିଲା । ସୌଦାଗରଙ୍କ ନିର୍ଦ୍ଦେଶରେ ସେ ଗୋଟାଏ ବିଶେଷ ଧରଣର ଅଠା ପ୍ରସ୍ତୁତ କରି ରଖିଲା । ସୂର୍ଯ୍ୟୋଦୟର କିଛି ସମୟ ପୂର୍ବରୁ ପକ୍ଷୀମାନେ ସେ ବ୍ୟାପକ ବଣର କୋଣ ବିକୋଣକୁ ଉଡ଼ି ଚାଲିଗଲେ । ସେତେବେଳେ ସେ କୌଶଳୀ ଜଣକ ଗୋଟିଏ ଗଛ ଡାଳରେ ସେ ଅଠା ଲେପିଦେଲା । ସୁନ୍ଦର ପକ୍ଷୀଟିଏ ସେହିଠାରେ ବସୁଥିବାର ସେ ଲକ୍ଷ୍ୟ କରିଥିଲା ।

ଜହ୍ନରାତି । ପକ୍ଷୀମାନେ ଯଥାବିଧି ଲେଉଟି ଆସିଲେ । ସେ ଅଠାରେ ଲାଖିଗଲା ଗୋଟିଏ ପକ୍ଷୀ । କୌଶଳୀ ଲୋକଟି ଗଛ ଚଢ଼ି ତାକୁ ଧରି ଆଣିଲା । ତତ୍‌କ୍ଷଣାତ୍ ସମସ୍ତ ପକ୍ଷୀ ନୀରବ ହୋଇଗଲେ ।

ସୌଦାଗର ସୁବର୍ଣ୍ଣ ପଞ୍ଜୁରିରେ ପକ୍ଷୀଟିକୁ ରଖି ନିଜ ତମ୍ବୁ ଆଗରେ ତାକୁ ଧରି କହିଲେ, ''ହେ ଅପୂର୍ବ ପକ୍ଷୀକୁଳ, ମୁଁ ତୁମମାନଙ୍କର ଜଣେ ଆତ୍ମୀୟକୁ ସାଙ୍ଗରେ ନେଇଯାଉଛି ବୋଲି ଦୁଃଖ କର ନାହିଁ । ଏହାଙ୍କୁ ମୁଁ ଅତୀବ ସୁଖରେ ରଖିବି । ତାଙ୍କୁ ଖଟିବେ ପରିଚାରକମାନେ । ଯେଉଁ ଋତୁରେ ଯେଉଁ ଫଳ ସର୍ବୋତ୍କୃଷ୍ଟ, ତାଙ୍କୁ ତାହା ହିଁ ଯୋଗାଇ ଦିଆଯିବ । ତାଙ୍କ ପାଇଁ କେହି ଟିକିଏ ବି ଚିନ୍ତା କରିବାର କାରଣ ନାହିଁ ।''

କିଛି ସମୟ ପରେ ପକ୍ଷୀମାନଙ୍କ ସ୍ୱର ପୁଣି ଶୁଣାଗଲା, କିନ୍ତୁ ବଡ଼ କରୁଣ ସେ ଧ୍ୱନି ।

ପ୍ରଭାତରେ ତମ୍ବୁ ଉଠାଇ ସୌଦାଗର ଓ ତାଙ୍କ ଦଳ ଯାତ୍ରାରମ୍ଭ କଲେ । କ୍ରମେ ବଣ ପଛକୁ ପଛକୁ ଦୂରେଇ ରହିଲା । ବନ୍ଦୀ ପକ୍ଷୀଟି କେତେଥର ମାତ୍ର ବିକଳ ଧ୍ୱନି ଛାଡ଼ି ତପରେ ନୀରବ ହୋଇଗଲା ।

ଆହୁରି ସପ୍ତାହକ ପରେ ସୌଦାଗର ତାଙ୍କ ଘରେ ପହଞ୍ଚିଲେ । ସେ ଏକ ଅଜଣା ଅପୂର୍ବ ପକ୍ଷୀ ସଂଗ୍ରହ କରି ଆଣିଛନ୍ତି, ଏ ସମ୍ବାଦ ପ୍ରଚାର ହୋଇଗଲା । କେତେ ଲୋକ ତାକୁ ଦେଖିବାକୁ ଆସିଲେ । କିନ୍ତୁ ପକ୍ଷୀଟି ନୀରବ ରହୁଥିବାରୁ ସମସ୍ତେ ହତାଶ ହେଲେ ।

ସୌଦାଗରଙ୍କ ଘର ଗୋଟାଏ ମନୋରମ ପ୍ରାସାଦ । ଉଦ୍ୟାନ ପାର୍ଶ୍ୱବର୍ତ୍ତୀ ଗୋଟିଏ କକ୍ଷରେ ସୁବର୍ଣ୍ଣ ପଞ୍ଜୁରି ଗୋଟିଏ ରଖା ହୋଇଥାଏ । ପକ୍ଷୀଟି ଆସିବାର ଦ୍ୱିତୀୟ ଦିନ ସୌଦାଗରଙ୍କ ପରିବାରର ଛୋଟ ଛୋଟ ପିଲାମାନେ ଯାଇ ପକ୍ଷୀଟିକୁ ଭେଟି ଦେଲେ ସୁସ୍ୱାଦୁ ଫଳମାନ । ସେମାନେ ପଞ୍ଜୁରି ଚାରିପଟେ ଠିଆ ହୋଇ ତାକୁ ଗୀତ ବୋଲିବାକୁ ଅନୁରୋଧ କଲେ ।

କିଛି ସମୟ ପରେ ପକ୍ଷୀଟି ମୁହଁ ଖୋଲିଲା । ତା' ଅପୂର୍ବ ସ୍ୱନ ବାତାବରଣରେ ଖେଳାଇ ଦେଲା ଆନନ୍ଦର ତରଙ୍ଗ । ସୌଦାଗର ନିଜେ ଆସି ତାକୁ ବହୁତ ଆଦର କଲେ । ନିଜେ ଫଳ ବଢ଼ାଇ ଦେଲେ ପଞ୍ଜୁରି ଭିତରକୁ । କ୍ରମେ ପକ୍ଷୀ ସେ ନୂଆ ପରିବେଶକୁ ଗ୍ରହଣ କରିନେଲା ଭଳି ମନେ ହେଲା । ପ୍ରଭାତରେ ଓ ସନ୍ଧ୍ୟାରେ, କେବେ କେବେ ଜହ୍ନ ରାତିରେ – ସେ ଗୀତ ବୋଲେ । ତାହା ଶୁଣିବା ନିମନ୍ତେ ଆସନ୍ତି ରାଜ୍ୟର ବଡ଼ ବଡ଼ ଲୋକ । ସବୁଠାରୁ ବିସ୍ମୟର କଥା ପକ୍ଷୀଟି ମଣିଷଙ୍କ ଭାଷା ଶିଖିଗଲା । ସେ ପିଲାଙ୍କ ସହ କଥାଭାଷା ହେବାକୁ ଭଲ ପାଉଥାଏ ।

ଦୁଇ ବର୍ଷ ପରେ ସୌଦାଗର ପୁନର୍ବାର ବାଣିଜ୍ୟ ଉଦ୍ଦେଶ୍ୟରେ ଦୂର ରାଜ୍ୟ ଅଭିମୁଖେ ବାହାରିଲେ । ତାଙ୍କ ଅନୁପସ୍ଥିତିରେ ଯେପରି ପକ୍ଷୀର ତିଳେ ମଧ୍ୟ କ୍ଳେଶ ନ ହେବ, ସେ ପାଇଁ ସେ ଯାବତୀୟ ବ୍ୟବସ୍ଥା କରି ପକ୍ଷୀକୁ କହିଲେ, ''ମୁଁ ଫେରିବା ବେଳକୁ ସେହି ବଣ ଭିତର ଦେଇ ଆସିବି ବୋଲି ଭାବୁଛି । ତୁମର ଆତ୍ମୀୟମାନଙ୍କ ସକାଶେ ତୁମର କୌଣସି ବାର୍ତ୍ତା ଥିଲେ ମୁଁ ହ୍ରଦ କୂଳରେ ଠିଆହୋଇ ସେମାନଙ୍କୁ ଶୁଣାଇ ଦେବି ।''

ପକ୍ଷୀଟି ତାଙ୍କୁ ଧନ୍ୟବାଦ ଦେଲା ଏବଂ ସେ ତା' ବାର୍ତ୍ତା ଅବିକଳ ଉଚ୍ଚାରଣ କରିବେ ବୋଲି ଶପଥ କରାଇଲା । ତା'ପରେ କହିଲା, ''ମୋ ପକ୍ଷୀକୁଳକୁ କହି ଦେବେ, ମୁଁ ନିରାପଦରେ ଅଛି । ମୋତେ ମୋ ମାଲିକ ଯେତେ ସୁଖସୁବିଧା ଯୋଗାଇ ଦେଉଛନ୍ତି, ତାହା ପୃଥିବୀର କୌଣସି ବନ୍ଦୀ ପକ୍ଷୀ ଭାଗ୍ୟରେ ଜୁଟି ନ ଥିବ । କିନ୍ତୁ ବିଡ଼ମ୍ବନା ହେଲା ମୁଁ ସମସ୍ତ ସୁଖ ଭିତରେ ସୁଖୀ ନୁହେଁ । ନୀଳ ଆକାଶର ହିଲ୍ଲୋଳରେ ନିଜକୁ ସମର୍ପି ଦେବାର ସୁଯୋଗରୁ ବଞ୍ଚିତ, ବନ୍ଧୁବାନ୍ଧବ ବର୍ଜିତ, ସ୍ୱାଧୀନତାହୀନ କେଉଁ ପକ୍ଷୀ ବା ସୁଖୀ ହୋଇପାରେ ? କିନ୍ତୁ ମୁଁ ନିରୁପାୟ ।''

ସୌଦାଗର ବାର୍ତ୍ତାଟି ଯଥାର୍ଥ ଭାବରେ ଶୁଣାଇ ଦେବାର ପ୍ରତିଶ୍ରୁତି ଦେଇ ବିଦାୟ ନେଲେ ।

ସେ ପ୍ରତ୍ୟାବର୍ତ୍ତନ କଲେ ପ୍ରାୟ ଛଅମାସ ପରେ । ସଙ୍ଗେ ସଙ୍ଗେ ଯାଇ ପହଞ୍ଚିଲେ ପକ୍ଷୀଟି ପାଖରେ । ଦେଖିଲେ ପକ୍ଷୀଟିର ପରିଚର୍ଯ୍ୟାରେ କୌଣସି ତ୍ରୁଟି ହୋଇ ନାହିଁ । ପକ୍ଷୀଟି ତା'ର ଅନିନ୍ଦ୍ୟ କଣ୍ଠସ୍ୱର ଯୋଗେ ତାଙ୍କୁ ସ୍ୱାଗତ କଲା ।

ପରଦିନ ସକାଳେ ସୌଦାଗର ଆସି ପକ୍ଷୀ ପାଖରେ ଠିଆ ହୁଅନ୍ତେ ସେ ପଚାରିଲା, ''ମୋ ବାର୍ତ୍ତା ମୋ ପକ୍ଷୀକୁଳକୁ ଠିକ୍ ଭାବରେ ଶୁଣାଇ ଥିଲେ ତ ?''

''ହଁ ପକ୍ଷୀ, ସେଥିରେ ମୁଁ କୌଣସି ହେଳା କରି ନାହିଁ । ସୂର୍ଯ୍ୟାସ୍ତ ବେଳକୁ ପକ୍ଷୀମାନେ ହ୍ରଦକୂଳର ସବୁଜପତ୍ର ଗହଳକୁ ଲେଉଟି ଆସିଲେ । ମୁଁ ମୋ ତମ୍ବୁ ବାହାରେ ଠିଆ ହୋଇ ଉଚ୍ଚ କଣ୍ଠରେ ସେମାନଙ୍କୁ ତୁମ ବାର୍ତ୍ତା ଶୁଣାଇ ଦେଲି'', କହିଲେ ସୌଦାଗର ।

''ଧନ୍ୟବାଦ । କେହି କିଛି କହିଲେ କି ? ଅବଶ୍ୟ ସେମାନେ କହିପାରନ୍ତେ ନାହିଁ । ତେବେ ସେମାନେ ନୀରବ ରହିଲେ ନା କଣ୍ଠ ଖୋଲିଲେ ?'' ପଚାରିଲେ ବନ୍ଦୀ ପକ୍ଷୀ ।

''ସେମାନେ ନୀରବ ହିଁ ରହିଲେ । ତେବେ ହଁ, ମନେ ପଡ଼ିଲା, ପକ୍ଷୀଟିଏ ହ୍ରଦ ସେପାରି ଗଛରୁ ହଠାତ୍ ତଳକୁ ଖସି ପଡ଼ିଲା । ହୁଏତ ସେ ଆକସ୍ମିକ ମୃତ୍ୟୁବରଣ କଲା ।'' ଜଣାଇଲେ ସୌଦାଗର ।

ପକ୍ଷୀ ଚୁପ୍‌ଚାପ୍ ତା' ସୁନା ଦଣ୍ଡଟି ଉପରେ ବସିଥିଲା । ହଠାତ୍ ଦଣ୍ଡ ତଳକୁ ଖସିପଡ଼ିଲା ।

ଚମକି ପଡ଼ିଲେ ସୌଦାଗର । ପଞ୍ଜୁରିକୁ କାଢ଼ି ନେଇ ଉଦ୍ୟାନ ଭିତରକୁ ଗଲେ । ପକ୍ଷୀଟି ନିଶ୍ଚୟ ସରୋବର ତୀରର ପକ୍ଷୀର ମୃତ୍ୟୁ ସମ୍ବାଦରେ ଦାରୁଣ ଆଘାତ ପାଇ ଟଳି ପଡ଼ିଲା ।

ସୌଦାଗର ପଞ୍ଜୁରି ଖୋଲି ସନ୍ତର୍ପଣରେ ପକ୍ଷୀଟିକୁ ବାହାର କରି ଆଣି ଘାସ ଉପରେ ଥୋଇଲେ । ଟିକିଏ ପାଣି ଆଣିବା ନିମନ୍ତେ ସେ ଜଣେ ପରିଚାରିକାକୁ ଠାବ କରିବା ମାନସରେ ଠିଆ ହୋଇ ପଡ଼ିବା ମାତ୍ରେ ପକ୍ଷୀଟି ଫୁର୍‌କିନା ଉଡ଼ିଯାଇ ନିକଟବର୍ତ୍ତୀ ବକୁଳ ବୃକ୍ଷଟିଏ ଉପରେ ବସିପଡ଼ି ଏକ ଅପୂର୍ବ ମଧୁର ଧ୍ୱନି ଦେଲା ।

''ଇଏ କ'ଣ ?'' ବିସ୍ମିତ ସୌଦାଗର ପଚାରିଲେ ।

''ମହାଶୟ ! ମୋର କୌଣସି ଜଣେ ଶୁଭେଚ୍ଛୁ ଆପଣଙ୍କ ମାଧ୍ୟମରେ ମୋ ପାଖକୁ ଏହି ମାର୍ଗରେ ମୁକ୍ତିର ଉପାୟ

ପ୍ରେରଣ କରିଥିଲେ । ସେ ଗଛରୁ ମୃତ ପ୍ରାୟ ଖସି ପଡ଼ିବାର ଅର୍ଥ ମୁଁ ମଧ୍ୟ ସେହିପରି ଅଭିନୟ କଲେ ମୁକ୍ତିର ବାଟ ଖୋଲିଯିବ ।''

''ପକ୍ଷୀ ! ତୁମେ ଏମିତି କରିପାରିବ ବୋଲି ମୁଁ ଭାବି ନଥିଲି ।'' ସୌଦାଗର ସନ୍ତପ୍ତ କଣ୍ଠରେ କହିଲେ ।

''ମୋତେ ଦିନେ ଏପରି କରିବାକୁ ପଡ଼ିବ ବୋଲି ମୁଁ ବି ଭାବି ନଥିଲି । କିନ୍ତୁ ତୁମେ ମୋତେ ମୋର ସୁନ୍ଦର ପ୍ରକୃତି ପରିବେଷ୍ଟିତ ଅରଣ୍ୟଗୃହରୁ ଯେଉଁ ଉପାୟରେ ଧରି ଆଣିଲ, ତାହା ତୁଳନାରେ ମୋ କର୍ମ ଅନ୍ୟାୟ ବୋଲି କହି ପାରିବ କି ?''

''ନା ପକ୍ଷୀ, ନା । ତାହା କହି ପାରିବି ନାହିଁ । ତୁମେ ତୁମ ମୁକ୍ତି ପାଇଁ ଉଦ୍‌ଗ୍ରୀବ ହେବା ଯଥାର୍ଥ ।'' ସୌଦାଗର କହିଲେ ।

''ମହାଶୟ ! ମୁଁ ତୁମକୁ ଶ୍ରଦ୍ଧା କରେ । ମଝେ ମଝେ ଆସି ତୁମକୁ ଓ ତୁମ ପରିବାରର ପିଲାମାନଙ୍କୁ ଗୀତ ଶୁଣାଇ ଯାଇପାରନ୍ତି, କିନ୍ତୁ ଜନପଦ ଭିତରକୁ ଆସିବା ନିରାପଦ ନୁହେଁ । କିଏ କହିବ ତୁମେ ନ ହେଲେ ବି ଆଉ କାହା ମଗଜ ମୋତେ ଧରି ପକାଇବାର ଉପାୟଟିଏ ବାହାର ନ କରିବ ! ବିଦାୟ ମହାଶୟ, ବିଦାୟ ।''

ଏହା ପରେ ପକ୍ଷୀଟି ଏମନ୍ତ ଏକ ସୁରରେ ମୁହୂର୍ତ୍ତକ ନିମନ୍ତେ ଗୀତ ଗାଇ ଉଡ଼ିଗଲା ଯାହା ସୌଦାଗରଙ୍କ ସ୍ମୃତିରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଝଙ୍କୃତ ହେଉଥାଏ । ❑


The best protection is an unshakable faith in the Divine Grace.

*(MCW, Vol. 15, p. 47)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (0413 2334542)

# ସମର୍ପଣ : ସହଜ ପ୍ରକ୍ରିୟା

## ରାମକୃଷ୍ଣ ଦାସ

ଭଗବାନ ସ୍ୱୟଂ 'ଏକୋଽହଂ ବହୁସ୍ୟାମ୍' – ଜଗତ୍ ଏବଂ ସମସ୍ତ ପ୍ରାଣୀ ରୂପେ ପ୍ରକଟ ହୋଇଅଛନ୍ତି । ଅତଏବ ସମସ୍ତ ସଂସାର ତାଙ୍କର ସ୍ୱରୂପ ଓ ବିକାଶର କ୍ଷେତ୍ର । ଏହି କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତି ଅଂଶ ଗ୍ରହଣ କରିବା ସକାଶେ ଏହି ପୃଥିବୀକୁ ଆସିଛନ୍ତି । ମନୁଷ୍ୟ ମୋହରେ ପଡ଼ି ଏହି ରହସ୍ୟକୁ ଭୁଲି, ଆସକ୍ତି ଓ ଅହଂର ପ୍ରଭାବରେ ସମସ୍ତ ବସ୍ତୁକୁ 'ମୋର' ବୋଲି ମନେକରି କର୍ମ ବନ୍ଧନ ଓ ଜନ୍ମ-ମରଣ-ଦ୍ୱନ୍ଦ୍ୱରେ ପଡ଼ୁଅଛି । ଏହି 'ମୁଁ' ଏବଂ 'ମୋର' ଭ୍ରମାତ୍ମକ ବୋଧ ଅପସାରିତ ହେଲେ ମନୁଷ୍ୟ ଆଉ ଭଗବାନଙ୍କ ମଧ୍ୟରେ ବ୍ୟବଧାନ ଦୂର ହୋଇଯାଏ ଏବଂ ଅତିମାନସ ଶକ୍ତି ବ୍ୟକ୍ତି ମଧ୍ୟରେ ରୂପାନ୍ତର କାର୍ଯ୍ୟ କରିପାରେ । ବହୁ କାଳରୁ ଏହି ଯେଉଁ ଅହଂଭାବ 'ମୁଁ' ଏବଂ 'ମୋର' ଅଭ୍ୟାସ ହୋଇଛି, ଏହି ଭ୍ରମକୁ ଦୂର କରିବା ସକାଶେ ଅଭ୍ୟାସ କରିବାକୁ ହୁଏ, ସେ ଅଭ୍ୟାସ ହେଲା ଏହି –

ମନୁଷ୍ୟର ଆସକ୍ତି ଥାଏ ଘର, ପରିବାର, ସମ୍ପତ୍ତି ତଥା ନିଜ ଶରୀରରେ । ଏଣୁ ଘରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଫଟୋ ରଖ । ମନେକର ଘରର ମାଲିକ ଶ୍ରୀମା । ପରିବାର ଓ ସମ୍ପତ୍ତି ତାଙ୍କରି । ତୁମେ ଯେଉଁ କାର୍ଯ୍ୟ କରୁଛ ତାହା ଭଗବାନଙ୍କ ସେବା । ଏହି ସେବା ସକାଶେ ଭଗବାନ୍ ତୁମକୁ ଏହି ସଂସାରକୁ ପଠାଇ ଅଛନ୍ତି । କୁଟୁମ୍ବପାଳନ କରିବା, ପରିବାରରେ ବ୍ୟକ୍ତି ବେମାର ହେଲେ ସେମାନଙ୍କ ସକାଶେ ଔଷଧର ବ୍ୟବସ୍ଥା କରିବା, ପିଲାଙ୍କୁ ଶିକ୍ଷା ଦେବା, ବୃଦ୍ଧ ମାତାପିତାଙ୍କୁ ଆବଶ୍ୟକ ଅନୁସାରେ ସେବା କରିବା, ପଡ଼ୋଶୀମାନଙ୍କ ସହିତ ଯଥାଯୋଗ୍ୟ ବ୍ୟବହାର କରିବା; କୃଷି, ବାଣିଜ୍ୟ, ବେତନଭୋଗୀ ସେବା, ଦେଶସେବା, ଦେଶ-ଶାସନ ଇତ୍ୟାଦି ସମସ୍ତ କାର୍ଯ୍ୟକୁ ଭଗବାନଙ୍କ ସେବା ଭାବରେ କରି ତାଙ୍କ ଚରଣରେ ସମର୍ପଣ କର । ଏହା କେବଳ ତୁମର କଳ୍ପନା ନୁହେଁ, ଯଥାର୍ଥରେ ହିଁ ସଂସାର ଓ ସଂସାରର ସମସ୍ତ ପ୍ରାଣୀ ଭଗବାନଙ୍କର; ସମସ୍ତ ବ୍ୟବସ୍ଥା ଭଗବାନଙ୍କ ଦ୍ୱାରା ହୋଇଅଛି । ଭଗବାନଙ୍କ ସୃଷ୍ଟି କାର୍ଯ୍ୟକୁ ବ୍ୟକ୍ତି ନିଜର ବୋଲି ମନେକରେ । ମାଲିକର ସମ୍ପତ୍ତିକୁ ଚାକର ଆତ୍ମସାତ୍ କଲେ ସେ ଯେପରି ଦଣ୍ଡପାଏ; ବ୍ୟକ୍ତି ସେହିପରି ଜନ୍ମ-ମରଣ ଚକ୍ରରେ ଭ୍ରମି ନାନାପ୍ରକାର ଦୁଃଖ-ଯନ୍ତ୍ରଣା ଭୋଗେ । ସଂସାର, ପରିବାର, ଧନ-ସମ୍ପତ୍ତିସବୁ ପ୍ରକୃତରେ ବ୍ୟକ୍ତିର ନୁହେଁ । ମନୁଷ୍ୟର ବିକାଶ ମାର୍ଗରେ ଘର ଓ ପରିବାର ପଥଯାତ୍ରୀଙ୍କର ଗୋଟିଏ ବିଶ୍ରାମସ୍ଥାନ ସଦୃଶ । କେତେକ ଯାତ୍ରୀ ଭିନ୍ନ ଭିନ୍ନ ମାର୍ଗରେ ଆସି ରାତ୍ରିରେ ଗୋଟିଏ ବିଶ୍ରାମଶାଳାରେ ଏକତ୍ର ହୁଅନ୍ତି, ରୋଷାଇ କରି ଭୋଜନ କରନ୍ତି, ସେମାନଙ୍କ ମଧ୍ୟରୁ କେହି ବେମାର ହେଲେ ତା'ର ଉପଚାର ମଧ୍ୟ କରନ୍ତି, ପରସ୍ପର ମଧ୍ୟରେ ବେଶ୍ ମିତ୍ରତା ହୁଏ, ସକାଳୁ ଉଠି ନିଜ ନିଜ ମାର୍ଗରେ ସମସ୍ତେ ଚାଲି ଯାଆନ୍ତି, ପୁଣି କାହାରି ସଙ୍ଗରେ କାହାରି ସମ୍ପର୍କ ରହେ ନାହିଁ । ଏହି ସଂସାର, ପରିବାର ଠିକ୍ ଏହିପରି । ମନୁଷ୍ୟ ଯେଉଁ ମୋହ ଆସକ୍ତିରେ ସ୍ତ୍ରୀ, ପୁତ୍ର, ଧନସମ୍ପତ୍ତିକୁ ମୋର ବୋଲି କହେ, ବାସ୍ତବିକ ପୂର୍ବେ ଏସବୁ ତା'ର ନ ଥିଲା, ଭବିଷ୍ୟତରେ ତା'ର ରହିବ ନାହିଁ, ବର୍ତ୍ତମାନ 'ମୋର' ବୋଲି କହିବା କେବଳ ମୋହର କାରଣ । ପ୍ରତ୍ୟେକ ବ୍ୟକ୍ତି ନିଜ ବିକାଶ ମାର୍ଗରେ କର୍ମ କରିବାକୁ ଆସିଛନ୍ତି, ନିଜ ନିଜ କର୍ମ କରି ନିଜ ନିଜ ମାର୍ଗରେ ଚାଲିଯିବେ । ଏହା ଭୁଲି ଯିବାରୁ ମନୁଷ୍ୟକୁ ବନ୍ଧନରେ ପଡ଼ିବାକୁ ହେଉଛି । ସୁତରାଂ ସମସ୍ତ ବସ୍ତୁ ଭଗବାନଙ୍କର ଜାଣି, ଭଗବାନଙ୍କର ସେବା ଭାବରେ କର୍ମ କରି ତାଙ୍କୁ ଅର୍ପଣ କରିବା କେବଳ କଳ୍ପନା ନୁହେଁ, ଯଥାର୍ଥ ସତ୍ୟ ।

ପ୍ରାରମ୍ଭିକ ସମର୍ପଣ କ୍ରିୟାତ୍ମକ ରୂପେ ଆରମ୍ଭ ହୁଏ ମନ ଦ୍ୱାରା । ଏହି ସମର୍ପଣ କ୍ରମଶଃ ପରିଣତ ହେବାକୁ ଲାଗେ ଚେତନାରେ, ଅର୍ଥାତ୍ ସାଧକର ସମର୍ପଣ ଭାବ ଜାଗ୍ରତ୍ ହୁଏ ଚେତନାରେ । ଏହା ହେଲା ସମର୍ପଣର ପ୍ରଥମାବସ୍ଥା । ଦ୍ୱିତୀୟରେ ସାଧକ ଅନୁଭବ କରେ ତା' ମଧ୍ୟରେ ଭଗବାନଙ୍କ ଶକ୍ତି କାର୍ଯ୍ୟ କରି ଭଗବାନଙ୍କୁ ସମର୍ପଣ କରୁଛି, ସେ କେବଳ ଗୋଟିଏ ଯନ୍ତ୍ର । ତୃତୀୟ ଅବସ୍ଥାରେ ସେ ନିଜକୁ ଯନ୍ତ୍ର ବୋଲି ଅନୁଭବ କରେ ନାହିଁ, ସେ ସମସ୍ତ ସତ୍ତାରେ ଭଗବାନଙ୍କ ଚେତନା ସଙ୍ଗେ ଯୁକ୍ତ ରହେ, କିନ୍ତୁ କର୍ମ ସ୍ୱତଃ ହୋଇ ଚାଲିଥାଏ । ସମର୍ପଣର ଏହି ତିନୋଟି ଅବସ୍ଥା, ଠିକ୍ ଗୋଟିଏ

ପୂର୍ଣ୍ଣ ହେଲେ ଅନ୍ୟଟି ଆସେ ଏପରି ନୁହେଁ । ପ୍ରଥମ ଅବସ୍ଥାରେ ଦ୍ୱିତୀୟ ଓ ତୃତୀୟ ଅବସ୍ଥା କେବେ କେବେ ଅନୁଭୂତ ହୁଏ । ପ୍ରଥମ ଅବସ୍ଥା ପୂର୍ଣ୍ଣ ହେବା ପୂର୍ବରୁ ସାଧକ ଦ୍ୱିତୀୟ ଓ ତୃତୀୟ ଅବସ୍ଥାରେ ବହୁତ ସମୟ ରହିପାରେ । ପୁଣି ସାଧକ ଯେତେବେଳେ ଦ୍ୱିତୀୟ ଅଥବା ତୃତୀୟ ଅବସ୍ଥାରେ ଅଧିକ ସମୟ ରହିଥାଏ ସେତେବେଳେ କେବେ କେବେ ପ୍ରଥମ ଅବସ୍ଥାକୁ ବ୍ୟବହାର ମଧ କରେ । ପରିପୂର୍ଣ୍ଣ ସମର୍ପଣ ହେବା ପର୍ଯ୍ୟନ୍ତ କମ୍ ବା ବେଶୀ ପରିମାଣରେ ଏହି ତିନି ପ୍ରକାର ସମର୍ପଣ କ୍ରିୟା ଚାଲେ । ସମର୍ପଣ ସତ୍ତାର ଯେଉଁ ଭାଗରେ ଯେତେ ପରିମାଣରେ ହୁଏ, ଭାଗବତୀ ଶକ୍ତି ସେହି ଭାଗରେ ସେହି ଅନୁପାତରେ ସାଧକ ମଧ୍ୟରେ କ୍ରିୟା କରନ୍ତି, ସାଧନାର ଭାର ଗ୍ରହଣ କରନ୍ତି । ଯେତେବେଳେ ପରିପୂର୍ଣ୍ଣ ସମର୍ପଣ ହୋଇଯାଏ, ଲେଶମାତ୍ର ଅସମର୍ପିତ ହୋଇ କିଛି ରହେ ନାହିଁ, ସେତେବେଳେ ଭାଗବତୀ ଶକ୍ତି ସାଧକର ସମସ୍ତ ସାଧନାର ଭାର ଗ୍ରହଣ କରି ସାଧକ ମଧ୍ୟରେ ରୂପାନ୍ତର କ୍ରିୟା କରନ୍ତି । ସେତେବେଳେ ସାଧକ କେବଳ ଦ୍ରଷ୍ଟା ହୋଇ ରୂପାନ୍ତର କ୍ରିୟା ଦେଖେ ଏବଂ ଭାଗବତୀ ଅତିମାନସ ଶକ୍ତିଙ୍କ କ୍ରିୟାରେ ସମ୍ମତି ଦେଉଥାଏ । ମନ, ପ୍ରାଣ, ଶରୀରର ଯେଉଁ ପୂର୍ଣ୍ଣ ରୂପାନ୍ତର, ଏହା ସାଧାରଣ ବସ୍ତୁ ନୁହେଁ । ଏହା ଦ୍ୱାରା ମନୁଷ୍ୟ ଦେବତ୍ୱରେ, ସଂସାର ସ୍ୱର୍ଗରେ ପରିଣତ ହୁଏ । ଏହା ସାଧିତ ହୁଏ କେବଳ ଅତିମାନସ ଶକ୍ତି ଦ୍ୱାରା ସାଧକର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେଲେ । ଏହି ଅତିମାନସ ଶକ୍ତିକୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଅବତରଣ କରାଇ ଆଣିଛନ୍ତି । ଏହି ଲକ୍ଷ୍ୟସିଦ୍ଧି ନିମିତ୍ତ ଭାଗବତୀ ଶକ୍ତିଙ୍କ ସାହାଯ୍ୟରେ ସାଧକକୁ ବ୍ୟକ୍ତିଗତ ପ୍ରଚେଷ୍ଟାରେ କରିବାକୁ ହୁଏ ସମର୍ପଣ, ଅଭୀପ୍ସା ଏବଂ ଏହାର ପ୍ରତିକୂଳ ବସ୍ତୁ ଓ ପ୍ରତିକୂଳ ବୃତ୍ତିର ତ୍ୟାଗ । ଏହାର ସହାୟକ ଧ୍ୟାନ, ଏହିସବୁ ପ୍ରଯତ୍ନ ଦ୍ୱାରା ହୃଦସ୍ଥ ଅନ୍ତରାତ୍ମା (Psychic being)ର ଜାଗୃତି ଓ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର ଅବତରଣ ହୁଏ । ଅନ୍ତରାତ୍ମା ସାଧକକୁ ଯଥାର୍ଥ ମାର୍ଗରେ ଲକ୍ଷ୍ୟ ଆଡ଼କୁ ପରିଚାଳିତ କରେ, ଭାଗବତୀ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ ସାଧନ କରେ । ଯଥାର୍ଥରେ ସାଧକ ମଧ୍ୟରେ ସାଧନା କରନ୍ତି ଅନ୍ତରାତ୍ମା ଏବଂ ଭାଗବତୀ ଅତିମାନସ ଶକ୍ତି । ସାଧକକୁ ବ୍ୟକ୍ତିଗତ ଭାବରେ ଯେଉଁ ପ୍ରାରମ୍ଭିକ ସମର୍ପଣ, ତ୍ୟାଗ, ଅଭୀପ୍ସା କରିବାକୁ ହୁଏ ତାହା କେବଳ ଭାଗବତୀ ଶକ୍ତିଙ୍କ କ୍ରିୟା ସକାଶେ ଭୂମିକା ତିଆରି; ଏହା ଦ୍ୱାରା ତାଙ୍କ ଆଗମନର ମାର୍ଗ ନିର୍ମାଣ କରାହୁଏ । ଯଥାର୍ଥ ସମର୍ପଣ ଆଉ ଅଭୀପ୍ସା ହୁଏ ଅନ୍ତରାତ୍ମା ଜାଗ୍ରତ୍ ହେଲେ । ଏହିସବୁ ବିଷୟ ଶ୍ରୀଅରବିନ୍ଦଙ୍କ 'ଯୋଗ ଓ ସାଧନା' ବହିରେ ବିସ୍ତୃତଭାବେ ଆଲୋଚନା କରାହୋଇଛି ।... ... ଏଠାରେ କେବଳ ଆତ୍ମସମର୍ପଣ ଓ ସାଧନାରେ ବାଧାବିଘ୍ନ କାହିଁକି ଆସେ, ତାହାର ପରିହାର କିପରି କରିବାକୁ ହେବ, ଏହାହିଁ ଆଲୋଚ୍ୟ ବିଷୟ ।

## ବାଧାବିଘ୍ନ

ମା'ଙ୍କ ଚରଣରେ ନିଜକୁ ସମର୍ପଣ କରି ଭାଗବତୀ ଶକ୍ତିକୁ ସାଧନାର ଭାର ଦେଇ ଦେଲେ ସାଧକ ଏକେବାରେ ନିଶ୍ଚିନ୍ତ ହୋଇଯାଏ ନାହିଁ, ବାଧାବିପତ୍ତିର ସମ୍ମୁଖୀନ ନ ହୋଇ ସିଧାସଳଖ ସାଧନାର ରାଜମାର୍ଗରେ ଅବାଧରେ ଆଖି ବନ୍ଦ କରି ଚାଲେ ନାହିଁ; ଅଧ୍ୟାତ୍ମ ସତ୍ୟର ନିତ୍ୟ ନୂତନ ସୁସ୍ୱାଦୁ ରସାଳ ଫଳ ଆସ୍ୱାଦନ କରି ଆନନ୍ଦମଗ୍ନ ହୋଇ ଉନ୍ନତିର ଶିଖରରୁ ଉଚ୍ଚତର ଶିଖରରେ ଯାତ୍ରା କରେ ନାହିଁ । ପଥରେ ତାକୁ ପଦେ ପଦେ ବାଧାବିପତ୍ତି ସଙ୍ଗେ ଯୁଦ୍ଧ କରିବାକୁ ହୁଏ, ବିରୋଧୀ ଶକ୍ତିର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହୁଏ, କେବେ ସଫଳତାର ପୁଣି କେବେ ବିଫଳତାର ସମ୍ମୁଖୀନ ହୋଇ ଗତି କରିବାକୁ ହୁଏ ।

ହୃଦୟରେ ଧ୍ୟାନ ଅର୍ଥାତ୍ ଚେତନାକୁ ଏକାଗ୍ର କଲେ ଅଭୀପ୍ସା ଓ ସମର୍ପଣର ସାହାଯ୍ୟରେ ଅନ୍ତରାତ୍ମା ଜାଗ୍ରତ୍ ହୁଏ । ଅନ୍ତରାତ୍ମା ଜାଗ୍ରତ୍ ହେଲେ ସେ ଯଥାର୍ଥ ଅଭୀପ୍ସା ଓ ଯଥାର୍ଥ ସମର୍ପଣ କରେ । ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି, ଭାଗବତୀ ଶକ୍ତିଙ୍କର ସ୍ୱରୂପ – ଶାନ୍ତି, ଜ୍ୟୋତିଃ, ଆନନ୍ଦ, ଏକାଗ୍ରତା, ଜ୍ଞାନ, ଭକ୍ତିର ଅବତରଣ ସକାଶେ ହୃଦୟସ୍ଥ ଅନ୍ତରାତ୍ମା ଅଭୀପ୍ସା କରେ । ତାହାର ଉତ୍ତର ସ୍ୱରୂପ ଭାଗବତୀ ଶକ୍ତି ସାଧକର ଆଧାରରେ ଅବତରଣ କରେ । ସମର୍ପିତ ଅଙ୍ଗମାନଙ୍କରେ ଭାଗବତୀ ଶକ୍ତିର ରୂପାନ୍ତର କ୍ରିୟା ଆରମ୍ଭ ହେଲେ ମନୁଷ୍ୟର ଅନାଦି କାଳର ସ୍ୱଭାବ, ମନ-ପ୍ରାଣ-ଶରୀରର ବିଭିନ୍ନ ଭାଗ – କାମ, କ୍ରୋଧ, ମୋହ, ମଦ, ମତ୍ସର, ଈର୍ଷା, ବିରୋଧ, ହିଂସା, ଦ୍ୱେଷ, ସ୍ୱାର୍ଥ, ଅହଂ, ରୋଗ, ଜରା, ମୃତ୍ୟୁ ଆଦି ବିଦ୍ରୋହ କରନ୍ତି । ସେସବୁ ଅନ୍ଧକାର ଅ-ଭାଗବତୀ ଶକ୍ତିର ଭୃତ୍ୟ । ସେମାନେ ବରାବର ମନୁଷ୍ୟର ପ୍ରଭୁ ହୋଇ ଇଚ୍ଛାନୁସାରେ ନିଜ ନିଜ ଭୋଗ-ବାସନା ପୂର୍ଣ୍ଣ କରିବାକୁ ମନୁଷ୍ୟକୁ ପ୍ରେରଣା ଦେଇ ତାକୁ ନିଜ ଯନ୍ତ୍ର

ରୂପେ ବ୍ୟବହାର କରି ଆସିଛନ୍ତି । ମନୁଷ୍ୟର ବଶ ହେବା ଏବଂ ଜ୍ଞାନ, ଜ୍ୟୋତିଃକୁ ସ୍ୱୀକାର କରିବା ସେମାନଙ୍କର ଅଭିପ୍ରାୟ ନୁହେଁ । ଏହି କାରଣରୁ ଏହିସବୁ ରୂପାନ୍ତରବିରୋଧୀ କାମକ୍ରୋଧାଦି କେବେ କେବେ ନିଜର ଅନୁକୂଳ ସମୟରେ ସାଧକକୁ ପ୍ରକାଶ୍ୟ ଭାବରେ ଆକ୍ରମଣ କରି ସାଧନାମାର୍ଗରୁ ବିଚଳିତ କରିବାକୁ ଚେଷ୍ଟା କରନ୍ତି, ଅଥବା ଅପ୍ରକାଶ୍ୟ ଛଦ୍ମ ରୂପରେ ମିତ୍ରରୂପ ଧାରଣ କରି ନାନାପ୍ରକାର ଯୁକ୍ତିଯୁକ୍ତ ପରାମର୍ଶ ଦେଇ ସାଧକକୁ ବିଚଳିତ କରିବାକୁ ପ୍ରଯତ୍ନ କରୁଥାଆନ୍ତି । ସାଧକର ଯଦି କେନ୍ଦ୍ରୀୟ ସଂକଳ୍ପରେ ତ୍ରୁଟି ଥାଏ, ସେ ଯଦି ସଜାଗ ହୋଇ ମା'ଙ୍କ ଉପରେ ନିର୍ଭର କରିପାରେ ନାହିଁ, ତେବେ ଏମାନେ ସାଧକର ସାଧନାରେ ବାଧାବିଘ୍ନ ଉପସ୍ଥାପିତ କରି ତା'ର ମାର୍ଗକୁ ଜଟିଳ, କଷ୍ଟପ୍ରଦ ଆଉ ସୁଦୀର୍ଘ କରିପାରନ୍ତି, ଅର୍ଥାତ୍ ଲକ୍ଷ୍ୟପ୍ରାପ୍ତିରେ ବିଳମ୍ବ ଘଟାନ୍ତି । ସାଧକ ମଧ୍ୟରେ କପଟତା ଥିଲେ ଓ ନିଜର ଅହଂକାର, କାମନା-ବାସନା ପୂର୍ଣ୍ଣ କରିବାକୁ ଯୋଗ ସାଧନାରେ ପ୍ରବୃତ୍ତ ହୋଇଥିଲେ, ତାକୁ ଏହି ବିରୋଧୀ ଶକ୍ତିମାନେ ସାଧନା ମାର୍ଗରୁ ଦୂରକୁ ଟାଣିନେଇ ପାରନ୍ତି ।

କିନ୍ତୁ ଯେଉଁମାନେ ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ନିର୍ଭରଶୀଳ ରହନ୍ତି, ଯେଉଁମାନଙ୍କର କେନ୍ଦ୍ରୀୟ ସଂକଳ୍ପ ଥାଏ ନିଷ୍କପଟ, ସେମାନଙ୍କୁ ମଧ୍ୟ ଏମାନେ ଆକ୍ରମଣ କରନ୍ତି । ସୁତରାଂ ଏମାନଙ୍କ ଆକ୍ରମଣରେ ସାଧକ ବହୁତ ଶୀଘ୍ର ସାଧନା ମାର୍ଗରେ ଅଗ୍ରସର ହୁଏ, ଏମାନଙ୍କ ସମ୍ମୁଖୀନ ହେବାର ଶକ୍ତି, ଏମାନଙ୍କ ଛଦ୍ମରୂପ, କପଟ ଯୁକ୍ତି ବୁଝି ପାରିବାର ଜ୍ଞାନ, ଏମାନଙ୍କ ପ୍ରହାର ସହ୍ୟ କରିବାକୁ ଧୈର୍ଯ୍ୟ ମା'ଙ୍କଠାରୁ ପାଏ ।

ପୁରାତନ ଯୋଗ ସଦୃଶ କାମକ୍ରୋଧାଦି ଶତ୍ରୁଙ୍କଠାରୁ ପୃଥକ୍ ହୋଇ ସାଧନା କରି ବ୍ୟକ୍ତିଗତ ମୁକ୍ତି ପ୍ରାପ୍ତ କରିବା ଏ ଯୋଗର ଉଦ୍ଦେଶ୍ୟ ନୁହେଁ; ସମସ୍ତ ପ୍ରତିକୂଳ ଶକ୍ତିର ରୂପାନ୍ତର କରି ସଂସାରରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବା ଏହାର ଲକ୍ଷ୍ୟ । ଏହିସବୁ ପ୍ରତିକୂଳ ଶକ୍ତିକୁ ରୂପାନ୍ତର କରିବା ଦୂରେ ଥାଉ, ଏମାନଙ୍କର ସମ୍ମୁଖୀନ ହେବା ସାଧକର ଶକ୍ତି, ସାଧକର କୌଣସି ଯୌଗିକ କ୍ରିୟାର ସାମର୍ଥ୍ୟର ବାହାରେ । ସେଥିପାଇଁ ଏ ଯୋଗର ରକ୍ଷାକବଚ, ରହସ୍ୟର ଚାବି ହେଉଛି ମା'ଙ୍କ ଉପରେ ଛୋଟ ଶିଶୁ ସଦୃଶ ପୂର୍ଣ୍ଣ ନିର୍ଭରତା ଏବଂ ତାଙ୍କ ଉପରେ ବିଶ୍ୱାସ ରଖିବା । ସାଧକ ଏତିକି କଲେ ମାତୃଶକ୍ତି ସାଧକକୁ ଶିଶୁ ସଦୃଶ ନିଜ କୋଳରେ ନେଇ ସମସ୍ତ ବାଧାବିପତ୍ତିରୁ ପାର କରି ଲକ୍ଷ୍ୟରେ ପହଞ୍ଚାଇ ଦେବେ । ମା'ଙ୍କ ଛଡ଼ା କୌଣସି ଯୌଗିକ କ୍ରିୟା ଦ୍ୱାରା ପୂର୍ଣ୍ଣ ରୂପାନ୍ତର ସମ୍ଭବ ନୁହେଁ, ଯଦି ସମ୍ଭବ ହୋଇଥା'ନ୍ତା ତେବେ ଆଜି ଆମ୍ଭେମାନେ ଏହି ପୃଥିବୀରେ ଅତିମାନବ ଜାତି ଦେଖୁଥା'ନ୍ତୁ । ଏହି କାରଣରୁ ଏହି ଯୋଗରେ ସମର୍ପଣ କେବଳ ଆବଶ୍ୟକ ନୁହେଁ ଅପରିହାର୍ଯ୍ୟ । ସାଧକ ଯେକୌଣସି ମତେ ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କଲେ ତା'ର ଅନ୍ତିମ କଲ୍ୟାଣ ସୁନିଶ୍ଚିତ । ତା'ର ଯଦି ପତନ ହୁଏ ତେବେ ସେଥିରୁ ଉତ୍‌ଥାନ ହୋଇ ପୁନରାୟ ସତ୍ୟମାର୍ଗରେ ଆରୋହଣ କରେ । ପୁଣ୍ୟ, ପାପ ଦ୍ୱାରା ନଷ୍ଟ ହୁଏ କିନ୍ତୁ ଅଧ୍ୟାତ୍ମ ସତ୍ୟ କୌଣସି ପ୍ରକାରେ ପାପ ଦ୍ୱାରା ନଷ୍ଟ ହୁଏ ନାହିଁ । ଅଧ୍ୟାତ୍ମ ସାଧକ ଦ୍ୱାରା ଅନୁଚିତ କାର୍ଯ୍ୟ ହେଲେ, ପାପ କର୍ମ ହେଲେ ସେ ସାଧାରଣ ବ୍ୟକ୍ତିଠାରୁ ବହୁତ ଗୁଣରେ ଦଣ୍ଡ ପାଏ । ସାଧକକୁ ସାଧାରଣ ବ୍ୟକ୍ତିଙ୍କ ପରି ଦୁଷ୍କର୍ମର ଫଳ ପରେ ଭୋଗ କରିବା ସକାଶେ ଅପେକ୍ଷା କରିବାକୁ ହୁଏ ନାହିଁ । ଯେ ଯେତେ ଉନ୍ନତ ସାଧକ ସେ ସେତେ ଶୀଘ୍ର ଦୁଷ୍କର୍ମର ସଦ୍ୟ କୁଫଳ ସାଧାରଣ ବ୍ୟକ୍ତି ଅପେକ୍ଷା ଅଧିକ ପରିମାଣରେ ଭୋଗ କରେ । କାରଣ ସାଧାରଣ ବ୍ୟକ୍ତିର ଦୁଷ୍କର୍ମର ଫଳ ଦୁଃଖ, ଦ୍ୱନ୍ଦ୍ୱ ଭୋଗିବା ସ୍ୱଭାବରେ ପରିଣତ ହୋଇ ଯାଇଥାଏ, ସେ ତାକୁ ଜୀବନର ଗୋଟିଏ ଅପରିହାର୍ଯ୍ୟ ଅବସ୍ଥା ବୋଲି ମାନି ନେଇଥାଏ, ସେଥିଯୋଗୁଁ ସେ ସେଥିରେ ଅଧିକ କଷ୍ଟ ପାଏ ନାହିଁ । ସାଧକର ହୃଦୟ ଶୁଦ୍ଧ ଥାଏ, କର୍ମ ଏବଂ କର୍ମର କୁପରିଣାମର ଜ୍ଞାନ ଥାଏ, ସେ ଅଧିକ ସମୟ ଭାଗବତ ଆନନ୍ଦ, ଶାନ୍ତି, ସମତାରେ ବାସ କରୁଥାଏ; ଏଣୁ ସେ ସେହି ଅବସ୍ଥାରୁ ପତିତ ହୋଇ ପ୍ରତିକୂଳ ଅବସ୍ଥାରେ ପଡ଼ି ଦୁଃଖ, କଷ୍ଟ ଭୋଗିବାରେ ତାକୁ ସାଧାରଣ ବ୍ୟକ୍ତିଠାରୁ ଅଧିକ କଷ୍ଟ ହୁଏ । ଯେପରି କୃଷକ ଜ୍ୟେଷ୍ଠମାସ ଖରାରେ କଠୋର ପରିଶ୍ରମ କରି ପରିଶ୍ରାନ୍ତ ହୁଏ ନାହିଁ, କିନ୍ତୁ ଛାଇତଳର ଲୋକ, ମୋଟରରେ ଭ୍ରମଣ କରିବା ବାବୁମାନଙ୍କୁ ଯଦି ଜ୍ୟେଷ୍ଠମାସ ଖରାରେ ଦିନେ କାମ କରିବାକୁ ପଡ଼େ ତେବେ ତାଙ୍କର ଊର୍ଦ୍ଧ୍ୱଶ୍ୱାସ ବହେ, ଠିକ୍ ସେହିପରି ଅଧ୍ୟାତ୍ମ ସାଧକ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : ୧୪୮-୧୫୧)

❑❑❑

# ସମୟର ଡାକ

## (୨)

## ପ୍ରପତ୍ତି

"The solution lies not in the reason, but in the soul of man, in its spiritual tendencies. It is a spiritual, an inner freedom that can alone create a perfect human order."

(CWSA, Vol. 25, P. 220) – Sri Aurobindo

ସମୟର ଗୋଟିଏ ଡାକ ଥାଏ, କାଳର ଗୋଟାଏ ଦାବି ଥାଏ । ତେବେ, ବର୍ତ୍ତମାନ ସମୟର ଡାକ କ'ଣ ? ବର୍ତ୍ତମାନ କାଳର ଦାବି କ'ଣ ? ଆଧୁନିକ ସଙ୍କଟର ହୃତ୍‌ପିଣ୍ଡ ଏହିଠାରେ – ସମୟର ଡାକ କ'ଣ ଏବଂ କାଳର ଦାବି କ'ଣ ? ମନୁଷ୍ୟ ପ୍ରକୃତରେ ଏହି ଡାକକୁ ବୁଝିପାରିବ କି ? ଏହି କାଳର, ମହାକାଳର ଦାବି ପୂରଣ କରିପାରିବ କି ?

ସମୟର ଡାକ ହେଲା ଏକ ନୂତନ ପୃଥିବୀ, ଏକ ନୂତନ ସମାଜ, ଏକ ନୂତନ ମାନବଜାତି; ଆଉ କାଳର ଦାବି ହେଲା ମାନବ ପ୍ରକୃତିର ଚରମ ରୂପାନ୍ତର, ମାନବୋତ୍ତର ଦିବ୍ୟ-ମାନବର ଆବିର୍ଭାବ, ମାନସୋତ୍ତର ଅତିମାନସ ଜ୍ୟୋତିଃ, ଶକ୍ତି ଓ ଜ୍ଞାନର ପ୍ରତିଷ୍ଠା । ଏହି ଡାକ ଅତି ଭୟଙ୍କର ଏବଂ ଏହି ଦାବି ମଧ୍ୟ ଅତ୍ୟନ୍ତ କଠିନ । ସେଥିପାଇଁ ସଙ୍କଟ ଓ ସମସ୍ୟା ଅଧିକ ଜଟିଳ ଓ ଗଭୀର ।

ସବୁ ଦିଗରେ ଉନ୍ନତି ଘଟିଛି, ବିକାଶ ସମ୍ଭବ ହୋଇଛି, ଅବନତି ମଧ୍ୟ ଆସିଛି ଓ ବ୍ୟର୍ଥତା ମଧ୍ୟ ଦେଖା ଦେଇଛି । କେବଳ ଗୋଟିଏ ଦିଗରେ ବିକାଶ ସମ୍ଭବ ହୋଇ ନାହିଁ, ତାହା ହେଲା ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ବିକାଶ । ଅଧ୍ୟାତ୍ମ ବିକାଶ କିଛି ପରିମାଣରେ ଘଟିଛି, ମାତ୍ର ପରିପୂର୍ଣ୍ଣ ଅଧ୍ୟାତ୍ମ ବିକାଶ ଏପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ । ମନୁଷ୍ୟର ଉନ୍ନତି ବା ଉତ୍ତରଣ ଅନ୍ୟ ଏକ ଭୂମିରେ ସମ୍ଭବ ହେବ ଏବଂ ମନୁଷ୍ୟ ନିଜକୁ ଅତିକ୍ରମ କରି ଚେତନାର ଅନ୍ୟ ଏକ ପାହାଚରେ ପହଞ୍ଚିବ – ଏହି ଦିଗରେ ବିବର୍ତ୍ତନର ଧାରା ଅଗ୍ରସର ହେଉଛି ।

ମନୁଷ୍ୟ ସମାଜର ଯଥାର୍ଥ ଉନ୍ନତିର ଇତିହାସ ହେଲା ଚେତନାର ବିବର୍ତ୍ତନର ଇତିହାସ । ଚେତନା ହିଁ ସୃଷ୍ଟିର ମୂଳତତ୍ତ୍ୱ । ଏହି ଚେତନା ସର୍ବବ୍ୟାପକ ଶକ୍ତି, ଜ୍ୟୋତିଃ, ସାମର୍ଥ୍ୟ ଓ ବଳ ରୂପେ ନିଶ୍ଚେତନା ମଧ୍ୟରୁ ପୂର୍ଣ୍ଣ ଚେତନା ଦିଗରେ ଅଗ୍ରସର ହେଉଅଛି । ନିଶ୍ଚେତନାର ଗର୍ଭରେ ଏହି ଶାଶ୍ୱତ ଚେତନା ହିଁ ନିହିତ । ଘନ ଘୋର ଅନ୍ଧକାର ଓ ପୁଞ୍ଜୀଭୂତ ତମସା – ଜ୍ୟୋତିଃ ଓ ସ୍ୱଚ୍ଛତାର ଅନ୍ୟ ଏକ ରୂପ । ଏହି ନିଶ୍ଚେତନା ଓ ଅନ୍ଧକାର ମଧ୍ୟରୁ ଯେଉଁ ଚେତନା ଊର୍ଦ୍ଧ୍ୱଗାମୀ ହେଉଅଛି ଏବଂ ଯାହାର ବିଭିନ୍ନ ପାବଚ୍ଛରେ ଜଡ଼, ପ୍ରାଣ ଓ ମନର ବିକାଶ ଘଟିଛି ତାହା ପୂର୍ଣ୍ଣ ରୂପେ ନିଜକୁ ମୁକ୍ତ କରିପାରି ନାହିଁ । ଚେତନାର ଅଗ୍ରଗତି ମନର ସ୍ତରରେ ରହିଯିବ ନାହିଁ । ମନୋମୟ ସତ୍ତା ପ୍ରକୃତି ବିବର୍ତ୍ତନର ଚରମ ସୋପାନ ନୁହେଁ ଏବଂ ମନୋମୟତା ଦ୍ୱାରା ଚରମ ପୂର୍ଣ୍ଣତା ବା ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ସମ୍ଭବ ହୁଏ ନାହିଁ ।

ମନ ଏକ ମଧ୍ୟବର୍ତ୍ତୀ ଭୂମି । ନିମ୍ନରେ ପ୍ରବୃତ୍ତିଗତ, ସହଜାତ ପଶୁତ୍ୱର ଭୂମି; ଊର୍ଦ୍ଧ୍ୱରେ ପୂର୍ଣ୍ଣ-ଚେତନାର ଦେବଭୂମି, ଅତିମାନସ ଭୂମି । ମନର କ୍ଷେତ୍ରରେ ଚେତନା ଖଣ୍ଡିତ, ଦ୍ୱିଧାଯୁକ୍ତ, ସଙ୍କୀର୍ଣ୍ଣ ହୋଇ ପଡ଼ିଛି । ପଶୁ ଜଗତର ସ୍ୱତଃସ୍ଫୂର୍ତ୍ତତା ଓ ସହଜାତ ପ୍ରବୃତ୍ତି ନଷ୍ଟ ହୋଇଛି, ଅଥଚ ଊର୍ଦ୍ଧ୍ୱଲୋକର ନିଶ୍ଚୟତା ବା ପୂର୍ଣ୍ଣାଙ୍ଗ ଦୀପ୍ତି ନାହିଁ । ସୁତରାଂ ପ୍ରତ୍ୟେକ କ୍ଷେତ୍ରରେ ମନର ପ୍ରୟୋଗ ହିଁ ବ୍ୟର୍ଥତା ଓ ଅନିଶ୍ଚିତତା ଆଣିବ, କାରଣ ମନ ଦ୍ୱାରା ସତ୍ୟ ଜାଣି ହୁଏ ନାହିଁ ବା ସର୍ବାଙ୍ଗୀନ ସତ୍ୟର ସ୍ପର୍ଶ ମିଳେ ନାହିଁ । ଏଥିପାଇଁ ମନ ଦ୍ୱାରା ଯେତେ ସମସ୍ୟାର ସମାଧାନ କରାଯାଉଛି, ସେହି ସମସ୍ୟାର ସମାଧାନ ହୋଇପାରୁ ନାହିଁ । ସେଥିପାଇଁ ଆମ୍ଭେମାନେ ଯେଉଁ ନୂତନ ସତ୍ୟ ଓ ଆଲୋକ ଖୋଜୁଛୁ ତାହା ମନର ଭୂମିକୁ ଆଶ୍ରୟ କରି ହେବ ନାହିଁ ।

ଯେଉଁ ଭୂମିରେ ସମସ୍ୟାର ସମାଧାନ ହେବ ତାହା ହେଲା ଆତ୍ମାର ଭୂମି । ଏହି ଭୂମି ହେଲା ଏକ ଚତୁଃ ପରିମାପକ ଭୂମି (four dimensional world) ।

ଆମ୍ଭେମାନେ ସାଧାରଣତଃ ତ୍ରୈ-ପରିମାପକ ଭୂମିରେ ବାସ କରୁଛୁ । ଏହି ଭୂମିର ସତ୍ୟ, ଉଚ୍ଚ ଭୂମିରେ ଅସତ୍ୟ ଓ ଅବିଦ୍ୟାର ପ୍ରତୀକ ହୋଇ ଉଠେ । ଆତ୍ମାର ଭୂମି ଜ୍ଞାନ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟର ପ୍ରତୀକ – ଏହା ଏପରି ଏକ ଚେତନା

ଯାହାର ବିକାଶ ଫଳରେ ମାନବ ପ୍ରକୃତି ଓ ସ୍ୱଭାବର ଗତିଧାରା ବଦଳି ଯାଏ ।

ଅବଶ୍ୟ ଅତୀତରେ ଏହି ଆତ୍ମୋପଲବ୍ଧି ମଧ୍ୟ ଘଟିଛି, କିନ୍ତୁ ଏହି ଆତ୍ମୋପଲବ୍ଧିର ଅର୍ଥ ଏହି ବନ୍ଧନ, ଅବିଦ୍ୟା ଓ ନିମ୍ନ ପ୍ରକୃତିରୁ ମୁକ୍ତି । ଏହା ମନୁଷ୍ୟ ସ୍ୱଭାବ ଓ ପ୍ରକୃତିକୁ ଉପେକ୍ଷା କରି ଅନ୍ତର୍ଚେତନାରେ ଭଗବତ୍ ପ୍ରେମ, ଐଶ୍ୱର୍ଯ୍ୟ, ମୁକ୍ତିକୁ ଅନ୍ୟ ଏକ ଭୂମିରେ ଦେଖିଛି; ମାତ୍ର ମାନବଜୀବନର ସାମଗ୍ରିକ ପରିବର୍ତ୍ତନ ଚାହୁଁ ନାହିଁ । ପ୍ରକୃତି ଗୁଣମୟୀ, ଯାନ୍ତ୍ରିକ ଓ ଅବିଦ୍ୟାଗ୍ରସ୍ତ ଏବଂ ପୁରୁଷ ଶୁଦ୍ଧ, ବୁଦ୍ଧ, ମୁକ୍ତ, ଚିନ୍ମୟ ଓ ଶାଶ୍ୱତ । ଏକମାତ୍ର ପୁରୁଷର ହିଁ ମୁକ୍ତି ସମ୍ଭବ, ପ୍ରକୃତି ପୁନଃ ପୁନଃ ଆବର୍ତ୍ତଶୀଳା; ଏହି ପ୍ରକୃତିର ମଧ୍ୟ ବିନାଶ ନାହିଁ । ପରମ ଆନନ୍ଦ ହେଲା ପ୍ରକୃତି ମଧ୍ୟରୁ ମୁକ୍ତି ଲାଭ କରି ପରମ ଶାଶ୍ୱତ ଚେତନା ସହ ଯୁକ୍ତ ହେବା । ଅଧିକାଂଶ ଅଧ୍ୟାତ୍ମ ମାର୍ଗରେ ପ୍ରକୃତି, ପୃଥିବୀ ଓ ସ୍ୱଭାବର କୌଣସି ସୁଚିନ୍ତିତ ସମାଧାନ ନାହିଁ । ତାହା ହେୟ, ନଗଣ୍ୟ ଅଥବା ମାୟା ବୋଲି ଉପେକ୍ଷିତ ହୋଇଛି । କିନ୍ତୁ ମନୁଷ୍ୟର ପୂର୍ଣ୍ଣାଙ୍ଗ ବିକାଶ ନିମିତ୍ତ କେବଳ ଆତ୍ମାର ବିକାଶ ଯଥେଷ୍ଟ ନୁହେଁ – ଆତ୍ମାର ବିକାଶ ସଙ୍ଗେ ସଙ୍ଗେ ଜଡ଼, ପ୍ରାଣ ଓ ମନର ମଧ୍ୟ ଚରମ ବିକାଶ ଆବଶ୍ୟକ ।

ଶ୍ରୀଅରବିନ୍ଦ ଏହି ପୂର୍ଣ୍ଣାଙ୍ଗ ବିକାଶ ଓ ବିବର୍ତ୍ତନ ନିମିତ୍ତ ସାଧନା କରିଯାଇ ଅଛନ୍ତି । ସେ ଦେଖିଲେ ପୃଥିବୀର ବିବର୍ତ୍ତନ ଏକ ସନ୍ଧିକ୍ଷଣରେ ଆସି ପହଞ୍ଚିଛି । ଏହି ସମୟରେ ଏକ ନୂତନ ସତ୍ୟର ଆବିର୍ଭାବ ହେବ । ଶ୍ରୀଅରବିନ୍ଦ ବହୁ ବିଭିନ୍ନ ମାର୍ଗରେ ବହୁ ବିଭିନ୍ନ ଆଧ୍ୟାତ୍ମିକ ଉପଲବ୍ଧି କରି ସୁଦ୍ଧା ସେଥିରେ ପୃଥିବୀର କୌଣସି ପରିବର୍ତ୍ତନ ହେବା ସମ୍ଭବ ନୁହେଁ ବୋଲି ଉପଲବ୍ଧି କଲେ । ସେଥିପାଇଁ ଦୀର୍ଘକାଳ ଧରି ପଣ୍ଡିଚେରୀରେ ତପସ୍ୟା କଲେ ଏବଂ ସେହି ତପସ୍ୟା ଫଳରେ ମାନବଜାତିର ପ୍ରତିନିଧି ରୂପେ ଏକ ପରମ ମହାନ୍ ଦିବ୍ୟସତ୍ୟର ସାକ୍ଷାତ୍କାର କଲେ, ଯେଉଁ ସତ୍ୟର ସାକ୍ଷାତ୍ ଫଳରେ ସମଗ୍ର ସୃଷ୍ଟିର ମୂଳ ରହସ୍ୟ ଉଦ୍‌ଘାଟିତ ହେଲା । ଏହି ସତ୍ୟକୁ ସେ ପୃଥିବୀ ଉପରେ ଉତାରି ଆଣି ଦିବ୍ୟଜୀବନର ଭୂମିକା ପ୍ରସ୍ତୁତ କରିବାକୁ ଚାହିଁଛନ୍ତି । ଏହି ସତ୍ୟ ହେଲା ଅତିମାନସ ତତ୍ତ୍ୱ ଯାହା ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଆନନ୍ଦର ଭୂମି । ଏହା ପରାତ୍ପର ଦିବ୍ୟତତ୍ତ୍ୱ, ପୂର୍ଣ୍ଣ ଜ୍ୟୋତିର୍ମୟ ଚେତନା ଏବଂ ଏହାର କ୍ରିୟା ଫଳରେ ପାର୍ଥିବ ଜୀବନରେ ଅନ୍ୟ ଏକ ନୂତନ ପରିଣାମ ଦେଖାଦେବ, ତାହା ହିଁ ହେବ ଦିବ୍ୟଜୀବନ ।

ମନୁଷ୍ୟ ବର୍ତ୍ତମାନ ଯେଉଁ ଦୁଃଖ ଓ ଦ୍ୱନ୍ଦ୍ୱ ମଧ୍ୟଦେଇ ଗତି କରୁଛି ତାହାର ପ୍ରକୃତ ରହସ୍ୟ ଏହି ଯେ ଏହି ନୂତନ ସତ୍ୟର ଆବିର୍ଭାବ ବେଳ ସନ୍ନିକଟ । ଯେତେବେଳେ ଏପରି ଏକ ସତ୍ୟ ଦେଖାଦେବ ତାହାର ପରିଣାମ ଯେପରି ମଙ୍ଗଳକର ହେବ, ସେହିପରି ଭୟାବହ ହେବ । ଏହା ଯଥାର୍ଥରେ ଏକ ନୂତନ ସୃଷ୍ଟିର ବେଳ । ଏହି ସୃଷ୍ଟିର ନିଶ୍ଚିତ ସମ୍ଭାବନା ଏକ ଆଧ୍ୟାତ୍ମିକ ବିକାଶ ଦିଗରେ । ଅନ୍ୟ ସକଳ ପ୍ରକାର ବହିର୍ମୁଖୀ ବା ଅନ୍ତର୍ମୁଖୀ ବିକାଶ ହୁଏତ ନିରର୍ଥକ ହେବ ବା ସମସ୍ୟାର ସମାଧାନ କରିପାରିବ ନାହିଁ ।

ମନୁଷ୍ୟ ଯେତେ ଯେତେ ଏହି ସତ୍ୟକୁ ଗ୍ରହଣ କରିବାକୁ ସକ୍ଷମ ହେବ, ନିଜର ଅଧ୍ୟାତ୍ମ ବିକାଶ ଓ ପରିବର୍ତ୍ତନକୁ ଅଧିକ ମୂଲ୍ୟ ଦେବ – ଯେତେ ପରିମାଣରେ ସଙ୍କଟ ଲାଘବ ହେବ, ସେତେ ପରିମାଣରେ ମନୁଷ୍ୟ ସମାଜରେ ଦୁଃଖଦ୍ୱନ୍ଦ୍ୱର ଅବସାନ ଘଟିବ । ଏହି ପରିମାଣ ଅତି ବୈପ୍ଳବିକ ଏବଂ ନାନା ସମସ୍ୟା ଓ ସଙ୍କଟ ଉପସ୍ଥାପିତ କରିବ । ମନୁଷ୍ୟର ଏ କ୍ଷେତ୍ରରେ ଆବଶ୍ୟକ – ବୀରତ୍ୱ ଏବଂ ସାହସ । ଏହି ସମାଧାନ ସମ୍ବନ୍ଧରେ ଶ୍ରୀଅରବିନ୍ଦ ଏପରି ଦୃଢ଼ ଏବଂ ନିଶ୍ଚିତ ଯେ ସେ ସ୍ପଷ୍ଟ କଣ୍ଠରେ ଘୋଷଣା କରୁଛନ୍ତି :

"This is a solution to which it may be objected that it puts off the consummation of a better human society to a far-off date in the future evolution of the race. For it means that no machinery invented by the reason can perfect either the individual or the collective man; an inner change is needed in human nature, a change too difficult to be ever effected except by the few. This is not certain; but in any case, if this is not the solution, then there is no solution, if this is not the way, then there is no way for the human kind. Then the terrestrial evolution must pass beyond man as it has passed beyond the animal and a greater race must come that will be capable of the spiritual change, a form of life must be born that is nearer to the divine."

(CWSA, Vol. 25. P. 220-221) – Sri Aurobindo

ଅର୍ଥାତ୍, ''ଏହା ଏପରି ଏକ ସମାଧାନ ଯାହା ଏକ ଉନ୍ନତ ମାନବସମାଜର ପରିଣତିକୁ ଅଧିକ ବିଳମ୍ବିତ କରୁଛି, କାରଣ ମାନବଜାତିର ବିବର୍ତ୍ତନ ମଧ୍ୟରେ ଏହି ପରିଣାମ ନିହିତ । ଏହାର ଅର୍ଥ ମନୁଷ୍ୟ ବୁଦ୍ଧି ଦ୍ୱାରା ଯେତେ ଉପାୟ ଉଦ୍ଭାବନ କରୁ ନା କାହିଁକି ତାହା ବ୍ୟକ୍ତି ବା ସମଷ୍ଟିର ପୂର୍ଣ୍ଣତା ଆଣିପାରିବ ନାହିଁ; ମାନବ ସ୍ୱଭାବର ଏକ ଆନ୍ତର ରୂପାନ୍ତର ବା ପରିବର୍ତ୍ତନ ଆବଶ୍ୟକ । ଏପରି ଏକ ରୂପାନ୍ତର କାର୍ଯ୍ୟକାରୀ କରିବା ଅତ୍ୟନ୍ତ କଠିନ — କେବଳ ଅଳ୍ପ କେତେକ ଏହା ପ୍ରାପ୍ତ ହୋଇପାରନ୍ତି । କିନ୍ତୁ ଏହା ମଧ୍ୟ ନିଶ୍ଚିତ ନୁହେଁ; ତେବେ, ସେକଥା ଯାହା ବି ହେଉ, ଯଦି ଏହି ସମାଧାନକୁ ସ୍ୱୀକାର କରା ନ ଯାଏ, ତେବେ ଅନ୍ୟ କୌଣସି ସମାଧାନ ନାହିଁ; ଯଦି ଏହି ମାର୍ଗ ମାର୍ଗ ନୁହେଁ, ତେବେ ମନୁଷ୍ୟଜାତି ପାଇଁ ଅନ୍ୟ ମାର୍ଗ ନାହିଁ । ତାହାହେଲେ ପାର୍ଥିବ ବିବର୍ତ୍ତନ ମନୁଷ୍ୟଜାତିକୁ ଛାଡ଼ି ଅନ୍ୟ ଏକ ଉଚ୍ଚତର ଜାତି ଆଡ଼କୁ ଅଗ୍ରସର ହେବ, ଯେପରି ମନୁଷ୍ୟ ନିଜେ ପଶୁକୁ ଅତିକ୍ରମ କରି ଆସିଛି ଏବଂ ସେହି ଉଚ୍ଚ ଜାତି ଏକ ଆଧ୍ୟାତ୍ମିକ ପରିବର୍ତ୍ତନରେ ସମର୍ଥ ହେବ, ଏପରି ଏକ ଜୀବନ ପ୍ରକାଶିତ ହେବ ଯାହା ଭାଗବତ ଜୀବନର ନିକଟତର ହେବ ।''

(ମାନବ ଯୁଗ-ଚକ୍ର, ବିଂଶ ଅଧ୍ୟାୟ)

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୨୪୨ - ୨୪୫)

❑❑❑

# ଚେତନାର ଉନ୍ମେଷ

## କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ

ଚନ୍ଦନ ନୁହେଁ, ଚେତନାର ବିନ୍ଦୁ ଲଗାଇ ଦିଅ ମା ଆମରି ମାଥେ,
ସଫଳତା ନୁହେଁ, ଆଶିଷ ଦିଅ ମା ଚାଲିବାକୁ ତୁମ ପୂର୍ଣ୍ଣତା ପଥେ ।୧।

ଲୋଡ଼ା ନାହିଁ କୋଟି ଯଶଃ ଐଶ୍ୱର୍ଯ୍ୟ, ଲୋଡ଼ା ନାହିଁ କୋଟି ସାଧନା ଫଳ,
ଆଗାମୀ ଯୁଗର ଯୋଦ୍ଧା ହେବାକୁ ହୃଦୟେ ଆମର ଦିଅ ମା ବଳ ।୨।

ଲୋଡ଼ା ନାହିଁ କିଛି ମାଗିବାକୁ ଆଜି ସବୁ ତ ଦେଇଛ ଜୀବନେ ଭରି,
ତୁମରି ଦରବ ତୁମକୁ ଦେବାକୁ ପ୍ରେରଣା ଦିଅ ମା ହୃଦେ ଆମରି ।୩।

ସଂସାର ଯାକର ଯାତନା ସହିବୁ ଆସୁ ଯେତେ କାଳ କରାଳ ରାତି,
ନୂତନ ଯୁଗର ଯାତ୍ରୀ ହେବାକୁ ପରାଣେ ଆମର ଦିଅ ଶକତି ।୪।

ନବ ବରଷର ନବୀନ ପ୍ରଭାତେ ଦଣ୍ଡାୟମାନ ମା ତୁମ ସନ୍ତାନ,
କରପତ୍ର ଯୋଡ଼ି ଜଣାଉଛୁ ମାଗୋ ତୁମ ଶ୍ରୀଚରଣେ ଦିଅ ଶରଣ ।୫। ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୪୭)


## ମହେନ୍ଦ୍ରନାଥ ସ୍ୱାଇଁ


**ଶାରୀରିକ ଅସୁସ୍ଥତା ଏବଂ ମା'ଙ୍କ କୃପା :**

''ଧ୍ୟାନ ଓ ପ୍ରାର୍ଥନା'' ପୁସ୍ତକର ଅଗଷ୍ଟ ୧୭, ୧୯୧୩ ଦିନଲିପିରେ ଦିବ୍ୟଜନନୀ ଶ୍ରୀମା ଲେଖିଛନ୍ତି –

"O LORD, Master of our life, let us soar very high above all care for our material preservation. Nothing is more humiliating and depressing than these thoughts so constantly turned towards the preservation of the body, these preoccupations with health, the means of subsistence, the framework of life. ... How very insignificant is all this, a thin smoke that a simple breath can disperse or a single thought turned towards Thee dispel like a vain mirage !"

(Prayers and Meditations, p. 30)

''ହେ ପ୍ରଭୁ, ଆମ ଜୀବନର ଅଧୀଶ୍ୱର, ଆମେମାନେ ଯେପରି ସ୍ଥୂଳ ଶରୀରର ଯତ୍ନ ନେବା ନିମନ୍ତେ ଯେଉଁ ଦୁଶ୍ଚିନ୍ତାରେ ପଡ଼ି ରହିଛୁ ସେଥିରୁ ବାହାରିଯିବା ପାଇଁ, ଅତି ଊର୍ଦ୍ଧ୍ୱକୁ ଉଠିଯିବା ଲାଗି ଚେଷ୍ଟା କରୁଛୁ । ଶରୀରକୁ ସୁରକ୍ଷିତ କରି ରଖିବା ପାଇଁ ଆମ ଭିତରେ ଯେଉଁ ନିରବଚ୍ଛିନ୍ନ ପ୍ରଚେଷ୍ଟା ଲାଗି ରହିଛି, ସ୍ୱାସ୍ଥ୍ୟ ସମ୍ପର୍କୀୟ ଚିନ୍ତା ଯେପରି ଆମକୁ ଅଧିକାର କରି ରଖିଛି, କବଳିତ କରିଛି, ଖାଦ୍ୟପେୟର ବ୍ୟବସ୍ଥା ସମ୍ପର୍କୀୟ ଚିନ୍ତା ଯାହା ଆମ ଜୀବନର ଏକମାତ୍ର ଧ୍ୟେୟ ହୋଇଛି ତାହାଠାରୁ ଆଉ ଅଧିକ ଅବସାଦପୂର୍ଣ୍ଣ, ଅପମାନଜନକ କଥା କ'ଣ ଥାଇପାରେ... । ଏସବୁ କଥାଗୁଡ଼ିକ କେତେ ଯେ ମୂଲ୍ୟହୀନ, ଅବାନ୍ତର, ଏକ ପତଳା ଧୂଆଁର ସ୍ତର ସଦୃଶ; ଯାହାକି ଏକ ମାମୁଲି ନିଃଶ୍ୱାସରେ କେଉଁଆଡ଼େ ଉଡ଼ି ଚାଲି ଯାଇପାରେ ଅଥବା ଏହି ସମ୍ପର୍କୀୟ ଏକମାତ୍ର ଚିନ୍ତା, ଭାବନା ଆପଣଙ୍କ ଆଡ଼କୁ ଚାହିଁ ଦେଲେ ଏହି ସମସ୍ତ ଏକ ନିଷ୍ଫଳ ମରୀଚିକା ସଦୃଶ ମିଳାଇ ଯାଏ ।''

ଆଲୋଚ୍ୟ ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦରେ ମା ଆମେମାନେ କିପରି ଶରୀର ସର୍ବସ୍ୱ ହୋଇ ପଡ଼ିଛେ ଏବଂ ଶରୀରର ଯତ୍ନ ନେବାରେ ବାନ୍ଧି ହୋଇ ରହି ଯାଇଛେ – ଶରୀରର ସୁସ୍ଥତା, ସାବଲୀଳତା, ନୀରୋଗ ଅବସ୍ଥା ସମ୍ପର୍କୀୟ ଚିନ୍ତା ଓ ଭାବନାରେ ସର୍ବଦା ବାନ୍ଧି ହୋଇ ରହି ଯାଇଛେ ସେସବୁକୁ ପ୍ରଭୁଙ୍କ ନିକଟରେ ନିବେଦନ କରିଦେଇ ଏହି ଅବସ୍ଥାରୁ ମୁକ୍ତି ଲାଭ କରିବା ନିମନ୍ତେ ପ୍ରାର୍ଥନା ଜଣାଇଛନ୍ତି । ଶରୀରରେ ରୋଗ ନ ଥିଲେ ମଧ୍ୟ ଚିନ୍ତାର ଆତିଶଯ୍ୟରେ ଅବସନ୍ନ, ଅବସାଦଗ୍ରସ୍ତ ତଥା ଦୀନହୀନ ଅବସ୍ଥାରେ ପଡ଼ି ରହି ରୋଗର ଆଗମନକୁ ଅପେକ୍ଷା କରିବାରେ ଲାଗିଥାଉ । ଫଳରେ ଆମକୁ ଏହା ପୂର୍ବରୁ ରୋଗ ଅଧିକାର କରି ନେଇଥାଏ; ପରମପ୍ରଭୁ ଏବଂ ମା'ଙ୍କ କଥା ଚିନ୍ତା କରିବାକୁ ବେଳ ନ ଥାଏ । ଏହି ପ୍ରକାର ଅବସ୍ଥାରୁ ବାହାରି ଆସିବା ନିମନ୍ତେ ଦିବ୍ୟଜନନୀ ଉକ୍ତ ଅନୁଚ୍ଛେଦରେ ଉପାୟ ମଧ୍ୟ ବତାଇ ଦେଇଛନ୍ତି । ମା କହୁଛନ୍ତି, ''ଏହି ଚିନ୍ତାଗୁଡ଼ିକ ପତଳା ଧୂଆଁର ଆବରଣ, ଯାହା ନିଃଶ୍ୱାସରେ ଉଡ଼ିଯିବେ, କିଂବା ପ୍ରଭୁଙ୍କ ଆଡ଼କୁ ଟିକିଏ ଚାହିଁଦେଲେ, ସବୁ ଭାବନା ତାଙ୍କୁ ନିବେଦନ କରିଦେଲେ ସେମାନଙ୍କର ଚିହ୍ନବର୍ଣ୍ଣ ରହିବ ନାହିଁ । ମରୀଚିକା ସଦୃଶ କୁଆଡ଼େ ଉଭେଇ ଯିବ ।'' ତାହାହେଲେ ଆମ ଶରୀରର ଭଲମନ୍ଦ, ସୁଖ ଅସୁଖ କଥା ପ୍ରଭୁଙ୍କୁ ଜଣାଇବା ନାହିଁ କାହିଁକି ?

ଏହି ଯେଉଁ ସମାଧାନଟି ମା ଦେଇଛନ୍ତି ବର୍ତ୍ତମାନ ସମୟ ପାଇଁ ଏହା ଏକ ମହୌଷଧି । ତେଣୁ ମାତୃସନ୍ତାନମାନେ ଅନ୍ୟ କୌଣସି ଭାବନାର ଗୋଲକଧନ୍ଦାରେ ନ ପଡ଼ି ପ୍ରଭୁଙ୍କ ନିକଟରେ ଶରୀରକୁ ନିବେଦିତ କରିଦେବା । ମା'ଙ୍କ ହାତରେ ଏହାର ଦାୟିତ୍ୱ ନ୍ୟସ୍ତ କରି କହିବା, ''ମା, ଏ ଶରୀର ଆପଣଙ୍କର, ଏହାର ସୁରକ୍ଷାର ଦାୟିତ୍ୱ ମଧ୍ୟ ଆପଣଙ୍କର ।''

ପୁନଶ୍ଚ ମା ଉକ୍ତ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦଟିରେ କହୁଛନ୍ତି –

"Deliver those who are in this bondage, O Lord, even as those who are the slaves of

passion. On the path that leads to Thee these obstacles are at once terrible and puerile – terrible for those who are yet under their sway, puerile for one who has passed beyond."

''ଯେଉଁମାନେ ଏହି ପ୍ରକାର ବନ୍ଧନରେ ବାନ୍ଧି ହୋଇ ଯାଇଛନ୍ତି, ହେ ପ୍ରଭୁ, ସେମାନଙ୍କୁ ମୁକ୍ତି ପ୍ରଦାନ କରନ୍ତୁ; ଏପରିକି ଯେଉଁମାନେ ସମ୍ବେଦନା ଓ ଭାବପ୍ରବଣତାର ଦାସ ହୋଇ ଯାଇଛନ୍ତି ସେମାନଙ୍କୁ ମଧ୍ୟ । ଆପଣଙ୍କ ନିକଟକୁ ପଡ଼ିଥିବା ପଥ ମଧ୍ୟରେ ଏହି ପ୍ରତିବନ୍ଧକଗୁଡ଼ିକ ଏକାଧାରରେ ଭୟଙ୍କର ଏବଂ ବାଳସୁଲଭ ଦୁଷ୍ଟାମି ପରି, ସେହିମାନଙ୍କ ପାଇଁ ଏହା ଭୟଙ୍କର ଯେଉଁମାନେ ତଥାପି ସେମାନଙ୍କର ଭାବପ୍ରବଣତାର ସ୍ରୋତରେ ଭାସୁଛନ୍ତି ।

ପ୍ରକୃତରେ ଦେଖିବାକୁ ଗଲେ ଆମ ରାସ୍ତାରେ ଆସୁଥିବା ପ୍ରତିବନ୍ଧକ, ବାଧାବିଘ୍ନ ଭୟଙ୍କର ରୂପଧାରଣ କରି ଆମ ଜୀବନର ଗତିପଥକୁ ଧ୍ୱସ୍ତବିଧ୍ୱସ୍ତ କରି ଦେବାକୁ ସତତ ଚେଷ୍ଟିତ । କିନ୍ତୁ ଯଦି ଏହି ସମସ୍ତଙ୍କୁ ଏକତ୍ରିତ କରି ଦିବ୍ୟଜନନୀଙ୍କ ପାଦତଳେ ସମର୍ପଣ କରି ଦିଆଯାଏ ତେବେ ସେମାନେ ତତ୍‌କ୍ଷଣାତ୍ ଶକ୍ତିହୀନ ହୋଇଯିବେ ଏବଂ ମିଳାଇଯିବେ । ସେତେବେଳେ ମନେହେବ ଯେ ଏହି ଭୟଙ୍କର ବାଧାବିପତ୍ତିଗୁଡ଼ିକ ଏକ ପିଲାଳିଆ ଦୁଷ୍ଟାମି "Puerile" ବା Childish ବୋଲି । Latin ଭାଷାରେ "puer" ଶବ୍ଦଟିର ଅର୍ଥ ହେଉଛି "boy" or "child" – "puerile" ଏହାର adjective ବା 'ବିଶେଷଣ' ରୂପ – ଯାହାର ଅର୍ଥ Childishness.

ଏତାଦୃଶ ଦୁଃଶ୍ଚିନ୍ତାରୁ ମୁକ୍ତିଲାଭ କରିବା ନିମନ୍ତେ ଦିବ୍ୟଜନନୀ ଶ୍ରୀମା ସୁନ୍ଦର ସମୁଚିତ ଉଦାହରଣଟିଏ ଉକ୍ତ ପ୍ରାର୍ଥନାରେ ଉଲ୍ଲେଖ କରିଛନ୍ତି । ମା କହୁଛନ୍ତି, ''ଯେତେବେଳେ ଜଣେ ତା ନିଜ ସମ୍ପର୍କରେ ପୋଷଣ କରିଥିବା ଦୁଃଶ୍ଚିନ୍ତାରୁ ମୁକ୍ତ ହୋଇଯାଏ, ତାକୁ କେତେ ଯେ ହାଲୁକା ଲାଗେ, କେତେ ଯେ ଆନନ୍ଦ ଅନୁଭବ କରେ ତାହା ମୁଁ କିପରି ବର୍ଣ୍ଣନା କରିବି ? ନିଜର ଜୀବନ, ସ୍ୱାସ୍ଥ୍ୟ ଏବଂ ଆତ୍ମସନ୍ତୋଷ, ଏପରିକି ନିଜର ଉନ୍ନତି ନିମନ୍ତେ ଏହି ଦୁଃଶ୍ଚିନ୍ତା ଯେ କେତେ କ୍ଷତିକାରକ ସେକଥା ସମସ୍ତେ ଜାଣନ୍ତି ନାହିଁ କି ?''

ପରମ ପ୍ରଭୁଙ୍କୁ ସମ୍ବୋଧନପୂର୍ବକ ମା ବିନମ୍ରତାର ସହିତ କହୁଛନ୍ତି, ''ହେ ପ୍ରଭୁ ! ଆପଣ ମୋତେ ଏହି ସନ୍ତୋଷ ପ୍ରଦାନ କରିଛନ୍ତି, ମୁକ୍ତ କରି ଦେଇଛନ୍ତି, ହେ ମୋର ଦିବ୍ୟପ୍ରଭୁ, ମୋ ଜୀବନର ଜୀବନ, ମୋ ଆଲୋକର ଆଲୋକ, ଆପଣ ମୋତେ ନିରବଚ୍ଛିନ୍ନ ଭାବରେ ଏଇ ଶିକ୍ଷା ଦେଇ ଚାଲିଛନ୍ତି, ଭଲ ପାଇଛନ୍ତି ଏବଂ ମୋତେ ମୋ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି ।'' ଯଦି ଆମେମାନେ ପ୍ରଭୁଙ୍କ ନିକଟରେ ଆମର ସକଳ ଚିନ୍ତା, ଭାବନା ଓ କର୍ମଧାରାକୁ ଖୋଲି ଧରିବା ତାହା ହେଲେ ସେ ଆମର ସମସ୍ତ ଦାୟିତ୍ୱ ନେବେ ଏବଂ ଆମ ହାତ ଧରି ଠିକ୍ ଜାଗାରେ ପହଞ୍ଚାଇ ଦେବେ ।

ପ୍ରାର୍ଥନାଟିର ଶେଷରେ ମା ଲେଖୁଛନ୍ତି,

"O Divine Master, sublime Friend, marvellous Teacher, in a fecund silence I bow to Thee."

''ହେ ମୋର ଦିବ୍ୟପ୍ରଭୁ, ପ୍ରେରଣା ପ୍ରଦାନକାରୀ ମହିମମୟ ବନ୍ଧୁ, ଚମତ୍କାର ଗୁରୁ – ସମ୍ଭାବନାପୂର୍ଣ୍ଣ ନୀରବତା ମଧ୍ୟରେ ମୁଁ ମସ୍ତକ ଅବନତପୂର୍ବକ ଆପଣଙ୍କୁ ବିନମ୍ର ପ୍ରଣତି ଜଣାଉଛି ।''

"Fecund" ଶବ୍ଦଟିର ଅର୍ଥ ହେଉଛି ଉର୍ବର, ଫଳପ୍ରଦ ଓ ସମ୍ଭାବନାପୂର୍ଣ୍ଣ । ମାତୃସନ୍ତାନମାନେ ଅନୁଭବ କରିଥିବେ ଯେ ''ନୀରବତା ଏକ ଶକ୍ତି'' ଯାହା ମଧ୍ୟରେ ଅନନ୍ତ ସମ୍ଭାବନା ପୂର୍ଣ୍ଣ ହୋଇ ରହିଛି ।

ସ୍ୱାସ୍ଥ୍ୟ ସମ୍ପର୍କୀୟ ଦୁଃଶ୍ଚିନ୍ତା କିପରି ଦିବ୍ୟଜନନୀଙ୍କ କୃପାର ପ୍ରଭାବରେ ଦୂରୀଭୂତ ହୋଇଯାଏ ତାହା ନିମ୍ନୋକ୍ତ କ୍ଷୁଦ୍ର କିନ୍ତୁ ଗଭୀର ଆଧ୍ୟାତ୍ମିକ ସତ୍ୟ ବହନ କରୁଥିବା ଘଟଣାଟିକୁ ଆଲୋଚନା କଲେ ଜାଣିପାରିବା –

ଆଶ୍ରମକୁ ମା ଆସି ଆଶ୍ରମ ତଥା ଅନ୍ତେବାସୀମାନଙ୍କର ସମସ୍ତ ଦାୟିତ୍ୱ ବହନ କଲା ପରେ ଅନ୍ତେବାସୀମାନେ ସେମାନଙ୍କ ଚିଠିପତ୍ର ମା'ଙ୍କୁ ସମ୍ବୋଧନ କରି ଲେଖୁଥିଲେ । କିନ୍ତୁ ସେହି ଚିଠିଗୁଡ଼ିକୁ ପ୍ରଭୁ ଶ୍ରୀଅରବିନ୍ଦ ପ୍ରତ୍ୟକ୍ଷ ଭାବରେ ହେଉ ବା ପରୋକ୍ଷ ଭାବରେ ହେଉ ଦେଖୁଥିଲେ, ଉତ୍ତର ବି ଦେଉଥିଲେ ।

ଥରେ ଗୋଟିଏ ଚିଠି ଶ୍ରୀହସ୍ତରେ ଧାରଣପୂର୍ବକ ଶ୍ରୀଅରବିନ୍ଦ ମା'ଙ୍କୁ ପ୍ରଶ୍ନ କଲେ, " 'Whose English is this ?' 'This is 'G's English', replied the Mother. 'Oh ! it is 'G's English !' exclaimed the Master."

(How They Came to Sri Aurobindo
and The Mother, P. 234)

ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ମନ୍ତବ୍ୟକୁ ଶ୍ରବଣ କରିଥିଲେ ପ୍ରଭୁଙ୍କ ନିକଟରେ କାର୍ଯ୍ୟରତ ଜଣେ ସାଧକ 'ମୂଳଶଙ୍କର' । ସିଏ ସେହି ଦିନ ଉପରଓଳି 'G' ଙ୍କ ଘରକୁ ଗଲେ ଏବଂ ତାଙ୍କୁ ଯାଇ କହିଲେ, "ପ୍ରଭୁ ଆଜି ତୁମର ନାମ ଉଚ୍ଚାରଣ କରିଛନ୍ତି" । 'G'ଙ୍କର ଆନନ୍ଦ କହିଲେ ନ ସରେ । ସେ ଭାବଗମ୍ଭୀର ହୋଇ ଗଲେ, ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ କହିଲେ, "ମୋର ଦୁର୍ବଳ ଇଂରାଜୀ ମୋ ପ୍ରତି ପ୍ରଭୁଙ୍କ ଦୃଷ୍ଟି ଆକର୍ଷଣ କଲା, ମୁଁ ଧନ୍ୟ ହୋଇଗଲି, କୃତକୃତ୍ୟ ହୋଇଗଲି" ।

ଉକ୍ତ ସାଧକ 'G' ଥରେ ୧୯୩୬ ମସିହା ଡିସେମ୍ବର ମାସରେ ମା'ଙ୍କ ସାନ୍ନିଧ୍ୟକୁ ଯାଇ ନିବେଦନ କଲେ, "ମା ମୋତେ ଶ୍ୱାସରୋଗ (asthma) ହୋଇଛି ବୋଲି ଡାକ୍ତର କହୁଛନ୍ତି" । ମା ତତ୍‌କ୍ଷଣାତ୍ ଉତ୍ତର ଦେଲେ, "ଏହା ଶ୍ୱାସରୋଗ ନୁହେଁ, ଡାକ୍ତର ତୁମ ମସ୍ତିଷ୍କ ଭିତରେ ଏହି ଧାରଣାଟି ସ୍ଥାପନ କରି ଦେଇଛନ୍ତି" । 'G' କହନ୍ତି, "ତା'ପରେ ମୋର ଶ୍ୱାସରୋଗ କୁଆଡ଼େ ଉଭେଇ ଗଲା" ।

(How They Came to Sri Aurobindo and The Mother, P. 234)

ମା'ଙ୍କ କୃପା ସକଳ ରୋଗର ମହୌଷଧି । ଆସନ୍ତୁ ବର୍ତ୍ତମାନର ପରିସ୍ଥିତିରେ ସମସ୍ତଙ୍କୁ ନିରାମୟ ରଖିବା ପାଇଁ ମା'ଙ୍କୁ ପ୍ରାର୍ଥନା କରିବା ।

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. Prayers and Meditations : The Mother

୨. How they came to Sri Aurobindo and the Mother – Shyam Kumari



**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୭୫)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମର ଏଇ ଯେଉଁ ମନଗଢ଼ା ଧାରଣା ଯେ ମୁଁ ତୁମକୁ ଉତ୍ସାହ ଦେବା ନିମନ୍ତେ ଏପରି ସବୁ କଥା କହେ ଯାହା ସତ୍ୟ ନୁହେଁ, ଏହା ସ୍ଥୂଳ ଏକ ସାଧାରଣ ମୂର୍ଖତା । ତାହା ଯଦି ହୋଇ ଥାଆନ୍ତା ତା'ହେଲେ କେବଳ ତୁମେ ଯେ ଯୋଗ ସାଧନା ନିମନ୍ତେ ଅନୁପଯୁକ୍ତ ହୋଇଛ ତା' ନୁହେଁ, ମୁଁ ମଧ୍ୟ ଯେଉଁମାନେ ସତ୍ୟର ସନ୍ଧାନୀ ସେମାନଙ୍କ ମଧ୍ୟରୁ କାହାର ଗୁରୁ ହେବାକୁ ଅନୁପଯୁକ୍ତ ହୁଅନ୍ତି । କାରଣ ସାମାନ୍ୟତମ ସତ୍ୟ ମଧ୍ୟ ଦେଇ ବୃହତ୍ତର ସତ୍ୟ ଆଡ଼କୁ ନେଇ ଯାଇ ହୁଏ କିନ୍ତୁ ମିଥ୍ୟା ମଧ୍ୟ ଦେଇ ସତ୍ୟ ଦିଗକୁ ନୁହେଁ । ଯୋଗ କ୍ଷେତ୍ରରେ ତୁମର ଯୋଗ୍ୟତା ଅଛି କି ନାହିଁ ତାହା ଏକ ପ୍ରଶ୍ନ ହିଁ ନୁହେଁ । ଏ ବିଷୟରେ ତୁମର ସ୍ଥୂଳ ମନ ଏକ ଅଭ୍ରାନ୍ତ ବିଚାରକ ହୋଇ ପାରେନା । ସ୍ଥୂଳ ମନ ତାତ୍‌କ୍ଷଣିକ ବାହ୍ୟ ରୂପ ଦେଖି ବିଚାର କରେ ଏବଂ ଯୋଗର ଚେତନା ବା ଶକ୍ତିସମୂହକୁ ଯେଉଁ ନିୟମକାନୁନ ପରିଚାଳିତ କରେ ସେ ସମ୍ବନ୍ଧେ ତା'ର କୌଣସି ଜ୍ଞାନ ନ ଥାଏ । ପ୍ରକୃତପକ୍ଷେ ଯୋଗରେ ଯୋଗ୍ୟ ବା ଅଯୋଗ୍ୟର ପ୍ରଶ୍ନ ଉଠେ ନାହିଁ ବରଂ ପ୍ରଶ୍ନ ଉଠେ ଭଗବତ୍ ପ୍ରସାଦ ଗ୍ରହଣ କରିବାର ଯୋଗ୍ୟତାକୁ ନେଇ । ଏପରି କୌଣସି ମନୁଷ୍ୟ ନାହିଁ ଯାହାର ଶରୀରର ବହିଃଶ୍ଚେତନା (ବର୍ତ୍ତମାନ ତୁମେ ତୁମର ଯେଉଁ ଅଂଶରେ ବାସ କରୁଛ) ଯୋଗ ନିମନ୍ତେ ଉପଯୁକ୍ତ । ଭାଗବତ ପ୍ରସାଦ ଏବଂ ଉର୍ଦ୍ଧ୍ୱର ଆଲୋକପାତ ଦ୍ୱାରା କେବଳ ତାହା ସମ୍ଭବ ହୁଏ, ଏବଂ ତା' ପାଇଁ ପ୍ରୟୋଜନ ଅଧ୍ୟବସାୟୀ ହେବା ଏବଂ ଆଲୋକ ଦିଗକୁ ଆହୁରି ଖୋଲି ଧରିବା । ପ୍ରତ୍ୟେକେ ଯୋଗ ଜୀବନରେ ଯେତେବେଳେ ପ୍ରବେଶ କରନ୍ତି ତାଙ୍କର ଶାରୀର ଚେତନା ସମାନ ପ୍ରକାରର ବାଧା ଅନୁଭବ କରେ ଓ ଅନୁଭବ କରେ ଯେପରି ସେ ଅନୁପଯୁକ୍ତ, ଅନ୍ଧକାରାଚ୍ଛନ୍ନ, ତା'ର କିଛି ବି ହୋଇ ନାହିଁ, କୌଣସି ପରିବର୍ତ୍ତନ ବି ତା' ମଧ୍ୟରେ ହୋଇ ନାହିଁ ଯେଉଁଥିରୁ ସେ ଯୋଗ କରିବା ଆରମ୍ଭ କରିଛି ଓ ସେତେବେଳେ ତା' ମଧ୍ୟରେ ପ୍ରବଣତା ଆସେ ପୂର୍ବରୁ ଯାହା କିଛି ଘଟିଛି ତାହା ଭୁଲି ଯିବାର କିଂବା ଅନୁଭବ କରେ ସେ ସବୁକିଛି ହରାଇଛି କିଂବା ସେସବୁ ଯେମିତି ଅବାସ୍ତବ ବା ଅସତ୍ୟ ଥିଲା, ତାହା ହିଁ ରହିଛି ।

ମୋର ମନେ ହୁଏ ତୁମେ ସେଇଥିପାଇଁ ଆପତ୍ତି କରୁଛ ତୁମର ଏତେଦୂର ଅଗ୍ରସର ହେବା ସମ୍ବନ୍ଧରେ ଦେଇଥିବା ବକ୍ତବ୍ୟକୁ । ମୁଁ କହିବାକୁ ଚାହୁଁଥିଲି ତୁମର ଚିନ୍ତାଶୀଳ ମନ, ହୃଦୟ, ଉର୍ଦ୍ଧ୍ୱପ୍ରାଣ ସତ୍ତା ଏବଂ ଉପଲବ୍ଧି ସମୂହରେ ମଧ୍ୟ ଉନ୍ମୀଳନ ହୋଇଥିଲା ଏବଂ ଖୁବ୍ ସ୍ୱଚ୍ଛ ଭାବରେ ହିଁ ତୁମେ ଦେଖିଥିଲ ତୁମ ନିଜର ସତ୍ତା ଏବଂ ପ୍ରକୃତିର ଅବସ୍ଥାକୁ ଏବଂ ତା' ଦ୍ୱାରା ଏତେଦୂର ଶିକ୍ଷା ଗ୍ରହଣ କରିଥିଲ ଯେ ଏହିସବୁ ଅଂଶଗୁଡ଼ିକ ପ୍ରସ୍ତୁତ ହୋଇଥିଲା ଆଧ୍ୟାତ୍ମିକ ପରିବର୍ତ୍ତନ ନିମନ୍ତେ – ଅବଶିଷ୍ଟ ଯାହା ରହିଥାଏ ତାହା ହେଉଛି ଶରୀର ଓ ବହିଃଶ୍ଚେତନା । ତାକୁ ବାଧ୍ୟ କରିବାକୁ ହେବ ପ୍ରୟୋଜନୀୟ ପରିବର୍ତ୍ତନ ମାନି ନେବାକୁ । ଏଥିରେ ସନ୍ଦେହ ନାହିଁ ଯେ କର୍ମର ସବୁଠାରୁ କଠିନତମ ଅଂଶକୁ ବି ସମ୍ପନ୍ନ କରିବାକୁ ପଡ଼ିବ । ତେବେ ଏହା ବି ସତ୍ୟ ଯେ ଏହା ସେଇ ଅଂଶଟି ଯାହାକୁ ଥରେ ମାତ୍ର କାର୍ଯ୍ୟକାରୀ କରାଗଲେ ସତ୍ତା ଓ ପ୍ରକୃତିର ପୂର୍ଣ୍ଣ ପରିବର୍ତ୍ତନ ସାଧନ କରିବା ସମ୍ଭବ ହେବ । ସେଥିପାଇଁ ମୁଁ କହିଥିଲି ଯେ ଯେହେତୁ ସେ ବିରୋଧ କରୁଛି, ସେଇ କାରଣରୁ ଏତେଦୂର ଯାଇ ବର୍ତ୍ତମାନ ଫେରିବା ବା ତାକୁ ଛାଡ଼ି ଦେବାଟା ହେବ ଏକ ଅଦ୍ଭୁତ ହାସ୍ୟକର ଘଟଣା – ସମସ୍ତଙ୍କ ମଧ୍ୟରେ ସର୍ବଦା ସେ ହିଁ ବିରୋଧ କରେ ଏବଂ ତାହା କରେ ଅତି ଦୁର୍ଦ୍ଦମନୀୟତାର ସହ । ତାହା କୌଣସି ଏକ ଯୁକ୍ତି ନୁହେଁ ଏଇ ପ୍ରଚେଷ୍ଟାକୁ ଛାଡ଼ି ଦେବାର ।

ତୁମ ପତ୍ରରେ ଏହି ଚେତନା ନିଜକୁ ପ୍ରକାଶ କରିଛି – କିଂବା ସେଇ ଅନ୍ଧକାରାଚ୍ଛନ୍ନ ଅଂଶ ନିଜକୁ ପ୍ରକାଶ କରିଛି ଯେଉଁଟି କି ତା'ର ପୁରାତନ ଭାବନାକୁ ଜାବୁଡ଼ି ଧରିବାକୁ ଚାହେଁ । ଯଦି ସେ ଯାହାସବୁ ଚାହିଁଥିଲା ତାହା ପୂରଣ ନ ହୁଏ ତେବେ ସେ ସାଧନାରେ ପୂର୍ଣ୍ଣତା ଚାହେଁ ନାହିଁ । ସେ ଚାହେଁ ତା'ର ଅହଂକାରର ତୃପ୍ତି, ଆତ୍ମ-ସଂସାଧନ, ପ୍ରଶଂସା ଏବଂ ତା'ର ବାସନା ଚରିତାର୍ଥର ଅନୁମୋଦନ । ସେ ବାହ୍ୟ ଦିଗରୁ

ଭଗବାନଙ୍କ ପ୍ରେମର ପରିମାପ କରେ; ଯାହାସବୁ ତାକୁ ଦିଅଯାଇଛି ତା' ମଧ୍ୟରୁ ଏକ ଈର୍ଷାପୂର୍ଣ୍ଣ ଦୃଷ୍ଟି ନେଇ ଦେଖେ କେଉଁମାନେ ତା'ଠାରୁ ଭଗବାନଙ୍କ ପ୍ରେମ ବେଶୀ ପରିମାଣରେ ପାଉଛନ୍ତି ଏବଂ ତା'ପରେ କହିବାକୁ ଆରମ୍ଭ କରିଦିଏ ଯେ ତା' ପାଇଁ ଭଗବାନଙ୍କର କୌଣସି ଭଲପାଇବା ନାହିଁ ଏବଂ ଯେଉଁ ଯୁକ୍ତି ସେ ଆରୋପ କରେ ସେଥିରେ ହୁଏତ ଭଗବାନଙ୍କୁ ଖର୍ବ କରି କିଂବା ତୁମ ପତ୍ରରେ ଯେପରି ରହିଛି ସେଇ ଭାବେ ନିଜକୁ ଛୋଟ କରି ଦେଖେ ଏବଂ ତାହାହିଁ ହେଉଛି ହତାଶାର କାରଣ । କେବଳ ତୁମ ମଧ୍ୟରେ ଯେ ଏଇ ପ୍ରକାର ଅନୁଭବ ଓ କ୍ରିୟା ହୋଇଛି, ତାହା ନୁହେଁ, ପ୍ରାୟ ସମସ୍ତଙ୍କ ମଧ୍ୟରେ ହିଁ ଏଇ ପ୍ରକାରର ଅନୁଭବ ହୁଏ । ତୁମର ଅବା ଅନ୍ୟ ସମସ୍ତଙ୍କ ମଧ୍ୟରେ ଯଦି କେବଳ ଏଇଟା ହିଁ ରହିଥାଆନ୍ତା ତା'ହେଲେ ବାସ୍ତବିକ ପକ୍ଷରେ ଯୋଗ ସାଧନାର କୌଣସି ସମ୍ଭାବନା ରହି ନ ଥାଆନ୍ତା । ଯଦିଓ ଏହା ଖୁବ୍ ପ୍ରବଳ ଶକ୍ତିସମ୍ପନ୍ନ କିନ୍ତୁ ଏହା ସବୁକିଛି ନୁହେଁ – ଚୈତ୍ୟସତ୍ତା ରହିଛି, ଏବଂ ତା' ଦ୍ୱାରା ପ୍ରଭାବିତ ଆଲୋକିତ ମନ ଏବଂ ହୃଦୟ ମଧ୍ୟ ରହିଛି, ଏବଂ ସେଥିରେ ରହିଛି ସବୁ ଜିନିଷ ଓ ସାଧନାର ଲକ୍ଷ୍ୟକୁ ଅନ୍ୟ ଭାବେ ଦେଖିବାର ଭଙ୍ଗି ମଧ୍ୟ । ଏହି ଯେଉଁ ଅଂଶଟିକୁ ପରିବର୍ତ୍ତିତ ହେବାକୁ ହେବ; ତା'ର ଏଇ ଭାବରେ ତରଙ୍ଗାୟିତ ଓ ସ୍ଫୀତ ହୋଇ ଉଠିବା କାରଣରୁ ଏବେ ତୁମ ଭିତରେ ଏସବୁ ଆବୃତ ହୋଇ ଯାଇଛି । ସେସବୁ ତାମସିକତା ଏବଂ ପରିବର୍ତ୍ତିତ ହେବାକୁ ଚାହେଁନା; ବିଶ୍ୱାସ ମଧ୍ୟ କରିବାକୁ ଚାହେଁ ନାହିଁ ଯଦି ତାକୁ ପ୍ରାଣିକ ଅହଂ ଦେଇ ପୁନରାୟ ଆଶ୍ୱସ୍ତ କରା ନ ଯାଏ । କିନ୍ତୁ ଏସବୁ ମଧ୍ୟରେ ନୂତନତା କିଛି ନାହିଁ – ଏହା ମାନବ ପ୍ରକୃତିର ଅଙ୍ଗ ଏବଂ ସର୍ବଦା ହିଁ ତାହାରି ମଧ୍ୟରେ ଥିଲା ଏବଂ ସାଧନାକୁ ସୀମିତ ଓ ବ୍ୟାହତ କରୁଥିଲା । ତା'ର ଅସ୍ତିତ୍ୱ ହତାଶାର କୌଣସି କାରଣ ନୁହେଁ – ଏସବୁ ସମସ୍ତଙ୍କର ହିଁ ଅଛି ଏବଂ ତାହା ଥିବା ସତ୍ତ୍ୱେ ବି ସର୍ବଦା ସାଧନା କରିବାକୁ ହେବ, ଯେଉଁ ମିଶ୍ରଣସବୁକୁ ସେ ଧରି ରଖିଛି ତା' ସତ୍ତ୍ୱେ ବି ଯେତେଦିନ ପର୍ଯ୍ୟନ୍ତ ସମୟ ନ ଆସିଛି ସେତେଦିନ ତାକୁ ନିଶ୍ଚିତ ରୂପେ ପରିବର୍ତ୍ତିତ କିଂବା ପରିବର୍ଜିତ କରିବାକୁ ହେବ । ଏହା କରିବା ଖୁବ୍ କଠିନ କିନ୍ତୁ ସମ୍ପୂର୍ଣ୍ଣ ରୂପେ ସମ୍ଭବ । ଏଇ ସମସ୍ତ କିଛି ଜାଣେ ଏବଂ ଉପଲବ୍ଧି କରେ ବୋଲି ତୁମକୁ ମୁଁ ଜୋର୍ ଦେଇଥାଏ ଏହା ପଶ୍ଚାତରେ ଥିବା ତୁମର ଅଧ୍ୟବସାୟ ନିମନ୍ତେ ଏବଂ ଉତ୍ସାହିତ କରେ ଆଗେଇ ଯିବା ପାଇଁ । ତୁମର ଅବସ୍ଥା ସମ୍ବନ୍ଧରେ ମୋର ଉକ୍ତି ଭୁଲ୍ ନୁହେଁ ବରଂ ତୁମ ସତ୍ତାର ଅନ୍ଧକାରାଚ୍ଛନ୍ନ ଯେଉଁ ଦୃଷ୍ଟିଭଙ୍ଗୀ ଯାହାକୁ ଦେଖୁଛି ତାହା ହିଁ ବେଠିକ୍ ଏବଂ ଏକ ବିରାଟ ଭୁଲ୍ ।

(୨୯.୦୭.୩୭)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

# ଚରଣରେଣୁ ତୁମ

## ସ୍ୱପ୍ନେନ୍ଦୁ କୁମାର

ଫୁଲର ପରାଗରେ ଚରଣରେଣୁ ତୁମ,
ପାଇବା ପରେ ପୁଣି କାହିଁକି ଏହି ଭ୍ରମ ?

ବିଜୁଳି ଗାରେ ଗାରେ ତୁମର ହସରେଖା,
ତଥାପି କହି ବୁଲେ ପାଇନି ତୁମ ଦେଖା ।

ମଳୟ ସମୀରରେ ହୃଦୟ ଶିହରଣ,
ଶ୍ରାବଣ ବାରିପାତେ କୃପାର ବରଷଣ ।

ନୀଳିମା ଘନ ହୁଏ ଶରତ ଆକାଶରେ,
ହୀରାର ଫୁଲ ଫୁଟେ ହେମନ୍ତ ଶିଶିରରେ ।

ତୁମର ପାଦ ସ୍ମରି ଚଢ଼ାଏ ଯେବେ ଧୂପ,
ଝଟକି ଉଠେ ତୁମ କାନ୍ତି ଅପରୂପ ।

ଆହୁରି ପାଇବାକୁ ତଥାପି ଏ କି ଆଶା !
ବାସନା ପରଶରେ ତୃପ୍ତି ଭୁଲେ ଭାଷା ।

ଅନନ୍ତ ଯେଣୁ ତୁମେ ତୁମକୁ ପାଇବାର,
ତୃଷାର ଶେଷ ନାହିଁ ପିପାସା ଅନିବାର ।

❑❑❑

# କବି ନିଶିକାନ୍ତ

## (୬)

୨୯ମେ ୧୯୨୮ରେ ରବୀନ୍ଦ୍ରନାଥ ଠାକୁର ଦାକ୍ଷିଣାତ୍ୟ ଭ୍ରମଣ କରି ବିଦେଶକୁ ଯାତ୍ରା କରିବା ପୂର୍ବରୁ ଜାହାଜରେ ମାଦ୍ରାଜ (ଅଧୁନା ଚେନ୍ନାଇ)ରୁ କଲମ୍ବୋ ଯିବା ପଥରେ ପଣ୍ଡିଚେରୀ ବନ୍ଦରରେ ଅବତରଣ କରି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିଥିଲେ । ଅବଶ୍ୟ ସେତେବେଳେ ଶ୍ରୀଅରବିନ୍ଦ କୌଣସି ଦର୍ଶନାର୍ଥୀଙ୍କୁ ସାକ୍ଷାତ୍ କରୁ ନ ଥିଲେ, ତଥାପି ରବୀନ୍ଦ୍ରନାଥ ମାଦ୍ରାଜରୁ ଟେଲିଗ୍ରାମ କରି ଶ୍ରୀଅରବିନ୍ଦଙ୍କର ଅନୁମତି ପ୍ରାପ୍ତ ହୋଇ ତାଙ୍କୁ ସାକ୍ଷାତ୍ କରିବାକୁ ପଣ୍ଡିଚେରୀରେ ପଦାର୍ପଣ କରିଥିଲେ ।

ଏହି ସାକ୍ଷାତ୍କାରରେ ରବୀନ୍ଦ୍ରନାଥଙ୍କର ପ୍ରଗାଢ଼ ଉପଲବ୍ଧି ହୋଇଥିଲା ଏବଂ ଏ ସମ୍ବନ୍ଧେ ମର୍ମସ୍ପର୍ଶୀ ଭାବରେ ସେ ସେଇବର୍ଷ ଜୁଲାଇ ମାସରେ କଲିକତାରୁ ପ୍ରକାଶିତ ଇଂରାଜୀ ଓ ବଙ୍ଗଳା ପତ୍ରିକା ଦ୍ୱୟରେ ପ୍ରକାଶ କରିଥିଲେ ।

ରବୀନ୍ଦ୍ରନାଥଙ୍କର ଉପରୋକ୍ତ ବିବୃତି ପଢ଼ି ଶାନ୍ତି-ନିକେତନର ଛାତ୍ରଗଣଙ୍କ ମଧ୍ୟରୁ ଅନେକେ ଗୋପନରେ ଶ୍ରୀଅରବିନ୍ଦଙ୍କର ଲେଖା ଯୋଗାଡ଼ କରି ଆଗ୍ରହର ସହିତ ପଢ଼ିବାକୁ ଆରମ୍ଭ କରି ଦେଇଥିଲେ । ଗୋପନରେ କହିବାର ଅର୍ଥ ହେଲା ସେତେବେଳେ ରବୀନ୍ଦ୍ରନାଥଙ୍କର କଡ଼ା ନିର୍ଦ୍ଦେଶ ଥିଲା ଶାନ୍ତିନିକେତନର ସମସ୍ତ ଛାତ୍ର କେବଳ ତାଙ୍କର ଲେଖା ପୁସ୍ତକସବୁ ଅଧ୍ୟୟନ କରିବେ ।

ପରେ ଏ ସମ୍ବନ୍ଧେ ପଣ୍ଡିଚେରୀରେ ନିଶିକାନ୍ତ ତାଙ୍କର ଜନୈକ ଘନିଷ୍ଠ ଯୁବ-ବନ୍ଧୁଙ୍କୁ କହିଥିଲେ :

''ଜାଣ ପୃଥ୍ୱୀନ୍, ଆମମାନଙ୍କର ବୟସ ସେତେବେଳେ ଏଗାର କି ବାର । ଦିନେ କବିଗୁରୁଙ୍କ ସମ୍ମୁଖରେ କହିଥିଲି, 'ଆପଣଙ୍କ ଲେଖା ଆଦୌ ଭଲ ଲାଗେ ନାହିଁ ।...' ଆଉ ଭଲ ନ ଲାଗିବାର କାରଣ କ'ଣ ଜାଣିଛ ? ସେ ସମୟରେ ଆମ କ୍ଲାସରେ ବାଧ୍ୟତାମୂଳକ ଭାବରେ ରବୀନ୍ଦ୍ରନାଥଙ୍କ ପୁସ୍ତକ ପଢ଼ା ଯାଉଥିଲା; ନିତି, ବାର ମାସ – ଉଠିଲେ ରବୀନ୍ଦ୍ରନାଥ, ବସିଲେ ରବୀନ୍ଦ୍ରନାଥ – ତୁମେ କୁହ, କାହାକୁ ଭଲ ଲାଗିବ ?... ତାଙ୍କ ଲିଖିତ ବହି ପଢୁ ନାହୁଁ ବୋଲି କେବଳ ମୋତେ ନୁହେଁ, ମୋର କେତେକ ଅନ୍ତରଙ୍ଗ ବନ୍ଧୁଙ୍କୁ ମଧ୍ୟ ସେ ପୃଥକ୍ ଭାବରେ ଡାକି ନେଇ ଗାଳି ଦେଇଥିଲେ, ବେଶ୍ ଦୋଷାରୋପ କରିଥିଲେ, ତିରସ୍କାର ବି କରିଥିଲେ ।...

''ଆଉ ଟିକିଏ ବେଶୀ ବୟସରେ (୧୯୨୮ ପରେ) ଶାନ୍ତିନିକେତନରେ କବିଗୁରୁ ମୋତେ ଗାଳି ଦେଇ କହିଲେ : 'ହଇରେ ନିଶିକାନ୍ତ ! ପ୍ରଭାତ ମୁଖାର୍ଜୀ ପାଖରୁ ଶୁଣିଲି ତୁ କ'ଣ ଅରବିନ୍ଦ ଘୋଷଙ୍କ ଲେଖା ବେଶ୍ ତନ୍ନ ତନ୍ନ କରି ପଢ଼ିବାରେ ଲାଗିଛୁ ?'

''ସେଇଠୁ ମୁଁ ତତ୍କ୍ଷଣାତ୍ କହିଉଠିଲି, 'ମିଛକଥା ! କେବଳ ଅରବିନ୍ଦ ଘୋଷଙ୍କ ଲେଖା ପଢ଼ିବି କାହିଁକି ? ମୁଁ ସ୍ୱାମୀ ବିବେକାନନ୍ଦ, ଠାକୁର ରାମକୃଷ୍ଣ, ଆହୁରି ଅନେକ ସାଧୁ-ମହାତ୍ମାଙ୍କର ବହିସବୁ ପଢ଼େ ।' ମୋ କଥା ଶୁଣି ତାଙ୍କ ନୟନଯୁଗଳ ସ୍ଥିର ! କାରଣ ସେସମୟରେ ଶ୍ରୀରାମକୃଷ୍ଣ, ବିବେକାନନ୍ଦଙ୍କର କୌଣସି ଗ୍ରନ୍ଥ ଶାନ୍ତିନିକେତନର ଗ୍ରନ୍ଥାଗାରରେ ସ୍ଥାନ ପାଉ ନ ଥିଲା । ସେଇଠୁ ସେ ମୋତେ ଧମକ ଦେଇ କହିଲେ, 'ତୁ କୁଆଡ଼େ ଲେଖକ ହେବୁ ? ବଙ୍ଗଳା ସାହିତ୍ୟରେ ତୋର ତ କୌଣସି ଜ୍ଞାନ ନାହିଁ । ମୋ ଲେଖା ପଢ଼ିଛୁ ?'

''ସେଇଠୁ ମୋ ଭିତରେ ଜିଦ୍ ଉଦ୍ରେକ ହେଲା । ବନ୍ଧୁ ସାଗରମୟଙ୍କୁ ନେଇ ସିଧା ଗଲୁ ଲାଇବ୍ରେରିକୁ । ଦୁଇଜଣ ମିଶି ଗଦା ଗଦା ସାହିତ୍ୟ-ପୁସ୍ତକ ଆଣି ପଢ଼ିବାକୁ ଆରମ୍ଭ କରିଦେଲୁ । ତିନି ମାସ ମଧ୍ୟରେ ପ୍ରାଚୀନ ସାହିତ୍ୟରୁ ଆରମ୍ଭ କରି ପ୍ରେମେନ୍ଦ୍ର, ବୁଦ୍ଧଦେବ, ଅଚିନ୍ତ୍ୟକୁମାରଙ୍କ ପର୍ଯ୍ୟନ୍ତ ସବୁ ପୁସ୍ତକ ପାଠ କଲୁ । ତା'ପରେ କବିଗୁରୁଙ୍କୁ ଭେଟି କହିଲି, 'ପରୀକ୍ଷା ନିଅନ୍ତୁ !'

''ଇତି ମଧ୍ୟରେ କବିଗୁରୁ ନିୟମିତ ଲାଇବ୍ରେରି ରକ୍ଷକ ପ୍ରଭାତଙ୍କଠାରୁ ଖବର ନେଇଥିଲେ । ସେ ତାଙ୍କୁ କହିଥିଲେ ଯେ ଲାଇବ୍ରେରିରେ ଥିବା ସମସ୍ତ ସାହିତ୍ୟ-ଗ୍ରନ୍ଥକୁ ଏହି ଦୁଇଟି ଦୁର୍ଦ୍ଦାନ୍ତ ବନ୍ଧୁ ପଢ଼ି ଶେଷ କରି ଦେଇଛନ୍ତି । କବିଗୁରୁ ମୋର 'ପରୀକ୍ଷା ନିଅନ୍ତୁ' କଥା ଶୁଣି ଆମ ଦୁଇ ଜଣଙ୍କୁ ସାଦରେ ଡାକି ପେଟପୂରା ଖାଇବାକୁ ଦେଇ ହାସ୍ୟମୁଖରେ ନୀରବରେ ବିଦାୟ ଦେଇଥିଲେ ।''

ନିଶିକାନ୍ତଙ୍କୁ ରବୀନ୍ଦ୍ରନାଥ ତାଙ୍କର ପ୍ରଥମ ଦୃଷ୍ଟିପାତରେ ଚିହ୍ନି ନେଇଥିଲେ ତାଙ୍କ ଭିତରେ ଥିବା ଅସାଧାରଣ ସାମର୍ଥ୍ୟକୁ ।

କିନ୍ତୁ ନିଶିକାନ୍ତ ଯେ ତାଙ୍କ ପଥର ପଥିକ ନୁହଁନ୍ତି – ଏ ଜ୍ଞାନ କବିଗୁରୁଙ୍କର ଥିଲା ତୀକ୍ଷ୍ଣ, ଅତୁଟ । ନିଶିକାନ୍ତଙ୍କ ଉକ୍ତିରେ, ''ନଅ, ଦଶ ବର୍ଷ ବୟସରେ ମୁଁ ଲେଖିଥିବା କବିତାସବୁ ଦେଖି ଦୀନ୍-ଦା (ଦୀନେନ୍ଦ୍ରନାଥ ଠାକୁର)ଙ୍କୁ ନିର୍ଦ୍ଦେଶ ଦେଇଥିଲେ କବିଗୁରୁ : 'ଲକ୍ଷ୍ୟ ରଖ, କେହି ଯେମିତି ଏହାର ଲେଖା ସଂଶୋଧନ ନ କରନ୍ତି, କେହି ଯେପରି ଏହା ଉପରେ ଗୁରୁଗିରି ନ କରନ୍ତି । ସାଧାରଣ ନୈସର୍ଗିକ କବିତା ଏହାର କଲମରୁ ନିଃସାରିତ ହେବ ନାହିଁ । ଏହା ମଧ୍ୟରେ ରହିଛି ଏକ ଐଶ୍ୱର୍ଯ୍ୟର ଜଗତ୍ – ସେଇ ଜଗତର ପ୍ରେରଣାରୁ ସେ କିଛି ବ୍ୟକ୍ତ କରିବାକୁ ଚାହେଁ ଏବଂ ବ୍ୟକ୍ତ କରିବ ମଧ୍ୟ । ବାହ୍ୟ ଜଗତର ମୋହରେ ଇଏ ବନ୍ଧା ନୁହେଁ !' ''

ସେ ଯାହାହେଉ, ୧୯୨୮ ପରେ ରବୀନ୍ଦ୍ରନାଥ ଥରେ ତାଙ୍କର ଆଦରର 'ଚାନ୍ଦକବି' ସମ୍ବନ୍ଧେ ଖେଦଝରା, ଅର୍ଥାତ୍ ଦୁଃଖ ଓ ଅନୁତପ୍ତ କଣ୍ଠରେ ନିଜର ଜନୈକ ବନ୍ଧୁଙ୍କୁ କଥାଛଳରେ କହିଥିଲେ, ''ଯେଉଁଦିନ ଶୁଣିଲି ଯେ ନିଶିକାନ୍ତ ଅରବିନ୍ଦ ଘୋଷଙ୍କର ରଚନାସବୁ ପଢୁଛି, ସେହିଦିନ ହିଁ ବୁଝିଗଲି ଯେ ସେ ମୋ ହାତର ବାହାରକୁ ଚାଲିଗଲା ।''

ତଥାପି କବିଗୁରୁ ଆଶା ଛାଡ଼ି ନ ଥିଲେ । ସେ ବେଶ୍ କେତେଥର ଚେଷ୍ଟା କରିଛନ୍ତି ନିଶିକାନ୍ତଙ୍କୁ ତାଙ୍କର ପୁତ୍ର ରଥୀ ଠାକୁରଙ୍କର ପୋଷ୍ୟ ପୁତ୍ର କରି ନେବାକୁ । ଏପରିକି ଥରେ ନିଶିକାନ୍ତଙ୍କୁ ମାତ୍ର ସପ୍ତାହକ ମଧ୍ୟରେ ଏ ସମ୍ବନ୍ଧରେ ପକ୍କା ସିଦ୍ଧାନ୍ତ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ସପ୍ତାହ ଶେଷ ହେଲା । ନିଶିକାନ୍ତଙ୍କୁ ରବୀନ୍ଦ୍ରନାଥ କହିଲେ, ''କି ରେ ନିଶି, ତୋ ସାମନାରେ ରଥୀର ନାମୋଚ୍ଚାରଣ କରିବା ମାତ୍ରେ ତୋର ମୁହଁ ବିବର୍ଣ୍ଣ ହୋଇ ଉଠେ କାହିଁକି ? ରଥୀର ବି ସେଇ ସମାନ ଅବସ୍ଥା । ତୁମ ଦୁହିଁଙ୍କ କଥା କ'ଣ ? ଆଉ ମୁଁ କୁଆଡ଼େ ରଥୀ ଓ ବୋହୂ-ମା'କୁ କହିଛି ଯେ ମା-ବାପା ଛେଉଣ୍ଡ ପିଲାଟା ଏଠାରେ ଆଶ୍ରୟ ନେଇଛି, ତା'ର ଦେଖାଶୁଣା କରିବାକୁ ! ଆଉ ତୁ କ'ଣ କରୁଛୁ ନା ତାଙ୍କ ଘରେ ରୀତିମତ ଖିଆପିଆ କରି ନିର୍ବିକାର ଚିତ୍ତରେ ଫେରି ଆସୁଛୁ ?...''

ନିଶିକାନ୍ତଙ୍କ ଉକ୍ତିରେ : ''ଏହା ପରେ ଦେବଜ୍ୟୋତି ବର୍ମନ୍ ଶାନ୍ତିନିକେତନକୁ ଆସନ୍ତି । ଆଠ କି ଦଶଟି ବିଷୟରେ ଏମ୍. ଏ. ଡିଗ୍ରୀଧାରୀ; ଚଟ୍ଟଗ୍ରାମ ଅସ୍ତ୍ରାଗାର ଲୁଣ୍ଠନ ସହିତ ଜଡ଼ିତ ।... ଅସମ୍ଭବ ତେଜୀୟାନ୍ ଚରିତ୍ର । ସିଏ ପ୍ରସ୍ତାବ ବାଢ଼ିଲେ କଲିକତାରେ ମୋର କବିତା ପୁସ୍ତକ ଛାପିବେ ।

''କବିଗୁରୁ ମୋ ଉପରେ ରାଗି ନିଆଁ । କାରଣ ଉପରୋକ୍ତ ପ୍ରସ୍ତାବରେ ମୁଁ ଆଦୌ କିଛି କହୁ ନାହିଁ – ତାଙ୍କ ହୁକୁମରେ ନିର୍ବିକାର ରହିଛି; ଅର୍ଥାତ୍, ଏକେବାରେ ରାଜି ନୁହେଁ । ବର୍ମନ୍‌ଙ୍କ ପରାମର୍ଶ ଅନୁସାରେ ମୁଁ ଗତି କଲେ ରାତାରାତି ପାଞ୍ଚ, ସାତ ଖଣ୍ଡ କବିତା ବହିରେ ସ୍ୱୟଂ ଭୂମିକା ଲେଖି ଛାପି ଆଣିବେ । 'ପ୍ରବାସୀ' ଓ 'ବିଚିତ୍ରା' ପତ୍ରିକାରେ ଏମିତି ସାଂଘାତିକ ପ୍ରବନ୍ଧ ଦେବେ ଯଦ୍ଦ୍ୱାରା ବଙ୍ଗଳା ସାହିତ୍ୟରେ ମୋର ପକ୍କା ଆସନ ଜମିଯିବ । ମୋର ଅଙ୍କା ଛବିଗୁଡ଼ିକର ଆଲବମ୍ ମଧ୍ୟ ପ୍ରକାଶ କରିବାର ବନ୍ଦୋବସ୍ତ କରିଦେବେ ।...''

ଠିକ୍ ଏହି ସମୟରେ ସହପାଠୀ ଓ ଘନିଷ୍ଠ ବନ୍ଧୁ ବନବିହାରୀ ନିଜ ଜନ୍ମସ୍ଥାନ ବାଲିରୁ ନେଇ ଆସିଲେ ଚମଡ଼ାରେ ବନ୍ଧାଇ ଓ ସ୍ୱର୍ଣ୍ଣାଭ ଅକ୍ଷରରେ ମୁଦ୍ରିତ ଶ୍ରୀଅରବିନ୍ଦଙ୍କ ଲେଖାରେ ଭରପୂର 'ଆର୍ଯ୍ୟ' ପତ୍ରିକାର ଏକ ପୁରୁଣା ସଂଖ୍ୟା । ନିଶିକାନ୍ତଙ୍କ ହାତକୁ 'ଆର୍ଯ୍ୟ' ଆସିବା ପରେ ସେ ତାଙ୍କର ଈପ୍‌ସିତ ମହାପୁରୁଷ ଓ ଭବିଷ୍ୟତ୍ ଜୀବନର ଅବଲମ୍ବନ ସମ୍ବନ୍ଧେ ନିଶ୍ଚିତ ହୋଇ ଉଠିଲେ । ଅଧିକନ୍ତୁ ଶାନ୍ତିନିକେତନରେ ଉପବେଶନ କରି ହିଁ ଦ୍ୱିଜେନ୍ଦ୍ରନାଥ ଠାକୁର ଏହି 'ଆର୍ଯ୍ୟ' ପତ୍ରିକାକୁ ଆନ୍ତରିକତାର ସହ ବରଣ କରି ନେଇଥିଲେ । ତାଙ୍କ କହିବାନୁସାରେ 'ଅରବିନ୍ଦ ଘୋଷ' ତାଙ୍କର ପ୍ରବନ୍ଧସବୁରେ ଏମିତି କଥାସବୁ ଉଲ୍ଲେଖ କରିଛନ୍ତି ଯାହାକୁ ଇତିପୂର୍ବରୁ କେହି କେବେହେଲେ ଉଚ୍ଚାରଣ କରି ନାହାନ୍ତି । ବେଦ, ଗୀତା ଓ ତନ୍ତ୍ରର ଅପୂର୍ବ ସମନ୍ୱୟ ଏଥିରେ ସମ୍ପାଦିତ ହୋଇଛି ।

ସୁତରାଂ ରବୀନ୍ଦ୍ରନାଥ ବେଶ୍ ହୃଦୟଙ୍ଗମ କରିଥିଲେ ଯେ ନିଶିକାନ୍ତଙ୍କ ମଧ୍ୟରେ ପ୍ରତି ପଦକ୍ଷେପରେ ଚିରାଚରିତ ସଂସ୍କାର ଭାଙ୍ଗିବାର ପ୍ରବଣତା ସଦା ବିଦ୍ୟମାନ । ସେଥିପାଇଁ ତାଙ୍କୁ ଶ୍ରୀଅରବିନ୍ଦଙ୍କ ଲେଖନୀରେ ପ୍ରବହମାନ ସ୍ରୋତର ବିପରୀତଗାମୀ ଅଭିଯାନ କରିବାର ଯେଉଁ ଅଫୁରନ୍ତ ଚୁମ୍ବକୀୟ ଶକ୍ତି ରହିଛି ସେଥିରୁ ବିରତ କରିବା ଏକେବାରେ ଅସମ୍ଭବ ।

ଇତି ମଧ୍ୟରେ ଶାନ୍ତିନିକେତନର କଳାଭବନରେ ନିଶିକାନ୍ତଙ୍କର ପାଞ୍ଚ ବର୍ଷର ପାଠ୍ୟକ୍ରମ ଶେଷ ହେବାର ମୁହୂର୍ତ୍ତ ଉପସ୍ଥିତ ହେଲା । ଏହାର ଅବ୍ୟବହିତ ପୂର୍ବରୁ ଏକ ବାଧା ଉପୁଜିଲା । ଥରେ ଡାକ୍ତର ଜ୍ୟୋତ୍ସ୍ନାନନ୍ଦ ସେନ୍ ନିଶିକାନ୍ତଙ୍କୁ ଡାକି କହିଲେ, ''ବାବୁ, ଏଇ ଦେଢ଼ ବର୍ଷ ଧରି କଳାଭବନରେ ଶରୀର ବିଜ୍ଞାନ (ଆନାଟୋମି)ର କ୍ଲାସ ନେଇଛି । ଦିନକ ପାଇଁ ବି ତୁମେ ମୋ କ୍ଲାସକୁ ଆସିଲ ନାହିଁ । କିନ୍ତୁ ଏହି ବିଷୟରେ

ତୁମେ ଯଦି ଉତ୍ତୀର୍ଣ୍ଣ ନ ହୁଅ ତେବେ ତୁମର ପାଠ୍ୟକ୍ରମ ଶେଷ ହେବ ନାହିଁ — ଏହା ମନେ ରଖିଥିବ ।''

ନିଶି : ମନ୍ଦ କ'ଣ ? ଆହୁରି ପାଞ୍ଚ ବର୍ଷ ବୃତ୍ତି ପାଇବି । ଭଲ ହେବ ।

ଡାକ୍ତର : ତା' କେମିତି ହେବ ? ପ୍ରତି ପାଞ୍ଚ ବର୍ଷ ଅନ୍ତରରେ ଆଉ ଜଣେ ନୂତନ ଛାତ୍ରକୁ ବୃତ୍ତି ଦେବାର ନିୟମ ।

ନିଶି : ଆପଣଙ୍କ ବିଷୟରେ ପରୀକ୍ଷା ଦେବାକୁ ଆଉ କେତେ ଦିନ ବାକି ?

ଡାକ୍ତର : ପନ୍ଦର ଦିନ ।

ସେଇଠୁ ନିଶିକାନ୍ତ ସହପାଠୀଙ୍କଠାରୁ ଖବର ନେଲେ ଯେ ନାରୀ-ପୁରୁଷଙ୍କର ଅସ୍ଥି (କଙ୍କାଳ) ଗଠନର ଭିତ୍ତିରେ ପରୀକ୍ଷା ହେବ । ଦୁଇ, ତିନି ଦିନ ପାଇଁ ଡାକ୍ତର ସେନ୍‌ଙ୍କଠାରୁ 'ଆନାଟୋମି'ର ପୁସ୍ତକଟି ଧାର ନେଲେ ଛାତ୍ର ନିଶିକାନ୍ତ । ସାରା ରାତି ମହମବତୀ ଜାଳି ମଣିଷର କଙ୍କାଳ ଥିବା ପ୍ରକୋଷ୍ଠରେ ପୁରୁଷ ଓ ନାରୀ କଙ୍କାଳକୁ ମନଧ୍ୟାନପୂର୍ବକ ଲକ୍ଷ୍ୟ କରି କବିତାଟିଏ ଲେଖିଲେ । ତା'ପରଦିନ ବହିଟିକୁ ନେଇ ଡାକ୍ତରଙ୍କୁ ଫେରସ୍ତ ଦେଇ ଦେବାରୁ ଡାକ୍ତର ବାବୁ ମୃଦୁ ହସି ବହିଟିକୁ ନେଇ ନେଲେ । (ମୃଦୁହାସ୍ୟର ଅର୍ଥ, ଇଏ ବହିରୁ କ'ଣ ବା ବୁଝିବ ?)

ପରୀକ୍ଷା ଦିନ ଶ୍ରେଣୀର ସମସ୍ତ ଛାତ୍ର ଉପସ୍ଥିତ । ପାର୍ଶ୍ୱରେ ଉପସ୍ଥିତ ଥିଲେ ମାଷ୍ଟର ମହାଶୟ ନନ୍ଦଲାଲ ବସୁ । ଡାକ୍ତର ବାବୁ ଯନ୍ତ୍ରବତ୍ ଜଣ ଜଣ କରି ଛାତ୍ରଙ୍କ ନାମ ଧରି ଡାକି ପ୍ରଶ୍ନ କଲେ, ଉତ୍ତର ଶୁଣି କାଗଜରେ ନମ୍ବର ଟିପିଲେ । ସମସ୍ତଙ୍କର ପରୀକ୍ଷା ନେବା ଶେଷ ହେବା ପରେ ଡାକ୍ତର ବାବୁ ନିଶିକାନ୍ତଙ୍କୁ ଅନାଇ ପରିହାସ କରି ମନ୍ତବ୍ୟ ଦେଲେ, ''ତୁମେ ତ ମାତ୍ର ଦିନଟିଏ 'ଆନାଟୋମି' ଅଧ୍ୟୟନ କରିଛ ! କେମିତି ପାସ୍ କରିବ କୁହ !''

ନିଶି : ଆପଣ ପ୍ରତିଟି ଛାତ୍ରଙ୍କୁ ଯେମିତି ବିଭିନ୍ନ ପ୍ରକାର ପ୍ରଶ୍ନ କଲେ, ସେମିତି ମୋତେ ବି ପ୍ରଶ୍ନ କରନ୍ତୁ ନା ?

ଡାକ୍ତର : (ଅପ୍ରତିଭ ହୋଇ ଟିକିଏ ମୃଦୁ ଗଳାରେ କହି ଉଠିଲେ) ବେଶ୍ ! ଆଚ୍ଛା, କୁହ ତ, ନାରୀ ଓ ପୁରୁଷଙ୍କ କଙ୍କାଳରେ ତ୍ରିକାସ୍ଥି (ସାକ୍ରାମ୍) ଭିତରେ ପାର୍ଥକ୍ୟଟି କ'ଣ ?

ସମସ୍ତଙ୍କ ଦୃଷ୍ଟି ନିଶିକାନ୍ତଙ୍କ ଉପରେ । ରସିକପ୍ରିୟ ନିଶିକାନ୍ତ ଅପ୍ରତିଭ ହୋଇ ଉଠିବାର ଭାବ ଦେଖାଇ ସମସ୍ତଙ୍କ ମୁହଁ ଉପରେ ଅମାୟିକ ସ୍ୱପ୍ନିଳ ଆଖି ବୁଲାଇ ନେଇ ଅତ୍ୟନ୍ତ ପ୍ରାଜ୍ଞ ବ୍ୟକ୍ତିଙ୍କ ସଦୃଶ ପ୍ରାଞ୍ଜଳ ଭାବରେ ସ୍ୱରଚିତ କବିତାରୁ ପଂକ୍ତିଟିଏ ଆବୃତ୍ତି କଲେ :

'ପୁରୁଷେର୍ ବେଲାୟ ସାମ୍‌ନେଟା ବେଶୀ,
ମେୟେଦେର୍ ବେଲାୟ୍ — ପିଛନ୍ ଘେଁଷି !
— ଏର୍ ବେଶୀ ଆର୍ ବଲ୍‌ବ ନା !
— ଆହା ! ଜାନ ନା, ଜାନ ନା ! (ଘୋଷ)'

[ପୁରୁଷଙ୍କ କ୍ଷେତ୍ରରେ ତ୍ରିକାସ୍ଥିର ସାମନା ଅଂଶଟି ବେଶୀ, ନାରୀଙ୍କ କ୍ଷେତ୍ରରେ ପଶ୍ଚାତ୍ ଭାଗଟି ଚେପା ହୋଇ ରହିଥାଏ — ଏହାଠୁ ଆଉ ବେଶୀ କିଛି କହିବି ନାହିଁ । ଆହାରେ ! ଏତିକି ଜାଣନା ! ଏତିକି ଜାଣନା !]

ଶ୍ରେଣୀଗୃହରେ ଉପସ୍ଥିତ ସମସ୍ତେ, ଏପରିକି ଡାକ୍ତର ସେନ୍‌ବାବୁ ମଧ୍ୟ ହସରେ ଫାଟି ପଡ଼ିଲେ । ଆନନ୍ଦାତିଶଯ୍ୟରେ ପରୀକ୍ଷକ ଖାତାରେ ନମ୍ବର ଟିପିବା ପୂର୍ବରୁ ଦକ୍ଷିଣ ବାହୁ ଉତ୍ତୋଳନ କରି ଘୋଷଣା କଲେ : 'ପରୀକ୍ଷାରେ ପ୍ରଥମ ନିଶିକାନ୍ତ ବାବୁ ।'

କଳାଭବନରେ ନିଶିକାନ୍ତ ପାଞ୍ଚ ବର୍ଷ ବିତାଇ ଅବଶେଷରେ ପ୍ରଚଳିତ ଶିକ୍ଷା-ଜୀବନରେ ଯବନିକା ଟାଣିବାରେ ସକ୍ଷମ ହେଲେ । ଏବେ ନିଶିକାନ୍ତଙ୍କର ଉପବାସୀ ମନ ବନ୍ଧାଇ 'ଆର୍ଯ୍ୟ' ହାତରେ ପାଇ ପ୍ରକୃତରେ ପାଇଗଲେ ସେଇ ଖୋରାକ ଯାହାର ଅପେକ୍ଷାରେ ଦିନଗୁଡ଼ିକ ବିତାଉଥିଲେ । ଯେଉଁ ବୈରାଗ୍ୟ ଭାବ ଓ ଅସ୍ଥିରତା ବାଲ୍ୟକାଳରୁ ତାଙ୍କ ଭିତରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଆସିଛି, ଶ୍ରୀଅରବିନ୍ଦଙ୍କ ରଚନାର ଆଲୋକ ତାହା ବିଦୂରିତ କରି ତାଙ୍କ ଚେତନାରେ ନବଦିଗନ୍ତର ସୂଚନା ଦେଲା ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

**ତଥ୍ୟ ନିର୍ଦ୍ଦେଶିକା :**

୧. ଡାଲିୟା ସରକାର : କବି ନିଶିକାନ୍ତ; ୨. ସୁଭାଷ ଘୋଷାଲ : ନିଶିକାନ୍ତ;
୩. ପୃଥ୍ୱୀନ୍ଦ୍ରନାଥ ବନ୍ଦୋପାଧ୍ୟାୟ : ପଣ୍ଡିଚେରୀର ଦିନଗୁଲି, 'ଅଥ ନିଶିକାନ୍ତ' ।

# ସୁସ୍ଥତାର ପରମ ଗୋପନୀୟତା

## (୭)

ସୂର୍ଯ୍ୟକାନ୍ତି ମହାନ୍ତି

### ସାମର୍ଥ୍ୟ

ବାରଟି ମନଃ ଶକ୍ତି ମଧ୍ୟରୁ 'ସାମର୍ଥ୍ୟ' ହେଉଛି ବେକ ମୂଳରେ ଥିବା ଏକ ଶକ୍ତି କେନ୍ଦ୍ର; ଯାହାର ଅବସ୍ଥିତି ମନୁଷ୍ୟର ଗଳାରେ, ଜିହ୍ୱାର ମୂଳରେ, ଥାଇରଏଡ୍ ଗ୍ରନ୍ଥି (Thyroid gland)ର ନିକଟରେ ଏବଂ ସଚେତନ ମନର ପରିସରରେ ଥାଏ । ଏହା ମସ୍ତିଷ୍କର ଏକ କେନ୍ଦ୍ର, ଯାହା ନିୟନ୍ତ୍ରଣ କରେ ସ୍ୱରଯନ୍ତ୍ର (Larynx), ଜିହ୍ୱା, ଟନ୍‌ସିଲ (Tonsil) ଏବଂ ଶବ୍ଦ ସୃଷ୍ଟି କରୁଥିବା ଅନ୍ୟ ସମସ୍ତ ଅଙ୍ଗକୁ । ଏହି ଶକ୍ତିଶାଳୀ ଥାଇରଏଡ୍ ଗ୍ରନ୍ଥି ଶରୀର ବୃଦ୍ଧିକାରୀ ସମସ୍ତ ରାସାୟନିକ ପ୍ରକ୍ରିୟାକୁ ନିୟନ୍ତ୍ରଣ କରେ । ଏହାର କାର୍ଯ୍ୟକାରିତାରୁ ଜଣାଯାଏ ଯେ ଜଣକର ଭାଷା ବା କଥା ବା ସୃଷ୍ଟି କରୁଥିବା ଶବ୍ଦ ତା'ର ଉତ୍ତମ ସ୍ୱାସ୍ଥ୍ୟକୁ କିପରି ରକ୍ଷା କରେ କିଂବା ତା' ଶରୀରରେ ରୋଗ କିପରି ଉତ୍ପନ୍ନ କରେ ।

ପୁରାତନ ଯୁଗରେ ବେବିଲୋନୀୟମାନେ ଶିକ୍ଷା ଦେଉଥିଲେ ଯେ ଶବ୍ଦ ହେଉଛି ଏକ ଆଦେଶ ପରି, ଯାହା ନିଶ୍ଚିତ ଭାବରେ ଜଣକ ଜୀବନରେ ପାଳିତ ହୁଏ । ଶତାବ୍ଦୀ ଶତାବ୍ଦୀ ଧରି ଗ୍ରୀକ୍‌ମାନେ ଜାଣିଥିଲେ ଯେ କଥିତ ଶବ୍ଦର ରହିଛି ଏକ ମହାଜାଗତିକ ଶକ୍ତି । ଏହା ସାହାଯ୍ୟରେ ଜଣେ ଯାହା କିଛି ଇଚ୍ଛା କରେ ତାହା ନିର୍ମାଣ କରିପାରେ ବା ଧ୍ୱଂସ କରିପାରେ । ପୁରାତନ ଇଜିପ୍‌ସିଆନ ଧର୍ମଯାଜକମାନେ ମନ୍ତ୍ର ଆବୃତ୍ତି କରି ଏହାର ଶକ୍ତିଶାଳୀ ସ୍ପନ୍ଦିତ ଶକ୍ତି ଦ୍ୱାରା ଶରୀରକୁ ଆରୋଗ୍ୟ କରିପାରୁ ଥିଲେ । ଏପରିକି ଭଙ୍ଗା ହାଡ଼କୁ ବି ଯୋଡ଼ି ପାରୁଥିଲେ । ଖ୍ରୀଷ୍ଟିଆନମାନଙ୍କ ଅନୁଯାୟୀ – ଯିଏ ଦୁର୍ବଳ, ସେ କହୁ ମୁଁ ସବଳ । ଅର୍ଥାତ୍, ଦୁର୍ବଳ ଲୋକ ତା' ନିଜ ସକାରାତ୍ମକ କଥାରେ ସବଳ ହୋଇ ଉଠିବ । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଆବୃତ୍ତି କରୁଥିବା ଶବ୍ଦକୁ ମନ୍ତ୍ର କୁହାଯାଏ, ଯାହାର ଅଛି ପ୍ରଚଣ୍ଡ ଶକ୍ତି ।

ଏଥିରୁ ଜଣାଯାଏ ଯେ ମୃତ୍ୟୁ ବା ଜୀବନ ଜିହ୍ୱାରେ ହିଁ ନିହିତ । ମଧୁର ଭାଷା ହେଉଛି ମଧୁମକ୍ଷିକାର ମଧୁଚକ୍ର ପରି ଯାହା ଆତ୍ମା ପାଇଁ ମିଷ୍ଟ ଏବଂ ଅସ୍ଥି ପାଇଁ ସ୍ୱାସ୍ଥ୍ୟ ।

ଆଧୁନିକ ବିଜ୍ଞାନ ଅନୁଯାୟୀ ପ୍ରତ୍ୟେକ ଥର ଜଣେ ଯେତେବେଳେ କିଛି କହେ, ତା' ଶରୀରର ପରମାଣୁଗୁଡ଼ିକରେ କମ୍ପନ ସୃଷ୍ଟି ହୁଏ ଏବଂ ସେଗୁଡ଼ିକର ସ୍ଥାନ ପରିବର୍ତ୍ତନ ହୁଏ । ଏପରିକି ତା' ସମ୍ପର୍କରେ ଆସିଥିବା ଅନ୍ୟ ଲୋକର ପରମାଣୁରେ ବି ଏହି ପରିବର୍ତ୍ତନ ହୁଏ । ତେବେ ଏହାର ସ୍ପନ୍ଦନର ବେଗ ନିର୍ଭର କରେ ତା' କଥାର ରଚନାତ୍ମକ ବା ଧ୍ୱଂସାତ୍ମକ ଶବ୍ଦ ଉପରେ । ଏହା ସୂଚାଏ ଯେ ନକାରାତ୍ମକ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂସର୍ଗରେ ଆସିବା ପରେ କାହିଁକି ଜଣେ ବହୁ ସମୟରେ କ୍ଲାନ୍ତି ଅନୁଭବ କରେ ବା ବିଷାଦଗ୍ରସ୍ତ ରହେ । ଅନ୍ୟ ପକ୍ଷରେ ଦେଖାଯାଏ ସକାରାତ୍ମକ ଶବ୍ଦ ବ୍ୟବହାର କରୁଥିବା ଲୋକଙ୍କ ସଂସ୍ପର୍ଶରେ ଆସିବା ପରେ ଜଣେ ଆନନ୍ଦିତ, ଉତ୍ସାହୀ, ସୃଜନଶୀଳ ଓ ଉତ୍‌ଫୁଲ୍ଲିତ ହୋଇଥାଏ ।

ବାସ୍ତବରେ ତୀବ୍ର ନକାରାତ୍ମକ ଆବେଗ, ଶରୀର ମଧ୍ୟସ୍ଥ ସ୍ନାୟବିକ ପ୍ରକ୍ରିୟାରେ ବିଦ୍ୟୁତ ପରିପଥ(circuit)ରେ ବ୍ୟାଘାତ ସୃଷ୍ଟି କରି ରକ୍ତସଞ୍ଚାଳନ, ପାଚନ କ୍ରିୟା ଏବଂ ବର୍ଜ୍ୟବସ୍ତୁ ତ୍ୟାଗ ଆଦି କାର୍ଯ୍ୟ ପ୍ରଣାଳୀରେ ବାଧା ସୃଷ୍ଟି କରିଥାଏ । ମନେ ରଖିବାକୁ ହେବ ଯେ ଘୃଣାଯୁକ୍ତ ଭାବନା ରକ୍ତ କୋଷିକା (Blood Corpuscles)କୁ ପୋଡ଼ି ଦିଏ ଏବଂ ଉତ୍ତେଜିତ ଭାବନା ଓ ଈର୍ଷା ଶରୀରର ବିଭିନ୍ନ ପ୍ରକ୍ରିୟାକୁ ନଷ୍ଟ କରି ଦିଏ ।

ନିନ୍ଦାସୂଚକ ଶବ୍ଦ କୋଷକୁ ଶୁଷ୍କ କରେ, ଶିରା ଓ ଧମନୀକୁ ଶକ୍ତ କରେ ଏବଂ ସମଗ୍ର ଶରୀରରେ ଜୀବନୀ ଶକ୍ତି ସଞ୍ଚାରଣର ଗତିରୋଧ କରେ । ଏହିସବୁ କାରଣରୁ କର୍କଟ ରୋଗ, ହୃଦ୍‌ରୋଗ, ପକ୍ଷାଘାତ, ଆମବାତ(acute rheumatism) ଆଦି ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ ।

ପ୍ରତ୍ୟେକ ଶବ୍ଦ ନିଜର ପ୍ରତିକ୍ରିୟା ସୃଷ୍ଟି କରେ ପ୍ରଥମେ ମନରେ, ତା'ପରେ ଶରୀରରେ ଏବଂ ପରେ ମସ୍ତିଷ୍କରେ । ଏଣୁ ବାରଂବାର ରୋଗ ବିଷୟରେ ଆଲୋଚନା କଲେ ତାହା ରୋଗ ଦୂରୀଭୂତ କରେ ନାହିଁ ବରଂ ଅଚେତନ ଅବସ୍ଥାରେ ଅସୁସ୍ଥତା ଅଧିକ ସୃଷ୍ଟି କରେ । ଅନ୍ୟ ପକ୍ଷରେ ଶକ୍ତି, ସାମର୍ଥ୍ୟ ଓ ସୁନ୍ଦର ଜୀବନ ବିଷୟରେ ଆଲୋଚନା ଜଣକୁ ସୁସ୍ଥ କରାଏ ।

ଉଦାହରଣସ୍ୱରୂପ, ଜଣେ ମା ଯଦି ତା' ଛୋଟ ପିଲାକୁ କହେ ଯେ ସେ ଅସୁସ୍ଥ ଓ କ୍ଳାନ୍ତ ଦେଖା ଯାଉଛି, ତା'ହେଲେ ପିଲାଟିର ମନ ଓ ଶରୀର ସେହି ଅବସ୍ଥାକୁ ହିଁ ଗ୍ରହଣ କରିନିଏ । ଯଦି ସୁସ୍ଥତା, ଜୀବନ ଓ ସାମର୍ଥ୍ୟ ବିଷୟରେ ସେ ତା' ଶିଶୁକୁ ଉତ୍ସାହିତ କରେ ପିଲାର ଶାରୀରିକ କାର୍ଯ୍ୟ ସ୍ୱାଭାବିକ ଭାବରେ ଗତିଶୀଳ ହୋଇଥାଏ ।

ଏ ବିଷୟରେ ଏକ ସତ୍ୟ ଘଟଣା ଏହିପରି । ଜଣେ ମହିଳା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ତାଙ୍କ ଅସୁସ୍ଥ ପୁତ୍ରକୁ ଦେଖିବା ପାଇଁ ନିୟମିତ ଯାଉଥିଲେ । ପୁତ୍ର ରହୁଥିବା କକ୍ଷରେ ଅନ୍ୟ କେତେଜଣ ରୋଗୀ ମଧ୍ୟ ଥିଲେ । ଏ ମହିଳା ପ୍ରତିଦିନ ସେମାନଙ୍କୁ ଭଗବାନଙ୍କ କଥା କହୁଥିଲେ । ତାଙ୍କର ସୁସ୍ଥତା ପାଇଁ ଉତ୍ସାହପୂର୍ଣ୍ଣ ନରମ ଭାଷାରେ ସେମାନଙ୍କ ସହ କଥା ହେଉଥିଲେ । କିଛି ଦିନ ଭିତରେ ଦେଖାଗଲା ଯେ ଖାଲି ତାଙ୍କର ପୁତ୍ର ନୁହେଁ, ସେଠାରେ ଥିବା ଅନ୍ୟ ରୋଗୀମାନେ ବି ଶୀଘ୍ର ସୁସ୍ଥ ହୋଇଥିଲେ ।

ବାସ୍ତବରେ 'ସାମର୍ଥ୍ୟ'ର କେନ୍ଦ୍ର ଗଳାରେ ଥିବା larynx ବା ସ୍ୱର ବାକ୍ସକୁ କାର୍ଯ୍ୟକାରୀ କରାଏ । ମଣିଷ ନିଜ ମଧ୍ୟରେ ଥିବା ଶକ୍ତିକୁ ଜିହ୍ୱା ମଧ୍ୟ ଦେଇ ସତର୍କ ଭାବରେ ବ୍ୟବହାର କରି ଏହାକୁ ନିଜ ନିୟନ୍ତ୍ରଣରେ ରଖିବା ଆବଶ୍ୟକ । କାରଣ, ଏହାର ପ୍ରଭାବ ସ୍ନାୟୁ ଉପରେ ସୁଦୂର ପ୍ରସାରୀ ହୋଇଥାଏ, ଯାହା ସେ କେବେ ଭାବି ନ ଥାଏ । ହୃଦୟର ପ୍ରେମ, ବିଶ୍ୱାସ ଓ ସଂହତିପୂର୍ଣ୍ଣ କଥିତ ଭାଷା ଜଣକର ସ୍ୱରକୁ ସମୃଦ୍ଧ କରାଏ ଏବଂ କଣ୍ଠନଳୀକୁ ତୀବ୍ର, ଶାନ୍ତ ଓ ସୁସ୍ଥ କରାଏ । ଏପରିକି ଫୁଲା ସ୍ୱରଯନ୍ତ୍ର ଓ ରୋଗାକ୍ରାନ୍ତ ଟନ୍‌ସିଲକୁ ପରିଷ୍କାର ଓ ମରାମତି ବି କରେ । ପୁନଶ୍ଚ ଜଣକର କଣ୍ଠସ୍ୱରରୁ ତା' ମନର ଅବସ୍ଥା ବହୁ ପରିମାଣରେ ଜାଣିହୁଏ । ଏକ ସଙ୍ଗତିପୂର୍ଣ୍ଣ ସ୍ୱର ସୂଚିତ କରେ ଏକ ସୁସ୍ଥ ମାନସିକ ଓ ଶାରୀରିକ ଅବସ୍ଥା । ବାସ୍ତବରେ ଜିହ୍ୱା ଜଣକର ସ୍ୱାଭାବିକ ପ୍ରକୃତି ସହିତ ସମ୍ପର୍କିତ, ଏଥିରୁ ସୃଷ୍ଟ ଶବ୍ଦକୁ ସୁନିୟନ୍ତ୍ରିତ ଭାବରେ ବ୍ୟବହାର କରି ମନୁଷ୍ୟ ନିଜ ଅନ୍ତର୍ନିହିତ ପୃଥିବୀକୁ ନିଜର ଇଚ୍ଛାନୁଯାୟୀ ସୁନ୍ଦର କରିପାରେ । ତେବେ ନିଜ ଶବ୍ଦର ସୁପରିଚାଳନା ପାଇଁ ସେ ନିଜକୁ ନିଜେ କହିପାରେ – କୌଣସି ଖରାପ ଶବ୍ଦ ମୁଁ କହିବି ନାହିଁ । ଅପ୍ରୀତିକର ବା ବିରକ୍ତିକର କଥା ଉପରେ ମୁଁ ବିଶ୍ୱାସ କରେ ନାହିଁ । ମୁଁ କେବଳ ଭଲ କଥା କହିବି, ଯେହେତୁ ମୁଁ ଜାଣେ କଥିତ ଭାଷାର ଶକ୍ତି କେତେ ।

ପୁରାତନ କାଳରେ ଯେଉଁଠାରେ ଚିକିତ୍ସକ ବା ଔଷଧର ବ୍ୟବସ୍ଥା ନ ଥିଲା, ସେଠାରେ ଗୁରୁ ଶ୍ଳୋକ ଆବୃତ୍ତି କରି ସୁସ୍ଥତାର ଆବାହନ କରୁଥିଲେ, ଏହା ଦ୍ୱାରା ଶରୀରର ସାତୋଟି ଶକ୍ତିକେନ୍ଦ୍ରକୁ କ୍ରିୟାଶୀଳ କରାଯାଇ ପାରୁଥିଲା । ଏହାକୁ କୁହାଯାଉଥିଲା ଆଧ୍ୟାତ୍ମିକ ଚିକିତ୍ସା । କଥିତଭାଷା ମାଧ୍ୟମରେ ସ୍ୱାସ୍ଥ୍ୟ ଲାଭ କରିବା କଥାକୁ ହେୟଜ୍ଞାନ ମନେ କରୁଥିବା ଲୋକେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଜଣେ ଦାର୍ଶନିକ ରୋଗ ଚିକିତ୍ସାର ପରାମର୍ଶ ପାଇଁ ପାଞ୍ଚଶହ ଡଲାର ଦାବି କରୁଥିଲେ । ପୁଣି ଆଶାୟୀ ବ୍ୟକ୍ତିମାନଙ୍କ ତାଲିକା ସର୍ବଦା ଲମ୍ବା ରହୁଥିଲା । ଆଉ ତାଙ୍କର ଯେଉଁ ପରାମର୍ଶ ଥିଲା ତାହା କେବଳ ସତ୍ୟତା ସମ୍ବନ୍ଧରେ କିଛି ଉତ୍ସାହ ଓ ସ୍ନେହପୂର୍ଣ୍ଣ କଥା !

କର୍କଟର ସଫଳ ଚିକିତ୍ସକ ଜାପାନୀ ଦାର୍ଶନିକ ଡକ୍ଟର ମାସାହାରୁ ତାନିଗୁଚି (Dr. Masaharu Taniguchi) ଏକଦା କହିଥିଲେ ଯେ ନିନ୍ଦାସୂଚକ କଥା ବା ସମାଲୋଚନା ଏବଂ ସୁସ୍ଥତା କଦାପି ଏକତ୍ର ସହାବସ୍ଥାନ କରିପାରିବେ ନାହିଁ । ଏଣୁ ମଣିଷ ସୁସ୍ଥ ରହିବାକୁ ହେଲେ ନିଶ୍ଚିତ ଭାବରେ ନିଜ ଭିତରେ କ୍ଷମା ଭାବ ରଖିବା ଦରକାର । ଜୀବନାଦର୍ଶରେ ପୂର୍ଣ୍ଣ ଥିବା ଶବ୍ଦ ବ୍ୟବହାର କରି ନୂତନ କୋଷ ଗଠନ କରିବା ପରିବର୍ତ୍ତେ ମଣିଷ ସାଧାରଣତଃ ଧ୍ୱଂସାତ୍ମକ ବା ବିନାଶକାରୀ ଶବ୍ଦ ପ୍ରୟୋଗ କରି ରୋଗ ସୃଷ୍ଟି କରେ । ବାସ୍ତବରେ ଯେଉଁମାନେ ବିଚଳିତ ଅବସ୍ଥା ବା ଅଶାନ୍ତି ମଧ୍ୟରେ ବି ଆନ୍ତର ସତ୍ତାରେ ଶାନ୍ତି ବିଜାୟ ରଖିପାରନ୍ତି, ସେମାନଙ୍କର ସ୍ନାୟବିକ ବ୍ୟବସ୍ଥାରେ ରୋଗ ପ୍ରତିରୋଧକ ଶକ୍ତି ବଜାୟ ରହିଥାଏ ।

ଏହାର ଏକ ଉଦାହରଣ ଏଠାରେ ପ୍ରଦତ୍ତ କରାଯାଉଛି । ଏକଦା ଜଣେ ବ୍ୟକ୍ତି ଯକ୍ଷ୍ମା ରୋଗରେ ପୀଡ଼ିତ ଥିଲେ । ଯେତେବେଳେ ତାଙ୍କର ଗୁରୁତର ଅବସ୍ଥା, ସେଇ ସମୟରେ ଜଣେ ଡାକ୍ତର ତାଙ୍କୁ କହିଥିଲେ ଯଦି ତୁମେ ଇଚ୍ଛାକର ତେବେ ମରିପାର । କିନ୍ତୁ ଭଗବାନ୍ ତୁମେ ସୁସ୍ଥ ରହିବା ଚାହାନ୍ତି । ଆରୋଗ୍ୟ ହେବା ପାଇଁ ତୁମର ସମସ୍ତ ଶକ୍ତି ଅଛି । ତୁମେ ପାଟି ଖୋଲି ନିଜକୁ କହିହୁଅ ଯେ ତୁମେ ସୁସ୍ଥ ଅଛ । ଭଗବାନ୍ ତୁମକୁ ସୁସ୍ଥ ରଖିଛନ୍ତି । ଏହା ପରେ ବ୍ୟକ୍ତି ଜଣକ ଏହିପରି କହିବାରେ ଲାଗିଲେ ଏବଂ ଏମିତି ଅବସ୍ଥାରେ ପ୍ରାୟ ତିନିମାସ ଚାଲିଗଲା । ତା'ପରେ ଧୀରେ ଧୀରେ ସେ ସୁସ୍ଥ ହେବାକୁ ଲାଗିଲେ ଏବଂ ପୂର୍ଣ୍ଣ ଭାବରେ ଆରୋଗ୍ୟ ଲାଭ କଲେ ।

ଏହା ଅବିଶ୍ୱାସ ଲାଗିଲେ ମଧ୍ୟ ସତ୍ୟ । ବାସ୍ତବରେ ଜଣକର କଥିତ ଭାଷା ହେଉଛି ତା'ର ସାମର୍ଥ୍ୟ ।

ବିଜ୍ଞାନ କହେ ଯେ ଜଣେ କୌଣସି ଶବ୍ଦ ଉଚ୍ଚାରଣ କଲେ ତା'ର ପୌନଃପୁନ୍ୟ (frequency) ସୃଷ୍ଟି ହୁଏ ଏବଂ ସଙ୍ଗେ ସଙ୍ଗେ ମହାକାଶକୁ ଏହା ପ୍ରେରିତ ହୋଇଯାଏ । ଆକର୍ଷଣର ନିୟମ ଅନୁଯାୟୀ ମହକାଶ ଏହି ପୌନଃପୁନ୍ୟର ଉତ୍ତର ଦିଏ ଠିକ୍ ସେହି ଶବ୍ଦରେ, ଯେଉଁ ଶବ୍ଦ ପ୍ରଥମେ ମଣିଷ ଉଚ୍ଚାରଣ କରିଥିଲା । ଅର୍ଥାତ୍, ଯଦି ଜଣେ ନିଜ ଜୀବନର ଅବସ୍ଥାକୁ ବର୍ଣ୍ଣନା କରିବା ପାଇଁ 'ଭୟଙ୍କର' ବା 'ଜଘନ୍ୟ' – ଏହିପରି କିଛି ଶବ୍ଦର ପ୍ରୟୋଗ କରେ, ମହାକାଶ ଠିକ୍ ଏହି ପୌନଃପୁନ୍ୟରେ ତାକୁ ଉତ୍ତର ଦିଏ ।

ଶବ୍ଦର ଅଛି ଉତ୍ପାଦିକା ଶକ୍ତି ଯାହା ମାରିପାରେ ବା ବଞ୍ଚାଇପାରେ ବା ସୁସ୍ଥ କରିପାରେ । ଜଣକର ଉଚ୍ଚାରିତ ଶବ୍ଦ ଯେପରି ମହାକାଶକୁ ପ୍ରେରିତ ହୋଇଥାଏ, ସେହିପରି ନିଜ ଶରୀର ମଧ୍ୟରେ ଲିପିବଦ୍ଧ ବି ହୋଇଯାଏ । ଏପରିକି ଏଥିରୁ ସୃଷ୍ଟ ସ୍ପନ୍ଦନ ତା' ସତ୍ତାର ପ୍ରତ୍ୟେକ କୋଷ ଓ ପରମାଣୁକୁ ଗତିଶୀଳ କରାଏ । ଦେଖିବାକୁ ଗଲେ ମଣିଷ ଶରୀର ହେଉଛି ଏକ ରେକର୍ଡ଼ିଂ ମେସିନ୍ ପରି, ଯାହା ଆଜ୍ଞାଧୀନ ଭାବରେ ଶବ୍ଦକୁ ଗ୍ରହଣ କରେ ଏବଂ ବିଶ୍ୱସ୍ତ ଭାବରେ ପୁନଶ୍ଚ ସେ ବ୍ୟକ୍ତିର ଭାବନାକୁ ପ୍ରଦର୍ଶିତ କରାଏ ।

ତେବେ ଆଧୁନିକ ମଣିଷ ବିଶ୍ୱାସ କରେ ଯେ ଅର୍ଥ, ପ୍ରତିପତ୍ତି ହେଉଛି ସର୍ବଶକ୍ତିମାନ୍ । ଅବଶ୍ୟ ଏ କଥା ସତ୍ୟ ହୋଇପାରିବ ଯଦି ଏହି ଶକ୍ତିରାଜିର ସଦୁପଯୋଗ ହେଉଥାଏ । କିନ୍ତୁ ଆର୍ଶୀବାଦ ଯୁକ୍ତ ଶବ୍ଦର ଶକ୍ତି ଏହାଠାରୁ ବହୁଗୁଣରେ ଅଧିକ । ଏହି ପୁରାତନ ଗୁପ୍ତ ରହସ୍ୟକୁ କେବେ ବି ନ୍ୟୁନ ମନେ କରିବା ଠିକ୍ ନୁହେଁ । କାରଣ, ଆଶୀର୍ବାଦର ଶକ୍ତି ସୀମାହୀନ । ଏହାକୁ ଲାଭ କରିବାକୁ ହେଲେ କୌଣସି ଲୋକକୁ ବା ବୃକ୍ଷକୁ ବା ପଶୁପକ୍ଷୀକୁ ଆଶୀର୍ବାଦ କରିବା ଦରକାର । ତା'ହେଲେ ସେ ନିଜେ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ । ଏହାହିଁ ମହାଜାଗତିକ ନିୟମ ।

କେବଳ ସୁସ୍ଥତା ନୁହେଁ, ସମୃଦ୍ଧି ଓ ସମ୍ପତ୍ତି କ୍ଷେତ୍ରରେ ମଧ୍ୟ ଏହା କାମ କରେ । ଜଣେ ତା' ନିଜର ସମୃଦ୍ଧିକାରୀ କଥା ବାରଂବାର କହି ହେଲେ ତା' ଜୀବନ ବର୍ତ୍ତମାନ ଯେଉଁ ଅବସ୍ଥାରେ ଥିଲେ ବି, ସମୃଦ୍ଧ ହେବା ଆରମ୍ଭ ହୋଇଯାଏ । ଏ ପ୍ରକାର ଦୃଢ଼ତାର ସହ ନିଶ୍ଚୟାତ୍ମକ ଶବ୍ଦ ପ୍ରୟୋଗ ତା' ଜୀବନର ଘଟଣାବଳୀକୁ ପରିବର୍ତ୍ତିତ କରି ବିସ୍ମୟ ସୃଷ୍ଟି କରିଥାଏ ।

ଭାରତୀୟ ପରମ୍ପରା ଅନୁଯାୟୀ କଥା କହିବା ବା ଗାନ କରିବାରେ ଅଛି ଏପରି ସାମର୍ଥ୍ୟ ଓ ପ୍ରଭାବ, ଯାହା ଏ ସୃଷ୍ଟିର ଅନ୍ୟ କୌଣସିଥିରେ ବି ନାହିଁ । ଆଧୁନିକ ଦାର୍ଶନିକମାନଙ୍କ ମତରେ କଥିତ ବା ଗାନ କରୁଥିବା ଶବ୍ଦ ହେଉଛି ନୀରବରେ କହୁଥିବା କଥାଠାରୁ ଶତକଡ଼ା ଅଶୀଭାଗ ଅଧିକ ଶକ୍ତିଶାଳୀ ।

ବାସ୍ତବରେ ମହାଜାଗତିକ ଜୀବନୀ ସ୍ରୋତ ମଣିଷର ଶବ୍ଦ ପ୍ରତି ଆଜ୍ଞାନୁବର୍ତ୍ତୀ ଓ ବିଶ୍ୱସ୍ତ । ଏଣୁ ମନୁଷ୍ୟ ଭଲଭାବରେ ଚିନ୍ତାକରି ସୁବିବେଚିତ, ଉପଯୁକ୍ତ ଓ ଗଠନମୂଳକ କଥା କହିବା ଆବଶ୍ୟକ । ଏହି ସତ୍ୟର ଜ୍ଞାନ ଯୁଗଯୁଗର ସର୍ବୋତ୍ତମ ଆବିଷ୍କାରଗୁଡ଼ିକ ମଧ୍ୟରୁ ଗୋଟିଏ । ଏହାର ଅର୍ଥ ଏହି ଯେ ମନୁଷ୍ୟ ଇଚ୍ଛାନୁଯାୟୀ, ନିଜର ମୁଖନିଃସୃତ ବାଣୀ ମାଧ୍ୟମରେ ଜୀବନକୁ ନୂତନ ଭାବରେ ଏବଂ ଶ୍ରେଷ୍ଠ ଆଦର୍ଶରେ ନିର୍ମାଣ କରିପାରିବ ।

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


୧. 'The Healing Secret of the Ages' by Catherine Ponder, P. 14, Published by Parker Publishing Company.

୨. 'Bach Flower Remedies' by Dr. D. S. Vohra, P. 15, Published by Kuldeep Jain.


> ବାକ୍‌ସଂଯମ ସ୍ଥୂଳ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ନିହାତି ଆବଶ୍ୟକ । ନିର୍ଭୁଲ୍ କାର୍ଯ୍ୟ ଓ ଆନ୍ତର ସାଧନା – ଉଭୟ ପାଇଁ ସ୍ୱଳ୍ପବାକ୍ ନିଶ୍ଚିତ ଭାବରେ ସହାୟକ ହୋଇଥାଏ ।
>
> – ଶ୍ରୀଅରବିନ୍ଦ

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୮)

## ଗୟାଧର ଦାଶ

### ମାତୃଗର୍ଭରେ ଶିଶୁର ଅଭିବୃଦ୍ଧି ଓ ସୀମନ୍ତୋନ୍ନୟନ ସଂସ୍କାର

ସାଧାରଣତଃ ଶିଶୁଟିଏ ଜନ୍ମ ହେବା ପରଠାରୁ ଆମେ ଶିଶୁର ବୟସ ହିସାବ କରିଥାଉ । କିନ୍ତୁ ଜନ୍ମ ହେବା ପୂର୍ବରୁ ଶିଶୁଟି ମାତୃଗର୍ଭରେ ୨୮୦ଦିନ ରହେ । ତେଣୁ ଏହି ୨୮୦ ଦିନକୁ ଶିଶୁର ବୟସ ସହିତ ମିଶାଇଲେ ଶିଶୁର ପ୍ରକୃତ ବୟସ ଜଣାପଡ଼େ । ଏକଥା ମଧ୍ୟ ଆମେ ଜାଣୁ ଯେ ଶିଶୁଟି ମାତୃଗର୍ଭରେ ୧୦ ମାସ ୧୦ ଦିନ ରହେ । ଅଧିକାଂଶ ଶିଶୁ ତା' ପୂର୍ବରୁ ମଧ୍ୟ ଜନ୍ମ ଗ୍ରହଣ କରନ୍ତି, କିନ୍ତୁ ପ୍ରକୃତରେ ଗର୍ଭସଞ୍ଚାରର ଲକ୍ଷଣ ଏକ ମାସ ପରେ ଜଣା ଯାଉଥିବାରୁ ଆମେ ୧୦ ମାସ ୧୦ ଦିନ ପରିବର୍ତ୍ତେ ୯ ମାସ ୧୦ ଦିନ ବା ୨୮୦ ଦିନ ହିଁ ଶିଶୁର ପ୍ରାକ୍ ଜନ୍ମବିକାଶ ସମୟ ବୋଲି କହିଥାଉ । ଶିଶୁଟି ଗର୍ଭାଶୟରେ ରହିବାର ସର୍ବାଧିକ ସମୟ ହେଉଛି ୩୩୪ ଦିନ । ପୁରୁଷର ଶୁକ୍ରାଣୁ ସ୍ତ୍ରୀର ଡିମ୍ବାଣୁ ସହିତ ମିଳିତ ହେଲେ ଗର୍ଭସଞ୍ଚାର ହୋଇଥାଏ । କିନ୍ତୁ ସବୁ ସମୟରେ ଏହା ସମ୍ଭବ ହୋଇ ନ ଥାଏ । ସ୍ତ୍ରୀର ଦୁଇଟି ଡିମ୍ବାଶୟ ଥାଏ । ପ୍ରତ୍ୟେକ ୨୮ ଦିନରେ ଗୋଟିଏ ଡିମ୍ବାଶୟରେ ଗୋଟିଏ ଡିମ୍ବାଣୁ ପରିପକ୍ୱ ହୁଏ ଏବଂ ଡିମ୍ବବାହୀ ନଳୀ ମଧ୍ୟରେ ପ୍ରବେଶ କରି ଧୀରେ ଧୀରେ ଗର୍ଭାଶୟ ଆଡ଼କୁ ଯାତ୍ରା କରେ । ଅଧିକାଂଶ କ୍ଷେତ୍ରରେ ଡିମ୍ବାଣୁକୁ ଗର୍ଭାଶୟ ମଧ୍ୟରେ ପ୍ରବେଶ କରିବାକୁ ପ୍ରାୟ ୩ ଦିନରୁ ୭ ଦିନ ଲାଗେ । ଏହି ଯାତ୍ରା ସମୟ ମଧ୍ୟରେ ଯଦି ଡିମ୍ବାଣୁର ଶୁକ୍ରାଣୁ ସହ ମିଳନ ହୁଏ ଏବଂ ଡିମ୍ବାଣୁଟି ନିଷିକ୍ତ ହୁଏ ତେବେ ଗର୍ଭସଞ୍ଚାର ହୋଇ ଏକ ଭ୍ରୁଣ ଜାତ ହୁଏ; ଯଦି ଏହି ସମୟ ମଧ୍ୟରେ ଡିମ୍ବାଣୁ ସହିତ ଶୁକ୍ରାଣୁ ମିଳିତ ହୋଇ ନ ପାରେ ତେବେ ଡିମ୍ବାଣୁ ଗର୍ଭାଶୟ ମଧ୍ୟକୁ ଯାଇ ସେଠାରେ ଲୀନ ହୋଇଯାଏ ଏବଂ ଗର୍ଭସଞ୍ଚାର ହୋଇ ପାରେନା ।

ଶୁକ୍ରାଣୁର ଆକାର ଡିମ୍ବାଣୁଠାରୁ ଛୋଟ ହୋଇଥାଏ । ଶୁକ୍ରାଣୁର ଆକାର ଲମ୍ବା ହୋଇଥାଏ ଏବଂ ଏଥିରେ ଅତି ସୂକ୍ଷ୍ମ କେଶ ପରି ଏକ ଲମ୍ବା ଓ ସରୁ ଲାଙ୍ଗୁଡ଼ ଥାଏ । ଏହି ଲାଙ୍ଗୁଡ଼କୁ ଆଗକୁ ପଛକୁ ହଲାଇଲେ ଶୁକ୍ରାଣୁ ଆଗକୁ ପଛକୁ ଗତି କରେ । ଡିମ୍ବାଣୁର ଆକାର ଗୋଲ ଏବଂ ଏକ ବିନ୍ଦୁ ସଦୃଶ । ଏଥିରେ ଖାଦ୍ୟ ଥାଏ ଏବଂ ଏହା ଗର୍ଭାଧାନ (Fertilization) ପରେ ଗର୍ଭସ୍ଥ ଭ୍ରୁଣକୁ ଲାଳନପାଳନ କରେ । ପ୍ରତ୍ୟେକ ଡିମ୍ବାଣୁ ଓ ଶୁକ୍ରାଣୁ ମଧ୍ୟରୁ ନିର୍ଗତ ହେଉଥିବା ରାସାୟନିକ ପଦାର୍ଥକୁ ଜନନ ସୂତ୍ରିକା (Chromosome) କୁହାଯାଏ । ଏହି ଜନନ ସୂତ୍ରିକା ମଧ୍ୟରେ ଥିବା ସୂକ୍ଷ୍ମ କଣିକାକୁ ଜନନୀକା (Genes) କୁହାଯାଏ । ପ୍ରତ୍ୟେକ ଜନନ ସୂତ୍ରିକାରେ ପ୍ରାୟ ହାରାହାରି ୪୦ ହଜାରରୁ ୬୦ ହଜାର ଜନନୀକା ଥାଆନ୍ତି । ଜନନୀକା ମଧ୍ୟରେ ଥିବା ତରଳ ରାସାୟନିକ ପଦାର୍ଥରେ ମାତାପିତା ଓ ପୂର୍ବପୁରୁଷଙ୍କର ବିଭିନ୍ନ ଲକ୍ଷଣ ଯଥା – ଚର୍ମର ରଙ୍ଗ, ଶରୀରର ଆକାର, ଉଚ୍ଚତା, ଚକ୍ଷୁ ଓ କେଶର ବର୍ଣ୍ଣ, ନାକର ଗଠନ ଇତ୍ୟାଦି ଥାଏ । ଏହି ଜନନୀକା ସାହାଯ୍ୟରେ ମାତାପିତା ଓ ପୂର୍ବପୁରୁଷମାନଙ୍କର ବିଭିନ୍ନ ଦୈହିକ ଓ ମାନସିକ ଲକ୍ଷଣଗୁଡ଼ିକ ଶିଶୁ ନିକଟକୁ ସଞ୍ଚାରିତ ହୋଇଥାଏ । ପ୍ରତ୍ୟେକ ନବଜାତ ଶିଶୁଠାରେ ପ୍ରାୟ ୮୦ ହଜାରରୁ ୧ ଲକ୍ଷ ୨୦ ହଜାର ପର୍ଯ୍ୟନ୍ତ ଜନନୀକା ଥାଏ । ପ୍ରତ୍ୟେକ ଜନନୀକା ଯେଉଁ ରାସାୟନିକ ଦ୍ରବ୍ୟ ଦ୍ୱାରା ଗଠିତ ହୋଇଥାଏ ତାହାକୁ DNA (Deoxyribonucleic Acid) କୁହାଯାଏ । ଏହି DNA ହିଁ ଅନୁବଂଶ ବା ବଂଶ ପରମ୍ପରା (Heredity)ର ଅଣୁ ଅଟେ । ଏହା ମାଧ୍ୟମରେ ମାତାପିତା ବା ପୂର୍ବପୁରୁଷମାନଙ୍କର ବିଭିନ୍ନ ଲକ୍ଷଣମାନ ଶିଶୁ ମଧ୍ୟକୁ ପ୍ରେରିତ ହୋଇଥାଏ ଯାହା ତା'ର ବ୍ୟକ୍ତିତ୍ୱର ଏକ ଲକ୍ଷଣ ରୂପେ ପ୍ରକାଶ ପାଏ ।

ଜନନ ସୂତ୍ରିକା ମଧ୍ୟରେ ପ୍ରୋଟିନ୍ ଓ ରାସାୟନିକ ପଦାର୍ଥରେ ଭରପୂର ହୋଇ ଜନନୀକାଗୁଡ଼ିକ ଗୋଟିଏ ଧାଡ଼ିରେ ସଜ୍ଜିତ ହୋଇ ରହିଥା'ନ୍ତି । ଶିଶୁଟି ମାତାପିତାଙ୍କର ସମସ୍ତ ଜନନୀକାର ଅଧିକାରୀ ହୋଇ ପାରନ୍ତି ନାହିଁ । ଗର୍ଭାଧାନ ସମୟରେ ଶିଶୁଟି ପିତା ଓ ମାତାଙ୍କର ପ୍ରାୟ ଅର୍ଦ୍ଧେକ ଜନନୀକାର ଅଧିକାରୀ ହୁଅନ୍ତି । କୋଷ ବିଭକ୍ତିକରଣ ପ୍ରକ୍ରିୟା ବେଳେ ଶୁକ୍ରାଣୁ ଓ ଡିମ୍ବାଣୁ ସେମାନଙ୍କର ସମୁଦାୟ ଜନନ ସୂତ୍ରିକାରୁ ଅର୍ଦ୍ଧେକ

ହରାଇ ଥାଆନ୍ତି । ଗର୍ଭାଧାନ ସମୟରେ ପୁରୁଷର ଶୁକ୍ରାଣୁ ସ୍ତ୍ରୀର ଡିମ୍ବାଣୁର ଦ୍ୱାରଦେଶରେ ପ୍ରବେଶ କରିଥାଏ ଏବଂ ଶୁକ୍ରାଣୁରୁ ୨୩ଟି ଓ ଡିମ୍ବାଣୁରୁ ୨୩ଟି ମାତ୍ର ଜନନ ସୂତ୍ରିକା ଆସିଥାଏ । ଏହି ୪୬ଟି ଜନନ ସୂତ୍ରିକା ମିଶି ଏକ ନୂତନ କୋଷ ଗଠିତ ହୁଏ ଏବଂ ଡିମ୍ବାଣୁଟି ନିଷିକ୍ତ ହୋଇଯାଏ । ଏହି ନିଷିକ୍ତ ଡିମ୍ବାଣୁରୁ ଭ୍ରୂଣ ଜାତ ହୁଏ । ନିଷିକ୍ତ ଡିମ୍ବାଣୁରେ ଜନନ ସୂତ୍ରିକାଗୁଡ଼ିକ ଯୋଡ଼ା ଯୋଡ଼ା ହୋଇ ରହିଥାଆନ୍ତି ଏବଂ ପ୍ରତ୍ୟେକ ଯୋଡ଼ାରେ ଶୁକ୍ରାଣୁରୁ ଆସିଥିବା ଗୋଟିଏ ଜନନ ସୂତ୍ରିକା ଓ ଡିମ୍ବାଣୁରୁ ଆସିଥିବା ଗୋଟିଏ ଜନନ ସୂତ୍ରିକା ରହିଥାଏ । ପ୍ରତି ଜନନ ସୂତ୍ରିକାରେ ପ୍ରାୟ ୨୦ ହଜାର ଜନନୀକା ଏବଂ ପ୍ରତ୍ୟେକ ମାନବର ଜୀବ-କୋଷରେ ପ୍ରାୟ ୧୦ ଲକ୍ଷ ଜନନୀକା ରହିଥାଆନ୍ତି । ନିଷିକ୍ତ ହେବା ପରେ ପ୍ରତ୍ୟେକ ୪୬ଟି ଜନନ ସୂତ୍ରିକା ଦ୍ୱିଗୁଣିତ ହୁଅନ୍ତି । ପ୍ରତ୍ୟେକ ଦ୍ୱିଗୁଣିତ ଜନନ ସୂତ୍ରିକା କେନ୍ଦ୍ରରୁ ଲମ୍ବ ଭାବରେ ଅଲଗା ଅଲଗା ହୋଇ ଅଧା ଅଧା ହୋଇ ଯାଆନ୍ତି । ଏହା ପରେ ମାଇଟୋସିସ୍ (Mitosis) ପ୍ରକ୍ରିୟାରେ ଜନନ ସୂତ୍ରିକାଗୁଡ଼ିକ କୋଷର ବିପରୀତ ଦିଗକୁ ଗମନ କରନ୍ତି ଏବଂ ଏହିପରି ଭାବରେ ଜନନ ସୂତ୍ରିକାର ବିନିମୟ ହୁଏ । ଫଳରେ ଯେତେବେଳେ କୋଷଟି ମଝିରୁ ଦୁଇଭାଗ ହୁଏ ସେତେବେଳେ ପ୍ରାରମ୍ଭିକ ଓ ମୌଳିକ କୋଷ ପରି ନୂତନ କୋଷରେ ମଧ୍ୟ ୪୬ଟି ଜନନ ସୂତ୍ରିକା ରହେ । ଭ୍ରୂଣର ବିକାଶ ସହିତ ଏହି ପ୍ରକ୍ରିୟାର ବାରଂବାର ପୁନରାବୃତ୍ତି ହୁଏ ଏବଂ ଶିଶୁ ଏହି ପ୍ରକ୍ରିୟା ଦ୍ୱାରା ୨୮୦ ଦିନ ମଧ୍ୟରେ ପରିପକ୍ୱତା ଲାଭ କରି ପୂର୍ଣ୍ଣାଙ୍ଗ ମାନବ ଶିଶୁରେ ପରିଣତ ହୁଏ ।

ଜନନୀକାଗୁଡ଼ିକ ବହନ କରି ଆଣିଥିବା ଲକ୍ଷଣ ଅନୁସାରେ ଶିଶୁର ଶାରୀରିକ ଗଠନ ଓ କେତେକ ମାନସିକ ଲକ୍ଷଣ ବିକଶିତ ହୁଏ । ଯଦି ମାତାପିତା ଉଭୟଙ୍କର ଚର୍ମର ବର୍ଣ୍ଣ ଗୌର ହୋଇଥାଏ ଏବଂ ମାତା ଓ ପିତା ପ୍ରତ୍ୟେକଙ୍କଠାରୁ ଗୋଟିଏ କରି ଜନନ ସୂତ୍ରିକା ଏହି ଲକ୍ଷଣ ବହନ କରି ନିଷିକ୍ତ ଡିମ୍ବାଣୁରେ ରହେ ତେବେ ଶିଶୁର ଚର୍ମର ବର୍ଣ୍ଣ ସଫା ବା ଗୌର ହୋଇଥାଏ । ମାତ୍ର ଯଦି ପିତା କଳାବର୍ଣ୍ଣର ଓ ମାତା ଗୌରବର୍ଣ୍ଣର ହୋଇ ଥାଆନ୍ତି ଏବଂ ପିତାଙ୍କର କଳାବର୍ଣ୍ଣକୁ ବହନ କରି ଆଣିଥିବା ଜନନ ସୂତ୍ରିକା ନିଷିକ୍ତ ଡିମ୍ବାଣୁରେ ସ୍ଥାନ ପାଏ ତେବେ ସନ୍ତାନର ବର୍ଣ୍ଣ କଳା ଏବଂ ଯଦି ମାତାଙ୍କର ଗୌରବର୍ଣ୍ଣକୁ ବହନ କରି ଆଣିଥିବା ଜନନ ସୂତ୍ରିକାଟିର ନିଷିକ୍ତ ଡିମ୍ବାଣୁରେ ଆଧିପତ୍ୟ ରହେ ତେବେ ସନ୍ତାନର ବର୍ଣ୍ଣ ଗୌର ହେବା ସ୍ୱାଭାବିକ । ବେଳେ ବେଳେ ବ୍ୟତିକ୍ରମ ମଧ୍ୟ ଦେଖାଯାଏ । ଗୌରବର୍ଣ୍ଣର ମାତାପିତାଙ୍କଠାରୁ କଳାବର୍ଣ୍ଣର ସନ୍ତାନ ଜାତ ହୋଇଥାଏ ଏବଂ ମାତାପିତା କଳାବର୍ଣ୍ଣର ହୋଇଥିଲେ ବି ସନ୍ତାନଟି ଗୌରବର୍ଣ୍ଣର ହୋଇଥାଏ । ଶିଶୁ ତା'ର ପୂର୍ବପୁରୁଷ ଓ ମାତାପିତାଙ୍କଠାରୁ କେଉଁ ଲକ୍ଷଣଗୁଡ଼ିକ ଅଧିକାର କରିବ ଏବଂ କେଉଁ ଗୁଡ଼ିକ କରିବ ନାହିଁ ତାହା ଗର୍ଭାଧାନ ସମୟରେ ନିର୍ଣ୍ଣୟ ହୋଇଥାଏ । ଶୁକ୍ରାଣୁ ଓ ଡିମ୍ବାଣୁର ମିଳନ ଫଳରେ ଯେତେବେଳେ ଡିମ୍ବାଣୁଟି ନିଷିକ୍ତ ହୁଏ, ସେହି ସମୟରୁ ହିଁ ଶିଶୁର ଅନୁବଂଶ ସମ୍ବନ୍ଧୀୟ ଲକ୍ଷଣଗୁଡ଼ିକ ନିର୍ଦ୍ଧାରିତ ହୋଇ ସାରିଥାଏ । ଏପରିକି ମାଆ, ବାପା ଡେଙ୍ଗା ବା ବୁଦ୍ଧିମାନ୍ ନ ଥାଇ ଯଦି ଅଜା, ଆଇ, ମାମୁଁ, ଜେଜେ ବାପା, ଜେଜେ ମାଆ ଡେଙ୍ଗା ବା ବୁଦ୍ଧିମାନ୍ ଥାଆନ୍ତି ତେବେ ଶିଶୁଟି ମଧ୍ୟ ଡେଙ୍ଗା ବା ବୁଦ୍ଧିମାନ୍ ହୋଇପାରେ । ଯଦିଓ ଅନୁବଂଶର ଲକ୍ଷଣଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରାଯିବା ସମ୍ଭବ ନୁହେଁ ତଥାପି ଜନ୍ମ ପୂର୍ବରୁ ଗର୍ଭଧାରୀ ମାଆକୁ ଅନୁକୂଳ ପରିବେଶ ମଧ୍ୟରେ ରଖାଯାଇ କେତେକ ଲକ୍ଷଣଗୁଡ଼ିକୁ କିଛି ପରିମାଣରେ ଉନ୍ନତ କରାଯାଇପାରେ । ଜନ୍ମ ପରେ ମଧ୍ୟ ଶିଶୁକୁ ଅନୁକୂଳ ପରିବେଶରେ ବଢ଼ିବାକୁ ସମସ୍ତ ସୁଯୋଗ ଓ ସୁବିଧା ଯୋଗାଇ ଦିଆଗଲେ ଅନେକ କୌଳିକ ଗୁଣର ପରିବର୍ତ୍ତନ ମଧ୍ୟ କରାଯାଇ ପାରେ ।

ଆମମାନଙ୍କର ଏକ ଭୁଲ୍ ଧାରଣା ରହିଛି ଯେ ଜନନୀର ଡିମ୍ବାଣୁ ଦ୍ୱାରା ଶିଶୁର ଲିଙ୍ଗ ନିର୍ଦ୍ଧାରିତ ହୋଇଥାଏ । ଯେଉଁ ଜନନୀ କେବଳ କନ୍ୟା ଜନ୍ମ କରେ, ପୁତ୍ର କାମନା କରୁଥିବା ପରିବାରର ସେହି ମାତାଟି ପ୍ରତି ଏକ ପ୍ରକାର ବିଦ୍ୱେଷ ଭାବ ଜାତ ହୁଏ । ଏପରିକି କେବଳ ପୁଅ ଜନ୍ମ ହେଲେ ମଧ୍ୟ ମାତାପିତା ଝିଅଟିଏ ପାଇଁ ମନ ବଳାନ୍ତି । ପ୍ରକୃତରେ ସ୍ତ୍ରୀର କୌଣସି ଦୋଷ ନ ଥାଏ । ପୁଅ କିଂବା ଝିଅ ହେବା କେବଳ ପିତାଙ୍କର ଶୁକ୍ରାଣୁ ଦ୍ୱାରା ସମ୍ଭବ ହୋଇଥାଏ । ପୁରୁଷର ଲିଙ୍ଗ ନିର୍ଣ୍ଣୟକାରୀ ଜନନ ସୂତ୍ରିକା ଯୋଡ଼ାରେ ଗୋଟିଏ ବଡ଼ ଓ ଗୋଟିଏ ଛୋଟ ଜନନ ସୂତ୍ରିକା ଥାଏ । ବଡ଼ ଜନନ ସୂତ୍ରିକାକୁ 'X' ଓ ଛୋଟକୁ 'Y' କୁହାଯାଏ । ସ୍ତ୍ରୀର ଲିଙ୍ଗ ନିର୍ଣ୍ଣୟକାରୀ ଜନନ ସୂତ୍ରିକା ଯୋଡ଼ାରେ କେବଳ ଦୁଇଟି ବଡ଼ ବା 'X' ଜନନ ସୂତ୍ରିକା ଥାଏ । ଗର୍ଭାଧାନ ସମୟରେ ଡିମ୍ବାଣୁର 'X' ଜନନ ସୂତ୍ରିକା ସହ ଶୁକ୍ରାଣୁର 'Y' ଜନନ ସୂତ୍ରିକାଟିର ସଂଯୋଗ ବା ମିଳନ ଘଟିଲେ ପୁତ୍ର ଜାତ ହୁଏ । ଅନ୍ୟ ପକ୍ଷରେ ଡିମ୍ବାଣୁର 'X' ଜନନ ସୂତ୍ରିକା ସହ

ଶୁକ୍ରାଣୁର 'X' ଜନନ ସୂତ୍ରିକାର ମିଳନ ହେଲେ କନ୍ୟା ଜାତ ହୁଏ । କିନ୍ତୁ ଏହା ଅବଶ୍ୟ ସତ ଯେ ଡିମ୍ବାଣୁଟି ଶୁକ୍ରାଣୁର କେଉଁ ଧରଣର ଜନନ ସୂତ୍ରିକା (X ବା Y) ଦ୍ୱାରା ନିଷିକ୍ତ ହୋଇ ଭ୍ରୂଣରେ ପରିଣତ ହେବ ତାହା ସମ୍ପୂର୍ଣ୍ଣ ଆକସ୍ମିକତା ଉପରେ ନିର୍ଭର କରେ । ଫଳରେ ଗର୍ଭାଧାନ ପୂର୍ବରୁ ଶିଶୁର ଲିଙ୍ଗ ନିର୍ଣ୍ଣୟ କରିବା ସମ୍ଭବ ହୋଇ ନ ଥାଏ ।

ଶାରୀରିକ ଗଠନ ଓ ମାନସିକ ଲକ୍ଷଣ ବ୍ୟତୀତ କେତେକ ରୋଗ ଯଥା – ମଧୁମେହ ରୋଗ (Diabetes), ଚନ୍ଦାରୋଗ, ଦୃଷ୍ଟି ଓ ଶ୍ରବଣ ଦୋଷ ଆଦି ଅନୁବଂଶର ପ୍ରଭାବ ଯୋଗୁଁ ହୋଇଥାଏ । ଏତଦ୍‌ବ୍ୟତୀତ ଲଜ୍ଜାଶୀଳତା, ଭୟାଳୁ ସ୍ୱଭାବ, ବର୍ଣ୍ଣାନ୍ଧତା (Colour blindness), ଏକ ନିର୍ଦ୍ଦିଷ୍ଟ ମନୋଭାବ ବା ଆବେଗ, ହେମୋ ଫିଲିଆ (Haemophilia) ଆଦି ଅନୁବଂଶ ଦ୍ୱାରା ମଧ୍ୟ ନିର୍ଦ୍ଧାରିତ ହୋଇଥାଏ ।

ବ୍ୟକ୍ତିତ୍ୱ ଗଠନରେ ଅନୁବଂଶ (Heredity) ବ୍ୟତୀତ ପରିବେଶ(Environment)ର ପ୍ରଭାବ ମଧ୍ୟ ପଡ଼ିଥାଏ । ବ୍ୟକ୍ତିତ୍ୱର କେତେକ ଲକ୍ଷଣ ଅନୁବଂଶ ଦ୍ୱାରା ଏବଂ ଆଉ କେତେକ ପରିବେଶ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ତେଣୁ ଅନୁବଂଶ ଓ ପରିବେଶର ପାରସ୍ପରିକ ପ୍ରକ୍ରିୟା ଦ୍ୱାରା ଶିଶୁର ବ୍ୟକ୍ତିତ୍ୱ ଗଠନ ହୋଇଥାଏ । ଅନ୍ୟ ପକ୍ଷରେ ଶିଶୁଟି ଯଦି ଅନୁକୂଳ ପରିବେଶରେ ବଢ଼େ ତେବେ ଅନେକ ଅନୁବଂଶଗତ ଲକ୍ଷଣଗୁଡ଼ିକୁ ମଧ୍ୟ ନିୟନ୍ତ୍ରଣ କରାଯାଇ ପାରେ । ଜଳବାୟୁ ଓ ଖାଦ୍ୟର ପ୍ରଭାବ ଯୋଗୁଁ ଶିଶୁର ରଙ୍ଗରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ ହୋଇଥାଏ । ଖାଦ୍ୟ, ଜଳବାୟୁ ଓ ବ୍ୟାୟାମ ଦ୍ୱାରା ଉଚ୍ଚତା ଓ ଓଜନରେ ମଧ୍ୟ ପରିବର୍ତ୍ତନ ଅଣାଯାଇ ପାରେ । ଏପରିକି ଶିଶୁ ଭିତରେ ଥିବା ବଂଶଗତ ବା କୌଳିକ ପ୍ରତିଭା ମଧ୍ୟ ଉପଯୁକ୍ତ ପରିବେଶର ଅଭାବରୁ ବିକଶିତ ହୋଇ ପାରେନା । ସୁତରାଂ ପରିବେଶର ପ୍ରଭାବ ଦ୍ୱାରା ଶରୀରର କେତେକ ବଂଶଗତ ତ୍ରୁଟିକୁ ଦୂର କରାଯାଇ ପାରେ ଏବଂ ନିର୍ଦ୍ଦିଷ୍ଟ ରୋଗକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରେ । ସେଥିପାଇଁ ଶିଶୁର ପୂର୍ଣ୍ଣାଙ୍ଗ ବୃଦ୍ଧି ଓ ବିକାଶ ସକାଶେ ପରିବେଶ ଉପରେ ବେଶୀ ଗୁରୁତ୍ୱ ଦିଆଯାଇଛି । ଅନୁବଂଶ ଓ ପରିବେଶର ଭିନ୍ନତା ଯୋଗୁଁ ବ୍ୟକ୍ତିଗତ ଭିନ୍ନତା (Individual Difference) ଦୃଷ୍ଟିଗୋଚର ହୋଇଥାଏ । ଶିଶୁଟି ଜନ୍ମ ହେବା ପୂର୍ବରୁ ମଧ୍ୟ ଅନୁବଂଶ ଓ ପରିବେଶର ପାରସ୍ପରିକ ପ୍ରକ୍ରିୟା ରହିଥାଏ । ଶିଶୁଟି ପିତା ଓ ମାତା ଉଭୟଙ୍କର ଗୁଣ ମଧ୍ୟ ବହନ କରିଥାଏ । ଏହା କେବଳ ସମ୍ଭବ ହୁଏ ଜନନୀକାର ପ୍ରଭାବ ଦ୍ୱାରା । ପ୍ରତ୍ୟେକ ଶିଶୁଠାରେ ଜନନୀକାଗୁଡ଼ିକ ଯୋଡ଼ା ଯୋଡ଼ା ହୋଇ ରହିଥାଏ । ପ୍ରତିଟି ଯୋଡ଼ାରେ ୨ଟି ଜନନୀକା (ମାତୃ-୧ + ପିତୃ-୧) ଭିନ୍ନ ଭିନ୍ନ ଲକ୍ଷଣ ବହନ କରିଥାଏ । ସେମାନଙ୍କ ମଧ୍ୟରୁ ଗୋଟିଏ ଜନନୀକା ଅନ୍ୟ ଉପରେ ପ୍ରଭାବ ବିସ୍ତାର କରିଥାଏ । ଯେଉଁ ଜନନୀକାଟି ପ୍ରଭାବ ବିସ୍ତାର କରେ ଶିଶୁଟି ସେହି ଜନନୀକାଟି ଯେଉଁ କ୍ଷେତ୍ରରୁ ଆସିଥାଏ ତାହାର ଲକ୍ଷଣ ବହନ କରେ । ଜନନ ସୂତ୍ରିକାଗୁଡ଼ିକର ବିଭାଜନ ଫଳରେ ଭ୍ରୂଣର ବିକାଶର ପ୍ରକ୍ରିୟା ଆରମ୍ଭ ହୋଇଥାଏ । ସାଧାରଣତଃ ଶୁକ୍ରାଣୁ ପରିପକ୍ୱ ଡିମ୍ବାଣୁ ମଧ୍ୟରେ ପ୍ରବେଶ କରିବାର ୨୪ରୁ ୩୬ ଘଣ୍ଟା ମଧ୍ୟରେ ପ୍ରଥମ ଦୁଇଟି କୋଷର ବିକାଶ ଘଟିଥାଏ ।

ଜନ୍ମର ପୂର୍ବ ଅବସ୍ଥାର ବିକାଶ ଏତେ କ୍ଷିପ୍ର ଗତିରେ ହୁଏ ଯେ ଏକ ପିନ୍ କଣ୍ଟାର ମୁଣ୍ଡ ଆକାରର ଭ୍ରୂଣ ୨୮୦ ଦିନ ମଧ୍ୟରେ ୬/୭ ପାଉଣ୍ଡର ପୂର୍ଣ୍ଣ ବିକଶିତ ଶିଶୁରେ ପରିଣତ ହୁଏ । ଏହି ଅବସ୍ଥାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିକାଶ ହୁଏ ତାହାକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ, ଯଥା – ଡିମ୍ବାବସ୍ଥା(Germinal Period), ଭ୍ରୂଣାବସ୍ଥା (Embryonic Period) ଓ ଗର୍ଭାବସ୍ଥା (Fetal Period) ।

(କ୍ରମଶଃ) ❑

ସର୍ବଦା ନୀରବ ଓ ଶାନ୍ତିପୂର୍ଣ୍ଣ ହେବା ପାଇଁ ବିଶେଷ ଯତ୍ନଶୀଳ ହୁଅ ଏବଂ ତୁମ ସତ୍ତା ମଧ୍ୟରେ ଅଧିକରୁ ଅଧିକ ପୂର୍ଣ୍ଣ ସମତା ବିରାଜମାନ କରୁ । ତୁମ ମନକୁ ଅତ୍ୟଧିକ ସକ୍ରିୟ କର ନାହିଁ ଯଦ୍ୱାରା ସର୍ବଦା ତାହା ଉଦ୍‌ବେଗ ମଧ୍ୟରେ ରହିବ । କୌଣସି ବସ୍ତୁକୁ ବାହ୍ୟ ଦୃଷ୍ଟିରୁ ଦେଖି ହଠାତ୍ କୌଣସି ସିଦ୍ଧାନ୍ତରେ ଉପନୀତ ହେବ ନାହିଁ । ସର୍ବଦା ସମୟ ହାତରେ ରଖି, ଧୀରସ୍ଥିର ଭାବରେ ଚିନ୍ତା କରି ନିଷ୍ପତ୍ତି ଗ୍ରହଣ କର ।

– ଶ୍ରୀମା

# ଆନ୍ତରିକତା ସମ୍ପର୍କରେ

## (୧)

## କୁମାର ଚନ୍ଦ୍ର ମିଶ୍ର

ନିଷ୍ଠା, ଆନ୍ତରିକତା, ସ୍ୱଚ୍ଛତା, ସତ୍ୟଶୀଳତା, ଐକାନ୍ତିକତା ଇତ୍ୟାଦି ସମାର୍ଥବୋଧକ ପଦ । ଇଂରାଜୀରେ ତାକୁ Sincerity, Transparency, Honesty ଇତ୍ୟାଦି ପଦ ଦ୍ୱାରା ବ୍ୟକ୍ତ କରାଯାଇଥାଏ । ପଦଟିର ମୂଳଉତ୍ସ ସମ୍ପର୍କରେ ଅନୁଧ୍ୟାନ କଲେ ତା'ର ଅର୍ଥ ଓ ସଂଜ୍ଞା ନିରୂପଣ କରିବା ସୁଗମ ହୋଇପାରେ । ଲାଟିନ୍ ପଦ Suicerusରୁ Suicere ପଦଟି ଉଦ୍ଭୃତି ବୋଲି କୁହାଯାଏ । Suicerusର ଅର୍ଥ ହେଲା ଶୁଦ୍ଧ, ନିର୍ମଳ, ଅବିମିଶ୍ରିତ; ଇଂରାଜୀରେ ଯାହାକୁ unadulterated ବୋଲି କହନ୍ତି । Spanish ଭାଷାରେ Suiceraର ଅର୍ଥ ହେଲା without wax (ବିନା ମହମରେ) ।

ବହୁଦିନ ତଳର କଥା । ଗ୍ରୀସ୍, ରୋମ, ସ୍ପେନ୍ ଆଦି ଦେଶରେ ଅତି ଚମତ୍କାର ମାର୍ବଲ ପ୍ରତିମାସବୁ ନିର୍ମାଣ କରାଯାଉଥିଲା । ଲାସ୍ୟମୟୀ ଲଳନାଠାରୁ ଆରମ୍ଭ କରି, ବୀରପୁରୁଷ ଯୋଦ୍ଧା ଓ ପଶୁପକ୍ଷୀମାନଙ୍କର ମାର୍ବଲ ମୂର୍ତ୍ତିସବୁର ଦେଶ ବିଦେଶରେ ଅନେକ ଚାହିଦା ଥିଲା । କିନ୍ତୁ ମୂର୍ତ୍ତି ଓ କଣ୍ଢେଇଗୁଡ଼ିକରେ ଫାଟ ସୃଷ୍ଟି ହେଲେ ତାକୁ ଧଳା ମହମ (Wax) ଦ୍ୱାରା ଆବୃତ୍ତ କରି ଦିଆଯାଉଥିଲା, ଯେପରି ଅପଲକ ନୟନରେ ଟିକିନିଖି ନିରେଖି ପରୀକ୍ଷା ନକଲେ ଫାଟଥିବା ଜଣା ପଡ଼ିବ ନାହିଁ । ତେଣୁ ଆମଦାନୀ କରୁଥିବା ଦେଶମାନେ ସେମାନଙ୍କ ବରାଦପତ୍ର ଶେଷରେ ଲେଖୁଥିଲେ, 'Sui Cera', ଏହାର ଅର୍ଥ ହେଲା 'No Wax' ବା ମହମର ପ୍ରଲେପ ଦିଅ ନାହିଁ । ତେଣୁ କୌଣସି ତ୍ରୁଟି ବା ଦୋଷକୁ ଲୁଚାଇ ନ ରଖିବା ଅର୍ଥରେ 'ସିନ୍‌ସିଏରିଟି' ପଦଟି ବ୍ୟବହୃତ ହେଲା । କିନ୍ତୁ ପୂର୍ଣ୍ଣଯୋଗରେ ଏହାର ଅର୍ଥ ଭିନ୍ନ ଓ ସଂଜ୍ଞା ଅତି ବ୍ୟାପକ ।

ପ୍ରତୀକାତ୍ମକ ଭାବରେ ଏହି ଶ୍ରେୟ ଗୁଣଟି ଆଷ୍ଟର (Italian Aster) ପୁଷ୍ପ ଦ୍ୱାରା ଚିହ୍ନିତ କରାଯାଏ ଓ କାଠଚମ୍ପା ଫୁଲର ପାଞ୍ଚଟି ପାଖୁଡ଼ା ମଧ୍ୟରୁ ଗୋଟିଏ ପାଖୁଡ଼ା ଏହାର ପ୍ରତିନିଧିତ୍ୱ କରେ । ଦିବ୍ୟଜନନୀ ଶ୍ରୀମା ପାଞ୍ଚଟି ମନସ୍ତାତ୍ତ୍ୱିକ ପରିପୂର୍ଣ୍ଣତା ବା ଉପଲବ୍ଧି (Five psychological perfection) ସମ୍ପର୍କରେ କହିଛନ୍ତି । ଏହି ପାଞ୍ଚଟି ଶ୍ରେଷ୍ଠଗୁଣ ଅଭ୍ୟାସ କରିବା ସାଧନା କ୍ଷେତ୍ରରେ ଅପରିହାର୍ଯ୍ୟ ।

ସେହି ଶ୍ରେୟ ଗୁଣଗୁଡ଼ିକ ହେଲା :

୧. ଆନ୍ତରିକତା ବା ସ୍ୱଚ୍ଛତା ।
(Sincerity or Transparency)

୨. ଅଭୀପ୍ସା ବା ସାହସ ।
(Aspiration or Cougare)

୩. ବିଶ୍ୱାସ ବା ନିର୍ଭରତା
(Faith or Trust)

୪. ଭକ୍ତି ବା କୃତଜ୍ଞତା ବୋଧ ।
(Devotion or Gratitude)

୫. ସମର୍ପଣ ବା ବିକଳ୍ପାର୍ଥେ ଅଧ୍ୟବସାୟ ଓ ସହନଶୀଳତା)
(Surender or alternatively Perseverance and endurance)

(CWM. Vol. 8, pp. 36 - 42)

ଦିବ୍ୟଜନନୀଙ୍କ ପ୍ରତୀକରେ ଥିବା ୧୨ଟି ପାଖୁଡ଼ା ମଧ୍ୟରୁ ଗୋଟିଏ ପାଖୁଡ଼ା 'ଆନ୍ତରିକତା'ର ପ୍ରତିନିଧିତ୍ୱ କରେ । ଏ ସମ୍ପର୍କରେ ଦିବ୍ୟଜନନୀ କହନ୍ତି, ''ଯାବତୀୟ ପ୍ରଗତିର ଆରମ୍ଭ ଓ ଉପଲବ୍ଧି ଲାଗି ଏହା ହେଉଛି ସୁନିଶ୍ଚିତ ପଥ'' ।

**ନିଷ୍ଠା ବା ଆନ୍ତରିକତାର ସଂଜ୍ଞା କ'ଣ ?**

ଏହାର ଦୁଇଟି ଦିଗ ରହିଛି – ଗୋଟିଏ ଭୌତିକ ଅନ୍ୟଟି ଆଧ୍ୟାତ୍ମିକ । ଅତି ସାଧାରଣ ଭାବେ କହିବାକୁ ଗଲେ କଥାରେ, ଚିନ୍ତାରେ, ଅନୁଭବରେ ଓ କର୍ମରେ ସାମଞ୍ଜସ୍ୟ ରକ୍ଷା କରିବା ହେଲା ଆନ୍ତରିକତା ।

ଶ୍ରୀମାଙ୍କ ଅମୃତୋପମ ବାଣୀ ହେଲା, ''ଆନ୍ତରିକତା ହେଉଛି ଭଗବତ୍ ଦ୍ୱାରର ଚାବିକାଠି'' । ଏହାର ଆଧ୍ୟାତ୍ମିକ ସଂଜ୍ଞା ହେଲା :

"Sincerity means to lift all the

movements of the being to the level of the highest consciousness and realisation already attained."  (CWM. Vol. - 14, P. 65)

ଅର୍ଥାତ୍, ''ସତ୍ତାର ଯାବତୀୟ ଗତି ସ୍ପନ୍ଦନକୁ ପୂର୍ବୋପଲବ୍ଧ ଚେତନା ଓ ଉପଲବ୍ଧିର ସର୍ବୋଚ୍ଚ ସ୍ତରକୁ ଉତ୍ତୋଳନ କରି ନେବା – ତାହା ହିଁ ଆନ୍ତରିକତା ।''

*

"Sincerity exacts the unification and harmonisation of the whole being in all its parts and movements around the central Divine Will."  (CWM, Vol. - 14, P. 65)

ଅର୍ଥାତ୍, ''ସମଗ୍ର ସତ୍ତାର ବିଭିନ୍ନ ଉପାଦାନ ଓ ଗତିସ୍ପନ୍ଦନଗୁଡ଼ିକୁ କେନ୍ଦ୍ରୀୟ ଦିବ୍ୟ ସଂକଳ୍ପର ଚତୁଃପାର୍ଶ୍ୱରେ ଏକୀଭୂତ ଓ ସୌଷମ୍ୟବଦ୍ଧ କରିପାରିବା – ଏହାହିଁ ଆନ୍ତରିକତାର ଦାବି ।''

*

"Allow nothing anywhere to deny the truth of your being – this is sincerity."

(CWM., Vol. - 14, P. 69)

''ତୁମ ସତ୍ତାର ସତ୍ୟକୁ ଖଣ୍ଡନ କରୁଥିବା କୌଣସି ଉପାଦାନକୁ ତୁମ ଭିତରେ ପ୍ରବେଶ କରିବାକୁ ଆଦୌ ନ ଦେବା – ଏହା ହିଁ ଆନ୍ତରିକତା ।''

*

"To be sincere, all the parts of the being must be united in their aspiration for the Divine."

(CWM. Vol. - 14, P. 65)

ଅର୍ଥାତ୍, ''ଆନ୍ତରିକ ହେବାକୁ ହେଲେ, ସତ୍ତାର ସକଳ ଅଂଶକୁ ଭଗବାନଙ୍କ ପ୍ରତି ଅଭୀପ୍ସାରେ ଏକ ହେବାକୁ ହେବ ।''

## ପୂର୍ଣ୍ଣ ଆନ୍ତରିକତା ଓ ଚରମ ଆନ୍ତରିକତା :

ପ୍ରକୃତ ଆନ୍ତରିକତା ଅର୍ଜନ କରିବାକୁ ହେଲେ ଆମ ସତ୍ତାର ଯାବତୀୟ ଅଂଶ ପରମ ଦିବ୍ୟସତ୍ତାଙ୍କ ଲାଗି ସେମାନଙ୍କ ଅଭୀପ୍ସାରେ ହିଁ ଏକତ୍ରୀଭୂତ ହୋଇଥିବେ । ଅର୍ଥାତ୍, ଯୁଗପତ୍ ମନ, ପ୍ରାଣ ଓ ଶରୀର ଅଭୀପ୍ସା କରିବେ କେବଳ ଭଗବାନଙ୍କୁ ଅନୁଭବ କରିବା ଲାଗି; ଗୋଟିଏ ଭାଗ ବା ଗୋଟିଏ ଅଂଶ ଇଚ୍ଛା କରୁଥିବ ଓ ଅନ୍ୟ ଅଂଶଟି ବିଦ୍ରୋହ କରୁଥିବ – ସେପରି ହେବା ଅବାଞ୍ଛନୀୟ । ଆମ ଅଭୀପ୍ସାରେ ନିଷ୍ଠାଯୁକ୍ତ ହୋଇ ରହିବା ଅର୍ଥ ପରମ ଦିବ୍ୟସତ୍ତାଙ୍କ ପାଇଁ ହିଁ ପରମ ଦିବ୍ୟସତ୍ତାଙ୍କୁ ଇଚ୍ଛା କରୁଥିବା (Divine for the Divine sake only) । ଆପଣା ଖ୍ୟାତି, ନାମ, ସମ୍ମାନ ବା ଯଶ, କ୍ଷମତା ବା ଦମ୍ଭ କ୍ଷେତ୍ରରେ ଆଉ କୌଣସି କଥାକୁ ଚରିତାର୍ଥ ବା ପରିତର୍ପଣ କରିବା ଲାଗି ଆମେ ତାଙ୍କୁ ଇଚ୍ଛା କରିବା ନାହିଁ । ଏହାହିଁ ଅସଲ କଥା ।

''ମୁଁ ଯାହା କରୁଛି, ଅନୁଭବ କରୁଛି, ଚିନ୍ତା କରୁଛି ବା ଇଚ୍ଛା କରୁଛି ସେସବୁ ଯେପରି ଈଶ୍ୱରାଭିମୁଖୀ ହୁଏ । ଈଶ୍ୱରଙ୍କ ବ୍ୟତୀତ ମୁଁ ଆଉ କିଛି ବି ଚାହେଁ ନାହିଁ, କିଛି ବି ଭାବେ ନାହିଁ, ଈଶ୍ୱରଙ୍କ ଅଭିମୁଖେ ନେଇ ପାରୁଥିବା କର୍ମ ବ୍ୟତୀତ ମୁଁ ଯେପରି ଅନ୍ୟ କିଛି କର୍ମ ନ କରେ, ଈଶ୍ୱରଙ୍କ ବ୍ୟତୀତ ମୁଁ ଯେପରି ଆଉ କିଛି ବି ଭଲ ନ ପାଏ'' – ଏପରି ଏକ ଅବସ୍ଥା ଓ ମନୋଭାବ ପୋଷଣ କରିବା ହିଁ ପୂର୍ଣ୍ଣ ନିଷ୍ଠା । ମାତ୍ର କେବଳ ଘଣ୍ଟାକ ଲାଗି ଏପରି ମନୋଭାବ ରକ୍ଷା କରିବା କେତେ ଯେ ଆୟାସସାଧ୍ୟ ତାହା ଅଭ୍ୟାସ କଲେ ହିଁ ଜଣାପଡ଼େ । ସେତିକି ସମୟ ମଧ୍ୟରେ କିଛି ନା କିଛି ଚିନ୍ତା ନିଷ୍ଠାକୁ ଅତିକ୍ରମ କରି ଯାଇଥାଏ । ନିଜକୁ କିଂବା ଅନ୍ୟକୁ ଠକିବା ଲାଗି ଚେଷ୍ଟା କରିବା ନାହିଁ । ସତ୍ୟ ବିରୋଧୀ କୌଣସି ବିଷୟକୁ ଆମ ମନ, ପ୍ରାଣ, ଶରୀରରେ ପ୍ରଶ୍ରୟ ଦେବା ନାହିଁ । କାୟମନୋବାକ୍ୟରେ ସର୍ବଦା ସଙ୍ଗତି, ସମଞ୍ଜସତା ରକ୍ଷା କରିବା । ଆମର ଅଜ୍ଞାନ, ଅବିଦ୍ୟା, ମିଥ୍ୟାଚାର ଓ ଭୁଲ୍‌ଭ୍ରାନ୍ତିଗୁଡ଼ିକ ପ୍ରତି ଆଖିବୁଜି ଦେବା ନାହିଁ କିଂବା ବୃଥାରେ ଆତ୍ମ-ସମର୍ଥନ କରି ବସିବା ନାହିଁ । ଏହାକୁ ଆମେ ପୂର୍ଣ୍ଣ ଆନ୍ତରିକତା ବା ପୂର୍ଣ୍ଣ ନିଷ୍ଠା ବୋଲି କହିବା ।

ଆମେ ଯଦି ଏକ ଗତିଶୀଳ ଚେତନା ମଧ୍ୟରେ ପ୍ରବେଶ କରିବା ଲାଗି ଇଚ୍ଛା କରିବା ତେବେ ଯାବତୀୟ ଆଦିମ ଚେତନା ମଧ୍ୟରୁ ନିଜକୁ ମୁକ୍ତ କରି ନେବାକୁ ହେବ । ଆମେ କଦାପି ଆମର ଅପୂର୍ଣ୍ଣତା ବା ବିଫଳତାଗୁଡ଼ିକୁ ଯତ୍ନର ସହ ସାଇତି ରଖିବା ନାହିଁ କି ଘୋଡ଼େଇ ପକେଇବା ନାହିଁ । ଯଦି ଜାଣତରେ ହେଉ କିଂବା ଅଜାଣତରେ ହେଉ କୌଣସି ଭୁଲ୍ କାମ କରି ବସୁ ତେବେ ତାହା ଭୁଲ୍ ବୋଲି ପ୍ରଥମେ ସ୍ୱୀକାର କରିବାକୁ

ହେବ । ସେଥିରେ ଆବଶ୍ୟକ ସଂଶୋଧନ ଆଣିବା ଲାଗି ମୁହାଁମୁହିଁ ତା'ର ସମ୍ମୁଖୀନ ହେବାକୁ ହେବ । ସିଧାସଳଖ ଦୃଢ଼ ଭାବରେ କହିବାକୁ ହେବ ଯେ ଏହା ଆଦୌ ଠିକ୍ ହେଲା ନାହିଁ, ଏହା ଅତି ବିରକ୍ତିକର, ଏହା ନିର୍ବୋଧତା ବ୍ୟତୀତ ଅନ୍ୟ କିଛି ନୁହେଁ । ମୁଁ ଏହା ଚାହେଁ ନାହିଁ । ଏପରି ଭୁଲ୍ ଭ୍ରାନ୍ତିଗୁଡ଼ିକୁ ସଂଶୋଧନ କରିବା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମେ ଦିବ୍ୟଜନନୀଙ୍କ ଶରଣାପନ୍ନ ହୋଇ ନିଜ ଚେତନାର ସର୍ବୋତ୍ତମ ଆଲୋକକୁ ନିଜ ମଧ୍ୟକୁ ନିକ୍ଷେପ କରିବା । ପୁରୁଣା କୋଠରିକୁ ଆଲୋକ ଦ୍ୱାରା ଉଦ୍ଭାସିତ କରି ତା'ର କୋଣ ଅନୁକୋଣରେ ଲାଗି ରହିଥିବା ଅଳନ୍ଧୁ, ବୁଢ଼ିଆଣୀ ଜାଲ, କାଦୁଅଛିଟା ଇତ୍ୟାଦି ସଫା କରାଯାଏ । ଠିକ୍ ସେହିପରି ଆଧାରର ନିଭୃତ କୋଣମାନଙ୍କରେ ଛପି ରହିଥିବା ଦୋଷ ଦୁର୍ବଳତାଗୁଡ଼ିକୁ ଠାବ କରି ସେସବୁକୁ ଗୋଟି ଗୋଟି କରି ତଡ଼ିବାକୁ ହେବ । ପରମ ନିଷ୍ଠାର ସହ ସେହି ଦୋଷଗୁଡ଼ିକୁ, ଛୋଟ ଛୋଟ ଛାୟାମୂର୍ତ୍ତିଗୁଡ଼ିକୁ ନିଶ୍ଚିହ୍ନ ନ କଲେ ସେସବୁ ପ୍ରକୃତିର କୋଣ ଅନୁକୋଣରେ ଛପି ରହିବେ ଓ ପୁଣି ସାମାନ୍ୟ ଛିଦ୍ର ବା ସୁଯୋଗ ପାଇବା କ୍ଷଣି ପଦାକୁ ବାହାରି ଆସିବା ଲାଗି ସୁଯୋଗ ଉଣ୍ଡୁଥିବେ । ସେଥିପାଇଁ ମାତୃଉପନିଷଦ୍‌ରେ ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି :

"Detect first what is false or obscure in you and persistently reject it, then alone can you rightly call for the divine power to transform you." (*The Mother,* p. 5)

''ପ୍ରଥମେ ତୁମ ମଧ୍ୟରେ ଥିବା ମିଥ୍ୟା ଓ ତମୋଗ୍ରସ୍ତ ଭାବକୁ ଖୋଜି ବାହାର କର; ତା'ପରେ ସେସବୁକୁ ସର୍ବଦା ପ୍ରତ୍ୟାଖ୍ୟାନ କରିଚାଲ । ତେବେ ହିଁ ରୂପାନ୍ତର ସାଧନ ସକାଶେ ଭାଗବତୀ ଶକ୍ତିକୁ ଯଥାର୍ଥରେ ଆହ୍ୱାନ କରିବାର ଅଧିକାର ତୁମେ ପାଇପାରିବ ।''

('ମା' ବହି, ପୃ. ୫)

ପିଲାଟିଏ ପାଠପଢ଼ିବା ଲାଗି ଚୌକିରେ ଟେବୁଲ ସାମନାରେ ବହି ଖୋଲି ବସିଛି, କିନ୍ତୁ ମନ ଯାଇ କ୍ରିକେଟ ଖେଳରେ କିଂବା ଭଉଣୀ ଲୁଚାଇ ରଖିଥିବା ଚକୋଲେଟ ଡବା ଚାରିପଟେ ଘୂରୁଛି । ଏଣେ ଜଣେ ସାଧକ ମେରୁହାଡ଼ ସିଧା ରଖି ପଦ୍ମାସନରେ ବସି ଧ୍ୟାନ କରୁଛନ୍ତି, ତେଣେ ମନ ଆଶ୍ରମରେ ଆଜି କ'ଣ ଖାଦ୍ୟ ପ୍ରସ୍ତୁତ ହୋଇଛି, ସେକଥା ହୁଏତ ଚିନ୍ତା କରୁଛନ୍ତି । ଏସବୁକୁ ସତ୍ତାର ବିଭାଜନ (division of the being) ବୋଲି ଜାଣି ପାରିବା । ଏହିପରି ଛଳନା, ପ୍ରତାରଣା, କୁଟିଳତା, ଶଠତା ଇତ୍ୟାଦିକୁ ଆନ୍ତରିକତାର ବିପରୀତ ଅର୍ଥାତ୍ ଅନାନ୍ତରିକତା ବା ନିଷ୍ଠାହୀନତା ବୋଲି କହିବା ।

**ଆନ୍ତରିକତାର ଦିଗ ଦିଗନ୍ତ :**

ପିଲାଟିଏ ଘର ଭିତରେ ଚାଲିଲା ବେଳେ ନିଜର ଅସାବଧାନତା ଯୋଗୁଁ କୋଠରିର ଦ୍ୱାରଦେଶରେ ଯେତେବେଳେ ଧକ୍କା ଲାଗେ, ସେ ରାଗିଯାଇ ସେ ଦ୍ୱାରକୁ ପଦାଘାତ କରେ । ଠିକ୍ ସେହିପରି ଆନ୍ତରିକତାର ଅଭାବରୁ ଜଣେ ସାଧକ ନିଜର ଦୋଷ ଦୁର୍ବଳତାଗୁଡ଼ିକରୁ ମୁକ୍ତ ହୋଇ ନ ପାରିଲେ ଅନ୍ୟକୁ, ପରିସ୍ଥିତିକୁ ଓ ଭଗବାନଙ୍କୁ ଦୋଷ ଦେଇଥାଏ – ଆପଣା ନିଷ୍ଠାକୁ ଦୃଢ଼ କରିବା ବଦଳରେ ଓ ସଠିକ୍ ମାର୍ଗ ବା ସାଧନ ଅବଲମ୍ବନ କରିବା ପରିବର୍ତ୍ତେ ହତାଶା କିଂବା ବିଷାଦର ବଶବର୍ତ୍ତୀ ହୋଇଯାଏ । ସେତେବେଳେ ସେ ଶ୍ରୀମଦ୍‌ଭଗବଦ୍ ଗୀତାର ଅମର ବାଣୀଟିକୁ ମନେ ପକାଇପାରେ ।

''କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥''

(୩ୟ ଅଧ୍ୟାୟ, ୬ଷ୍ଠ ଶ୍ଳୋକ)

ଯିଏ କର୍ମେନ୍ଦ୍ରିୟଗୁଡ଼ିକୁ ସଂଯତ କରୁଥାଏ, ଅଥଚ ଚେତନାରେ ଓ ଅବଚେତନ ସ୍ତରରେ ଦୋଷ ଦୁର୍ବଳତାଗୁଡ଼ିକ ସଜାଗ ରହିଥାଏ ତାକୁ ବିମୂଢ଼ ବା ବିପଥଗାମୀ କୁହାଯିବ । ତ୍ରୁଟିସବୁ ସଂଶୋଧନ କରିବା ନିମିତ୍ତ ଯେଉଁ ମାର୍ଗ ବା ପ୍ରଣାଳୀ ସେ ଅବଲମ୍ବନ କରୁଛି ତଥା ତାହାର ଆଚାର ବ୍ୟବହାର ବି ମିଥ୍ୟା ଅଟେ । କିନ୍ତୁ ଆତ୍ମା ମିଥ୍ୟା ହୋଇ ନ ପାରେ ।

କିଛି ନ ହୋଇ ପାରୁଛି ତ ମା ଅଛନ୍ତି । ଆନ୍ତରିକ ପ୍ରାର୍ଥନା ତାଙ୍କ ନିକଟରେ ପହଞ୍ଚିଯାଏ ଓ ଉତ୍ତର ମିଳେ । ସେ ପରିସ୍ଥିତି ଓ ପରିବେଶକୁ ଏପରି ସଜାଡ଼ି ଦିଅନ୍ତି ଯେ ଜଣେ ଆନ୍ତରିକ ହେବା ଲାଗି ବାଧ୍ୟ ହୁଏ । କିନ୍ତୁ ଏହା ଯେ ଦିବ୍ୟ ଜନନୀଙ୍କର ଅପାର କରୁଣାର ପରିଣତି ଏହା ହୁଏତ ସେ ଜାଣିପାରେ ନାହିଁ । ଆନ୍ତରିକତା ଏକ ଶକ୍ତି କିନ୍ତୁ ଭଗବତ୍ କୃପା ତା' ଅପେକ୍ଷା ଅଧିକ ଶକ୍ତିଶାଳୀ ।

କୌଣସି କୁଟିଳତା ନ ଥିବା ଏକ ନିର୍ମଳ ଅବିମିଶ୍ର ନିଷ୍ଠାରୁ ହିଁ ଯାବତୀୟ ଅଗ୍ରଗତି ଓ ଯୋଗ ସାଧନା ସମ୍ଭବ

ହୁଏ । ନିଷ୍ଠାପର ହୋଇ ରହିବା ଦ୍ୱାରା ହିଁ ବିଜୟ ସୁନିଶ୍ଚିତ ହୋଇଥାଏ । ସେଥିପାଇଁ ଦିବ୍ୟଜନନୀ କହନ୍ତି –

"Our sincerity is His Victory."

''ଆମର ଆନ୍ତରିକତା ହେଲା ତାଙ୍କର ବିଜୟ ।''

ପୁଣି ସେ ଆଶ୍ୱାସନା ଦେଇ କହୁଛନ୍ତି : ''ତୁମେ ନିଷ୍ଠାଯୁକ୍ତ ହୋଇ ରହିବ, ଏବଂ ମୁଁ ଆବଶ୍ୟକ ହେଲେ ତୁମର ଭୁଲଗୁଡ଼ିକୁ ହଜାର ଥର ପାଇଁ ସଂଶୋଧନ କରିଦେଇ ପାରିବି । ଯେଉଁମାନଙ୍କର ନିଷ୍ଠା ରହିଛି ମୁଁ ସେମାନଙ୍କୁ ଅତି ସହଜରେ ସାହାଯ୍ୟ କରିପାରିବି ଏବଂ ପରମଙ୍କ ଅଭିମୁଖୀ କରି ରଖି ପାରିବି । କିନ୍ତୁ ଯେଉଁଠି ନିଷ୍ଠାର ଅଭାବ ରହିଛି, ସେଠାରେ ମୁଁ ଆଦୌ କିଛି ବି କରିପାରିବି ନାହିଁ ।'' ଜଣେ ବ୍ୟକ୍ତି ଭିତରେ ଯେପର୍ଯ୍ୟନ୍ତ କୌଣସି ଆନ୍ତର ଦ୍ୱନ୍ଦ୍ୱ (inner conflict) ବା ସନ୍ଦେହର ଏକ ସମ୍ଭାବନା ମଧ୍ୟ ରହିଥିବ ତେବେ ତା' ଭିତରେ କେତେକାଂଶରେ ନିଷ୍ଠାର ଅଭାବ ରହିଛି ବୋଲି ସେଥିରୁ ପ୍ରମାଣିତ ହେବ । ତେଣୁ ଯେକୌଣସି ଆନ୍ତର ଦ୍ୱନ୍ଦ୍ୱକୁ ନିଷ୍ଠାହୀନତାର ଏକ ଅଭ୍ରାନ୍ତ ସଂକେତ ବୋଲି ଜାଣିବା ।

ଯେଉଁ ମୁହୂର୍ତ୍ତରେ ଜଣେ ନିଜେ ନିଷ୍ଠାପର ହୋଇଯାଇଛି ବୋଲି ଭାବେ ବା ଅନୁଭବ କରେ, ସେହି ମୁହୂର୍ତ୍ତରୁ ଜାଣିବାକୁ ହେବ ଯେ ସେ ନିଷ୍ଠାହୀନତାର ବଶବର୍ତ୍ତୀ ହୋଇ ରହିଛି । କାରଣ ଯିଏ ପ୍ରକୃତରେ ନିଷ୍ଠାପର ସେ ସମ୍ପୂର୍ଣ୍ଣ ରୂପେ ନିଷ୍ଠାପର ହୋଇପାରି ନାହାନ୍ତି ବୋଲି ଅନୁଭବ କରନ୍ତି । ସେ ଆହୁରି ଅଧିକରୁ ଅଧିକ ନିଷ୍ଠାପର ହୋଇ ପାରନ୍ତେ ବୋଲି ଅନୁଭବ କରିଥା'ନ୍ତି । କଥାହେଲା ନିଜକୁ ଅତ୍ୟନ୍ତ ନିଷ୍ଠାଯୁକ୍ତ ବୋଲି ଭାବିବା ଦ୍ୱାରା କୌଣସି ଲାଭ ହୁଏ ନାହିଁ । ମୁଁ ନିଷ୍ଠାପର ନୁହେଁ ବୋଲି ଭାବିବା ଦ୍ୱାରା ମଧ୍ୟ କୌଣସି ଲାଭ ହୁଏ ନାହିଁ । ନିଷ୍ଠାପର ହେବା ଦ୍ୱାରା ହିଁ ଯାହାକିଛି ଲାଭ ବା ଉପକାର ମିଳିଥାଏ ।

ବାହାରକୁ ଦେଖାଇ ହେବା, ଆସ୍ଫାଳନ, ବାହ୍ୟ ଚାକଚକ୍ୟ, ବାହ୍ୟ ଆଡ଼ମ୍ବର ଆଦି ନିଷ୍ଠାପରତାର ପରିପନ୍ଥୀ । ପରମ ଚେତନାର ସମ୍ମୁଖରେ ଛଳନା, କପଟତାର ଏକ ମହାସମୁଦ୍ର ଅପେକ୍ଷା ବିନ୍ଦୁଏ ମାତ୍ର ଆନ୍ତରିକତାର ହିଁ ଅଧିକ ମୂଲ୍ୟ ରହିଛି । ମୁଁ ଯଦି ପ୍ରକୃତରେ ଅନ୍ତରରେ କିଛି ହୋଇ ପାରିଛି ତେବେ ମୋର ବାହାରକୁ ଆଉ କିଛି ହେବା ଭଳି ଦେଖାଯିବାର କୌଣସି ଆବଶ୍ୟକତା ନାହିଁ ।

ଦିବ୍ୟଜନନୀ କହନ୍ତି :

"Do not pretend – be.<br>
Do not promise – act.<br>
Do not dream – realise."

(C.W.M. - 14, P. 66)

''ଛଳନା କର ନାହିଁ – ହୋଇଉଠ ।<br>
ପ୍ରତିଶ୍ରୁତି ଦିଅ ନାହିଁ – କର୍ମ ସମ୍ପାଦନ କର ।<br>
ସ୍ୱପ୍ନ ଦେଖ ନାହିଁ – ଉପଲବ୍ଧି କର ।''

– ଶ୍ରୀମା

*(ଅବଶିଷ୍ଟାଂଶ ଆଗାମୀ ସଂଖ୍ୟାରେ...)*

❑❑❑

ଆନ୍ତରିକ ଭାବରେ ନିଜକୁ ଖୋଲି ଧର; ଅର୍ଥାତ୍ ସଂପୂର୍ଣ୍ଣ ଭାବରେ ନିଜକୁ ଖୋଲି ଧର, ବିନାଦ୍ୱିଧାରେ; ନିଜ ପାଇଁ ସବୁକିଛି ଗଚ୍ଛିତ ରଖି କେବଳ ଗୋଟିଏ ଅଂଶକୁ ଭଗବାନଙ୍କୁ ଦେଲେ କିଛି ହେବ ନାହିଁ । କାରଣ ନିଜ ପ୍ରକୃତିର ବହୁ ଅଂଶକୁ ନିଜର ଇଚ୍ଛା ଅନୁସାରେ ଚଳାଇ କେବଳ ଆଂଶିକ ସମର୍ପଣ କଲେ ଫଳ କିଛି ହେବ ନାହିଁ । ସବୁକିଛିକୁ ବିସ୍ତାରିତ ଭାବରେ ଖୋଲି ରଖ । ଭଗବାନଙ୍କ ନିକଟରେ ସତ୍ତାର କୌଣସି ଅଂଶକୁ ଲୁଚାଇ ରଖିଲେ ବା ଦୂରେଇ ରଖିଲେ ତାହା କେବେ ମଧ୍ୟ ଆନ୍ତରିକତା ହେବ ନାହିଁ ।

– ଶ୍ରୀଅରବିନ୍ଦ

# ଦିବାସ୍ୱପ୍ନ

## (୧)

## ଗିଜୁଭାଇ ବଧେକା

[‘ଦିବାସ୍ୱପ୍ନ’ ଗୋଟିଏ କାହାଣୀ । ଏଥିରେ ଜଣେ କାଳ୍ପନିକ ଶିକ୍ଷକ ଶିକ୍ଷାର ଗତାନୁଗତିକ ଧାରା ବିରୋଧରେ କେବଳ ସ୍ୱର ଉତ୍ତୋଳନ କରିଛନ୍ତି, ସେତିକି ନୁହେଁ; ତା’ର ବିକଳ୍ପ ପାଇଁ ମଧ୍ୟ ପନ୍ଥା ଉଦ୍ଭାବନ କରିଛନ୍ତି । ତାଙ୍କର ଶିକ୍ଷାର୍ଥୀମାନଙ୍କ ପାଇଁ ନିରୋଳା ଭଲପାଇବା, ସମ୍ମାନ, ସହୃଦୟତା ସେମାନଙ୍କୁ ଶିକ୍ଷିତ ହେବାରେ ପ୍ରେରଣା ଯୋଗାଇଛି । ସମସ୍ତ ପ୍ରତିକୂଳ ପରିବେଶରେ ସମାଜ ଓ ପ୍ରଚଳିତ ଶିକ୍ଷାର ପରିବର୍ତ୍ତନ ଦିଗରେ ନିଜର ଅନୁସୃତ ପନ୍ଥାକୁ ସେ ସଫଳ ଭାବେ ପ୍ରୟୋଗ କରି ପାରିଛନ୍ତି । ତାଙ୍କର ତାତ୍ତ୍ୱିକ ଭିତ୍ତି ରହିଛି ମଣ୍ଟେସୋରୀଙ୍କ ଅନୁସୃତ ଶିକ୍ଷାପଦ୍ଧତି ଉପରେ ।

କାହାଣୀଟିର ରଚନା କାଳ ୧୯୩୨ ମସିହା । ସେତେବେଳେ ପରାଧୀନ ଭାରତର ସଂଖ୍ୟା ଗରିଷ୍ଠ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ, ଜୀବନ ଯନ୍ତ୍ରଣାରେ ଜର୍ଜରିତ । ସ୍ଥଳବିଶେଷରେ ସାଧାରଣ ଲୋକଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ବି ଥିଲା ଅପହଞ୍ଚ । ବିଦ୍ୟାଳୟ, ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ କେହି ବି ଯଥେଷ୍ଟ ସାମର୍ଥ୍ୟବାନ୍, ଯୋଗ୍ୟ ବା ଅଙ୍ଗୀକାରବଦ୍ଧ ନଥିଲେ ଶିଶୁମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରିବାକୁ । ତେବେ ଭାରତ ସ୍ୱାଧୀନ ହେବାର ସତୁରି ବର୍ଷରୁ ଅଧିକ କାଳ ବ୍ୟତୀତ ହୋଇ ଯାଇଥିଲେ ବି ଦେଶର ସାଧାରଣ ଶିକ୍ଷା ବ୍ୟବସ୍ଥାରେ ସେପରି କିଛି ଦୃଶ୍ୟମାନ ପରିବର୍ତ୍ତନ ପରିଲକ୍ଷିତ ହେଉନି । ଅଳ୍ପ କେତେକ ଭିନ୍ନ ସ୍ୱାଦର ପ୍ରଗତିଧର୍ମୀ ଶିକ୍ଷାନୁଷ୍ଠାନକୁ ବାଦ୍ ଦେଲେ ଅଧିକାଂଶ ଶିକ୍ଷାକେନ୍ଦ୍ର ପାଠ୍ୟପୁସ୍ତକ, ପରୀକ୍ଷା ଓ ପ୍ରତିଯୋଗୀତାମୂଳକ ଶିକ୍ଷା ଭିତରେ ସୀମିତ ହୋଇ ରହିଛନ୍ତି । ସ୍ୱଚ୍ଛଳ ବିଦ୍ୟାଳୟ, ସୁଦୃଶ୍ୟ ଶ୍ରେଣୀଗୃହ, ଶ୍ରେଣୀ ଉପଯୋଗୀ ପାଠ୍ୟପୁସ୍ତକ ଓ ଉପକରଣ, ଉଚ୍ଚଶିକ୍ଷିତ ଶିକ୍ଷକ/ଶିକ୍ଷିକା, ଶିକ୍ଷିତ ଓ ସହଯୋଗୀ ମାତାପିତା ଶିକ୍ଷାର୍ଥୀମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରାଇବାରେ ସହାୟତା କରିବେ ନିଶ୍ଚୟ । ମାତ୍ର ଏ କାହାଣୀର ଅନ୍ତଃସ୍ୱର ଭିନ୍ନ ଏକ ବାର୍ତ୍ତାରେ ସ୍ପନ୍ଦିତ ହେଉଛି । ଜଣେ ସୃଜନଶୀଳ, ପ୍ରାଣପ୍ରାଚୁର୍ଯ୍ୟରେ ଭରା, ନିଷ୍ଠାବାନ୍, ଛାତ୍ରବତ୍ସଳ ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ଜୀବନରେ ବିପୁଳ ପରିବର୍ତ୍ତନ ଆଣିବାରେ ସଫଳ ହୋଇପାରିବ – ଏ କାହାଣୀଟି ତା’ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଆଶା, ଶିକ୍ଷାଦାନରେ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱମାନଙ୍କୁ ଏହା ପ୍ରେରଣା ଯୋଗାଇବ ।]

### ପ୍ରୟୋଗର ଆରମ୍ଭ

### (I)

ମୁଁ ଏ ବିଷୟରେ କିଛି ପଢ଼ିଥିଲି ଓ ଭାବିଥିଲି । କିନ୍ତୁ କାମରେ ମୋର ଅନୁଭୂତି କିଛି ନ ଥିଲା । ମୁଁ ଭାବିଲି, କିଛି କାମ କରି ଆଗ ଦେଖିବା ଉଚିତ । ତେବେ ଯାଇ ମୋର ଚିନ୍ତାଧାରା ସ୍ପଷ୍ଟ ଓ ଦୃଢ଼ ହୋଇ ପାରିବ । ମୁଁ ମଧ୍ୟ ଜାଣି ପାରିବି ମୋର କଳ୍ପନା କେତେଦୂର ଠିକ୍ ।

ମୁଁ ଶିକ୍ଷା ବିଭାଗର ମୁଖ୍ୟଙ୍କ ପାଖକୁ ଗଲି ଏବଂ ତାଙ୍କୁ ଅନୁରୋଧ କଲି ଯେ ପ୍ରାଥମିକ ସ୍ତରର କୌଣସି ଗୋଟିଏ ଶ୍ରେଣୀରେ କିଛି ପରୀକ୍ଷା କରିବାକୁ ସୁଯୋଗ ମୋତେ ଦିଆଯାଉ ।

ଶିକ୍ଷା ଅଧିକାରୀ ଜଣକ ହସିଲେ ଏବଂ କହିଲେ, ‘‘ଥାଉ, ଏ କାମ ତୁମ ଦ୍ୱାରା ହୋଇ ପାରିବ ନାହିଁ । ପିଲାଙ୍କୁ ପଢ଼ାଇବା, ପୁଣି ପ୍ରାଥମିକ ଶ୍ରେଣୀରେ ପଢ଼ାଇବା ଏମିତି ଗୋଟିଏ କାମ ଯେଉଁଠି ବହୁତ ପରିଶ୍ରମ କରିବାକୁ ପଡ଼ିବ । ତୁମେ ତ ଲେଖକ ଓ ଭାବୁକ । ଟେବୁଲ ପାଖରେ ବସି ଲେଖିବା ବହୁତ ସହଜ କାମ – ପୁଣି ମନେ ମନେ ପଢ଼ାଇବା ମଧ୍ୟ ଖୁବ୍ ସହଜ; କିନ୍ତୁ ତୁମ ଚିନ୍ତାକୁ କାମରେ ଲଗାଇବା ଏତେ ସହଜ କଥା ନୁହେଁ ।’’

ମୁଁ କହିଲି, ‘‘ସେଥିପାଇଁ ତ ମୁଁ ନିଜେ ଏ କାମରେ ହାତ ଦେବାକୁ ଚାହୁଁଛି । ପ୍ରକୃତ କାମରୁ ମୋର ସିଦ୍ଧାନ୍ତ ପାଇବା ପାଇଁ ମୁଁ ଚାହୁଁଛି ।’’ ଶେଷରେ ଶିକ୍ଷା ଅଧିକାରୀ ରାଜି ହେଲେ ।

ଅଧିକାରୀ ଜଣକ କହିଲେ, ‘‘ହେଉ, ଯଦି ତୁମେ ଏତେ ଆଗ୍ରହୀ, ତେବେ ବର୍ଷକ ପାଇଁ ତୁମେ ଏହି ପରୀକ୍ଷା କରି ଦେଖ । ଗୋଟିଏ ପ୍ରାଥମିକ ସ୍କୁଲର ଚତୁର୍ଥ ଶ୍ରେଣୀରେ ତୁମେ ପଢ଼ାଇବା ପାଇଁ ମୁଁ ବ୍ୟବସ୍ଥା କରି ଦେଉଛି । ଏଇ ନିଅ

ତାଙ୍କର ପାଠ୍ୟକ୍ରମ, କିଛି ପଢ଼ା ବହି ଓ ଅନ୍ୟାନ୍ୟ ବିଷୟରେ ଶିକ୍ଷା ବିଭାଗର ସବୁ ନିୟମ ।''

ମୁଁ ବହୁତ ଆଗ୍ରହର ସହିତ ସେ ଜିନିଷଗୁଡ଼ିକ ଦେଖିଲି । ପାଠ୍ୟକ୍ରମ ଖଣ୍ଡକ ନେଇ ପକେଟରେ ରଖିଲି ଓ ବହିଗୁଡ଼ିକୁ ଖଣ୍ଡେ ସୁତୁଲିରେ ବାନ୍ଧିବାରେ ଲାଗିଲି ।

ଅଧିକାରୀ କହିଲେ, ''ତୁମ ଚାହିଁବା ଅନୁସାରେ ଏହି ପ୍ରୟୋଗ କରିବାକୁ ସ୍ୱାଧୀନତା ତ ତୁମେ ପାଇଲ । କିନ୍ତୁ ମନେରଖ ଯେ ବର୍ଷ ଶେଷରେ ପିଲାଙ୍କୁ ପରୀକ୍ଷା ଦେବାକୁ ହେବ ଓ ତୁମ କାମର ସଫଳତା ଏହି ପରୀକ୍ଷାର ଫଳାଫଳ ଦେଖି ମପାଯିବ ।''

ମୁଁ କହିଲି, ''ମୁଁ ରାଜି ଅଛି । କିନ୍ତୁ ମୋର ଗୋଟିଏ ଅନୁରୋଧ ଅଛି । ଆପଣ ନିଜେ ପରୀକ୍ଷକ ରହିବେ ଓ ମୋ କାମର ସଫଳତା ମାପିବେ । ପ୍ରୟୋଗ କରିବାର ସ୍ୱାଧୀନତା ଆପଣ ମୋତେ ଦେଉଛନ୍ତି । ତେଣୁ ସିଧାସଳଖ ଆପଣଙ୍କୁ ହିଁ ମୁଁ ମୋ କାମ ଦେଖାଇବାକୁ ଚାହିଁବି । ମୁଁ ଭାବୁଛି ଯେ କେବଳ ଆପଣ ମୋର ସଫଳତା ଓ ବିଫଳତାର କାରଣ ବୁଝିପାରିବେ ।''

ଅଧିକାରୀ ଜଣକ ହସିଲେ ଓ ମୁଣ୍ଡ ଟୁଙ୍ଗାରି ହଁ କଲେ । ମୁଁ ତାଙ୍କ କାର୍ଯ୍ୟାଳୟ ଛାଡ଼ି ବାହାରକୁ ଚାଲି ଆସିଲି ।

## (II)

ମୁଁ ପୂରା ପାଠ୍ୟକ୍ରମଟିକୁ ପଢ଼ିଲି ଓ ନିଶ୍ଚିତ ହେଲି ଯେ କିଛି ବଦଳାଇଲେ ଏହା ଆହୁରି ଭଲ ହୋଇପାରିବ । ପାଠ ବହିଗୁଡ଼ିକ ମଧ୍ୟ ମୁଁ ଦେଖିନେଲି । ତା'ର ଦୋଷ-ଗୁଣସବୁ ଆଖି ଆଗରେ ଭାସି ଉଠିଲା । କ'ଣ କ'ଣ ସଜଡ଼ା ଯାଇପାରିବ, ତା' ମଧ୍ୟ ଭାବିନେଲି । ମନେ ମନେ ପ୍ରଥମ ଦିନରୁ ଶେଷ ଦିନ ପର୍ଯ୍ୟନ୍ତ କାମର ଗୋଟିଏ ଚିତ୍ର ତିଆରି କରିନେଲି । ପରୀକ୍ଷା ପାଇଁ କେତେ ସମୟ ଲାଗିବ, କାମ ପାଇଁ କେତେ ଦିନ ମିଳିବ, କିପରି କ'ଣ କରାଯିବ, ଫଳାଫଳ କ'ଣ ମିଳିପାରିବ, ସବୁକିଛିର ଗୋଟିଏ ଯୋଜନା ଠିକ୍ ହୋଇଗଲା । ଏସବୁ ଚିନ୍ତାରେ ମୁଁ ଏତେ ମଜ୍ଜି ଯାଇଥିଲି ଯେ କେତେବେଳେ ରାତି ଦୁଇଟା ବାଜିଗଲା, ଜାଣି ପାରିଲି ନାହିଁ । ପରଦିନର କାମସବୁକୁ ମୁଁ ଖଣ୍ଡେ କାଗଜରେ ଟିପି ରଖିଲି ଓ ପ୍ରାୟ ତିନିଟା ବେଳକୁ ଶୋଇଗଲି ।

ସକାଳ ହେଲା । ଉତ୍ସାହ, ଉତ୍କଣ୍ଠା ଓ ଆତ୍ମବିଶ୍ୱାସରେ ମୁଁ ଭରି ରହିଥିଲି । ଚଞ୍ଚଳ ଗାଧୋଇ ପଡ଼ି, ଅଳ୍ପ କିଛି ଖାଇ ନେଇ ମୁଁ ତିନି ନମ୍ବର ସ୍କୁଲରେ ପହଞ୍ଚି ଗଲି । ସ୍କୁଲ ଖୋଲି ନ ଥିଲା । ଆମର ପ୍ରଧାନ ଶିକ୍ଷକ ମଧ୍ୟ ଆସି ନ ଥିଲେ । ଚପରାସୀ ତାଙ୍କ ଘରକୁ ଚାବି ପାଇଁ ଯାଇଥିଲେ । ପିଲାମାନେ ଆସୁଥା'ନ୍ତି ଓ ରାସ୍ତାରେ ତାଙ୍କର ଦୌଡ଼ାଦୌଡ଼ି ଚାଲିଥାଏ ।

ମୁଁ ଭାବୁଥାଏ – ''କେତେବେଳେ ସ୍କୁଲ ଖୋଲିବ, ଆଉ କେତେବେଳେ ମୁଁ ମୋ କାମ ଆରମ୍ଭ କରିବି ? କେତେବେଳେ ମୋ ନୂଆ ଯୋଜନା ଆରମ୍ଭ କରିବି ?'' ପିଲାମାନଙ୍କ ଭିତରେ ଶାନ୍ତି ଶୃଙ୍ଖଳା ଆଣି ମୋ ନୂଆ ପଦ୍ଧତିର ପାଠ ପଢ଼ାଇବାକୁ ମୁଁ ଉତ୍କଣ୍ଠିତ ଥାଏ । ପାଠପଢ଼ାକୁ ଆଗ୍ରହଜନକ କରିବାକୁ ହେବ । ପିଲାମାନଙ୍କ ମନକୁ ଜିଣିବାକୁ ହେବ । ଏସବୁ କଥା ଭାବି ଭାବି ମୋ ମୁଣ୍ଡ ଗରମ ହୋଇ ଯାଉଥାଏ ।

ଘଣ୍ଟା ବାଜିଲା । ପିଲାମାନେ ନିଜ ନିଜ ଶ୍ରେଣୀରେ ବସିଗଲେ । ପ୍ରଧାନ ଶିକ୍ଷକ ମୋତେ ମୋର ଶ୍ରେଣୀକୁ ନେଇ ପିଲାମାନଙ୍କ ଆଗରେ ଚିହ୍ନାଇ ଦେଲେ । ସେ କହିଲେ – ''ଦେଖ ଲକ୍ଷ୍ମୀଶଙ୍କର ବାବୁ ଆଜିଠାରୁ ତୁମର ଶିକ୍ଷକ । ତାଙ୍କର କଥା ମାନିବ ଓ କହିବା ଅନୁସାରେ କାମ କରିବ । ମୁଁ ସାବଧାନ କରି ଦେଉଛି, କିଛି ଦୁଷ୍ଟାମୀ କରିବନି ।''

ପ୍ରଧାନଶିକ୍ଷକ କହୁଥିବା ବେଳେ ମୁଁ ଏପଟେ ମୋର ଆସନ୍ତା ବାରମାସର ସାଥିମାନଙ୍କୁ ଦେଖୁଥିଲି । ସେମାନଙ୍କ ଭିତରୁ କିଛି ହସୁଥିଲେ, କିଏ କିଏ ଆଖି ମାରି ଠରାଠରି ହେଉଥିଲେ ବା ମୁଣ୍ଡ ଟୁଙ୍ଗାରୁ ଥିଲେ । କେତେଜଣ ଆଶ୍ଚର୍ଯ୍ୟ ମଜାଳିଆ ଦୃଷ୍ଟିରେ ମୋତେ ଚାହିଁ ରହିଥିଲେ । ବାକି ସମସ୍ତେ ନିର୍ଲିପ୍ତ ଭାବରେ ଛିଡ଼ା ହୋଇ ରହିଥିଲେ ।

ମୁଁ ମଧ୍ୟ ସେମାନଙ୍କୁ ଚାହିଁ ରହିଲି, ଭାବିଲି – ''ଏଇ ପିଲାମାନଙ୍କୁ ମୋତେ ପଢ଼ାଇବାକୁ ପଡ଼ିବ । ଏଇ ଦୁଷ୍ଟ, ଜିଦିଆ, ଖୁଜୁବୁଜିଆ ପିଲାଦଳଙ୍କୁ !'' ମୁଁ ଟିକିଏ ଘାବରେଇ ଗଲି । କିନ୍ତୁ ନିଜକୁ ସମ୍ଭାଳି ନେଇ ଭାବିଲି – ''ଚିନ୍ତା ନାହିଁ, ଧୀରେ ଧୀରେ ଦେଖିବା ।''

ରାତିରେ ଟିପି ରଖିଥିବା କଥା ସବୁ ପକେଟରୁ ବାହାର କରି ଦେଖିନେଲି । ଲେଖା ଥିଲା – ପ୍ରଥମେ ଶାନ୍ତି ଖେଳ, ତା'ପରେ ଶ୍ରେଣୀ ଗୃହର ପରିଷ୍କାର ପରିଚ୍ଛନ୍ନତାର ତଦାରଖ । ତା'ପରେ ଗୀତ, କଥାବାର୍ତ୍ତା ଇତ୍ୟାଦି ।

ମୁଁ ପିଲାମାନଙ୍କୁ କହିଲି, ''ଆସ, ଆମେ ଶାନ୍ତି ଖେଳ ଖେଳିବା, ଦେଖ, ମୁଁ ଯେତେବେଳେ 'ଓଁ ଶାନ୍ତିଃ' କହିବି,

ତୁମେ ସବୁ ଚୁପ୍‌ଚାପ୍ ବସିଯିବ । ପୂରା ଚକା ପକାଇ ବସିଯିବ । ଦେଖ, କେହି ହଲିବନି । ତା'ପରେ ମୁଁ ଦୁଆର ବନ୍ଦ କରିବି ଓ ଅନ୍ଧାର ହୋଇଯିବ । ତୁମେ ସବୁ ଚୁପ୍‌ଚାପ୍ ରହିବ । ତୁମକୁ ନିଜ ଚାରିପାଖର ଶବ୍ଦସବୁ ଶୁଣାଯିବ । ତାକୁ ଶୁଣିବା ପାଇଁ ଭାରି ମଜା ଲାଗିବ । ମାଛିମାନଙ୍କର ଗୁଣୁଗୁଣୁ ଶବ୍ଦ, ଏପରିକି ନିଜର ନିଃଶ୍ୱାସ ପ୍ରଶ୍ୱାସର ଶବ୍ଦ ମଧ୍ୟ ତୁମେ ଶୁଣିପାରିବ । ତା'ପରେ ମୁଁ ଗୀତ ଗାଇବି ଓ ତୁମେମାନେ ଶୁଣିବ ।''

ଏତିକି କହି ମୁଁ ମୋର ଶାନ୍ତି ଖେଳ ଆରମ୍ଭ କଲି । ମୁଁ ''ଓଁ ଶାନ୍ତିଃ'' କହିଲି, କିନ୍ତୁ ପିଲାମାନେ ପାଟିତୁଣ୍ଡ ଠେଲାପେଲାରେ ଲାଗି ରହିଲେ । ଦି-ଚାରିଥର କହିଲି, କିନ୍ତୁ ସେସବୁ ପବନରେ ମିଳାଇ ଗଲା । ମୁଁ ମନେ ମନେ ଡରିଗଲି, କେମିତି କହିବି ଯେ ''ଚୁପ୍ କର'', ''ପାଟିତୁଣ୍ଡ କରନି'' । ଥାପଡ଼ ମାରି ଚୁପ୍ କରିବି କେମିତି ? ତଥାପି ଖେଳଟିକୁ ଆଗକୁ ବଢ଼ାଇଲି । ଝରକାସବୁ ବନ୍ଦ କଲି, ଅନ୍ଧାର ହୋଇଗଲା ଓ ପିଲାମାନେ ତାଙ୍କ ନିଜର ଖେଳ ଆରମ୍ଭ କରି ଦେଲେ । ପିଲାମାନଙ୍କ ପାଟି, କୁଁ କାଁ, ହାଉହାଉ ଶବ୍ଦ, ଦୁମ୍ ଦୁମ୍, ଗୋଡ଼ ପିଟାରେ ଘର କମ୍ପିଲା । ଥିଲା ଥିଲା କିଏ ଗୋଟିଏ ପିଲା ତାଳି ମାରିଲା । ପରେ ପରେ ସବୁ ପିଲା ତାଳି ବଜାଇ ଚାଲିଲେ । ପୁଣି କିଏ ହସିଲା ତ ହସର ସୁଅ ଛୁଟିଲା । ମୁଁ ଦବିଗଲି । ମୋ ମୁହଁ ଫିକା ପଡ଼ିଗଲା । ମୁଁ ଝରକା ଖୋଲିଦେଲି । କିଛି ସମୟ ପାଇଁ ବାହାରକୁ ଚାଲିଗଲି । ଭିତରକୁ ଫେରି ଦେଖିଲି ଯେ ସବୁପିଲା ଗଣ୍ଡଗୋଳରେ ମାତିଛନ୍ତି । ସେମାନେ ''ଓଁ ଶାନ୍ତିଃ'' କହୁଥିଲେ ଓ କେତେଜଣ ଝରକା ବନ୍ଦ କରୁଥିଲେ ।

ମୁଁ ଭାବିଲି – ''ମୋର ଯୋଜନାସବୁ ବେକାର । ଘରେ ବସି ବସି ଯୋଜନା କରି କଳ୍ପନାରେ ପଢ଼ାଇଦେବା ବହୁତ ସହଜ । କିନ୍ତୁ କାମରେ କରି ଦେଖାଇବା ତ କାଠିକର ପାଠ । ଆଜି ପର୍ଯ୍ୟନ୍ତ ଯେଉଁମାନେ ପାଟିତୁଣ୍ଡ ଓ ବିଶୃଙ୍ଖଳା ଭିତରେ ବଢ଼ି ଆସିଛନ୍ତି, ସେମାନଙ୍କ ଆଗରେ ଶାନ୍ତିଖେଳ ଲଙ୍କାରେ ହରିନାମ ଭଳି ହେବ । ତଥାପି ଚିନ୍ତା ନାହିଁ । ଭଲ ହେଲା, ପ୍ରଥମରୁ ଏହା ଜାଣିଗଲି । କାଲିଠାରୁ ନୂଆ ପ୍ରକାରେ ଆରମ୍ଭ କରିବି ।

ମୁଁ ଶ୍ରେଣୀରେ ପଶି ପିଲାମାନଙ୍କୁ କହିଲି – ''ଭାଇମାନେ, ଆଜି ଆଉ ଅଧିକ କିଛି କରିବା ନାହିଁ । କାଲିଠାରୁ ଆମର ନୂଆ କାମ ଆରମ୍ଭ କରିବା । ଆଜି ଏତିକିରେ ଛୁଟି ।''

''ଛୁଟି'' ଶବ୍ଦ ଶୁଣିବା ମାତ୍ରେ ପିଲାମାନେ ହୋ ହୋ ହୋଇ ଶ୍ରେଣୀରୁ ବାହାରି ଗଲେ । ଆଉ ବାହାରେ ''ଛୁଟି ଛୁଟି'' କହି ଚିତ୍କାର କଲେ । ପିଲାମାନେ ଡେଇଁ କୁଦି ଘର ଆଡ଼କୁ ଦୌଡ଼ିଲେ ।

ସେମାନଙ୍କର ହୋ ହୋ ଶୁଣି ଅନ୍ୟ ଶ୍ରେଣୀର ପିଲା ଓ ଶିକ୍ଷକସବୁ କାବା ହୋଇ ଦେଖିବାରେ ଲାଗିଲେ । ''ଏ କ'ଣ ?'' ପ୍ରଧାନ ଶିକ୍ଷକ ମୋ ପାଖକୁ ମାଡ଼ି ଆସି ପଚାରିଲେ – ''ଆପଣ ଏମାନଙ୍କୁ ଛୁଟି କେମିତି ଦେଇଦେଲେ ? ଏବେ ତ ଆହୁରି ଘଣ୍ଟାଏ ବାକି ଅଛି ।''

ମୁଁ କହିଲି, ''ଆଜ୍ଞା, ପାଠ ପଢ଼ିବାକୁ ପିଲାଙ୍କର ଆଜି ଇଚ୍ଛା ନ ଥିଲା । ସେମାନେ ଆଜି ବିଶୃଙ୍ଖଳିତ ମଧ୍ୟ ଥିଲେ । ଶାନ୍ତି ଖେଳରେ ମୁଁ ଏଇଆ ହିଁ ଅନୁଭବ କଲି ।''

ପ୍ରଧାନ ଶିକ୍ଷକ କଡ଼ା ସ୍ୱରରେ କହିଲେ, ''କିନ୍ତୁ ଏମିତି ନ ପଚାରି ଆପଣ ଛୁଟି ଦେଇ ପାରିବେ ନାହିଁ, ଗୋଟିଏ ଶ୍ରେଣୀର ପିଲା ଘରକୁ ଗଲେ ଅନ୍ୟ ଶ୍ରେଣୀର ପିଲାମାନେ କିପରି ପଢ଼ିବେ ? ଏପରି ପ୍ରୟୋଗ ଏଠି ଚଳି ପାରିବନି ।''

ଟିକିଏ ବାତ୍ସଲ୍ୟ ଭାବରେ ସେ ପୁଣି କହିଲେ, ''ପିଲାଙ୍କର ଏଇ ଇଚ୍ଛା ଫିଚ୍ଛା ସବୁ ଆପଣ ଛାଡ଼ନ୍ତୁ । ଶାନ୍ତି ଖେଳ ହୁଏତ ମଣ୍ଟେସୋରୀ ସ୍କୁଲରେ ଚଳିବ । କିନ୍ତୁ ଏଠି ଗୋଟିଏ ଥାପଡ଼ରେ ପିଲା ଚୁପ୍ ହେବେ । ଆଉ ସମସ୍ତେ ଯେପରି ନିୟମାନୁସାରେ ପଢ଼ାନ୍ତି, ଆପଣ ମଧ୍ୟ ସେହିଭଳି ପଢ଼ାନ୍ତୁ । ତା'ହେଲେ ବର୍ଷକ ପରେ ଭଲ ପରୀକ୍ଷା ଫଳ ଦେଖାଇ ପାରିବେ । ଆଜିର ଦିନଟା ତ ବେକାର ହୋଇଗଲା : ତା'ଛଡ଼ା ଆପଣ ନିଜେ ମଧ୍ୟ ବୋକା ବନିଗଲେ ।''

ପ୍ରଧାନ ଶିକ୍ଷକଙ୍କ ଉପରେ ମୋର ଦୟା ଆସିଲା, ମୁଁ କହିଲି, ''ଆଜ୍ଞା, ଚଟକଣି ମାରି ପାଠ ପଢ଼ାଇବା କାମ ତ ଅନ୍ୟମାନେ କରୁଛନ୍ତି । ତା'ର ଫଳସ୍ୱରୂପ ମୁଁ ଦେଖୁଛି ଯେ ପିଲାମାନେ ଅତ୍ୟନ୍ତ ଅଖାଡୁଆ, ରୁକ୍ଷ, ଅଶାନ୍ତ ଏବଂ ବିଚଳିତ ହୋଇ ପଡ଼ିଛନ୍ତି । ତାଙ୍କର ଚାରି ବର୍ଷର ଶିକ୍ଷା ଭିତରେ ପିଲାମାନେ କେବଳ ହୋ ହଲ୍ଲା କରିବା, ଶିକ୍ଷକଙ୍କୁ ଖତେଇ ହେବା, ତାଳି ମାରିବା କଥା ଶିଖୁଛନ୍ତି । ନିଜ ସ୍କୁଲକୁ ସେମାନେ ଟିକିଏ ବି ଭଲ ପାଆନ୍ତି ନାହିଁ । ଦେଖିଲେ ତ ! ଛୁଟି ନାଁ ଶୁଣୁ ଶୁଣୁ କିପରି ଡିଆଁମାରି ଚାଲିଗଲେ ।''

ପ୍ରଧାନ ଶିକ୍ଷକ କହିଲେ, ''ଏପରି କଥା ! ଆପଣ ଏବେ କ'ଣ କରିବେ ଆମେ ଦେଖିବା ।''

## (III)

ମୁଁ ମନ ଦୁଃଖରେ ଧୀର ପଦକ୍ଷେପରେ ଘରକୁ ଫେରିଲି । ଖଟରେ ଗଡ଼ିପଡ଼ି ଭାବିଲି – ''ଭାଇ, କାମ ତ ବହୁତ କଠିନ ! କିନ୍ତୁ ଏଇଥିରେ ହିଁ ମୋର ପ୍ରକୃତ ପରୀକ୍ଷା । ଚିନ୍ତା ନାହିଁ, ସାହସ ହରାଇବା ଉଚିତ ନୁହେଁ । ଶାନ୍ତି ଖେଳ କ'ଣ ଏମିତି ହୁଏ ? ମଣ୍ଟେସୋରୀ ପଦ୍ଧତିରେ ଏଥିପାଇଁ ଆଗରୁ କେତେ ପ୍ରସ୍ତୁତି ହୋଇଥାଏ ! ମୁଁ ମୂର୍ଖ ଭଳି ପ୍ରଥମ ଦିନରୁ ଏ କାମଟି ଆରମ୍ଭ କରିଦେଲି । ପ୍ରଥମେ ସେ ପିଲାମାନଙ୍କୁ ମୁଁ ଭଲଭାବରେ ଜାଣିବା ଦରକାର । ସେମାନଙ୍କ ସାଙ୍ଗରେ ଗୋଟାଏ ବୁଝାମଣା ଆସିବା ଦରକାର । ତେବେ ଯାଇ ସେମାନେ ମୋ କଥା କିଛି ଶୁଣିବେ ଓ କରିବେ । ଯେଉଁଠି ସ୍କୁଲ ଅପେକ୍ଷା ଛୁଟିଟା ବେଶୀ ପ୍ରିୟ, ସେଠି କାମ କରିବା ତ କଷ୍ଟ । ଭଗୀରଥଙ୍କର ଗଙ୍ଗାକୁ ଆଣିବା କାମ ଭଳି ।''

ଦ୍ୱିତୀୟ ଦିନର କାମ ଠିକ୍ କରି ମୁଁ ଶୋଇଗଲି । ଆଜିର ଓ ଆଗାମୀ କାଲିର କାମର ସ୍ୱପ୍ନରେ ମୋର ରାତିଟା କଟିଗଲା ।

ସ୍କୁଲ ଖୋଲିଲା ଓ ମୁଁ ଶ୍ରେଣୀ ଭିତରକୁ ଗଲି । ପିଲାମାନେ ମୋତେ ଘେରି ଠିଆ ହୋଇଗଲେ । ତା'ପରେ ବିନା ଭୟରେ ମଜାଳିଆ ଢଙ୍ଗରେ କହିଲେ, ''ଗୁରୁଜି, ଆଜି ବି ଛୁଟି ଦିଅନ୍ତୁ ନା ! ଆଜି ବି ଛୁଟି ଛୁଟି ଛୁଟି !''

ମୁଁ କହିଲି, ''ଠିକ୍ ଅଛି, ଆଜି ବି ଛୁଟି ଦେବି । କିନ୍ତୁ ପୂରା ଦିନର ନୁହେଁ, ମାତ୍ର ଦୁଇ ଘଣ୍ଟାର । ପ୍ରଥମେ ମୁଁ ଗୋଟିଏ ଗପ କହିବି । ତୁମେ ସବୁ ଶୁଣ । ପରେ ଆମେ ଅନ୍ୟ କଥା ହେବା ।''

ମୁଁ ସାଙ୍ଗେ ସାଙ୍ଗେ ଗପ ଆରମ୍ଭ କଲି, ''ଜଣେ ରାଜା ଥିଲେ । ତାଙ୍କର ସାତ ରାଣୀ ଥିଲେ । ଆଉ ସାତ ରାଣୀଙ୍କର ଥିଲେ ସାତ ଜଣ ରାଜକୁମାର ଓ ସାତଜଣ ରାଜକୁମାରୀ...''

ଗପ ଶୁଣିବାକୁ ପିଲାମାନେ ମୋ ଚାରିପଟେ ବସି ଗଲେ । କିଛି ଠେଲାପେଲା ଓ ପାଟିତୁଣ୍ଡ ଚାଲିଲା । ମୁଁ ତେଣୁ ଗପ ବନ୍ଦ କରି କହିଲି, ''ଦେଖ, ଏମିତି କାମ ଚଳିବ ନାହିଁ । ସମସ୍ତେ ଠିକ୍ ଭାବରେ ବସ ।''

ସମସ୍ତେ ଟିକିଏ ବାଗେଇ ହୋଇ ଧୀର ସ୍ଥିର ଭାବରେ ବସିଗଲେ ଓ କହିଲେ, ''ଜଲଦି ଗପ କୁହନ୍ତୁ । କୁହନ୍ତୁ ନା, ତା'ପରେ କ'ଣ ହେଲା ?''

ମୁଁ ହସି ଦେଇ ଆରମ୍ଭ କଲି,''ସେ ସାତ ରାଜକୁମାରୀଙ୍କର ସାତୋଟି ଉଆସ ଥିଲା ଓ ସବୁ ଉଆସର ବଗିଚାରେ ସାତୋଟି କରି ମୋତିର ଗଛ ଥିଲା ।''

ପିଲାମାନେ ମନଧ୍ୟାନ ଦେଇ ଗପ ଶୁଣୁଥିଲେ । ସମସ୍ତେ ପୂରା ଚୁପ୍ ଥିଲେ । କେହି ଜଣେ ବି କଥା କହୁ ନ ଥିଲେ କି ଖୁଜୁବୁଜୁ ହେଉ ନଥିଲେ । ପ୍ରଧାନଶିକ୍ଷକ ଏ ଶ୍ରେଣୀରେ ଏପରି ଶାନ୍ତି ଓ ନୀରବତା ଦେଖି ବୋଧେ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଆସି ମୋତେ ପଚାରିଲେ, ''କ'ଣ ଗପ କହୁଛନ୍ତି ?''

ମୁଁ କହିଲି, ''ଆଜ୍ଞା ହଁ, ଗପଶୁଣା ଓ ନୂଆ ପ୍ରକାରର ଶାନ୍ତି ଖେଳ ଦୁଇଟି ଯାକ ଏକାସଙ୍ଗେ ଚାଲିଛି ।''

ପ୍ରଧାନ ଶିକ୍ଷକ ଫେରିଗଲେ । ମୋ ଗପ ଚାଲିଥିଲା । ପାଖ ଶ୍ରେଣୀମାନଙ୍କରୁ କିଛି ପାଟି ତୁଣ୍ଡ ଶୁଭୁଥାଏ । ମୁଁ କହିଲି, ''ଦେଖ, ପାଖରେ କେମିତି ପାଟି ହେଉଛି । ସେମାନଙ୍କ ପାଟିତୁଣ୍ଡ ଆମର ଅସୁବିଧା କରୁ ନାହିଁ କି ?'' ଏ ଗୋଳମାଳ ଭଲ ନୁହେଁ ବୋଲି ସମସ୍ତେ ରାଜି ହେଲେ ।

ଗପଟି ଅଧା ସରିଥାଏ ଏବଂ ମୁଁ କହିଲି, ''କୁହ, ଯଦି ଛୁଟି ଚାହୁଁଛ ତେବେ ଗପ ଏଇଠି ବନ୍ଦ କରିବା । ନ ହେଲେ ତୁମେ ଚାହିଁଲେ ଗପ ଆଗକୁ ଚାଲିବ ।''

ସମସ୍ତେ କହିଲେ, ''ଗପ ଚାଲୁ । ଆମର ଛୁଟି ଦରକାର ନାହିଁ ।''

ମୁଁ କହିଲି, ''ଭଲ କଥା । ଏବେ ଗପ ଶୁଣ । କିନ୍ତୁ ମଝିରେ ଆମେ ଟିକେ କଥାବାର୍ତ୍ତା କରିବା । ତା'ପରେ ଘଣ୍ଟା ବାଜିବା ପର୍ଯ୍ୟନ୍ତ ମୁଁ ଗପ କହିବି ।''

ଗୋଟିଏ ପିଲା କହିଲା, ''ନାହିଁ, କଥାବାର୍ତ୍ତା କାଲି କରିବା, ଗପଟି ଜଲଦି କହି ଆଜି ସାରି ଦିଅନ୍ତୁ ।''

ମୁଁ କହିଲି, ''ଗପଟି ଏତେ ଲମ୍ବା ଯେ ଚାରିଦିନ ଚାଲିବ ।''

ସମସ୍ତେ – ''ଓଃ ! ଏତେ ଲମ୍ବା ତା'ହେଲେ ତ ବହୁତ ମଜା କଥା ।''

ମୁଁ ଉପସ୍ଥାନ ଖାତା କାଢ଼ିଲି । ସେଥିରେ ପିଲାମାନଙ୍କର ନାଁ ଲେଖିଲି ଓ ହାଜିରା ନେଲି । ସବୁ କାମ ଖୁବ୍ ଶୀଘ୍ର ଓ ଶୃଙ୍ଖଳିତ ଭାବରେ ହୋଇଗଲା । ମୁଁ କହିଲି, ''ଏଣିକି ସବୁଦିନ ପ୍ରଥମେ ହାଜିରା ନେବା ଓ ତା'ପରେ ଗପ କହିବା ।''

ମୁଁ ପୁଣି ଗପ ଆରମ୍ଭ କଲି ଓ ଶେଷ ଘଣ୍ଟା ବାଜିବା ପର୍ଯ୍ୟନ୍ତ କହି ଚାଲିଲି । ଛୁଟି ହୋଇଗଲା ପରେ ବି ପିଲାମାନେ ରହି ଗପ ଶୁଣିବା ପାଇଁ ଚାହୁଁଥିଲେ । ମୁଁ ମନା କଲି । କହିଲି,

''ଆଜି ଏତିକିରେ ରହୁ । କିନ୍ତୁ ଗୋଟିଏ କଥା ଠିକ୍ କରିବା – କାଲି ଛୁଟି ନା ଗପ ?'' ସମସ୍ତେ କହି ଉଠିଲେ, ''ଗପ ଗପ ଗପ !'' ଏହା କହି ପିଲାମାନେ ଚାଲିଗଲେ । କାଲିର 'ଛୁଟି ଛୁଟି ଛୁଟି' ଶବ୍ଦ ବଦଳରେ ଆଜି 'ଗପ ଗପ ଆଉ ଗପ' ଶୁଭୁଥିଲା ।

ମୁଁ ଭାବିଲି, ''ଯାହାହେଉ, ଆଜିର ଦିନଟି ତ ଠିକ୍ ଚଳିଗଲା । ଗପ ଯେ ଏପରି ଏକ ଅଜବ ଯାଦୁ, ସେକଥା ପୂରା ସତ ଜଣାଗଲା !''

## (IV)

ତା' ପରଦିନ ସକାଳେ ପିଲାମାନେ ହସି ହସି ଆସିଲେ ଏବଂ ମୁଁ ଶ୍ରେଣୀରେ ପହଞ୍ଚୁ ପହଞ୍ଚୁ ଦୌଡ଼ିଆସି ମୋତେ ଘେରି ବସିଗଲେ । କହିଲେ, ''ଗୁରୁଜି ! ଏବେ ଗପ କୁହନ୍ତୁ ।''

ମୁଁ କହିଲି, ''ପ୍ରଥମେ ଉପସ୍ଥାନ, ତା'ପରେ ଅଳ୍ପ କଥାବାର୍ତ୍ତା, ତା'ପରେ ଆମ ଗପ ।''

ପକେଟରୁ ଖଣ୍ଡେ ଖଡ଼ି ବାହାର କରି ମୁଁ ଚଟାଣରେ ଗୋଟିଏ ଗୋଲ ଟାଣିଦେଲି ଏବଂ କହିଲି, ''ଦେଖ, ସବୁଦିନ ଆସି ଏହା ଉପରେ ବସିବ ।'' ନିଜେ ବସି ଦେଖାଇ ଦେଇ କହିଲି, ''ଏମିତି । ଏ ଜାଗାଟା ମୋର । ଏଇଠି ବସି ମୁଁ ଗପ କହିବି ।''

ସମସ୍ତେ ବସିଗଲେ । ମୁଁ ବି ବସିଗଲି । ଉପସ୍ଥାନ ନେଇଗଲି ଏବଂ କାହାଣୀ ଆରମ୍ଭ କଲି । ମନ୍ତ୍ରମୁଗ୍ଧ ହୋଇ କଣ୍ଢେଇ ଭଳି ବସି ସମସ୍ତେ ଶୁଣୁଥା'ନ୍ତି । ମଝିରେ ଅଟକିଯାଇ ମୁଁ କହିଲି, ''କୁହ ତ, ଗପଟି ତୁମକୁ କିପରି ଲାଗୁଛି ?''

–''ଆମକୁ ତ ଗପ ବହୁତ ଭଲ ଲାଗୁଛି ।''

– ''ତୁମକୁ ଯେମିତି ଗପ ଶୁଣିବାକୁ ଭଲ ଲାଗୁଛି, ଠିକ୍ ସେମିତି ପଢ଼ିବାକୁ କ'ଣ ଭଲ ଲାଗେ ?''

– ''ହଁ ଆମକୁ ପଢ଼ିବାକୁ ବି ଭଲ ଲାଗେ । କିନ୍ତୁ ଏମିତି ବହିସବୁ ମିଳୁଛି କେଉଁଠି ?''

– ''ମୁଁ ଯଦି ଏମିତି ଗପ ବହି ତୁମକୁ ଆଣିଦେବି, ତୁମେ ପଢ଼ିବ କି ?''

''ହଁ ପଢ଼ିବୁ, ନିଶ୍ଚୟ ପଢ଼ିବୁ ।''

ଏତିକି ବେଳେ ଜଣେ ଚାଲାଖ ପିଲା କହିଲା, ''କିନ୍ତୁ ଆପଣଙ୍କୁ ବି ଗପ କହିବାକୁ ପଡ଼ିବ । କେବଳ ଆମେ ପଢ଼ିଲେ ଚଳିବନି ।''

ମୁଁ କହିଲି, ''ଆଚ୍ଛା !'' ତା'ପରେ ଗପ ଚାଲିଲା ।

ଘଣ୍ଟା ବାଜିଗଲା ଆଉ ମୋର ଗପ ସରିଲାନି । ସମସ୍ତେ ମୋତେ ଘେରି ଠିଆ ହୋଇଗଲେ । କେତେଜଣ ତ ମୋତେ ଖୁବ୍ ଶ୍ରଦ୍ଧାରେ ଚାହିଁ ରହିଲେ । କିଏ କିଏ ମନ ଖୁସିରେ ମୋ ହାତକୁ ଧୀରେ ଧୀରେ ଛୁଇଁବାକୁ ଚେଷ୍ଟା କଲେ ।

ମୁଁ କହିଲି, ''ଏବେ ତୁମେମାନେ ଘରକୁ ଯାଅ ।''

ପିଲାମାନେ କହିଲେ, ''ଆମେ ଯିବୁନି । ଆପଣ ଗପ କୁହନ୍ତୁ । ଆମେ ସଞ୍ଜ ପର୍ଯ୍ୟନ୍ତ ବସିବୁ ।''

ପିଲାମାନେ ଚାଲିଗଲା ପରେ ଅନ୍ୟ ଶିକ୍ଷକମାନେ ଆସିଲେ । କହିଲେ, ''ଭାଇ, ଆପଣ ତ ବଢ଼ିଆ କାମ କରୁଛନ୍ତି । ଏବେ ଆମ ଶ୍ରେଣୀର ପିଲାମାନେ ମଧ୍ୟ କାହାଣୀ ଶୁଣିବା ପାଇଁ ଚାହୁଁଛନ୍ତି । ଆଜିକାଲି ସେମାନେ ପଢ଼ା ପ୍ରତି ଧ୍ୟାନ ଦେଉ ନାହାନ୍ତି । ଆପଣଙ୍କ ଶ୍ରେଣୀକୁ ଆସି ଗପ ଶୁଣିବା ପାଇଁ ଚାହୁଁଛନ୍ତି । ନହେଲେ ଆମକୁ ଗପ କହିବାକୁ କହୁଛନ୍ତି ।''

ମୁଁ କହିଲି, ''ଆପଣ କିଛି କିଛି ଗପ କହୁ ନାହାନ୍ତି !''

ସେମାନେ କହିଲେ, ''କିନ୍ତୁ ଗପ କହି ଆସୁଛି କାହାକୁ ? ଗୋଟିଏ ବି ଗପ ସିନା ମନେ ଥିଲେ ଆମେ କହିବୁ ।''

ମୁଁ କେବଳ ଟିକିଏ ହସିଲି ।

(କ୍ରମଶଃ)

(ଅନୁବାଦକ : ପୁଷ୍ପଶ୍ରୀ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ) ❑

ଏହି ସାଧନାର ସ୍ରୋତ ମଧ୍ୟରେ ପ୍ରବେଶ କରିବାର ସହଜ ଓ ସର୍ବୋତ୍ତମ ଉପାୟ ହେଉଛି କର୍ମ ମାଧ୍ୟମରେ ଯୋଗ କରିବା ।

– ଶ୍ରୀଅରବିନ୍ଦ

# ଆମେ କ'ଣ ଅମର ହୋଇ ପାରିବା ?

## ଆର୍ତ୍ତତ୍ରାଣ ମିଶ୍ର

ବିଶ୍ୱକବି ରବୀନ୍ଦ୍ରନାଥଙ୍କର କବିତାରୁ ଗୋଟିଏ ଧାଡ଼ି –

''ମରିତେ ଚାଇନା ଆମି ସୁନ୍ଦର ଭୁବନେ
ମାନୁଷେର ମାଝେ ଆମି ବଞ୍ଚିବାର ଚାଇ ।''

ମଣିଷ ଅମର ହେବାର ଇଚ୍ଛା ଯୁଗେ ଯୁଗେ, ଦେଶେ ଦେଶେ ପ୍ରସାରିତ । ସେଥିପାଇଁ ମନ୍ତ୍ର, ତନ୍ତ୍ର, ଯୋଗ, ରସାୟନ-ଶାସ୍ତ୍ର ନାନା ଭାବରେ ପ୍ରସ୍ଫୁଟିତ । ଆଜିର ଚିକିତ୍ସା ବିଜ୍ଞାନ, ପ୍ରାଣୀ ବିଜ୍ଞାନ ସେହି ପ୍ରଚେଷ୍ଟାର ପରିଣାମ । ତେବେ ମନରେ ଗୋଟିଏ ପ୍ରଶ୍ନ ଆସେ, ସତରେ ଆମେ ଯଦି ଅମର ହେବାର ବର କୌଣସି ଉପାୟରେ ଲାଭ କରୁ ତେବେ କ'ଣ ଅକ୍ଷୟ ଆନନ୍ଦ ପାଇପାରିବା ? ମହାଭାରତର ସେହି ଚରିତ୍ର କଥା ମନରେ ଆସେ – ଅଶ୍ୱତ୍ଥାମା ଯେ କି ଅମର ହେବାର ବର ପାଇଥିଲେ । ପାଣ୍ଡବ ପୁତ୍ରମାନଙ୍କୁ ପଞ୍ଚ ପାଣ୍ଡବ ଭାବି ରାତିରେ ସେମାନଙ୍କୁ ଶୋଇବା ଅବସ୍ଥାରେ ହତ୍ୟା କରି ସେ ପଳାୟନ କରିଥିଲେ । ପରେ ଅର୍ଜୁନ ତାଙ୍କୁ ଧରି ଆଣି ଦ୍ରୌପଦୀଙ୍କ ପାଖକୁ ନେଇଥିଲେ ଓ ଦ୍ରୌପଦୀ ତାଙ୍କୁ ଗୁରୁପୁତ୍ର ବୋଲି କ୍ଷମା ଦେଇଥିଲେ । କିନ୍ତୁ ଅଶ୍ୱତ୍ଥାମା ପ୍ରତିଶୋଧ ପରାୟଣ ହୋଇ ପାଣ୍ଡବ ବଂଶର ବିଲୋପ ସାଧନ ପାଇଁ ଉତ୍ତରାଙ୍କ ଗର୍ଭସ୍ଥ ସନ୍ତାନଙ୍କୁ ବ୍ରହ୍ମାସ୍ତ୍ର ପ୍ରେରଣ କରି ବଧ କରିଥିଲେ ଓ ପରେ ଶ୍ରୀକୃଷ୍ଣ ତାକୁ ଜୀବଦାନ ଦେଇ ଅଶ୍ୱତ୍ଥାମାଙ୍କୁ ଶାସ୍ତି ଦେବା ଉଦ୍ଦେଶ୍ୟରେ ତାଙ୍କ ମୁଣ୍ଡର ମଣିକୁ ନେଇ ଯାଇ ତାଙ୍କୁ ବିକଳାଙ୍ଗ କରି ଛାଡ଼ି ଦେଇଥିଲେ । ଯେହେତୁ ସେ ଅମର ବରପ୍ରାପ୍ତ ତେଣୁ ସେ ନିଶ୍ଚୟ ପୃଥିବୀର ଏକ ହିଁ କୋଣରେ ବିକଳାଙ୍ଗ ହୋଇ ବୁଲୁଥିବେ । ଏହି ଘଟଣାକୁ କାଳ୍ପନିକ ବୋଲି ମନେ କଲେ ମଧ୍ୟ, ଚିନ୍ତା କରାଯାଇପାରେ ଜଣେ ବିକଳାଙ୍ଗ ହୋଇ ବୁଲୁଛି, ଅସରନ୍ତି କଷ୍ଟ ଭୋଗୁଛି, ଅଥଚ ମୃତ୍ୟୁ ଆସୁ ନାହିଁ । ବାସ୍ତବିକ୍ ଏ ଦୀର୍ଘ ଜୀବନ ତ କାହାର କାମ୍ୟ ନୁହେଁ । ମଣିଷ ନିମନ୍ତେ ଦୀର୍ଘ ଜୀବନ ଆନନ୍ଦମୟ, ମହତ୍ତ୍ୱପୂର୍ଣ୍ଣ ଓ ନିରାମୟ ହେବା ଚାହି ।

କିନ୍ତୁ ଅନ୍ୟ ଏକ ଦୃଷ୍ଟିକୋଣରୁ ବିଚାର କଲେ ଆମେ ସମସ୍ତେ ଅମର । ଆମକୁ ଜନ୍ମ ଦେଇଥିବା ମାତାପିତାଙ୍କଠାରୁ ଆରମ୍ଭ କରି ଆମେ ଯଦି ଫେରିଯିବା କେତେ ଲକ୍ଷ ବର୍ଷ ତଳକୁ ଯେତେବେଳେ କେଉଁ ଦୁଇଜଣ ସେମାନଙ୍କର ରଜ ବୀର୍ଯ୍ୟର ସଂଯୋଗରେ ଗଢ଼ିଲେ ସେମାନଙ୍କର ସନ୍ତାନ, ଯେଉଁମାନେ ଏବେ ଆମର ମାତାପିତା । ଆମେ ଏବେ ଯେଉଁ ଜୀବକୋଷ ଦ୍ୱାରା ଗଢ଼ା ସେଇ ଜୀବକୋଷ ବଂଶାନୁକ୍ରମେ ସେମାନଙ୍କଠାରୁ ଆସିଛି । ଯେଉଁ ଜୀବକୋଷମାନଙ୍କ ଦ୍ୱାରା ମଣିଷ ଗଢ଼ା, ସେମାନେ ନିଜ ମଧ୍ୟରୁ ନୂଆ ଜୀବକୋଷ ଗଢ଼ି ସାରି ବିଲୋପ ହୋଇଯା'ନ୍ତି । ତେଣୁ ଆମ ମଧ୍ୟରେ ଏବେ ମଧ୍ୟ ଅଛି ସେଇ ଆଦିମ ମଣିଷ ଯେ ବଣ ଜଙ୍ଗଲରେ ବୁଲୁଥିଲା, ଫଳମୂଳ ସଂଗ୍ରହ କରି, ଶିକାର କରି ବଞ୍ଚୁଥିଲା । ଆମେ ଏବେ ମଧ୍ୟ ସେଇ ଆଦିମ ମଣିଷ ଯେ ନିଜକୁ ଗୋଟିଏ ସଭ୍ୟ ମନର ଖୋଳରେ ନିଜକୁ ଢାଙ୍କି ରଖିଛି । ତେବେ ମଧ୍ୟ ଟିକିଏ ସୁବିଧା ପାଇଲେ ସେଇ ଆଦିମ ପଶୁ ମଣିଷ ମନର ଖୋଳ ମଧ୍ୟରୁ ବାହାରି ଆସି ତା'ର ପାଶବିକ କାଣ୍ଡ ଭିଆଇ ଚାଲିଛି ।

ପ୍ରାଣୀ ବିଜ୍ଞାନ ବହୁ ଅଗ୍ରଗତି କରି ଗଲାଣି । DNA, RNA ଆବିଷ୍କାର କରି ନୂଆ ପ୍ରକାର ଜୀବ ସୃଷ୍ଟି କରିବାର କ୍ଷମତା ମଧ୍ୟ ହାସଲ କଲାଣି । ଏପରିକି ନୂତନ ପ୍ରକାରର ସ୍ୱଭାବ ବିଶିଷ୍ଟ ମଣିଷ ଗଢ଼ିବାର ସ୍ୱପ୍ନ ଦେଖିଲାଣି । କିନ୍ତୁ ଯେଉଁ ମଣିଷମାନେ ଏସବୁ କରିବାର ଚେଷ୍ଟାରେ ଅଛନ୍ତି ସେମାନେ ମଧ୍ୟ ସେହି ଆଦିମ ପଶୁମଣିଷ । ସେମାନେ କ'ଣ ଦେବତା ମଣିଷ ଗଢ଼ି ପାରିବେ ? ନୂଆ ସୃଜନର କ୍ଷମତା କେବଳ ଅଛି ବିବର୍ତ୍ତନ ଶକ୍ତି ହାତରେ । ଏହି ବିବର୍ତ୍ତନ ଶକ୍ତି ନିଶ୍ଚେତନା ମଧ୍ୟରୁ ନୂଆ ନୂଆ ଜୀବଜାତି ସୃଷ୍ଟି କରି ଏହି ଅର୍ଦ୍ଧ ପଶୁରୂପକ ମଣିଷ ସୃଷ୍ଟି କରିଛି । ଶ୍ରୀମାଶ୍ରୀଅରବିନ୍ଦଙ୍କଠାରୁ ଆମେ ଏହି ସୂଚନା ପାଇଛୁ ଯେ ଅତିମାନସ ଶକ୍ତି ଏବେ କ୍ରିୟାରତ, ସେ ଏବେ ଗଢ଼ିବ ଏପରି ମଣିଷ ଯାହାର ମନଃ ଶକ୍ତି ଆମମାନଙ୍କ ମନଠାରୁ ଅଧିକ ଆଲୋକିତ । ଆମ ମନ କିଛି ନୂଆ କଥା ଜାଣିବାକୁ ଚାହିଁଲେ ହଠାତ୍ ଜାଣିପାରେ ନାହିଁ; ଅଣ୍ଡାଳି ଖୋଜୁଥାଏ, କେଉଁଟା ଭୁଲ୍, କେଉଁଟା ଠିକ୍ ପରୀକ୍ଷା କରୁଥାଏ । ବିଶ୍ୱକବିଙ୍କ ଭାଷାରେ :

''ଆମି ଯାହା ଚାଇ ଭୁଲ୍ କରେ ଚାଇ,
ଯାହା ପାଇ ତାହା ଚାଇନା ।''

ଏହି ସୃଷ୍ଟି ହେବାକୁ ଯାଉଥିବା ନୂଆ ମଣିଷ – ଯାହାକୁ ଶ୍ରୀମାଶ୍ରୀଅରବିନ୍ଦ 'Superman' କହୁଛନ୍ତି; ଯେ ତା'ର ଆଲୋକିତ ମନରେ ଅକ୍ଲେଶରେ କଥାଟିକୁ ବୁଝିପାରିବ ଏବଂ ସେଇ ଅନୁସାରେ କାର୍ଯ୍ୟ କରିବ । କିନ୍ତୁ କିଛି ନୂତନ ସୃଜନର ଆରମ୍ଭ ସମୟରେ ପୁରୁଣା ବାଟ ଛାଡ଼େନି । ପୁରୁଣା ଭାଙ୍ଗିଲେ ହିଁ ନୂଆ ଆସିବ । ଶ୍ରୀଅରବିନ୍ଦଙ୍କ ଭାଷାରେ :

"A giant dance of Shiva tore the past;
There was a thunder as of worlds that fall;"

(Savitri, P. 343)

ଏହା ପରେ ସେଇ ନୂଆ ମଣିଷର ଆବିର୍ଭାବ ଯାହାଙ୍କ କଥା ଲେଖିଛନ୍ତି ଶ୍ରୀଅରବିନ୍ଦ :

"Even as of old man came behind the beast
This high divine successor surely shall come
Behind man's inefficient mortal pace,
Behind his vain labour, sweat and
blood and tears :"

(Savitri, P. 344)

ଜଣେ ସାଧକ ଶ୍ରୀମା'ଙ୍କୁ ପଚାରିଲେ ବର୍ତ୍ତମାନର ମଣିଷ କ'ଣ Superman ହୋଇପାରିବ ନାହିଁ ? ଶ୍ରୀମା ହସି ଉତ୍ତର ଦେଲେ – ଚେଷ୍ଟା କର । ସେଥିରେ ଅନ୍ୟ କିଛି କାର୍ଯ୍ୟ କରିବ । ତେବେ ମଣିଷ ଏଥିରେ ସହଯୋଗ (Collaborate) କରିପାରେ ନିଜର ସଦିଚ୍ଛା ଓ ଆସ୍ପୃହା ଦ୍ୱାରା । ତେବେ ମଧ ବେଶ୍ କିଛି ସମୟ ଲାଗିବ, କିଛି ଶତାବ୍ଦୀ ଲାଗିପାରେ ।

ଆଉ ଜଣେ ସାଧକ ଶ୍ରୀମାଙ୍କର ୨୯.୦୨.୫୬ର ଘୋଷଣା – 'The things that were promised are fulfilled.' କୁ ଉଦ୍ଧାର କରି ପଚାରିଲେ, ସେ ନୂତନ race (Supramental race) କାହାନ୍ତି ?

ଶ୍ରୀମା ଉତ୍ତର ଦେଲେ କେତେ ହଜାର ବର୍ଷ ଅପେକ୍ଷା କର, ଦେଖିବ ।

କେତେ ହଜାର ବର୍ଷ ଅପେକ୍ଷା କରିବାକୁ ହେବ ! ଆମର ଆୟୁ ଖୁବ୍ ବେଶୀ ହେଲେ ଶହେ ବର୍ଷ ! ଶ୍ରୀମା ବୁଝାଇ କହିଛନ୍ତି ପ୍ରଥମ ମଣିଷର ଆବିର୍ଭାବ ପ୍ରାୟ ଦଶଲକ୍ଷ ବର୍ଷ ତଳେ ହୋଇଥିଲା । ଏବେ ଅତିମାନବର ଆବିର୍ଭାବ ହେବାକୁ ଯାଉଛି – ଯେ ତା'ର ନୂତନ ଜ୍ଞାନାଲୋକ ଦ୍ୱାରା ଏହି Supramental raceକୁ ଉତାରି ଆଣିବ । ତେଣୁ କିଛି ହଜାର ବର୍ଷ ବେଶୀ କିଛି ନୁହେଁ । ଏବେ ଆମେ ପଶୁ ମଣିଷମାନେ ଆମର ଶ୍ରଦ୍ଧା, ବିଶ୍ୱାସ ଓ ଆସ୍ପୃହାକୁ ଅକ୍ଷୁଣ୍ଣ ରଖିପାରିଲେ ଜନ୍ମଜନ୍ମାନ୍ତର ଧରି ଆମର ଅନ୍ତରାତ୍ମା (Psychic Being) ଆମକୁ ସେ ପଥରେ ଆଗେଇ ନେଇ ଯାଉଥିବ । ସେ ଅବସ୍ଥାରେ ପହଞ୍ଚିଲେ ପ୍ରକୃତ ଅମରତ୍ୱ ଲାଭ ହୋଇ ପାରିବ । ❑

---

ତୁମର ପ୍ରାଣସତ୍ତାର ଦ୍ୱାରଦେଶରେ, ଏଣିକି ଶ୍ରୀମା'ଙ୍କର ଗୋଟିଏ ଆଦେଶନାମା ଲଗାଅ : ''ଆଜିଠାରୁ ଏଠାକୁ କୌଣସି ପ୍ରକାର ମିଥ୍ୟାଚାରର ପ୍ରବେଶ ନିଷେଧ ।'' ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେଠାରେ ଏକ ପ୍ରହରୀ ନିଯୁକ୍ତ କର ।

*

ନିମ୍ନପ୍ରାଣର ନିଜସ୍ୱ ସ୍ଥାନ ରହିଛି; ତାକୁ ନିର୍ଯାତିତ କିଂବା ନିହତ ନ କରି ପରିବର୍ତ୍ତିତ କରିବାକୁ ହେବ, ''ଦୁଇ ପ୍ରାନ୍ତରୁ ତାକୁ ଧରି ରଖିବାକୁ ହେବ'' । ଊର୍ଦ୍ଧ୍ୱରେ ତାହା ଉପରେ ରହିବ କର୍ତ୍ତୃତ୍ୱ ଓ ନିୟନ୍ତ୍ରଣ, ଏବଂ ନିମ୍ନରେ ତାହାର ଯଥାର୍ଥ ପ୍ରୟୋଗ । ପ୍ରଧାନ ବିଷୟ ହେଉଛି କାମନା-ବାସନା ଓ ଆସକ୍ତିରୁ ମୁକ୍ତ ରହିବା; ସେତେବେଳେ ଯାଇ ପୂର୍ଣ୍ଣଭାବେ ପ୍ରାଣର ଯଥାଯଥ ଉପଯୋଗ ସମ୍ଭବପର ।

*

ସାଧାରଣ ମାନୁଷୀ ପ୍ରାଣପ୍ରକୃତିର କର୍ଦ୍ଦମାକ୍ତ ପଥରେ ନରମ ଓ ନିସ୍ତେଜ କାଦୁଅ ମେଞ୍ଚାଏ ହେବା ଅପେକ୍ଷା, ଭଗବାନଙ୍କ ପଥରେ ଏକ ପଥର ହୋଇ ରହିବା ଶ୍ରେୟସ୍କର ।

– ଶ୍ରୀଅରବିନ୍ଦ

# ମହାକାଳର ପ୍ରବାହରେ ମୁହୂର୍ତ୍ତଟିଏ

୧୯୦୯ ମସିହାରେ ଶ୍ରୀଅରବିନ୍ଦଙ୍କର କାରାମୁକ୍ତି ପରେ ପଣ୍ଡିଚେରୀସ୍ଥ 'ଇଣ୍ଡିଆ' ପତ୍ରିକାର ଜନୈକ ସାମ୍ବାଦିକଙ୍କ ସହିତ କଲିକତାରେ ତାଙ୍କର ସାକ୍ଷାତ୍କାର ହୋଇଥିଲା । ସେ ସେହି ସାକ୍ଷାତ୍କାରରେ ଏହି ମର୍ମରେ ଉଲ୍ଲେଖ କରିଥିଲେ ଯେ ଏକ ପ୍ରଳୟ ଆସୁଛି, ମହାପ୍ରଳୟ ।... କଳିଯୁଗର ପରିସମାପ୍ତି ଘଟି ନୂତନ ଯୁଗ ଆରମ୍ଭ ହେବାକୁ ଯାଉଛି । ଏହି ମହାପ୍ରଳୟ କ୍ରମଶଃ ତା'ର ଚରମ ପରିଣତିରେ ପହଞ୍ଚି ସମସ୍ତଙ୍କର ଦୃଷ୍ଟିଗୋଚର ହୋଇଉଠିବ ।... ପରିବର୍ତ୍ତନ, ବିପୁଳ ପରିବର୍ତ୍ତନ, ସର୍ବକ୍ଷେତ୍ରରେ ପରିବର୍ତ୍ତନ ଘଟିବ ।...*

୧୯୧୮ ପାଖାପାଖି ସମୟରେ ଶ୍ରୀଅରବିନ୍ଦ ତାଙ୍କର 'The Hour of God' (ଦେବ ମୁହୂର୍ତ୍ତ) ପ୍ରବନ୍ଧଟି ରଚନା କରିଥିଲେ । ଏହାକୁ ଆମେ ପ୍ରାୟ ପ୍ରତ୍ୟେକେ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ଅନୁଗାମୀ ଭକ୍ତ ଶ୍ରୀମାଙ୍କର ଦିବ୍ୟ କଣ୍ଠରେ ଆବୃତ୍ତି କରିଥିବାର ବହୁବାର ଶ୍ରବଣ କରିଛୁ । ଥରେ ଆଶ୍ରମ ସ୍କୁଲର ଜଣେ ତରୁଣ ବିଦ୍ୟାର୍ଥୀ ଏ ସମ୍ବନ୍ଧରେ ଶ୍ରୀମାଙ୍କୁ କେତୋଟି ପ୍ରଶ୍ନ ପଚାରିଥିଲେ । ନିମ୍ନରେ ସେସବୁ ଉଦ୍ଧାର କରୁଛୁ :

ପ୍ରଶ୍ନ : ମଧୁମୟି ମା, 'ଦେବ ମୁହୂର୍ତ୍ତ'ରେ ଶ୍ରୀଅରବିନ୍ଦ ଲେଖିଛନ୍ତି : ପୃଥିବୀପୃଷ୍ଠରେ ଏପରି ମୁହୂର୍ତ୍ତମାନ ଆସିଥାଏ ଯେତେବେଳେ ମଣିଷଙ୍କ ମଧ୍ୟରେ ଭଗବାନଙ୍କର ଦିବ୍ୟ ସାନ୍ନିଧ୍ୟ ଅନୁଭୂତ ହୋଇଥାଏ ଏବଂ ଅଖିଳ ବ୍ରହ୍ମାଣ୍ଡପତିଙ୍କର ଶ୍ୱାସପ୍ରଶ୍ୱାସର ମଳୟ ସମୀରଣ ଆମମାନଙ୍କର ଆନ୍ତର ସତ୍ତାର ଭାବସମୁଦ୍ରରେ ଶ୍ରୁତିମଧୁର ତରଙ୍ଗ ସୃଷ୍ଟି କରିଥାଏ; ପୁନଶ୍ଚ ପକ୍ଷାନ୍ତରରେ ଏପରି ମୁହୂର୍ତ୍ତମାନ ଆସିଥାଏ, ଯେତେବେଳେ ଏଇ ଧରଣର ଦିବ୍ୟ ସାନ୍ନିଧ୍ୟ ଅପସରି ଯାଇଥାଏ ଏବଂ ପୃଥିବୀପୃଷ୍ଠରେ ମାନବଜାତି କେବଳ ନିଜର ଅହଂସର୍ବସ୍ୱ ଚେତନାର ଶକ୍ତି, ସାମର୍ଥ୍ୟ ବା ଦୁର୍ବଳତାର ସହାୟତାରେ ଅଗ୍ରଗତି କରିଥାଏ ।...'' କିନ୍ତୁ ମା, ତୁମେ ମୋ ନିକଟକୁ ଲେଖିଥିବା ପତ୍ରସବୁ ମଧ୍ୟରେ ଗୋଟିକରେ ଉଲ୍ଲେଖ କରିଥିଲ ଯେ ଜଣେ ନିଜର ଅହଂ ଉପରେ ଆଦୌ ଭରସା ନ କରି ବରଂ ତା'ର ଚୈତ୍ୟସତ୍ତା ଉପରେ ଭରସା ରଖିବା ଉଚିତ । ମା, ଏହାର ଅର୍ଥ କ'ଣ, ବୁଝାଇଦେବେ କି ?

ଶ୍ରୀମା'ଙ୍କ ଉତ୍ତର : କିନ୍ତୁ ଏବେ ପୃଥିବୀପୃଷ୍ଠରେ ବିରାଜମାନ କରିଥିବା ମୁହୂର୍ତ୍ତଟି ମଣିଷକୁ କେବଳ ତା'ର ଅହଂ ସର୍ବସ୍ୱ ଶକ୍ତି ସାମର୍ଥ୍ୟ ଉପରେ ଭରସା ରଖି ଜୀବନଧାରଣ କରିବାର ମୁହୂର୍ତ୍ତ ହୋଇ ରହି ନାହିଁ । ପରମପ୍ରଭୁ ମାନବଜାତିକୁ ଜ୍ଞାନାଲୋକ ଦେବା ସକାଶେ ତାଙ୍କର ଦିବ୍ୟ ଚେତନାକୁ ପୃଥିବୀପୃଷ୍ଠକୁ ପ୍ରେରଣ କରିଛନ୍ତି । ଯେଉଁମାନେ ସେହି ଚେତନାକୁ ଗ୍ରହଣ କରିବାକୁ ସକ୍ଷମ ସେମାନେ ଏଥିରେ ନିଶ୍ଚିତ ରୂପେ ଉପକୃତ ହେବେ ।

(୨୯ ଡିସେମ୍ବର, ୧୯୬୯) — ଆଶୀର୍ବାଦ

ପ୍ରଶ୍ନ : ମଧୁମୟି ମା, ତୁମେ ଗତ କାଲି ମୋତେ ଦେଇଥିବା ଉତ୍ତର ପ୍ରସଙ୍ଗରେ ମୋର ବକ୍ତବ୍ୟ ହେଉଛି : ମଣିଷର ଯେତେବେଳେ କେବଳ ତା'ର ନିଜର ଶକ୍ତିସାମର୍ଥ୍ୟ ଉପରେ ଭରସା ରଖିବାର ମୁହୂର୍ତ୍ତ ଆସିଥାଏ ସେତେବେଳେ କ'ଣ ଭଗବାନ୍ ତାଙ୍କର ଦିବ୍ୟ ଚେତନାକୁ ପୃଥିବୀପୃଷ୍ଠକୁ ପଠାଇ ନ ଥା'ନ୍ତି ? କିନ୍ତୁ ସମଗ୍ର ସୃଷ୍ଟି-ସର୍ଜନାର ଏକେବାରେ ପ୍ରାରମ୍ଭରୁ ହିଁ ତ ଭଗବାନ୍ ତା' ମଧ୍ୟରେ ବିଦ୍ୟମାନ ରହିଛନ୍ତି, ନୁହେଁ କି ?

ଉତ୍ତର : ହଁ ।

ପ୍ରଶ୍ନ : ତା'ହେଲେ ଆଦିମାନବ ଯୁଗରେ କ'ଣ ପାଇଁ ସେମାନଙ୍କର ନିଜସ୍ୱ ଶକ୍ତି ସାମର୍ଥ୍ୟ ଉପରେ ନିର୍ଭର କରି ଜୀବନଯାପନ କରିବାକୁ ଛାଡ଼ି ଦିଆଯାଇଥିଲା ?

ଉତ୍ତର : ଆଦିମାନବ ଜାତି ତଥାପି ପ୍ରାଣୀ ବା ପଶୁ ଜଗତର ଖୁବ୍ ନିକଟ ସମ୍ପର୍କରେ ଥିବାରୁ ସେମାନେ ସେମାନଙ୍କର ଆନ୍ତର ଦିବ୍ୟ ସତ୍ତା ଅର୍ଥାତ୍ ଚୈତ୍ୟସତ୍ତା ସହିତ ସମ୍ପର୍କ ସ୍ଥାପନ କରିବାରେ ଅପାରଗ ଥିଲେ; ଏହା କେବଳ ଊର୍ଦ୍ଧ୍ୱମୁଖୀ ବିବର୍ତ୍ତନଧାରାର ହଜାର ହଜାର ବର୍ଷର କ୍ରମୋନ୍ନତି ଫଳରେ ମଣିଷଜାତି ତା'ର ଚୈତ୍ୟସତ୍ତା ସହିତ ସମ୍ପର୍କ ସ୍ଥାପନ କରିବା ସକାଶେ ସଚେତନ ହେବାକୁ ଶିଖି ପାରିଛି । ବର୍ତ୍ତମାନ ସେମାନେ ପୃଥିବୀପୃଷ୍ଠରେ ଆହୁରି ଅଧିକ ଊର୍ଦ୍ଧ୍ୱତର ଚେତନାର ଅଭିବ୍ୟକ୍ତି ଘଟାଇବା ସକାଶେ ପ୍ରସ୍ତୁତ ହୋଇ ଉଠିଛନ୍ତି ଏବଂ ଏହି ଊର୍ଦ୍ଧ୍ୱତର ଚେତନା ଅତିମାନବଙ୍କ ମଧ୍ୟରେ ସମ୍ପୂର୍ଣ୍ଣତଃ କ୍ରିୟାଶୀଳ ହେବ;

---

* The **India** Interview, 18 Sept. 1909 : "Sri Aurobindo : Archives & Research" Journal, Dec. 89, P. 209

ଏବଂ ଏଇଥିପାଇଁ ପୃଥିବୀପୃଷ୍ଠରେ ଏହାକୁ ଗ୍ରହଣ କରିବା ସକାଶେ ଯେଉଁମାନେ ପ୍ରସ୍ତୁତ ସେହି ସମସ୍ତଙ୍କ ମଧ୍ୟରେ କ୍ରିୟାଶୀଳ ହେବାକୁ ଏହାର ଅବତରଣ ଘଟିଛି ।

(୩୦ ଡିସେମ୍ବର, ୧୯୬୯) ଆଶୀର୍ବାଦ ।

ପ୍ରଶ୍ନ : ମଧୁମୟି ମା,

'ପୃଥିବୀ ଏକ ବିପୁଳ ପରିବର୍ତ୍ତନ ନିମିତ୍ତ ପ୍ରସ୍ତୁତ ହେଉଛି । ତୁମେ ସାହାଯ୍ୟ କରିବ କି ?'

(୧୯୭୦ ନବବର୍ଷର ବାଣୀ)

ମା, ତୁମେ ଯେଉଁ ବିପୁଳ ପରିବର୍ତ୍ତନ କଥା ଉଲ୍ଲେଖ କରିଛ, ଏହି ପରିବର୍ତ୍ତନଟି କ'ଣ ଏବଂ ଏଥିସକାଶେ ଆମେ କିପରି ସାହାଯ୍ୟ କରିପାରିବୁ ?

ଶ୍ରୀମା'ଙ୍କ ଉତ୍ତର : ଏହି ବିପୁଳ ପରିବର୍ତ୍ତନଟି ହେଉଛି ପୃଥିବୀପୃଷ୍ଠରେ ଏକ ନୂତନ ମାନବଜାତିର ଆବିର୍ଭାବ – ଯାହାକି ପଶୁ ସ୍ୱଭାବର ମଣିଷ ବା ଆଦିମାନବଠାରୁ ବର୍ତ୍ତମାନର ମାନବ ଯେପରି ସ୍ୱତନ୍ତ୍ର, ଠିକ୍ ସେମିତି ବର୍ତ୍ତମାନର ମଣିଷଠାରୁ ଏହି ନୂତନ ମାନବଜାତି ଏକେବାରେ ସ୍ୱତନ୍ତ୍ର ହୋଇ ଉଠିବ ।

ପୃଥିବୀପୃଷ୍ଠରେ ଏହି ନୂତନ ଜୀବଜାତିର ଆବିର୍ଭାବ ସଂଗଠିତ ହେବାର ଯଥେଷ୍ଟ ପୂର୍ବରୁ ଏହାର ଚେତନା ପୃଥିବୀ ବାତାବରଣରେ କ୍ରିୟାଶୀଳ ହେବାରେ ଲାଗିଛି । ଉପସ୍ଥିତ ମୁହୂର୍ତ୍ତରେ ଯେଉଁମାନେ ଏହି ଚେତନା ପ୍ରତି ଗ୍ରହଣଶୀଳ ଓ ମନୋଯୋଗୀ ହେବାକୁ ସକ୍ଷମ, ସେ ସମସ୍ତଙ୍କୁ ଏହି ଚେତନା ଜ୍ଞାନାଲୋକ ପ୍ରଦାନ କରି ଚାଲିଛି ।

ଆଶୀର୍ବାଦ (୨ ଜାନୁଆରୀ, ୧୯୭୦)

*

ଜନୈକ ସାଧକଙ୍କୁ ଶ୍ରୀମା'ଙ୍କ ଉତ୍ତର :

''ଆମେ ପୃଥିବୀ-ଇତିହାସରେ ଏକ ଯୁଗ-ପରିବର୍ତ୍ତନର ମୁହୂର୍ତ୍ତରେ ଉପସ୍ଥିତି ରହିଛୁ । ଅନନ୍ତ କାଳ ମଧ୍ୟରେ ଏକ ମୁହୂର୍ତ୍ତ ମାତ୍ର, କିନ୍ତୁ ମନୁଷ୍ୟର ଜୀବନକାଳ ମଧ୍ୟରେ ଏହି ମୁହୂର୍ତ୍ତଟି ଦୀର୍ଘକାଳ ସାପେକ୍ଷ । ଏହି ନୂତନ ଯୁଗର ଅଭିବ୍ୟକ୍ତିର ପ୍ରସ୍ତୁତି-ପର୍ବରେ ଉପସ୍ଥିତ ଭୌତିକ ଜଗତର ଜଡ଼-ଉପାଦାନର ତତ୍ତ୍ୱ ପରିବର୍ତ୍ତିତ ହେବାକୁ ଲାଗିଛି, କିନ୍ତୁ ମଣିଷର ଶାରୀରିକ ତତ୍ତ୍ୱ (ଅର୍ଥାତ୍ ଅନ୍ନମୟ କୋଷ) ଏଥିନିମିତ୍ତ ଯଥେଷ୍ଟ ନମନୀୟ ହୋଇ ନ ଥିବାରୁ ଏହି ପରିବର୍ତ୍ତନର ପ୍ରତିରୋଧ କରିବାରେ ଲାଗିଛି; ଫଳତଃ ଆମ ଶରୀରରେ ନାନା ପ୍ରକାର ଦୁର୍ବୋଧ ଗୋଳମାଳ ଏବଂ ଏପରିକି ଦିନକୁ ଦିନ ବିଭିନ୍ନ ରୋଗବ୍ୟାଧି ବୃଦ୍ଧି ପାଇବାରେ ଲାଗିଛି ଏବଂ ଚିକିତ୍ସା-ବିଜ୍ଞାନ ସକାଶେ ଏହା ଏକ ସମସ୍ୟା ହୋଇ ଉଠିଛି ।

''ବର୍ତ୍ତମାନ ପୃଥିବୀ-ବାତାବରଣରେ କ୍ରିୟାଶୀଳ ରହିଥିବା ଦିବ୍ୟ ଶକ୍ତିରାଜି ସହିତ ଏକାତ୍ମ ହୋଇ ରହିବାରେ ଏବଂ ଏହି ଶକ୍ତିରାଜି ଉପରେ ଅଖଣ୍ଡ ବିଶ୍ୱାସ, ଭରସା ଓ ସ୍ଥିର ପ୍ରଶାନ୍ତିରେ ଦୃଢ଼ ପ୍ରତିଷ୍ଠିତ ଏକ ଗ୍ରହଣଶୀଳତା ମଧ୍ୟରେ ହିଁ ଏହି ସମସ୍ୟାର ସମାଧାନ ନିହିତ ରହିଛି ।''

(୧୮ ନଭେମ୍ବର, ୧୯୭୧)

*

''ବର୍ତ୍ତମାନ ପରିସ୍ଥିତିରେ ଯେଉଁମାନେ ଅଗ୍ରଗତି କରିବାକୁ ଚାହାନ୍ତି, ସେମାନଙ୍କ ସକାଶେ ଏହା ଏକ ଅପୂର୍ବ ସୁଯୋଗ । କାରଣ ପୃଥିବୀପୃଷ୍ଠରେ କ୍ରିୟାଶୀଳ ନୂତନ ଦିବ୍ୟ ଶକ୍ତିରାଜିର କ୍ରିୟା ପ୍ରତି ଆମ ଚେତନାର ଉନ୍ମୀଳନ ଘଟିବା ଦ୍ୱାରା ଆମମାନଙ୍କ ମଧ୍ୟରେ ରୂପାନ୍ତରର କ୍ରିୟା ଆରମ୍ଭ ହୋଇଥାଏ । ତେଣୁ ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ନିଜକୁ ଏଥିପ୍ରତି ଉନ୍ମୀଳିତ ରଖିବାରେ ହିଁ ଏହା ଏକ ଅତୁଳନୀୟ ଓ ଅତ୍ୟୁତ୍କୃଷ୍ଟ ସୁଯୋଗ (unique and wonderful opportunity) ।''

(୨୦ ନଭେମ୍ବର, ୧୯୭୧)

*

''ପୃଥିବୀପୃଷ୍ଠରେ ପ୍ରତ୍ୟେକ ବ୍ୟକ୍ତିର ବିଦ୍ୟମାନ ରହିବାର ମୂଳ ଉଦ୍ଦେଶ୍ୟ ହେଉଛି ଭଗବାନଙ୍କୁ ଆବିଷ୍କାର କରିବାର ତଥା ତାଙ୍କ ସହିତ ଏକାତ୍ମ ହେବାର ଆନନ୍ଦ ଲାଭ କରିବା । ବ୍ୟକ୍ତି ଯେତେବେଳେ ଏହି ସତ୍ୟଟିକୁ ହୃଦୟଙ୍ଗମ କରିବ, ସେତେବେଳେ ତା'ର ଅଗ୍ରଗତି କରିବାର ପଥରେ ଆସୁଥିବା ଯାବତୀୟ ବାଧାବିଘ୍ନକୁ ଅତିକ୍ରମ କରି ପାରିବାର ସାମର୍ଥ୍ୟ ଅର୍ଜନ କରିବାକୁ ସକ୍ଷମ ହୋଇ ଉଠିବ ।''

(୨୨ ନଭେମ୍ବର, ୧୯୭୧)

*

ଏପ୍ରିଲ ପହିଲା, ୧୯୬୯ରେ ଆଶ୍ରମ ସ୍କୁଲର ଶାରୀରିକ ଶିକ୍ଷାର ପ୍ରତିଯୋଗିତା ନିମିତ୍ତ ଶ୍ରୀମା'ଙ୍କ ପ୍ରଦତ୍ତ ବାଣୀ :

''ଏହି ବର୍ଷର ଆରମ୍ଭରୁ ପୃଥିବୀପୃଷ୍ଠରେ ମଣିଷକୁ ଏକ ନବ ସୃଷ୍ଟି ନିମିତ୍ତ, ଅର୍ଥାତ୍ ଅତିମାନବ ଜାତି ସୃଷ୍ଟି ନିମିତ୍ତ ପ୍ରସ୍ତୁତ ହୋଇ ଉଠିବାରେ ଏକ ନୂତନ ଚେତନା କ୍ରିୟାଶୀଳ ରହିଛି । ଏହି ନବସୃଷ୍ଟିକୁ ସମ୍ଭବ କରିବାକୁ ହେଲେ ମନୁଷ୍ୟର ବର୍ତ୍ତମାନ ଶରୀରର ଉପାଦାନଟିକୁ (ଅର୍ଥାତ୍ ତା'ର ଅନ୍ନମୟ କୋଷକୁ) ଏକ ବିରାଟ ପରିବର୍ତ୍ତନର ମଧ୍ୟ ଦେଇ ଯିବାକୁ ହେବ, ବର୍ତ୍ତମାନର ଏହି ଶରୀରଟିକୁ ଆହୁରି ଅଧିକ ମାତ୍ରାରେ ଗ୍ରହଣଶୀଳ ହୋଇ ରହିବାକୁ ହେବ, ଏବଂ ସେହି ନୂତନ ଚେତନାଟି ଶରୀର ମଧ୍ୟରେ କ୍ରିୟାଶୀଳ ହେବା ସକାଶେ ଶରୀରଟିକୁ ମଧ୍ୟ ଅଧିକ ନମନୀୟ ହୋଇ ରହିବାକୁ ହେବ ।

''ଶାରୀରିକ ଶିକ୍ଷା ମାଧ୍ୟମରେ ହିଁ ଜଣେ ଏହିସବୁ ନ୍ୟାଯ୍ୟ ଗୁଣକୁ ଅର୍ଜନ କରି ପାରିବ ।

''ତେଣୁ ଆମେ ଏହିପରି ଏକ ପରିଣାମକୁ ଲକ୍ଷ୍ୟ ସ୍ୱରୂପ ରଖି ଏହି ପ୍ରଶିକ୍ଷଣକୁ ଅନୁସରଣ କରି ପାରିଲେ ଆମେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ସର୍ବାଧିକ ଚିତ୍ତାକର୍ଷକ ସାଫଲ୍ୟର ଅଧିକାରୀ ହୋଇ ପାରିବା ।

''ଅଗ୍ରଗତି ଓ ଲକ୍ଷ୍ୟ ସାଧନ ନିମିତ୍ତ ସମସ୍ତଙ୍କୁ ମୋର ଆଶୀର୍ବାଦ ।'' (MCW : Vol. 12, P. 278)

(*ସଂଗୃହୀତ*)

❑❑❑

# ଆଶାର କଳିକା

## ଦୀପ୍ତି ମିଶ୍ର

ନବସୃଷ୍ଟି ପାଇଁ ବର୍ଣ୍ଣିଳ ଆଶା ସାଥେ
ଚାଲିଛି ମୁଁ ଯୁଗ ଯୁଗାନ୍ତର
ଆସୁ ଯେତେ ଝଡ଼ ଝଞ୍ଜା
ଛୁଇଁଯାଉ ଯେତେ ଦୁଃଖ ଝାଞ୍ଜି
ଉଷ୍ଣ ପ୍ରସ୍ରବଣ ସାଜି
ଅସ୍ତ ବ୍ୟସ୍ତ କରି ଦେଉ ପଛେ
ବଞ୍ଚିବାର କଳା କଉଶଳ ।

ତୁମେ ତ କହିଛ ମୋତେ
କହିବାର ଯାହା ଥିଲା...
ଚାହେଁ ବା ନ ଚାହେଁ ମୁହିଁ
ମୋ ପାଇଁ ଯା' ଲୋଡ଼ା
ଦେଉଛ ତ ତୁମେ ମା
ଫୁଲ କେବେ...
କେବେ ପୁଣି କଣ୍ଟା...
କେବେ ଶୂନ୍ୟତାର ପରିଭାଷା
ଛୁଇଁ ଯାଏ ଅବୁଝା ମନକୁ
ପୁଣି କେବେ ପୂର୍ଣ୍ଣତାର
ଇନ୍ଦ୍ରଧନୁ ରଙ୍ଗର ଆଲୋକେ
ଭରି ଦିଅ ସାରା ମନ,
ପ୍ରାଣ ଓ ଶରୀର ।



ପୁଲକିତ ଏଇ ମନ
ତୁମରି ଅନ୍ତହୀନ ନୀଳିମା ପ୍ରେମରେ
ପଲ୍ଲବିତ ପ୍ରାଣର ପାଦପ
ତୁମ ଆଶିଷର ମଳୟ ପରଶେ ।
ଦେଖେ ମୁହିଁ ଅସୀମତା
ଭିଜେ ନିତି ତାହାରି ସ୍ୱପ୍ନରେ
ଦିଗ୍‌ବଳୟ ବ୍ୟାପୀ ବିଶାଳତାର
ଅପହଞ୍ଚ ଇଲାକାକୁ...
ଛୁଇଁବାକୁ ରଖିଛି ବିଶ୍ୱାସ
ଯେପର୍ଯ୍ୟନ୍ତ ଚାଲିଛି ନିଃଶ୍ୱାସ ।

ଆଶାର କଳିକା ମୋର
ନିଶ୍ଚୟ ଫୁଟିବ...
ନବ ସୂର୍ଯ୍ୟ ନୂତନ ଆଲୋକେ ।
ଚିନ୍ତା ଓ ଚେତନା ବିକଶିତ ହେବ
ଭିଜି ତୁମ ବିଶ୍ୱପ୍ରେମ
ବିଶାଳ ସିନ୍ଧୁରେ... ।
ବିନ୍ଦୁଏ ପୂର୍ଣ୍ଣତା ପାଇଁ...
ପ୍ରତୀକ୍ଷା କରିଛି ଯାହା
ତୃଷାର୍ତ୍ତ ଚକୋରୀ ସମ
ଯୁଗ ଯୁଗ ଧରି । ❑

ଚେତନାର ଦିଗ୍‌ବଳୟ :

# ତୃତୀୟ ଆଳୟ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ

***ପ୍ରଶ୍ନ :** ମଣିଷର ଆଧ୍ୟାତ୍ମିକ ବିକାଶ ନିମନ୍ତେ ବିଦ୍ୟାଳୟ ଏବଂ ଦେବାଳୟ ଭିତରେ କାହାର ଗୁରୁତ୍ୱ ଅଧିକ ?*

**ଉତ୍ତର :** ଯାହାର ଗୁରୁତ୍ୱ ସବୁଠାରୁ ଅଧିକ, ତାହା ବିଦ୍ୟାଳୟ ନୁହେଁ କି ଦେବାଳୟ ନୁହେଁ, ତାହା ନିଜାଳୟ; ଶିଶୁ ରୂପେ ମଣିଷ ଯେଉଁ ଆଳୟରେ ପରିବର୍ଦ୍ଧିତ ହୋଇଛି – ଅଭିଭାବକ, ଆତ୍ମୀୟସ୍ୱଜନ, ଖେଳସାଥି, ବାତାବରଣ ଓ ଅନ୍ୟାନ୍ୟ ପ୍ରଭାବ ସମନ୍ୱିତ ସେହି ଆଳୟ । ବିକଶିତ ଆତ୍ମା-ସମ୍ୱଳିତ ଶିଶୁକୁ ଛାଡ଼ି ଦେଲେ ସବୁ ଶିଶୁଙ୍କ ଚେତନା ଉପରେ ଏହିସବୁର ପ୍ରଭାବକୁ କୌଣସି ବିଦ୍ୟାଳୟ ବା ଦେବାଳୟର ପ୍ରଭାବ ପ୍ରାୟତଃ ଅତିକ୍ରମ କରାଇ ପାରନ୍ତି ନାହିଁ । ବ୍ୟକ୍ତି ଯଦି ଘଟଣାଚକ୍ରରେ କୌଣସି ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସଂସ୍ପର୍ଶରେ ଆସେ ତାହା ଭିନ୍ନ କଥା ।

ଆମ ଚେତନାର ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଅଂଶ ଯେଉଁ ଚୈତ୍ୟସତ୍ତା, ତାହା ଶୈଶବରେ ଆମ ଚେତନାର ସମ୍ମୁଖ ଭାଗରେ ଥାଏ । ସେତେବେଳେ ଶିଶୁ ଅତ୍ୟନ୍ତ ଗ୍ରହଣଶୀଳ, ଏକାନ୍ତ ସରଳ ବିଶ୍ୱାସୀ ଏବଂ ସର୍ବଦା ଆନନ୍ଦର ସନ୍ଧାନୀ । ସେ ସ୍ୱତଃସ୍ଫୂର୍ତ୍ତ ଭାବରେ ଗ୍ରହଣ କରେ ମହତ୍ତର ଦୃଷ୍ଟାନ୍ତ, ତାକୁ ଉଦ୍‌ବୁଦ୍ଧ କରେ ତ୍ୟାଗ ବା ସାହସ ବା ସ୍ୱାର୍ଥତ୍ୟାଗର କାହାଣୀ । ସ୍ନେହ ଶ୍ରଦ୍ଧାର ସ୍ପର୍ଶ ମାନବତା ଉପରେ ତା'ର ବିଶ୍ୱାସକୁ ଦୃଢ଼ କରେ । ପରବର୍ତ୍ତୀ କାଳରେ ସମାଜ ତାକୁ ହତାଶ କରିପାରେ, କିନ୍ତୁ ପ୍ରଥମତଃ ତା'ର ପ୍ରାଥମିକ ବିଶ୍ୱାସ ତାକୁ ହତାଶବାଦୀ କରିବ ନାହିଁ ଏବଂ ଦ୍ୱିତୀୟତଃ ସେ ନିଜେ କୌଣସି କ୍ରୂର କାର୍ଯ୍ୟ କରିବ ନାହିଁ । ମନସ୍ତାତ୍ତ୍ୱିକ ଗବେଷଣା ପ୍ରମାଣ କରିଛି ଯେ ଶିଶୁଟିଏ ସର୍ବଦା 'ଭଲ' ପାଇଁ ଉନ୍ମୁଖ, 'ମନ୍ଦ' ପାଇଁ ନୁହେଁ । ଶୈଶବରେ, ନିଜାଳୟରେ ଯେଉଁଭଳି ଧ୍ୟାନ ଧାରଣା ତା' ସ୍ମୃତିରେ ଲିପିବଦ୍ଧ ହୋଇ ଯାଇଥାଏ ସେସବୁର ପ୍ରଭାବ ବିପୁଳ; ବିଦ୍ୟାଳୟ ବା ଦେବାଳୟ ସେସବୁର ବିକଳ୍ପ ହୋଇ ପାରିବେ ନାହିଁ ।

# ପ୍ରତିଯୋଗିତା-ପାଗଳ ସମାଜ ଏବଂ ଅସହାୟ ଶିଶୁ

*ପ୍ରଶ୍ନ : ପାଞ୍ଚବର୍ଷ ବା ତହିଁରୁ କମ୍ ବୟସ୍କ ଶିଶୁକୁ ଶିଷ୍ୟ ବା ଛାତ୍ର ରୂପେ ବ୍ୟବହାର କରିବା କେତେ ଦୂର ଠିକ୍ ?*

**ଉତ୍ତର :** ଅତ୍ୟନ୍ତ କ୍ଷୋଭର କଥା ଆଜିର ପ୍ରତିଯୋଗିତା-ପାଗଳ ସମାଜରେ ଶିଶୁକୁ ଏକ ନବାଗତ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଭାବରେ ନ ଦେଖି ବହୁ କ୍ଷେତ୍ରରେ ମାତାପିତା ସେମାନଙ୍କ ମାନସମ୍ମାନର ମାପକାଠି ରୂପେ ଦେଖୁଛନ୍ତି । ପ୍ରଥମରୁ ନାନା ବିଦ୍ୟାରେ ପାରଙ୍ଗମ ହୋଇ ନ ପାରିଲେ ଶିଶୁ ଜଣକ ଭବିଷ୍ୟତରେ ସେମାନଙ୍କ ଭଳି ପଦାଧିକାରୀ ବା ପ୍ରଭୂତ ଉପାର୍ଜନକ୍ଷମ ହେବ କିପରି ? ଫଳରେ ଯେଉଁ ସମୟରେ ଶିଶୁର ମାନସିକ ଆହାର ଅନ୍ୟମାନଙ୍କର ସ୍ନେହ, ଶ୍ରଦ୍ଧା; ସେତେବେଳେ ନାନାଦି ପାଠ୍ୟକ୍ରମ ଯୋଗେ ତାକୁ ଭାରାକ୍ରାନ୍ତ କରାଯାଉଛି । ଫଳରେ ତା' ନିଜ ଭିତରେ ସ୍ନେହ, ଶ୍ରଦ୍ଧାର ଶିହରଣ ବିକଶିତ ହେଉ ନାହିଁ । ଯେତେବେଳେ ସେ କାହାଣୀ ଶୁଣିବା କଥା ଏବଂ ସେହି ଶ୍ରବଣ ମାଧ୍ୟମରେ ତା' ନିଜ କଳ୍ପନା ବିକଶିତ ହେବା କଥା ସେତେବେଳେ ନାନାଦି ବୈଦ୍ୟୁତିକ ସାଜସରଞ୍ଜାମର କରାମତି ତାକୁ ମୋହାଚ୍ଛନ୍ନ ରଖିବା ଫଳରେ ତା' ମୌଳିକ କଳ୍ପନା ବିକଶିତ ହୋଇପାରୁ ନାହିଁ । ଶିଶୁ ଆପାତତଃ ଖୁବ୍ ଚତୁର ଓ ସକ୍ଷମ ମନେ ହୋଇପାରେ, କିନ୍ତୁ ଭବିଷ୍ୟତରେ ଯେତେବେଳେ ମାତାପିତା ଅକ୍ଷମ ହୋଇଯିବେ

ସେତେବେଳେ ସକ୍ଷମ ଉତ୍ତରାଧିକାରୀ ସେମାନଙ୍କ ପ୍ରତି ଯାନ୍ତ୍ରିକ ଭାବରେ ହିଁ କର୍ତ୍ତବ୍ୟ ତୁଲାଇବ । ଶୈଶବରେ ଅବିକଶିତ ରହି ଯାଇଥିବା ସ୍ୱାଭାବିକ ସ୍ନେହ ମମତାର ସ୍ପନ୍ଦନ ତା' ହୃଦୟରେ କିନ୍ତୁ ଆଉ ଉପୁଜିବ ନାହିଁ ।

ବରଂ ଆଜିର ଯୁବକ ମାତାପିତାମାନେ ପ୍ରତ୍ୟହ ସମ୍ଭବ ନ ହେଲେ ବି ଅନ୍ତତଃ ସପ୍ତାହରେ ଥରେ କେତେ ଘଣ୍ଟା ସକାଶେ ଶିଶୁ ସହିତ ନିଜେ ନିଜ ନିଜ ଶୈଶବକୁ ଫେରି ଯିବାକୁ ଉଦ୍ୟମ କରନ୍ତୁ । କାହାଣୀଟିଏ ଗପି ଶିଶୁକୁ ସେମିତି କାହାଣୀଟିଏ କହିବାକୁ ଉତ୍ସାହ ଦିଅନ୍ତୁ । ଗ୍ରାମର ପ୍ରାକୃତିକ ପରିବେଶରୁ ଦୂରେଇ ଯାଇ ଆପଣ ସହରର ଯେତେ ଶୁଷ୍କ ଫ୍ଲାଟ୍‌ରେ ରହନ୍ତୁ ନା କାହିଁକି; ଆକାଶ, ନକ୍ଷତ୍ର, ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ଗଛଲତାରୁ ବଞ୍ଚିତ ହୋଇ ନ ଥିବେ । ରବିବାର ପୂର୍ବାହ୍ଣରେ ଟି.ଭି. ଠାରୁ ବିଚ୍ଛିନ୍ନ କରି ଶିଶୁକୁ କୌଣସି ଉଦ୍ୟାନ ବା ପାର୍କ ଭିତରକୁ ନେଇଯା'ନ୍ତୁ । ଆପଣଙ୍କ ସାନ୍ନିଧ୍ୟ ଏବଂ ପାଠ୍ୟବିରହିତ କଳ୍ପନାର ସ୍ୱାଧୀନତା ତା'ର ଅଶେଷ ହିତ ସାଧନ କରିବ ।

ଆଜି ଅଳ୍ପବୟସ୍କ ଛାତ୍ରଙ୍କ ଭିତରେ ଥରେ ଥରେ ପ୍ରବଳ ହିଂସା ପ୍ରକଟିତ ହେଉଛି । ଅପ୍ରତ୍ୟାଶିତ ଓ ଅତୀବ ଅବିବେକିତାପୂର୍ଣ୍ଣ କାର୍ଯ୍ୟ ସେମାନେ କରି ପାରୁଛନ୍ତି । ଏହାର କାରଣ ଏକ ନୁହେଁ, ବହୁତ । ବୈଦ୍ୟୁତିକ ଯନ୍ତ୍ରମାନେ ବିତରଣ କରୁଥିବା ନାନାଦି ଦାୟିତ୍ୱହୀନ ପ୍ରମୋଦର ପ୍ରଭାବଠାରୁ ଆରମ୍ଭ କରି ଡ୍ରଗ୍‌ସ ସେବନ ଅଭ୍ୟାସ ପର୍ଯ୍ୟନ୍ତ । କିନ୍ତୁ ସବୁଠାରୁ ସୂକ୍ଷ୍ମ କାରଣ ହେଲା ସେମାନେ ଶିଶୁ ଥିବାବେଳେ ଯେତିକି ସ୍ନେହପୂର୍ଣ୍ଣ ମାନବିକ ସାନ୍ନିଧ୍ୟ ଲାଭ କରିବା ଉଚିତ, ତାହା ପାଇ ନାହାନ୍ତି । ଫଳରେ ସ୍ନେହ ଓ ସହାନୁଭୂତି, ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟ ସେମାନଙ୍କ ହୃଦୟରେ ସ୍ୱାଭାବିକ ଭାବରେ ବିକଶିତ ହୋଇପାରି ନାହିଁ ।

(**ମନୋଜ ଦାସଙ୍କ** ରଚିତ
'ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ) ❑

*ପ୍ରଶ୍ନ : କଳ୍ପନାର କାର୍ଯ୍ୟ ଓ ଉପଯୋଗିତା କ'ଣ ?*

ଶ୍ରୀମା : ମୋ କହିବା ଅନୁଯାୟୀ ଯଦି ଜଣେ ଜାଣିଥାଏ ଏହାକୁ କିପରି ବ୍ୟବହାର କରିବାକୁ ହୁଏ ତେବେ ସେ ନିଜ ଲାଗି ନିଜର ଆନ୍ତର ତଥା ବାହ୍ୟ ଜୀବନ ନିଜେ ସୃଷ୍ଟି କରିପାରେ । ଜଣେ ଯଦି କଳ୍ପନାକୁ କିପରି ବ୍ୟବହାର କରିବାକୁ ହୁଏ ତାହା ଜାଣେ ଓ ସେଥିଲାଗି ତାହାର ସାମର୍ଥ୍ୟ ଥାଏ ତେବେ ତାହା ଦ୍ୱାରା ସେ ତା'ର ନିଜ ଅସ୍ତିତ୍ୱକୁ ନିଜେ ହିଁ ଗଢ଼ି ପାରିବ । ବାସ୍ତବରେ ସୃଷ୍ଟି କରିବାର ଓ ଜଗତରେ ବସ୍ତୁସକଳକୁ ଗଠନ କରିବାର ଏହା ହେଉଛି ଏକ ମୌଳିକ ଉପାୟ । ମୁଁ ସବୁବେଳେ ଅନୁଭବ କରିଛି ଯେ ଯଦି ଜଣକର କଳ୍ପନା ଶକ୍ତି ନାହିଁ ତେବେ ସେ କୌଣସି ଅଗ୍ରଗତି କରିପାରିବ ନାହିଁ । ତୁମର କଳ୍ପନା ସବୁବେଳେ ତୁମ ଜୀବନର ଆଗେ ଆଗେ ଚାଲୁଥାଏ । ଯେତେବେଳେ ତୁମେ ନିଜ ବିଷୟରେ ଚିନ୍ତା କର, ସାଧାରଣତଃ ତୁମେ ଯାହା ହେବାକୁ ଚାହଁ ତାହା ହିଁ କଳ୍ପନା କରିଥାଅ । ଏହା ହିଁ କରି ନ ଥାଅ କି ? ଏବଂ ସେହି କଳ୍ପନା ଆଗେ ଆଗେ ଯାଏ, ତୁମେ ତାକୁ ଅନୁସରଣ କର, ତା'ପରେ ଏହା ଆଗକୁ ଯିବାକୁ ଲାଗେ ଓ ତୁମେ ତାକୁ ଅନୁସରଣ କରିଥାଅ । କଳ୍ପନା ତୁମ ଲାଗି ଉପଲବ୍ଧିର ପଥ ଉନ୍ମୁକ୍ତ କରିଦିଏ ।...

(CW.M., Vol. - 7, page : 233)

tarika

AYURVEDIC HERBAL REMEDIES

**Pimple / Acne Remover**

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

**Hair Vitaliser oil**

Controls hair loss and improves hair growth
*Regular use prevents hair thinning
and receding hair line*

**Gum oil**

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LII, No. 1** **R.N.I. No. 18163/70.**
Navaprakash (Monthly), January, 2021 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**
**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**